# ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟ

ସୁନୀଲ କୁମାର ଚଟ୍ଟୋପାଧ୍ୟାୟ



OR
891.440 92
B 223 C

ଭାରତୀୟ
ସାହିତ୍ୟସ୍ରଷ୍ଟା
ଗ୍ରନ୍ଥମାଳା



INDIAN INSTITUTE
OF
ADVANCED STUDY
LIBRARY, SHIMLA



ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟ

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜ୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ରଖୁଛନ୍ତି । ଅନୁମାନ, ଏହା ଭାରତର ଲିଖନ-କଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ପୁସ୍ତକମାଳା

# ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟ

ସୁନୀଲ କୁମାର ଚଟ୍ଟୋପାଧ୍ୟାୟ

ଅନୁବାଦ
ରଂଜିତା ନାୟକ

ସାହିତ୍ୟ ଅକାଦେମି

*Bibhutibhusan Bandyopadhyay* : Oriya translation by Dr. Ranjita Nayak of Sunil Kumar Chattopadhyay's monograph in Bengali. Sahitya Akademi, New Delhi, 1992.

SAHITYA AKADEMI
REVISED PRICE Rs. 15.

© ସାହିତ୍ୟ ଅକାଦେମି

ISBN 81-7201-193-8

ପ୍ରଥମ ପ୍ରକାଶ : ୧୯୯୨

OR
891.44092
B 223 C

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫, ଫିରୋଜ ସା ରୋଡ୍, ନୂଆଦିଲ୍ଲୀ ୧୧୦ ୦୦୧

ବିକ୍ରୟ କେନ୍ଦ୍ର :

'ସ୍ୱାତି', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦ ୦୦୧

ଶାଖା ଅଫିସ :

ଜୀବନତାରା ଭବନ ୨୩ ଏ/୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ୍,
କଲିକତା ୭୦୦ ୦୫୩

'ଗୁନା ବିଲ୍ଡିଂ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ,
ତେନାମ୍ପେଟ୍, ମାଡ୍ରାଜ ୬୦୦ ୦୧୮

୧୭୨ ମୁମ୍ବାଇ ମାରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦାର, ବମ୍ବେ ୪୦୦୦୧୪

ADA Rangamandira, 109 J. C. Road, Bangalore 560002

SAHITYA AKADEMI
REVISED PRICE Rs. 15.00

117748
20/12/04

ମୁଦ୍ରଣ :

ଦ୍' ପ୍ରିଣ୍ଟୋଭର୍ସ
ମୈତ୍ରି ସରଣୀ, କଟକ ୭୫୩୦୦୧

Library IIAS, Shimla
OR 891.440 92 B 223 C
00117748

# ସୂଚୀ


ଜୀବନ କଥା .. ୧

ସାହିତ୍ୟ କଥା ୩୧

ପରିଶିଷ୍ଟ

ଘଟଣାପଞ୍ଜି ୮୪

ଗ୍ରନ୍ଥପଞ୍ଜି ୯୧

# ଭୂମିକା

ବିଭୂତିଭୂଷଣଙ୍କୁ ବାଦ୍‌ଦେଇ ଆମର ଶୈଶବ ! ଚିନ୍ତାକରାଯାଇ ପାରେନା । ବଙ୍ଗଦେଶରେ ଏପରି କେହି ବାଳକବାଳିକା ନାହିଁ ଯିଏ 'ଆମ୍ ଆଣ୍ଟିର ଭେଁପୁ' ପଢ଼ିନାହିଁ ।

ବର୍ତ୍ତମାନ ଏତିକି କହିଲେ ଚଳିବ ନାହିଁ । ସ୍ୱପ୍ନର ଫେରିବାଲି କେବଳ ବଙ୍ଗଳାରେ ନୁହେଁ, ଏହା ସବୁଦେଶର ଶିଶୁ ସମାଜର ଆଦରର ସାମଗ୍ରୀ । 'ଆମ୍ ଆଣ୍ଟିର ଭେଁପୁ' କେବଳ ଭାରତୀୟ ଭାଷାରେ ନୁହେଁ, ବିଭିନ୍ନ ଇଉରୋପୀୟ ଭାଷାରେ ମଧ୍ୟ ଅନୁଦିତ ହୋଇଛି । ଇଉନେସ୍କୋଦ୍ୱାରା ପ୍ରକାଶିତ ଗ୍ରନ୍ଥମାନଙ୍କ ମଧ୍ୟରେ 'ପଥେର ପାଞ୍ଚାଲି'ର ଇଂରାଜୀ ଅନୁବାଦ ସମଗ୍ର ବିଶ୍ୱରେ ବିଶେଷ ଆଦୃତି ଲାଭ କରିଛି । ସେହି ସ୍ୱନାମଧନ୍ୟ 'ପଥେର ପାଞ୍ଚାଲି'ର ଲେଖକ ଏବଂ ତାଙ୍କ ସାହିତ୍ୟକୃତିକୁ ନେଇ ଏହି ଗ୍ରନ୍ଥ ରଚିତ ।

ପ୍ରତ୍ୟେକ ବଡ଼ ଲେଖକର ଜୀବନ ଚରିତ ରହସ୍ୟପୂର୍ଣ୍ଣ । ବିଭୂତିଭୂଷଣ ଏଥିରୁ ବାଦ୍‌ଯିବେ କିପରି ? ତାଙ୍କ ଜୀବନର ପ୍ରଧାନ ଅଭିମୁଖ୍ୟ—**to know how to live is my trade.**

ପ୍ରସିଦ୍ଧ ଲେଖକଙ୍କର ରଚନାବଳୀ ଅନେକାଂଶରେ ପରିବାରର ପ୍ରତିଭାବାନ୍ ଭାଇଭଉଣୀ ସଦୃଶ । ତଥାପି ଏହି ସ୍ରଷ୍ଟାଙ୍କର ଏକ ଏକ ବିଶେଷ ସଫଳ ସୃଷ୍ଟି ଅନ୍ୟ ସୃଷ୍ଟିଗୁଡ଼ିକର ମାନ ହ୍ରାସ କରିଦେଇଥାଏ । ଅବଶ୍ୟ ବିଭୂତିଭୂଷଣଙ୍କ କ୍ଷେତ୍ରରେ ତାହା ବେଶୀ ପ୍ରଯୁଜ୍ୟ ନୁହେଁ । କାରଣ ବଙ୍ଗଳାର ପାଠକ ବିଭୂତିଭୂଷଣଙ୍କ ପ୍ରତ୍ୟେକ ଗ୍ରନ୍ଥକୁ ଆଦର ସହକାରେ ପାଠକରନ୍ତି । ତେବେ ତାଙ୍କର 'ପଥେର ପାଞ୍ଚାଲି'କୁ ସେମାନେ ଯେମିତି ଆଦର କରନ୍ତି ସେମିତି କ'ଣ ଆଦର କରନ୍ତି ତାଙ୍କର ଅନ୍ୟ ରଚନାଗୁଡ଼ିକୁ ? ତାଙ୍କର ଅନୁବର୍ତ୍ତିନ, ଜଳସତ୍ର, ସ୍ମୃତିର ରେଖାକୁ ? ତାଙ୍କର ଇଚ୍ଛାମତୀ, ଗୁଚ୍ଛ, ତୃଣାଙ୍କୁରକୁ ? ଅଥଚ କି ଅସାମାନ୍ୟ ସୃଷ୍ଟି ସେଗୁଡ଼ିକ !

ବିଭୂତିଭୂଷଣଙ୍କ ଜୀବନୀ ଓ କୃତି ସହିତ ପରିଚିତ ହେଲେ ଆପଣ ତାଙ୍କୁ କଦାପି ଏଡ଼େଇ ଦେଇ ପାରିବେ ନାହିଁ । ସେଥିପାଇଁ ଏ ଗ୍ରନ୍ଥ ରଚିତ । ମାତ୍ର ତାହା ସାର୍ଥକ ହେଲା କି ନାହିଁ କହି ହେଉନି ।

ଏହି ଗ୍ରନ୍ଥ ଯାହାଙ୍କର ପ୍ରଚେଷ୍ଟା ଯୋଗୁ ସମ୍ଭବ ହେଲା, ସେ ହେଉଛନ୍ତି ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚୀବ ଡଃ ଶୁଭେନ୍ଦୁଶେଖର ମୁଖୋପାଧ୍ୟାୟ । ତାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

ସ୍ନେହର ଗ୍ରନ୍ଥଗ୍ରନ୍ଥୀ, ଶ୍ରୀମାନ ଶିବବ୍ରତ ଚଟ୍ଟୋପାଧ୍ୟାୟ, ଶ୍ରୀମତୀ ଶର୍ମିଲା ବସୁ ଓ ଶ୍ରୀମତୀ ସୁମିତା ଘୋଷ, ଏହି ପୁସ୍ତକର ଅନୁଲିପି ପ୍ରସ୍ତୁତ କରିବାରେ ସହଯୋଗ କରିଥିବାରୁ ଏହି ଅବସରରେ ସେମାନଙ୍କୁ ମୋର ଆଶୀର୍ବାଦ ।

**ସୁନୀଲ କୁମାର ଚଟ୍ଟୋପାଧ୍ୟାୟ**

# ଜୀବନକଥା

କାଞ୍ଚଡ଼ାପଡ଼ା ହାଲିସହରର ନିକଟରେ ମୁରାତିପୁର ଗ୍ରାମ । ୧୮୯୪ ମସିହା ସେପ୍ଟେମ୍ବର ମାସରେ ଏହି ଗ୍ରାମର ମାତୁଳାଳୟରେ ବିଭୂତିଭୂଷଣଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ମହାନନ୍ଦ ବନ୍ଦୋପାଧ୍ୟାୟ ଓ ମାତା ମୃଣାଳିନୀ ଦେବୀ । ସେମାନେ ଭାଇଭଉଣୀ ମିଶି ପାଞ୍ଚଜଣ । ବିଭୂତି ଭୂଷଣ ସମସ୍ତଙ୍କଠାରୁ ବଡ଼ । ତାଙ୍କ ବ୍ୟତୀତ ଦୁଇଭାଇ ଓ ଦୁଇଭଉଣୀ—ଇନ୍ଦୁଭୂଷଣ, ଜାହ୍ନବୀ, ସରସ୍ୱତୀ (ମଣି) ଓ ନଣ୍ଟୁବିହାରୀ । ଶେଷ ଜଣଙ୍କୁ ଛାଡ଼ି ଆଉସବୁ ଭାଇଭଉଣୀ ବିଭୂତି ଭୂଷଣଙ୍କ ଜୀବିତାବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ସାନଭାଇ ନଣ୍ଟୁ ବିହାରୀ ମଧ୍ୟ ବିଭୂତି ଭୂଷଣଙ୍କ ମୃତ୍ୟୁର ଏକ ସପ୍ତାହପରେ ଇହଧାମ ତ୍ୟାଗ କରିଛନ୍ତି ।

ଏହି ବନ୍ଦୋପାଧ୍ୟାୟ ପରିବାରର ଆଦିନିବାସ ହେଉଛି ବସିରହାଟ ନିକଟସ୍ଥ ପାନିତର ଗ୍ରାମରେ । କବିରାଜି ଏମାନଙ୍କର ପୈତୃକ ବ୍ୟବସାୟ ଥିଲା । ବିଭୂତି ଭୂଷଣଙ୍କ ପ୍ରପିତାମହ କବିରାଜି କରୁଥିଲେ ଏବଂ ଏହି ଉପଲକ୍ଷେ ସେ ବନଗାଁ ବାରିକ୍‌ପୁରକୁ ପ୍ରଥମେ ଆସିଥିଲେ ।

ପଲ୍ଲୀ ଗାଁ ବାରିକ୍‌ପୁର । ବିଶାଳ ବା ବିରଳ ଦ୍ରୁମର ଗହଳି ସେଠାରେ ନାହିଁ । ସବୁଜ ଲତା ପତ୍ର ଘେରି ଚିତ୍ରପଟଭଳି ଗାଁଟି । ତାରି ମଝିରେ ଅଙ୍କାବଙ୍କା ରାସ୍ତା ଗୃହତ୍ୟାଗୀ ଯୋଗୀପରି ଲମ୍ବିଯାଇଛି ଦୂରକୁ । ଗ୍ରାମର ସୀମାରେ କଳନାଦିନୀ ଇଚ୍ଛାମତୀ ଆରପାରିରେ ବଣରସୀମା ପର୍ଯ୍ୟନ୍ତ ଏହି ନଈର ବିସ୍ତୃତପଠା । ମା'ର ମମତାପରି ଏହି ପଲ୍ଲୀ ଗାଁର ମାଟି ବିଭୂତି ଭୂଷଣଙ୍କ ପ୍ରପିତାମହଙ୍କୁ ଆକୃଷ୍ଟ କରିଥିଲା । ନୀଳଗୃହ ପାଇଁ ବାରିକ୍‌ପୁରର ଖ୍ୟାତି ମଧ୍ୟ ଥିଲା ।

ଚିକିତ୍ସା କରିବାକୁ ଆସି କବିରାଜ ମହାଶୟଙ୍କୁ ଏହି ଗ୍ରାମଟି ଏତେ ଭଲ ଲାଗିଥିଲା ଯେ ସେ ଆଉ ନିଜ ଗ୍ରାମକୁ ଫେରିଯାଇ ନାହାଁନ୍ତି । ସେହି ଦିନଠାରୁ ବାରିକ୍‌ପୁର ବନ୍ଦୋପାଧ୍ୟାୟ ପରିବାରର ଦ୍ୱିତୀୟ ନିବାସ । ତାଙ୍କ ପୁତ୍ର ତାରିଣୀ ଚରଣ ସେଠାରେ କବିରାଜି କରୁଥିଲେ ଓ ନାତି ମହାନନ୍ଦ ବନ୍ଦୋପାଧ୍ୟାୟ ମଧ୍ୟ ଏହି ଗ୍ରାମରେ ବସବାସ କଲେ ।

ମହାନନ୍ଦ ବନ୍ଦୋପାଧ୍ୟାୟ ତାଙ୍କ ପିତାଙ୍କର ଚତୁର୍ଦ୍ଦିଗରେ ଭ୍ରମଣର ଆଗ୍ରହ ଗୁଣଟିକୁ ଆଣିଥିଲେ; ହେଲେ ପୈତୃକ ବ୍ୟବସାୟ ପ୍ରତି ତାଙ୍କର ଆଗ୍ରହ ନ ଥିଲା । କାଶୀରୁ ସଂସ୍କୃତ ପଢ଼ି ଶାସ୍ତ୍ରୀହୋଇ ଫେରିଥିଲେ ମଧ୍ୟ ଗାଁରେ ସେ ଟୋଲ ଖୋଲି ନଥିଲେ କି ଜମିଜମା କରି ନଥିଲେ । ପାଲି ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା । ସେଥିପାଇଁ ନିଜେ ପାଲି ଲେଖି ସୁମଧୁର ଗଳାରେ ଗାନକରୁଥିଲେ । କଲିକତା, ଆଡଂଘାଟା, ସାଗଞ୍ଜ ପ୍ରଭୃତି ଘରପାଖ ଇଲାକାରୁ ତାଙ୍କୁ ନିମନ୍ତ୍ରଣ ଆସୁଥିଲା । ଏପରିକି ପାଟନା, ମୁଙ୍ଗେର, ଆଗ୍ରା ପ୍ରଭୃତି ଦୂର ସ୍ଥାନରୁ ମଧ୍ୟ ତାଙ୍କୁ ଡାକରା ଆସୁଥିଲା । ପାଲି ଗାଇବାକୁ ବା ଶିଷ୍ୟଗୃହକୁ ଯିବା ସମୟରେ ସେ ପୁତ୍ର ବିଭୂତି ଭୂଷଣଙ୍କୁ ସଙ୍ଗରେ ନେଉଥିଲେ ।

ମହାନନ୍ଦଙ୍କର ଯେଉଁ ପରିମାଣରେ ଖ୍ୟାତିଥିଲା ସେହି ପରିମାଣରେ ଅର୍ଥ ଉପାର୍ଜନ ହେଉ ନଥିଲା । ଫଳରେ ମୃଣାଳିନୀ ଦେବୀଙ୍କୁ ବହୁ କଷ୍ଟରେ ସଂସାର ଚଳାଇବାକୁ ହେଉଥିଲା । ପୂଜା ପାର୍ବଣରେ ମଧ୍ୟ ପିଲାମାନଙ୍କୁ ସେ ଭଲକରି ଗଣ୍ଡିଏ ଖାଇବାକୁ ଦେଇପାରୁ ନ ଥିଲେ । ଅଭାବ ଓ ଅସମ୍ମାନ ମଧ୍ୟ ଦେଇ ସେ ପିଲାମାନଙ୍କୁ ମଣିଷ କରିଥିଲେ । ଅଳ୍ପ ବୟସ ହୋଇଥିଲେ ମଧ୍ୟ ବିଭୂତି ଭୂଷଣଙ୍କର ମନେଅଛି ଦିନେ ସୋଲ ମୁଢ଼ି ମାଗିବାକୁଯାଇ ତାଙ୍କର ମା କପରି ଅପମାନ ପାଇଥିଲେ ।

ପାଞ୍ଚବର୍ଷ ବୟସରେ ଗ୍ରାମ ଗୁରୁଶାଳୀରେ ବିଭୂତି ଭୂଷଣ ପାଠପଢ଼ା ଆରମ୍ଭ କରିଥିଲେ । କିନ୍ତୁ ଗ୍ରାମରେ ସେ କେବେହେଲେ ଏକାବେଳକେ ଦୀର୍ଘ ସମୟ ଧରି ରହିନଥିଲେ । ପାଲି ଉଦ୍ଦେଶ୍ୟରେ ସେ ପିତାଙ୍କ ସଙ୍ଗେ ନାନା ସ୍ଥାନ ଘୁରିବୁଲୁଥିଲେ । କେତେବେଳେ ବାଗ୍‌ବଜାରର ମଦନମୋହନଙ୍କ ପାଖରେ କେତେବେଳେ ରଙ୍ଗପୁରର ଆଡ଼ଘାଟରେ, କେତେବେଳେ ଅବା ସାଗଞ୍ଜର କେଉଟାରେ । ତେବେ ଯେଉଁଠିକି ସେ ଯାଇଛନ୍ତି ସେଠାରେ କୌଣସିନା କୌଣସି ପାଠଶାଳାରେ ସେ ବିଦ୍ୟାଲାଭ କରିଛନ୍ତି । କେତେବେଳେ ଶୁଭଙ୍କରୀ ପାଠଶାଳାରେ, କେତେବେଳେ ହାର୍ଣ୍ଣିବିକା ମାଷ୍ଟରର ପାଠଶାଳାରେ, କେତେବେଳେ ବା ସାଗଞ୍ଜ କେଉଟାର ପ୍ରସନ୍ନଗୁରୁ ମହାଶୟଙ୍କ ପାଠଶାଳାରେ । ଯେତେବେଳେ ତାଙ୍କୁ ଯିବାବାଟରେ ରହିବାକୁ ପଡ଼ୁଥିଲା ସେତେ-ବେଳେ ପିତା ତାଙ୍କୁ 'ମୁଗ୍‌ଧବୋଧ' ପଢ଼ାଉଥିଲେ । ଶିକ୍ଷାପ୍ରତି ମଧ୍ୟ ତାଙ୍କର ପ୍ରବଳ ଆଗ୍ରହଥିଲା । ବସି ବସି ବଙ୍ଗଳାରେ 'ଲା ମିଜରେବଲ' ସେ ଅଧ୍ୟୟନ କରିଥିଲେ ।

ପିଲା ବୟସରେ ପିତାଙ୍କୁ ଦେଖି ଦେଖି ବିଭୂତି ଭୂଷଣଙ୍କର ପାଲିଗାୟକ ହେବାପାଇଁ ଖୁବ୍ ଆଗ୍ରହ ଜନ୍ମିଥିଲା । ଇଚ୍ଛାମତୀର ନିର୍ଜନ ତୀରରେ ହାତରେ ଗୁମରଧରି ବୃକ୍ଷଲତାକୁ ଲକ୍ଷ୍ୟକରି ସେ ଦିନ ପରେ ଦିନ ପାଲିଗାଇବାକୁ ଯାଉଥିଲେ । ଇଚ୍ଛାମତୀ

ତାଙ୍କର ବନ୍ଧୁ ପର ଥିଲା । ଇଛାମତୀର କୂଳରେ ବସି ସେ ଆର ପାରିର ଦିଗନ୍ତ ବିସ୍ତୃତ ମାଧବପୁରର ଦୃଶ୍ୟ ଦେଖିବାକୁ ଭଲପାଉଥିଲେ । ବିଶେଷ କରି ତାଙ୍କର ଦୃଷ୍ଟି ଟାଣି- ହୋଇ ଯାଉଥିଲା ଲକ୍ଷ୍ମଣ କେଉଟର ଶାଶୁ ପୋଡ଼ା ହୋଇଥିବା ଭଙ୍ଗନ୍ଧରୀ ଶିମୁଳିତଳା ଘାଟ ଦିଗକୁ । ଏହିପରି ଭାବରେ ଇଛାମତୀ କୂଳରେ ବିଭୂତି ଭୂଷଣଙ୍କ ସୁଖଦୁଃଖଭରା ଶୈଶବ ଅତିବାହିତ ହୋଇଥିଲା ।

ଚଉଦବର୍ଷ ବୟସରେ ବିଭୂତି ଭୂଷଣ ବନଗାଁ ହାଇସ୍କୁଲରେ ପଞ୍ଚମ ଶ୍ରେଣୀରେ ଭର୍ତ୍ତି ହୋଇଥିଲେ । ବାରିକ୍‌ପୁରଠାରୁ ବନଗାଁ ପ୍ରାୟ ଛ ମାଇଲ ରାସ୍ତା । ପ୍ରତିଦିନ ଏହି ଦୀର୍ଘ ପଥ ଅତିକ୍ରମ କରି ତାଙ୍କୁ ସ୍କୁଲକୁ ଯିବାକୁ ହେଉଥିଲା । କିଛି ଦିନପରେ ସେ ସ୍କୁଲ ହଷ୍ଟେଲରେ ରହିଲେ; କିନ୍ତୁ ସେ ମାତ୍ର ତିନି ବର୍ଷ ପାଇଁ । ପିତାଙ୍କ ମୃତ୍ୟୁ ଘଟିବାରୁ ହଷ୍ଟେଲ ଖର୍ଚ୍ଚ ତୁଲାଇବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଲା । ହେଡ଼ମାଷ୍ଟର ମହାଶୟଙ୍କ ଚେଷ୍ଟାରେ ସେ ବନଗାଁର ସରକାରୀ ଡାକ୍ତରଙ୍କ ଘରେ ଘରୋଇ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ । ସେଠାରେ ରହି ବିଭୂତି ଭୂଷଣ ୧୯୧୪ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାଶକଲେ ।

କଲିକତା ଆସି କଲୁଟୋଲା ପାଖରେ ଥିବା ମେସ୍‌ରେ ରହି ସେ ରିପନ୍ କଲେଜ (ବର୍ତ୍ତମାନ ସୁରେନ୍ଦ୍ରନାଥ କଲେଜ)ରେ ଆଇ. ଏ. ଶ୍ରେଣୀରେ ଭର୍ତ୍ତିହେଲେ । କଲେଜରେ ଅଧ୍ୟୟନ କରୁଥିବା ସମୟରେ ମାଗାଜିନ୍‌ରେ ତାଙ୍କର ଗୋଟିଏ କବିତା ଏବଂ ପରେ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇଥିଲା । ଏଗୁଡ଼ିକ ସମ୍ଭବତଃ ତାଙ୍କର ପ୍ରଥମ ଲେଖା । ତେବେ ଦୁର୍ଭାଗ୍ୟକ୍ରମେ ତାହାର ସନ୍ଧାନ ଆଜି ଯାଏ ମିଳିନାହିଁ ।

ପୂର୍ବରୁ ବିଭୂତି ଭୂଷଣ ରବୀନ୍ଦ୍ରନାଥଙ୍କ ନାମ ଶୁଣିଥିଲେ । ମାତ୍ର ତାଙ୍କୁ ସ୍ୱଚକ୍ଷୁରେ ଦେଖି ନଥିଲେ । କଲେଜରେ ପଢୁଥିବା ସମୟରେ ସେ ରବୀନ୍ଦ୍ରନାଥଙ୍କୁ ପ୍ରଥମେ ଦେଖିଲେ । ଆଠ ନଅ ବର୍ଷ ବୟସରେ ଅପର ପ୍ରାଇମେରୀ ସ୍କୁଲରେ ପଢୁଥିବାବେଳେ ଥରେ ହେଡ଼ମାଷ୍ଟର ମହାଶୟ ଗୋଟିଏ ପୁସ୍ତକରୁ କବିତା ଆବୃତ୍ତିକରି ଶୁଣାଇଲେ । କବିତାଟି ହେଲା—'ଆଜ କି ତୁମାର ମଧୁର ମୂରତି ହେରିନୁ ଶାରଦ ପ୍ରଭାତେ' । କବିତାଟି ଶୁଣି ସ୍ତବ୍‌ଧ ହୋଇଗଲେ ବିଭୂତି ଭୂଷଣ । ମନ୍ତ୍ରମୁଗ୍‌ଧ ପରି ଶିକ୍ଷକ ମହାଶୟଙ୍କ ମୁଖକୁ ସେ ଚାହିଁ ରହିଲେ । ଏତେଦିନ ସେ ଦାସୁ ରାୟଙ୍କ ପାଞ୍ଚାଳି ବା କବିଜାରି ଶୁଣିଛନ୍ତି କିନ୍ତୁ ଏପରି ସୁଲଳିତ କବିତା କେବେହେଲେ ତାଙ୍କର ଶ୍ରୁତି ଗୋଚର ହୋଇନାହିଁ । ସତେ ଯେମିତି ସେ ଏକ ଅଶ୍ରୁତପୂର୍ବ ଗାନ ।

ଥରେ ସେଣ୍ଟପଲ୍‌ସ କଲେଜକୁ ରବୀନ୍ଦ୍ରନାଥ ଆସିଥିଲେ । ବିଭୂତି ଭୂଷଣ ସଦ୍ୟ କଲିକତା ଆସିଥାନ୍ତି । ରାସ୍ତାଘାଟ ଭଲଭାବେ ଚିହ୍ନି ନ ଥାନ୍ତି । ଜଣେ ବନ୍ଧୁଙ୍କଠାରୁ ଶୁଣିଲେ ରବୀନ୍ଦ୍ରନାଥ ଆସୁଛନ୍ତି । ସଙ୍ଗେ ସଙ୍ଗେ ସେ ବାହାରି ପଡ଼ିଲେ ।

ବିରାଟ ପଣ୍ଡାଲ ଉପରେ ଚନ୍ଦ୍ରାତପ । ତାର ତଳେ ଅସଂଖ୍ୟ ଚୌକି ପଡ଼ିଥାଏ । ଦୁଇପାଖର ଭିଡ଼ ମଧ୍ୟରେ ରବୀନ୍ଦ୍ରନାଥ ଭିତରକୁ ଆସିଲେ । ଏଡ଼େ ସୁନ୍ଦର ଚେହେରା ବିଭୂତି ଭୂଷଣ ପୂର୍ବରୁ କେବେ ଦେଖି ନ ଥିଲେ । କୌଣସି ଛବିରେ ମଧ୍ୟ ଏପରି ରୂପ ସେ ପ୍ରତ୍ୟକ୍ଷ କରି ନଥିଲେ । ରବୀନ୍ଦ୍ରନାଥ ବକ୍ତୃତା ଦେଲେ । ବିଭୂତି ଭୂଷଣ ତାଙ୍କ ନିକଟରେ ଛିଡ଼ା ହୋଇଥାନ୍ତି । ସେତିକିରେ ସେ ଆତ୍ମହରା । ବକ୍ତୃତାର କିଛି କଥା ତାଙ୍କର ମନେ ନାହିଁ। କେବଳ ମନେଅଛି, ଗୋଟିଏ ଅନବଦ୍ୟ ଭଙ୍ଗୀରେ ଆଙ୍ଗୁଳି ଚାଳନା କରି ରବୀନ୍ଦ୍ରନାଥ କହୁଥିଲେ କଲ୍ପଲୋକ ··· କଲ୍ପଲୋକ । ବକ୍ତୃତାପରେ ଠେଲାଠେଲି ହୋଇ ସମସ୍ତେ ରବୀନ୍ଦ୍ରନାଥଙ୍କ ପାଦଧୂଳି ନେଇଥିଲେ । ବିଭୂତି ଭୂଷଣ ମଧ୍ୟ ପାଦଧୂଳି ନେଲେ ।

'ଗୋଟିଏ କଥା ମନେ ଅଛି । ସେଦିନ ସେଣ୍ଟପଲ୍‌ସ ହଷ୍ଟେଲର ପଣ୍ଡାଲରେ କିନ୍ତୁ ସେମିତି ଭିଡ଼ ହୋଇ ନ ଥିଲା, ଯେମିତି ଭିଡ଼ ମୁଁ ଦେଖିଥିଲି ୧୯୨୧ ଖ୍ରୀଷ୍ଟାବ୍ଦରେ ଇଉନିଭରସିଟି ଇନ୍‌ଷ୍ଟିଚ୍ୟୁଟ ହଲରେ ତାଙ୍କ ବକ୍ତୃତାବେଳେ । ସେତେବେଳେ ରବୀନ୍ଦ୍ରନାଥ ଇଉରୋପରେ କିଛିକାଳ ଅତିବାହିତ କରି ଫେରିଥାନ୍ତି । କୌତୁହଳୀ ଜନତାଙ୍କ ଚାପରେ ସେଦିନ ବକ୍ତୃତା ଦେଲାବେଳେ ଏତେ ଭିଡ଼ ହୋଇଥିଲା ଯେ ଇନ୍‌ଷ୍ଟିଚ୍ୟୁଟର କବାଟ ଓ ରେଲିଂ ଭାଙ୍ଗି ଚୂର୍ଣ୍ଣିଭୂତ ହୋଇ ଯାଇଥିଲା । ବକ୍ତୃତା ଶେଷହେଲା ପରେ ଗହଳି କମିଗଲା । ଆମେ ସମସ୍ତେ ଠେଲାଠେଲି ହୋଇ ତାଙ୍କର ପାଦଧୂଳି ନେଲୁ । ସେତେବେଳେ ତାଙ୍କ ପାଦରେ ଚକଚକିଆ ବାଦାମୀ ରଙ୍ଗର ଚମଡ଼ା ଜୋତା ଥିଲା । ସେ କଥା ଆଜି ବି ମୁଁ ଭୁଲିନି ।

ପରବର୍ତ୍ତୀ ସମୟରେ ତାଙ୍କ ପାଖରେ ବସି ମୁଁ କଥାବାର୍ତ୍ତା କରିଛି । ଅଧିକ ନିକଟତର ହୋଇଛି । ହେଲେ ତାଙ୍କ ମୁହଁକୁ ଚାହିଁ କେବେହେଲେ ଭାବି ପାରିନି ଯେ ସେ ହେଉଛନ୍ତି ଆମ ପାଞ୍ଚ ଜଣଙ୍କ ପରି ଜଣେ ମଣିଷ । ବାଲ୍ୟବୟସରେ ଯେମିତି ତାଙ୍କୁ କଳ୍ପନାରେ ଦେବତା ବୋଲି ଭାବିଥିଲି, ଚିରଦିନ ପାଇଁ ସେ ମୋ ପାଖରେ ସାଧାରଣ ମଣିଷ ନ ହୋଇ ସେହିପରି ଅତିମାନବ ହୋଇ ରହିଗଲେ—ଅତିମାନବ ରବୀଠାକୁର ।'

୧୯୧୬ ମସିହାରେ ବିଭୂତି ଭୂଷଣ ପ୍ରଥମ ବିଭାଗରେ ଆଇ. ଏ. ପାସ୍‌କରି ରିପନ୍ କଲେଜରେ ବି. ଏ. ଶ୍ରେଣୀରେ ଭର୍ତ୍ତି ହେଲେ । ସେ ବି. ଏ. ପଢୁଥିବା ସମୟରେ ୧୩୨୪ ସାଲ ଶ୍ରାବଣ ୩୧ରେ ଗୌରୀ ଦେବୀଙ୍କ ସହିତ ତାଙ୍କର ବିବାହକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶ୍ୱଶୁର କାଳିଭୂଷଣ ମୁଖୋପାଧ୍ୟାୟ । ଜ୍ୱାଇଁଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବ ଭାବି ସେ ଝିଅକୁ ଶ୍ୱଶୁରଘର ପଠାଇ ନ ଥିଲେ ।

୧୯୧୮ ମସିହାରେ ବି.ଏ. ପରୀକ୍ଷା ପରେ ବିଭୂତି ଭୂଷଣ ନବବିବାହିତା ସ୍ତ୍ରୀ ଗୌରୀଙ୍କୁ ନେଇ ବାରାକ୍‌ପୁର ଯାଇଥିଲେ । ବସିରହାଟରୁ ବାରାକ୍‌ପୁର । ବାଟରେ ସେହି ବେଲଘାଟା ବ୍ରିଜ୍ ଷ୍ଟେସନରେ ତାଙ୍କର ପ୍ରଥମ ଘରକରଣା । ଦର୍ପଣ ବାହାରକରି ଦେଇଛନ୍ତି । ମଥାରେ ଚଟି ଛୁଆଁଇଛନ୍ତି । ସବୁ ତାଙ୍କର ମନେଅଛି ।

'ସତରେ କେତେ ଭଲ ଜିନିଷ ମୁଁ ପାଇଛି । ଗୌରୀ ସହିତ ସେହି ବନଗାଁ ଗାଡ଼ିରେ ବସିଥିବାବେଳେ ବେଲଘାଟା ବ୍ରିଜ୍ ଷ୍ଟେସନରେ ଆମର ସେହି ପ୍ରଥମ ଓ ଶେଷ ଘରକରଣା କଥା ମନେ ପଡ଼ିଲେ ବଡ଼ ଆନନ୍ଦଲାଗେ ।'

'ସ୍ମୃତି ଜର୍ଜରିତ ବାରାକ୍‌ପୁର । ବାରାକ୍‌ପୁରକୁ ମଧୁର କରି ଦେଇଛନ୍ତି କେତେ ମଣିଷ । ଶୈଶବରେ ପିଉସୀ ମା, ମା, ଚକିତି ଖୁଡ଼ି ମା, ବଡ଼ ମା, ସଇମା ଆଦି; କୈଶୋରରେ ମନ୍ନ ଏବଂ ପ୍ରଥମ ଯୌବନରେ ଗୌରୀ । ଜୀବନରେ ଏମାନଙ୍କର ଦାନ ଯେ କେତେ ଅତୁଳନୀୟ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଥରେ ସେହି ଗୌରୀ ଘରର ଥାକରି କୋଣରୁ କିଛି ଜିନିଷ ନେବାପାଇଁ ଆସିଥିଲା । ମୁଁ ତକ୍ତପୋଷ ଉପରେ ବସିଥିଲି । ସଦ୍ୟସ୍ନାତା କିଶୋରୀ ଗୌରୀର ସୌନ୍ଦର୍ଯ୍ୟରେ ମୁଁ ଆତ୍ମହରା । ପୃଷ୍ଠଦେଶରେ ଦୋଲାୟମାନ ତାର ନୀଳ ଗୁରୁ କେଶ । ଲାଜୁଆ ଆଖିରେ ମୋତେ କଣେଇ ଚାହିଁ ସେ ପୁଣି କେଉଁଆଡ଼େ ଲୁଚିଗଲା ।'

''ଆଜି ଅନେକ ଦିନ ପରେ ମଝିଆଁ ଭଉଣୀ ପାଖରୁ ଗୌରୀର ହସ୍ତଲେଖା ଏକ ଖାତା ପାଇଲି । ଏତେଦିନ ପର୍ଯ୍ୟନ୍ତ ସେ ଖାତା କେଉଁଠି ପଡ଼ିଥିଲା ବା କିପରି ତା ପାଖକୁ ଆସିଲା ତାର ଖବର କିଛି ମିଳିଲାନି । ଖାତାର ପ୍ରଥମ କବିତାଟି ହେଉଛି—

ଏ ନୀଳ ଉଜ୍ଜ୍ୱଳ ତାରାଟି
କରୁଣ, ଅରୁଣ, ତରୁଣ, କିରଣ ଅମୀୟବୋଳା ହସଟି,

ବହୁଦୂର ଜଗତକୁ ଯାଇଛି ଗୋ ଚାଲି
ପ୍ରଣୟ ବୃନ୍ତ ଛାଡ଼ିଆଇ
ଯେତେ ପ୍ରେମ ଯାଇଛି ଗୋ ଭୁଲି । ⋯ ⋯

ଚଉଦ ପନ୍ଦର ବର୍ଷପୂର୍ବର ଏପରି କେତେ ଉଜ୍ଜ୍ୱଳ ପ୍ରଭାତ ଓ ବର୍ଷାର କେତେ ମେଘମେଦୁର ସନ୍ଧ୍ୟାର ସ୍ମୃତି ଆଜି ମନକୁ ଆଲୋଡ଼ିତ କରେ ।'

୧୩୨୫ ସାଲ୍ ମାର୍ଗଶିର ୬ରେ ଦୁର୍ଭାଗ୍ୟ କ୍ରମେ ଗୌରୀ ଦେବୀଙ୍କ ମୃତ୍ୟୁ ଘଟିବାରୁ ଏପରି ମଧୁମୟ ଦାମ୍ପତ୍ୟ ଜୀବନ ବିଭୂତି ଭୂଷଣଙ୍କ ପାଇଁ କ୍ଷଣସ୍ଥାୟୀ ହୋଇଥିଲା । ବିଭୂତି ଭୂଷଣ ସେତେବେଳେ ଏମ୍. ଏ. ଶ୍ରେଣୀର ଛାତ୍ର । ଏକାବେଳେ ଦର୍ଶନରେ ଏମ୍. ଏ. ଓ 'ଲ' ପଢ଼ୁଥାନ୍ତି । କିନ୍ତୁ ସେହିକ୍ଷଣି ସବୁ ଶେଷ । ଚତୁର୍ଦ୍ଦିଗ ଅନ୍ଧକାର । ଗ୍ରାମରେ ଯେଉଁ କେତେ ଦିନ ରହିଲେ ସେତେଦିନ ଗୌରୀର ଶୋକକୁ ଭୁଲିବାପାଇଁ ତାସ୍, ପଶା ଖେଳି, ଗଳ୍ପ ଗୁଜବ କରି, ଆଡ୍ଡାମାରି ସମୟ କଟାଇ ଦେଇଥିଲେ ।

କଲିକତା ଆସି ମଧ୍ୟ ସେହି ଅବସ୍ଥା । ଲେଖାପଢ଼ା ଛାଡ଼ିଦେଲେ । ଉତ୍କଣ୍ଠା ଓ ଅପେକ୍ଷାର ଶତ ସ୍ମୃତିଜଡ଼ିତ କଲିକତା ତାଙ୍କୁ ଭଲଲାଗିଲା ନାହିଁ । ଶେଷରେ କଲିକତା ମଧ୍ୟ ପରିତ୍ୟାଗ କଲେ । ଉଦ୍‌ଭ୍ରାନ୍ତ ବିଭୂତି ଭୂଷଣ ୧୯୧୯ ମସିହା ଫେବୃୟାରୀ ୬ ତାରିଖରେ ହୁଗୁଳିର ଏକ ଅଖ୍ୟାତ ଗ୍ରାମ ଜାଙ୍ଗିପଡ଼ା ସ୍କୁଲରେ ଶିକ୍ଷକତା କରିବା ଉଦ୍ଦେଶ୍ୟରେ ଚାଲିଗଲେ । ସେଠାରେ ମଧ୍ୟ ତାଙ୍କୁ ଭଲ ଲାଗିଲା ନାହିଁ । ପ୍ରାୟ ଏକ ବର୍ଷପରେ ୧୯୨୦ ମସିହା ଜୁନ ୨୧ ତାରିଖରେ ସେ ସୋନାରପୁର ହରିନାଭି ସ୍କୁଲର ଆସିଷ୍ଟାଣ୍ଟ ଶିକ୍ଷକ ହୋଇ ରାଜପୁର ଚାଲି ଆସିଲେ । ମା'ଙ୍କୁ ନେଇ ସେ ରାଜପୁରରେ ଅବସ୍ଥାନ କରୁଥିଲେ । ଏହି ସ୍କୁଲରେ ଥିଲାବେଳେ ତାଙ୍କର ସାହିତ୍ୟ ଜୀବନର ଉନ୍ମେଷ ଘଟିଥିଲା । ଏହି ବ୍ୟାପାରରେ ସେହି ଗ୍ରାମର ପିଲା ପଞ୍ଚୁଗୋପାଳର କୃତିତ୍ୱ ମଧ୍ୟ କମ୍ ନୁହେଁ । ସେହି ପିଲାଟି ହିଁ ବିଭୂତି ଭୂଷଣଙ୍କୁ ସାହିତ୍ୟ ଜଗତକୁ ଟାଣିଆଣିଥିଲା । ବିଭୂତି ଭୂଷଣଙ୍କ ଅଜଣାରେ ସେ ସ୍କୁଲର ପ୍ରାଚୀରରେ ପୋଷ୍ଟର ଲଗାଇ ଦେଇଥିଲା— "ବିଭୂତି ଭୂଷଣଙ୍କ ସର୍ବ ପ୍ରଥମ ଉପନ୍ୟାସ 'ଚଞ୍ଚଳା' ପ୍ରକାଶିତ ହେଲା ।"

ସମ୍ମାନରକ୍ଷାପାଇଁ ବିଭୂତି ଭୂଷଣ ଲେଖନୀ ଧାରଣ କଲେ । ଉପନ୍ୟାସ, ଗଳ୍ପ ଲେଖା ଆରମ୍ଭ କଲେ । ସେହି ଲେଖା 'ପ୍ରବାସୀ'ରେ ୧୩୨୮ ସାଲ ମାଘ ସଂଖ୍ୟାରେ ପ୍ରକାଶିତ ହେଲା । ଗଳ୍ପର ନାମ ଥିଲା 'ଉପେକ୍ଷିତା' । ମାଗାଜିନ୍ ଲେଖାକୁ ବାଦ୍‌ଦେଲେ ଏହା ହେଉଛି ତାଙ୍କର ନିଜସ୍ୱଭାବରେ ପ୍ରଥମ ଲେଖା ।

ଇଚ୍ଛାମତୀ ତାଙ୍କୁ ଯେତିକି ସୁଖ ବା ଦୁଃଖ ଯାହା ଦେଇଥିଲା, ଗୌରୀର ମୃତ୍ୟୁ ତାଙ୍କୁ ତା ସାଙ୍ଗରେ ଦେଇଥିଲା ଏକ ମହାଜୀବନର ମାଟି । ଈଶ୍ୱରପ୍ରେମ ଓ ପ୍ରକୃତି ତାଙ୍କ ସାହିତ୍ୟର ବିଶିଷ୍ଟ ଉପାଦାନ । 'ଉପେକ୍ଷିତା' ତାହାର ପ୍ରଥମ ପ୍ରକାଶ । ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ଅତ୍ୟନ୍ତ ଖୁସିହୋଇ ଲେଖିଥିଲେ—'ତୁମ ଗଳ୍ପଟି ବଡ଼ ମନୋରମ ହୋଇଛି । ଦୁଃଖ ଯେ ଶୀଘ୍ର ସରିଗଲା ।' 'ପ୍ରବାସୀ'ର ଚାରୁଚନ୍ଦ୍ର ବନ୍ଦୋପାଧ୍ୟାୟ ଲେଖିଥିଲେ 'ଆହୁରି ଗଳ୍ପ ଦିଅନ୍ତୁ' ।

ଏହା ପରେ ପରେ ବିଭୂତି ଭୂଷଣଙ୍କର 'ପ୍ରବାସୀ'ରେ ଅନେକ ଗଳ୍ପ ପ୍ରକାଶିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ମେଘମହ୍ଲାର, ନାସ୍ତିକ, ଉମାରାଣୀ, ଅଭିଶପ୍ତ, ଖୁକୁର କାଣ୍ଡ ପୁଇଁମାଚ ଆଦି ପ୍ରଧାନ ।

ବିଭୂତି ଭୂଷଣ ୧୯୨୦ରୁ ୧୯୨୨ ମସିହା ଜୁଲାଇ ପର୍ଯ୍ୟନ୍ତ ହରିନାଭି ସ୍କୁଲରେ ଶିକ୍ଷକତା କରିଥିଲେ । ସେହି ସ୍କୁଲରୁ ଇସ୍ତଫା ଦେଲାପରେ ସେହିବର୍ଷ ପୂଜାଛୁଟି ପୂର୍ବରୁ ସେ କେଶୋରାମ ପୋଦାରର 'ଗୋରକ୍ଷଣୀ' ସଭାର ପ୍ରଚାରକ ଚାକିରି ପାଇଲେ । ଏହି ଚାକିରି ସୂତ୍ରରେ ସେ ସମଗ୍ର ପୂର୍ବବଙ୍ଗ ଭ୍ରମଣ କରିଥିଲେ । ଫରିଦପୁର, ବରିଶାଲ, ନୂଆଖାଲି. ଚଟ୍ଟଗ୍ରାମ ଏପରିକି ସୁଦୂର ବର୍ମାଦେଶର ଆରାକାନ ଇୟୋମାରେଞ୍ଜ ପର୍ଯ୍ୟନ୍ତ ସେ ଜଙ୍ଗଲ ଦେଖିବାକୁ ଯାଇଥିଲେ ।

କଲିକତାକୁ ଫେରିଆସି ୧୯୨୩ ମସିହାରେ ସେ ପଥୁରିଆ ଘାଟା ଖେଲାତ ଚନ୍ଦ୍ର ଘୋଷଙ୍କ ଇଷ୍ଟେଟରେ ଯୋଗଦେଲେ । ପ୍ରଥମେ ପ୍ରାଇଭେଟ ସେକ୍ରେଟାରୀ, ଗୃହଶିକ୍ଷକ ଓ ପରେ ଭାଗଲପୁର ଜଙ୍ଗଲମାହାଲର ଆସିଷ୍ଟାଣ୍ଟ ମ୍ୟାନେଜର । ସର୍ବଶେଷରେ ଖେଲାତଚନ୍ଦ୍ର କାଲକାଟ ଇନ୍‌ଷ୍ଟିଚ୍ୟୁସନର ଶିକ୍ଷକ ।

ଭାଗଲପୁରଠାରୁ ବେଶ୍ କେତେ ମାଇଲ ଦୂରରେ ଆଜ୍‌ମାବାଦ୍‌ଦିଆର ଇସମାଇଲପୁରର ଜଙ୍ଗଲମାହାଲ । ବିଭୂତିଭୂଷଣ କେତେବେଳେ ଭାଗଲପୁରର ଗଙ୍ଗାକୂଳରେ ଥିବା ଖେଲାତଚନ୍ଦ୍ରଙ୍କ ଗୃହରେ ଓ ଆଉ କେତେବେଳେ ଜଙ୍ଗଲମାହାଲର କଚେରି ଗୃହରେ ଅବସ୍ଥାନ କରୁଥିଲେ ।

ଅବଲୁଶ, କେନ୍ଦୁ ଓ ନାଁ ଅଜଣା କେତେ ବଣକୋଳିବୁଦାର ଘଞ୍ଚଜଙ୍ଗଲ । ଉତ୍ତରରେ ପ୍ରାୟ ପୂର୍ଣ୍ଣିୟା ପର୍ଯ୍ୟନ୍ତ ବିସ୍ତୃତ । ପୂର୍ବରେ ମୋହନପୁର ରିଜର୍ଭ ଫରେଷ୍ଟ । ମଝିରେ ଦିଗନ୍ତବିସ୍ତାରୀ ଫୁଲକିୟା ବହିହାର । କଲବଲିୟା ଚୂନନ ପ୍ରଭୃତି ପାହାଡ଼-ନଈ କୁଳୁକୁଳୁ ନାଦରେ ପ୍ରବହମାନ । ତାର ମଝିରେ ଦିଆରଇସମାଇଲପୁରର କଚେରୀଘର ।

ବନବାସ ନଚେତ୍ ଗୃହକୁ ପ୍ରତ୍ୟାବର୍ତ୍ତନ । ବିଭୂତି ଭୂଷଣଙ୍କ ଏହି ଆରଣ୍ୟକପର୍ବ ତାଙ୍କର ଆତ୍ମୋପଲବ୍‌ଧି ଓ ବିକାଶର ଏକ ସ୍ମରଣୀୟ ପର୍ବ ।

ସବୁ ମହତ୍ ସାହିତ୍ୟକଙ୍କୁ ନିଜ ପାଖକୁ ଫେରିବାକୁ ହୁଏ । ସମସ୍ତଙ୍କ ଜୀବନରେ 'ମୁକ୍ତି ନାନା ମୂର୍ତ୍ତିଧରି ଦେଖାଦିଏ'—ଶେଷ ପର୍ଯ୍ୟନ୍ତ ବିଶ୍ୱାସରେ ହେଉ ବା ଅବିଶ୍ୱାସରେ ହେଉ । ଦୂରତ୍ୱ ନ ରହିଲେ ମଣିଷ ନିଜକୁ ପାଖରେ ପାଏନା । ନିଜ

ମୁକ୍ତିର ମୂର୍ତ୍ତି ଦେଖିବାକୁ ପାଏନା । ଗୌରୀର ମୃତ୍ୟୁରେ ଶୋକ ସନ୍ତପ୍ତ ବିଭୂତି ଭୂଷଣ ନିବିଡ଼ ଅରଣ୍ୟରେ ଏହି ଅର୍ଥ ପାଇଥିଲେ । ତାଙ୍କ ସାହିତ୍ୟରେ ମହାଜୀବନର ଯେଉଁ ଉତ୍ତରଣ ଘଟିଥିଲା ତାହାର ଉପଲବ୍ଧି ଏହିଠାରେ ହୋଇଥିଲା । ଏହି ଭାଗଲପୁର ଅରଣ୍ୟରେ 'ପଥେରପାଞ୍ଚାଲି' ଲେଖାଠାରୁ ଆରମ୍ଭକରି ଆରଣ୍ୟକ ଦେବଯାନ, ଇଚ୍ଛାମତୀ ପର୍ଯ୍ୟନ୍ତ ପରିକଳ୍ପନା । ଗୋଟିଏ କଥାରେ ଏହି ସବୁଜ ଅରଣ୍ୟାନୀ ଭିତରେ ବିଭୂତି ଭୂଷଣ ତାଙ୍କ ପରିକଳ୍ପିତ ସାମ୍ରାଜ୍ୟର ସୀମାରେଖାକୁ ଚିହ୍ନି ନେଇଥିଲେ ।

'ସ୍ତବ୍ଧଗ୍ରନ୍ଥି' ଆନନ୍ଦ ଓ ରହସ୍ୟର ଗମ୍ଭୀରତାରେ ମନ ପୂରିଉଠେ । ଜୀବନର ଅର୍ଥ ବୁଝିହୁଏ । ପାର୍ଥିବ ଜୀବନର ଆର ପାରିରେ ଯେଉଁ ଜୀବନ, ଅସୀମ ରହସ୍ୟମୟ ଅନନ୍ତ ପଥର ପଥୁକୀ ଯେଉଁ ଜୀବନ—ତା ସହିତ ପ୍ରଥମେ ପରିଚୟ ହୁଏ । ଦୈନିକ ଜୀବନର ସଂସାରିକ କର୍ମ କୋଳାହଳରେ ଯେଉଁ ମହିମାମୟ ଶାଶ୍ୱତ ଜୀବନର ସନ୍ଧାନ ଆମେ ପାଉନା ଏବଂ ଜଗତର ସୁଖଦୁଃଖର ଆରପାରିରେ ଯେଉଁ ଅନନ୍ତ ଜୀବନ ସମସ୍ତଙ୍କ ପାଇଁ ପ୍ରତୀକ୍ଷା କରି ରହିଥାଏ, ଅସୀମ ନୀଳ ଶୂନ୍ୟ ଘେରି ଉଦ୍ଦାମ ରହସ୍ୟ ଭରା ଯାହାର ପଥଯାତ୍ରା ସେ ଜୀବନର ଛବି ଅଳ୍ପକେ ପରିଦୃଶ୍ୟ ହୁଏ ।

କିଛି ଭୟ ନାହିଁ । ମୁଁ ଅନନ୍ତ ଜୀବନ ତୁମ ପାଇଁ ଅପେକ୍ଷା କରି ରହିଛି । ଯେଉଁଦିନ ଏହି ପୃଥିବୀରୁ ତୁମର ସୁଖମୟ ଜୀବନ ଶେଷ ହୋଇ କେଉଁ ଗ୍ରାମ୍ୟ ନଦୀର କୂଳରେ ତୁମର ଚିତାଗ୍ନି ଜଳି ଉଠିବ, ସେହିଦିନଠାରୁ ଅସୀମ ଶୂନ୍ୟ ଅନନ୍ତ ରହସ୍ୟ ତୁମର ସମ୍ପତ୍ତି ହୋଇ ଠିଆହେବ । ଆପେ ଆପେ ହେବ, କୌଣସି ବ୍ୟାଙ୍କରେ ଜମା କରିବା ଆବଶ୍ୟକ ନାହିଁ । ତୁମେ ଜହ୍ନ ଆଲୁଅକୁ ଭଲପାଅ କି ? ଫୁଲଫଳ, ଗଛଲତା ଓ ବିହଙ୍ଗର କାକଳି ତୁମକୁ ଆକୃଷ୍ଟ କରେ କି ? ସଙ୍ଗୀତର ସ୍ୱନରେ ତୁମେ ଆତ୍ମହରା ହୁଅ କି ? ପୃଥିବୀର ଭାଗ୍ୟହୀନ ପିଲାମାନଙ୍କର କରୁଣ ଦୁଃଖ କାହାଣୀ ଶୁଣିଲେ ତୁମ ଆଖିରେ ଲୋତକ ଆସେ କି ? ମନ ବ୍ୟାକୁଳ ହୋଇଉଠେ କି ? ଆର୍ତ୍ତର କ୍ରନ୍ଦନ ଧ୍ୱନିରେ ତୁମେ ଅନ୍ୟମନସ୍କ ହୁଅ କି ? ତେବେ ତୁମେ ଅନନ୍ତ ଜୀବନର ଉତ୍ତରାଧିକାରୀ । ତୁମ ସୁଖର ସୀମା ନାହିଁ । ସେ ସୁଖ ବା ସେ ଖୁସି ଆନନ୍ଦର ମଧ୍ୟରେ ନୁହେଁ, ଦୁଃଖର ମଧ୍ୟ ଦେଇ । ନକ୍ଷତ୍ରରୁ ନକ୍ଷତ୍ର ବୁଲି ଦେଖ କେତେ ଦୀନଦରିଦ୍ର ଆତୁର ଜୀବନ କଠୋର ସଂଗ୍ରାମ କରି ନଷ୍ଟ ହୋଇ ଯାଉଛନ୍ତି । ନିର୍ଜନ ନଦୀକୂଳରେ କେହି ହୁଏତ ବସି ବିଳାପ କରୁଛି । ତା ଆଖିରୁ ଲୋତକ ପୋଛିବା ପାଇଁ ଚେଷ୍ଟାକର । ତା ଦୁଃଖରେ ଦୁଃଖୀ ହୁଅ, ତା ସହିତ ବିଳାପ କର । ସେହି ହେବ ତୁମର ସ୍ୱର୍ଗ । ଆଖିର ଲୁହରେ ଏ ବିଶ୍ୱ ସୃଷ୍ଟି ଧନ୍ୟ ହୋଇଛି । ଆଖିର ଲୁହ, କ୍ରନ୍ଦନ, ଅତ୍ୟାଗୃର ନ ଥିଲେ ବିଶ୍ୱର ସୌନ୍ଦର୍ଯ୍ୟ ରହନ୍ତା ନାହିଁ । ସବୁ ସୁଖ, ସବୁ ପରିପୂର୍ଣ୍ଣତା, ସବୁ ଐଶ୍ୱର୍ଯ୍ୟ, ସବୁ ଶାନ୍ତି ସନ୍ତୋଷ ଯେମିତି ମରୁଭୂମି ପରି ଭୟାନକ ୯ଁ । ଖାଁ । ଗୋଡ଼ାନ୍ତା । ମଝିରେ ମଝିରେ

ଆତ୍ମୀୟମାନଙ୍କର ଆଖିର ଲୁହର ଶ୍ୟାମଶାନ୍ତିଭରା 'ଓଏସିସ୍' ଅଛି ବୋଲି ତାହା କରୁଣ ମଧୁର ହୋଇଛି ।

ଆକାଶରେ ଉଇଁଥିବା ଜହ୍ନକୁ ଦେଖି ଅନେକ ଦିନ ତଳେ ମୃତ୍ୟୁବରଣ କରିଥିବା ପୁଅ କଥା ଭାବିଲେ ଦେଖିବ ଜହ୍ନ ମଧ୍ୟ କରୁଣ ହୋଇ ଆସୁଛି । ଯେଉଁ ବୃଦ୍ଧାଟି ଗାଁର ପାଞ୍ଚ ଜଣଙ୍କଠାରୁ ଝାଡ଼ୁ ଗୋଇଠା ଖାଇ କିଛିଦିନ ପୂର୍ବରୁ ଛିଣ୍ଡାକନ୍ଥା ମଧ୍ୟରେ ପାଣି ଟୋପାଏ ନ ପାଇ ମୃତ୍ୟୁବରଣ କରିଥିଲା, ତା କଥା ଭାବି ଦେଖିବ ମନ ଉଦାର, ଶୋକ ଓ ଶାନ୍ତିରେ ଭରିଯିବ । ଜଗତର ପବିତ୍ର କାରୁଣ୍ୟର ଆଶାହତ ବ୍ୟର୍ଥତାର ମଝିଦେଇ ଅନନ୍ତର ଅନାହତ ଧ୍ୱନି ତୁମ କାନରେ ବାଜିବ ।

'ଦୁଃଖ-ଯନ୍ତ୍ରଣା-ବେଦନା (sadness) ଜୀବନର ଅମୂଲ୍ୟ ଉପକରଣ । ଏହାକୁ ବାଦ୍‌ଦେଇ ଜୀବନରେ ପୂର୍ଣ୍ଣତା ଆସେନା । ଗାଢ଼ ଅନ୍ଧକାର ରଜନୀରେ ଆକାଶର ତାରା ସଂଖ୍ୟାରେ ଓ ଉଜ୍ଜ୍ୱଳତାରେ ଯେପରି ଅଧିକ ଦୃଷ୍ଟି ଆକର୍ଷଣକାରୀ ସେହିପରି ବିଷାଦବିଦ୍ଧ ପ୍ରାଣର ଗହନ ଗମ୍ଭୀର ଗୋପନ ଆକାଶରେ ସତ୍ୟର ନକ୍ଷତ୍ରଗୁଡ଼ିକ ସ୍ୱତଃସ୍ଫୁର୍ତ୍ତି ଓ ଜ୍ୟୋତିଷ୍ମାନ ହୋଇ ପ୍ରକାଶପାଏ—ପୂର୍ଣ୍ଣ ଜ୍ୟୋତ୍ସ୍ନାରେ ସେ ତାରାଗୁଡ଼ିକ ହୁଏତ ଚିରଦିନ ପାଇଁ ଅପ୍ରକାଶିତ ରହିଯାଆନ୍ତି ।'

'ଜୀବନରେ ଯନ୍ତ୍ରଣା (suffering) ହେଉଛି ସବୁଠାରୁ ବଡ଼କଥା—ଏହା ଭୁଲିବାର ବିଷୟ ନୁହେଁ । ଜୀବନରେ ଯଦି ଅଧିକ ଦୁଃଖପାଅ ତେବେ ସେହି ଦୁଃଖକୁ ଲିପିବଦ୍ଧ କରି ରଖିଦେଇ ଯାଅ ଆଗାମୀ ବଂଶଧରମାନଙ୍କ ପାଇଁ । ସେହିପରି ପୂର୍ଣ୍ଣ ଦୁଃଖର କାହାଣୀ ଚିରଦିନ ଅମର ରହିବ । ଉତ୍ତର ପୁରୁଷଙ୍କ ମନରେ ବଳଦେବ ।'

ବିଭୂତି ଭୂଷଣଙ୍କ 'ପଥେର ପାଞ୍ଚାଳି'ର ଲେଖା ୧୯୨୬ ମସିହାରେ ଆରମ୍ଭ ହୋଇ ୧୯୨୮ ମସିହାରେ ସମାପ୍ତ ହୋଇଥିଲା । ଏହାର ଅଧିକାଂଶ ଭାଗ ଭାଗଲପୁର-ଦରାଇସ୍‌ଲାମପୁରରେ ଲିଖିତ । ବିଚିତ୍ରାର ସମ୍ପାଦକ ଉପେନ୍ଦ୍ରନାଥ ଗଙ୍ଗୋପାଧ୍ୟାୟ ସେତେବେଳେ ଭାଗଲପୁରରେ ଅବସ୍ଥାନ କରୁଥାନ୍ତି । ତାଙ୍କର ଅନୁରୋଧରେ 'ପଥେର ପାଞ୍ଚାଳି' ୧୯୩୫ ଆଷାଢ଼ଠାରୁ ୧୯୩୬ ଆଶ୍ୱିନ ପର୍ଯ୍ୟନ୍ତ ବିଚିତ୍ରାରେ ପ୍ରକାଶିତ ହୋଇଥିଲା । ୧୯୨୯ ମସିହା ନଭେମ୍ବର ପହିଲାରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଲା ।

ସେଦିନ ଥିଲା ମହାଳୟା । ବିଭୂତି ଭୂଷଣ ଡାଏରୀରେ ଲେଖିଥିଲେ—'ଆଜି ମହାଳୟା, ପିତୃତର୍ପଣର ଦିନ । କିନ୍ତୁ ମୁଁ ତିଳ ତୁଳସୀ ତର୍ପଣରେ ବିଶ୍ୱାସ କରେ ନାହିଁ । ବାପା ଯେଉଁ ଅସଂପୂର୍ଣ୍ଣ କାର୍ଯ୍ୟ ଶେଷ କରିବାପାଇଁ ରଖିଯାଇଛନ୍ତି, ତାହାକୁ

ସଂପୂର୍ଣ୍ଣ କରି ପାରିଲେ ସେହିହେବ ମୋ ପାଇଁ ଶ୍ରେଷ୍ଠ ତର୍ପଣ । ତାହାଠାରୁ ଅଧିକ ସତ୍ୟ ଆଉ କୌଣସି ତର୍ପଣ ମୁଁ ଜାଣେ ନାହିଁ । ଆଜି ଏହି ନିର୍ଜନ ନୀରବ ରାତ୍ରିରେ ବହୁ ଅତୀତର ମୋର ସେହି ଭିଟାମାଟିକୁ ଚାହିଁ ମୁଁ ଅନୁଭବ କଲି ଯେ ତାର ପ୍ରତି ସନ୍ଧ୍ୟା, ପ୍ରତି ଅପରାହ୍ନ, ଜ୍ୟୋତ୍ସ୍ନାଭରା ରାତ୍ରି, ଫୁଲ ଫଳ ଆଲୋକ ଛାୟା, ନଦନଦୀ ସବୁ ମୋର, ଏକାନ୍ତଭାବେ ମୋର । ଏତେଦିନ ବିତିଯାଉଥିଲେ ମଧ୍ୟ ମୁଁ ସେଗୁଡ଼ିକୁ ଭୁଲିନି । ଆଜି ତାର ଛବି ମୋ ସମ୍ମୁଖରେ ଉଦ୍‌ଭାସିତ । କୋଡ଼ିଏ ବର୍ଷ ତଳର ସେହି ଅତୀତ ଜୀବନର କେତେ ହସକାନ୍ଦ, ବ୍ୟଥାବେଦନାରେଭରା ଅପୂର୍ବ ଜୀବନର ସ୍ମୃତି ମୋର ମନକୁ ବୈଚିତ୍ର୍ୟ ସୌନ୍ଦର୍ଯ୍ୟର ରଙ୍ଗରେ ରଙ୍ଗିତ କରିଦେଲା । ମୋର ସମସ୍ତ ସାହିତ୍ୟ ସୃଷ୍ଟିର ମୂଳରେ ଏହି ସବୁର ପ୍ରେରଣା ନିହିତ । ଆଜି କୋଡ଼ିଏ ବର୍ଷର ଜୀବନ ପାରି ହୋଇ ମୁଁ ମୋର ସେହି ତେଲକୁଚି ଫୁଲପରିଶୋଭିତ ଛାଇ ଆଲୁଅ ଘେରା ଭିଟାମାଟିକୁ ଅଭିନନ୍ଦନ ଜଣାଇ କହୁଛି ଯେ- ମୁଁ ଭୁଲିନି ଭୁଲିନି । ଯେଉଁଠି ଥିଲେ ବି ଭୁଲିନି । .... .... ....ତୁମରି କଥା ଲେଖି ରଖିଦେଇଯିବି—ସୁଦୀର୍ଘ ଅନାହତ ଦିନର ବିଭିନ୍ନ ଓ ବିଚିତ୍ର ସ୍ୱର ସଂଯୋଗ ମଧ୍ୟରେ, ଯେପରି ତୁମର ଏକତାରାର ଉଦାର ଅନାହତ ଝଙ୍କାର ଅକ୍ଷୁର୍ଣ୍ଣ ରହେ । ଯେଉଁମାନଙ୍କର ବେଦନାର ରଙ୍ଗରେ ମୋ ସୃଷ୍ଟି ଜଗତ ରଙ୍ଗୀନ୍ ହୋଇଛି ସେମାନଙ୍କୁ ମଧ୍ୟ ମୁଁ ମୋର ବଧାଇ ଜଣାଏ । କେତେ ସ୍ଥାନରେ, କେତେ ଅବସ୍ଥାରେ ସେମାନଙ୍କ ସହିତ ମୋର ପରିଚୟ । କିଏ ହୁଏତ ଆଜି ଜୀବିତ, କିଏ ମୃତ । ଏମାନଙ୍କ ସକଳ ଦୁଃଖ ଓ ବ୍ୟର୍ଥତା ମୋତେ ପ୍ରେରଣା ଦେଇଛି । କାହା ସଙ୍ଗେ ଦିନରେ ଦେଖା ସାକ୍ଷାତ ହୁଏତ କାହା ସହିତ ନିର୍ଜନ ରାତ୍ରିର ନିସ୍ତବ୍‌ଧ ପ୍ରହରରେ । କେତେବେଳେ ପ୍ରବହମାନ ନଦୀ ଧାରରେ ବା ଶ୍ୟାମଳ ବିସ୍ତୃତ ପ୍ରାନ୍ତରର ମଧ୍ୟ ଭାଗରେତ ପୁଣି କେତେବେଳେ ଆନନ୍ଦଉଲ୍ଲାସର କୋଲାହଳ ଭିତରେ । ଆଉ କେତେବେଳେ ଦୁଃଖ ଯନ୍ତ୍ରଣାର କ୍ରନ୍ଦନ ମଧ୍ୟରେ । ଏମାନେ ଆଜି କେଉଁଠି ଅଛନ୍ତି ମୁଁ ଜାଣେନି । କେଉଁଠାରେ ପାଇବି ଝାଲକାଠିର ସେହି ଭିକାରୀଟିକୁ, କେଉଁଠି ପାଇବି ଖାରୁକାକାଙ୍କୁ, କେଉଁଠାରେ ପାଇବି କାମିନୀ ବୁଢ଼ୀକୁ ? ଏଇ ନିସ୍ତବ୍‌ଧ ରାତ୍ରିର ଅନ୍ଧକାରଭରା ଶାନ୍ତି ଭିତରେ ସେମାନଙ୍କ ପାଖକୁ ମୁଁ ମୋର ଅଭିନନ୍ଦନ ପଠାଇ ଦେଉଛି ।’

ବିଭୂତି ଭୂଷଣଙ୍କ ‘ପଥେର ପାଞ୍ଚାଲି’ ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଥିଲା । ଏହି ଉପନ୍ୟାସଟି ଯେତେବେଳେ ପତ୍ରିକାରେ ପ୍ରକାଶ ପାଉଥିଲା ସେତେବେଳେ ଜନୈକ ପାଠକ ମତବ୍ୟକ୍ତ କରିଥିଲେ ଯେ ‘ପଥେର ପାଞ୍ଚାଲି’ ଶେଷହେଲା ପରେ ସେ ଆଉ ‘ବିଚିତ୍ରା’ ପଢ଼ିବେ ନାହିଁ । ‘ପଥେରପାଞ୍ଚାଲି’ ଯେତେବେଳେ ପୁସ୍ତକ ଆକାରରେ ପ୍ରକାଶ ପାଇଲା ସେତେବେଳେ କଲିକତାର ପ୍ରତ୍ୟେକ ଜ୍ଞାନୀଲୋକ ବିଭୂତି ଭୂଷଣଙ୍କୁ

ଅଭିନନ୍ଦନ ଜଣାଇଥିଲେ । ରବୀନ୍ଦ୍ରନାଥ ଲେଖିଥିଲେ —'ପଥେର ପାଞ୍ଚାଲି'ର ଆଖ୍ୟାନ ଅତ୍ୟନ୍ତ ଦେଶୀ; କିନ୍ତୁ ନିକଟ ଜିନିଷର ପରିଚୟ ମଧ୍ୟ ଅନେକ ବାକିରହେ । ଯେଉଁଠାରେ ସମ୍ପୂର୍ଣ୍ଣ ପରିଚୟ ଅଛି ସେଠାକୁ ସବୁ ମଣିଷର ପ୍ରବେଶ ଅଧିକାର ନଥାଏ । ପଥେର ପାଞ୍ଚାଲି ଯେ ବଙ୍ଗଳା ମଫସଲ ପଡ଼ା ଗାଁର କଥା,ତାହାକୁ ଅପରିଚିତ ରାସ୍ତାରେ ନୂତନଭାବେ ଦେଖିବାକୁ ହୁଏ । ଲେଖାର ବିଶେଷତ୍ୱ ଏହି ଯେ ନୂତନ ସୃଷ୍ଟିଟି ଝାପ୍‌ସା ହୋଇନି । ମନ ଭୁଲାଇବା ପାଇଁ ଶସ୍ତାଦରର ରଙ୍ଗରସର ସାଜ ପିନ୍ଧେଇବାର ଚେଷ୍ଟା ଏଥିରେ ନାହିଁ । ବାସ୍ତବଧର୍ମୀ ହୋଇଥିବାରୁ ପୁସ୍ତକଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି । ଏହି ପୁସ୍ତକରେ ମୁଁ ପାଇଛି ଯଥାର୍ଥ ଗଳ୍ପର ସ୍ୱାଦ । ଏଥିରୁ କିଛି ଶିକ୍ଷାଲାଭ ହୋଇନି । କିନ୍ତୁ ଦେଖିଛି ଅନେକ, ଯାହା ପୂର୍ବରୁ ଅନ୍ୟ କୌଣସି ପୁସ୍ତକରେ ଦେଖିନାହିଁ । ଏହି ଗଳ୍ପରେ ଗଛଲତା, ରାସ୍ତାଘାଟ, ସ୍ତ୍ରୀପୁରୁଷ, ସୁଖଦୁଃଖ, ସମସ୍ତଙ୍କୁ ଆମର ଆଧୁନିକ ଅଭିଜ୍ଞତାର ପ୍ରାତ୍ୟହିକ ପରିବେଶଠାରୁ ଦୂରରେ ରଖାହୋଇ ସୂକ୍ଷ୍ମଦୃଷ୍ଟିରେ ବିଚାର କରାଯାଇଛି । ସାହିତ୍ୟରେ ଗୋଟିଏ ନୂତନ ଜିନିଷ ମିଳିଲା ଯାହା ପୁରାତନପରି ଅତି ସୁସ୍ପଷ୍ଟ ।'

ବଙ୍ଗଳା ସାହିତ୍ୟରେ ବିଭୂତି ଭୂଷଣ ଅନେକ ଗଳ୍ପ ରଚନା କରିଛନ୍ତି । ହେଲେ କେବଳ 'ପଥେର ପାଞ୍ଚାଲି' ହିଁ ତାଙ୍କୁ ବିଶ୍ୱଖ୍ୟାତି ଆଣିଦେଇଛି ।

ଏତଦ୍‌ବ୍ୟତୀତ ଉପନ୍ୟାସରେ ଗୋଟିଏ ସୁବିଧା ବା ଅସୁବିଧା ଅଛି । ସବୁଠାରୁ ବଡ଼ ଅସୁବିଧା ହେଲା ଗଳ୍ପପରି ଏହା ଆକସ୍ମିକ ବା ଏକକାଳବିଶିଷ୍ଟ ନୁହେଁ । ବିଶାଳ ଦ୍ରୁମପରି ଉପନ୍ୟାସ ପ୍ରଶସ୍ତ । ବିସ୍ତୃତ ତା'ର କଳେବର । ବ୍ୟକ୍ତି ଜୀବନ ଓ ସମାଜର ପ୍ରଚ୍ଛନ୍ନ ରୂପକୁ ପ୍ରକାଶ କରୁଥିବାରୁ ଏହା ପାଠକର ହୃଦୟକୁ ଗଭୀର ଭାବେ ସ୍ପର୍ଶକରେ । ପାଠକ ଆତ୍ମହରା ହୁଏ । ତାର ହୃଦୟ କବାଟ ଯେ ଖୋଲିଯାଇଛି ତାହା ସେ ବୁଝିପାରେ । 'ପଥେର ପାଞ୍ଚାଲି' ବଙ୍ଗଳା ପାଠକର ସେହି ହୃଦୟ କବାଟକୁ ଖୋଲି ଦେଇଥିଲା । ତାର ଅବଶ୍ୟ ଏକ ସାମୟିକ କାରଣଥିଲା । ବିଭୂତି ଭୂଷଣ ଯେଉଁ ସମୟରେ ବଙ୍ଗଳା ସାହିତ୍ୟରେ ପ୍ରବେଶ କରିଥିଲେ ତାହା ବିଭୂତି ଭୂଷଣଙ୍କର ସମୟ ନଥିଲା । ତାହାଥିଲା ଉଗ୍ର ଆଧୁନିକତାର ସମୟ । ପ୍ରଥମ ମହାଯୁଦ୍ଧ ଶେଷ ହୋଇଥାଏ । ମଣିଷର ପୁରୁଣା ମୂଲ୍ୟବୋଧ ଉପରେ ଅବିଶ୍ୱାସ ଆସିଥାଏ । ଯେଉଁମାନେ ସଭ୍ୟତାର ବଡ଼େଇ କରୁଥିଲେ ତାଙ୍କର ହାତରେ ଏହି ଭୟଙ୍କର ପରିଣତି । ସେହି ସମୟରେ ବଙ୍ଗଳାଦେଶରେ ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା, ସମାଜ ସମ୍ପର୍କରେ ଅବିଶ୍ୱାସ ବିଶେଷ ଭାବରେ ଦେଖା ଦେଇଥିଲା । ବୈଜ୍ଞାନିକ ଭାବନାର ଏକ ଦିଗରେ ମିଶିଥିଲା ଅନିଶ୍ଚିତତାର ନୀତି । (principle of indeterminacy) ଅନ୍ୟ ଦିଗରେ ମାର୍କସ୍, ଫ୍ରୟେଡ଼ଙ୍କର ଅମୋଘ ତତ୍ତ୍ୱ ।

ସାହିତ୍ୟରେ ଏମାନେ ହିଁ ପ୍ରଗତିବାଦୀ ବା କଲ୍ଲୋଲପନ୍ଥୀ ସାହିତ୍ୟିକ ନାମରେ ବଙ୍ଗଳାଦେଶରେ ପରିଚିତ ହୋଇଥିଲେ । ଏମାନଙ୍କର ଅବାସ୍ତବତାର ଅଭିଯୋଗ ଓ ଆକ୍ରମଣରୁ ରବୀନ୍ଦ୍ରନାଥ ମଧ୍ୟ ରକ୍ଷାପାଇ ନଥିଲେ । ଯଦିଓ ଶେଷପର୍ଯ୍ୟନ୍ତ ସେମାନେ ରବୀନ୍ଦ୍ର ଅନୁରାଗୀ ହୋଇଥିଲେ । 'ଶେଷେର କବିତା' ବାହାରିବା ପରେ ସ୍ୱୀକାର କରିଥିଲେ—'ଅବାକହୋଇ ଦେଖିଲି ରବୀନ୍ଦ୍ରନାଥର ଆଧୁନିକ ମୂର୍ତ୍ତି । ସେ ଯେ ଆମଠାରୁ ଆହୁରି ଢ଼େରବେଶୀ ଆଧୁନିକ ।'

ରବୀନ୍ଦ୍ରନାଥ ଅତି ବାସ୍ତବତାର ବ୍ୟାପାରକୁ ଟିକିଏ ଢ଼ଲେଇ ଦେଖି କହିଥିଲେ ବଙ୍ଗଳା ସାହିତ୍ୟରେ ଏହି ଦାରିଦ୍ର୍ୟ ବା ଲାଲସାର କଥା ହିଁ ବାସ୍ତବତାର ମସଲା । ତାମାନେ ଏହା ନୁହେଁ ଯେ ସେମାନେ ସାହିତ୍ୟରେ ଅଛୁତ । ପାନବାଲା ବା ଶ୍ରମିକ ନିଶ୍ଚୟ ସାହିତ୍ୟ ଭିତରକୁ ଆସିପାରନ୍ତି । କିନ୍ତୁ ସେମାନେ ଯୁଗଧର୍ମର କାଇଦାରେ ନ ଆସି ଆପେ ଆପେ ଆସିବା ଉଚିତ୍ ।

ରବୀନ୍ଦ୍ରନାଥଙ୍କୁ ସମର୍ଥନ କରି ନଳିନୀକାନ୍ତ ଗୁପ୍ତ ଲେଖିଥିଲେ ଆମେ ଯେଉଁ ଅର୍ଥରେ ସାହିତ୍ୟରେ ଆଧୁନିକତାକୁ ଆଣିବାକୁ ଚାହୁଁଛୁ ତାହା ପ୍ରକୃତ ପକ୍ଷରେ ଆମର ନୁହେଁ; ତାହା ହେଉଛି ଇଉରୋପର । ସେଠାରେ ସାନରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ନରନାରୀର ହୃଦୟ ଭିତରେ ଯେଉଁ ଫାଙ୍କ ଦେଖା ଦେଇଛି ଆଧୁନିକ ସାହିତ୍ୟ ସଙ୍ଗେ ତାହା ଓତପ୍ରୋତଭାବେ ଜଡ଼ିତ । ଆମ ଦେଶର ସାଧାରଣ ଜନତା ଜୀବନରେ ସେ ଜିଜ୍ଞାସା ଏ ପର୍ଯ୍ୟନ୍ତ ଗଭୀରଭାବେ ଦେଖାଦେଇନି ।

ବିଭୂତି ଭୂଷଣ ଗୋଟିଏ ଡାଏରୀରେ ଲେଖିଥିଲେ—'ଯୌନ ସମସ୍ୟା, ବଙ୍ଗଳାର ସମସ୍ୟା ନୁହେଁ । ବଙ୍ଗଳାର ସମସ୍ୟା ହେଲା ରୋଗ, ଦାରିଦ୍ର୍ୟ, ମୂର୍ଖତା—ଏହିସବୁ । ସୌଖୀନ ଯୌନସମସ୍ୟା ହୁଏତ ସହରରେ ଅଛି, ସେ ଖୁବ୍ ବଡ଼ ସମସ୍ୟା ନୁହେଁ ।'

ଅଥଚ ବଙ୍ଗଳା ସାହିତ୍ୟରେ ଏହି ସମସ୍ୟାର ରୂପ ସେତେବେଳେ ଖୁବ୍ ବଡ଼ହୋଇ ଦେଖାଦେବାକୁ ଆରମ୍ଭକଲା । ସବୁଟା ଯେ ସୌଖୀନ ତାହା ନୁହେଁ, ଶିଳ୍ପବିପ୍ଳବ ଓ ପ୍ରଥମ ବିଶ୍ୱଯୁଦ୍ଧ ଫଳରେ ବାସ୍ତବିକ ସହର ଏବଂ ସହରତଳି ବସ୍ତି ଅଞ୍ଚଳରେ ଏକ ସମସ୍ୟା ଦେଖା ଦେବାକୁ ଆରମ୍ଭକଲା । କିନ୍ତୁ ତାର ଅନେକଟାହିଁ ମହାଦେଶୀୟ (continental) ସାହିତ୍ୟପାଠ୍ୟର ପ୍ରଭାବରେ ଆମର ସାହିତ୍ୟିକଙ୍କର କଳ୍ପନାରେ ଦେଖା ଦେଇଥିଲା । ଫଳରେ ଏହି ଅର୍ଦ୍ଧେକ ସତ୍ୟରେ ଓ କଳ୍ପନାରେ ବଙ୍ଗଳା ପାଠକ ଯେତେବେଳେ ଅତ୍ୟନ୍ତ ବିଭ୍ରାନ୍ତବୋଧ ଆରମ୍ଭ କରିଥିଲେ, ଠିକ୍ ସେହି ସମୟରେ ମନୁଷ୍ୟର ସତ୍ୟକୁ ନେଇ 'ବିଚିତ୍ରା'ରେ ପ୍ରକାଶ ପାଇଲା ପ୍ରଥମେ

'ଶେଷେର କବତା' ଓ ପରେ ପରେ 'ପଥେର ପାଞ୍ଚାଳି' । ଅନ୍ୟ ଯେକୌଣସି ସମୟରେ ଏହି ପୁସ୍ତକ ପ୍ରକାଶିତ ହୋଇଥିଲେ ମଧ୍ୟ ଖ୍ୟାତିଲାଭ କରିଥାନ୍ତା—ଏହା ନିଃସନ୍ଦେହ । ମାତ୍ର ସେତେବେଳେ ଏହି ପୁସ୍ତକର ଖ୍ୟାତି ଆହୁରି ବଢ଼ିଯିବାର କାରଣ ହେଲା ଉକ୍ତ ପୁସ୍ତକରେ ତତ୍କାଳୀନ ମଣିଷର ପ୍ରକୃତ ଠିକଣା ଲିପିବଦ୍ଧ ଥିଲା ।

'ପଥେର ପାଞ୍ଚାଳି' 'ବିଚିତ୍ରା'କୁ ପଠାଇଦେବା ପରେ ପରେ ବିଭୂତି ଭୂଷଣ ଖୁବ୍ ସମ୍ଭବତଃ ଭାଗଲପୁରରୁ କଲିକତା ଚାଲିଆସିଲେ । ଘୋଷଙ୍କର କଲିକତାରେ ଥିବା 'ଖିଲତ୍‌ଚନ୍ଦ୍ର କାଲକାଟା ଇନ୍‌ଷ୍ଟିଚ୍ୟୁସନରେ ସେ ଚାକିରି ପାଇଲେ । ସେହି ପୁରୁଣା ମେସ୍‌ରେ ସେ ରହୁଥିଲେ—ସେହି ପାରିଡାଇନ୍ ଲଜ୍ ୪୧ ନମ୍ବର, ମିର୍ଜାପୁର ଷ୍ଟ୍ରିଟ ।

ବିଭୂତି ଭୂଷଣ ଯେତେଦିନ କଲିକତାରେ ରହିଲେ ସେତେଦିନ ସେ ଘର ବା ଚାକିରି କୌଣସିଟାକୁ ଆଉ ବଦଳାଇ ନାହାଁନ୍ତି । ଶିକ୍ଷକତାକରିବା ସଙ୍ଗେସଙ୍ଗେ ସେ ସାହିତ୍ୟ ଜଗତକୁ ଚୁମ୍ବିକମନ୍ତ୍ର କରିଛନ୍ତି । କଲିକତାରେ ଅବସ୍ଥାନ କରୁଥିବାବେଳେ ତାଙ୍କର 'ଅପରାଜିତ', 'ଆରଣ୍ୟକ', 'ଆଦର୍ଶ ହିନ୍ଦୁ ହୋଟେଲ'ରୁ 'ଅନୁବର୍ତ୍ତିନ' ପର୍ଯ୍ୟନ୍ତ ସମସ୍ତ ଲେଖା । ଅଧିକାଂଶ କଲିକତାରେ ବସି ସେ ରଚନା କରିଛନ୍ତି । ତେବେ ବି ଗ୍ରାମ ସହିତ ତାଙ୍କର ବରାବର ଘନିଷ୍ଠ ସମ୍ପର୍କ ଥିଲା । ପ୍ରକୃତରେ କହିବାକୁ ଗଲେ ଯେଉଁଦିନଯାଏ ଘାଟଶିଲା ଯାଇନାହାଁନ୍ତି, ସେତେଦିନ ପର୍ଯ୍ୟନ୍ତ ତାଙ୍କର ଦୁଇଟା ଘର ଥିଲା—କଲିକତା ଓ ବାରିକ୍‌ପୁର । ଯେତେବେଳେ ଘାଟଶିଲା ଗଲେ ସେତେବେଳେ ବାରିକ୍‌ପୁର ଓ ଘାଟଶିଲା । ସବୁବେଳେ ବାରିକ୍‌ପୁର ସଙ୍ଗେ ତାଙ୍କର ସମ୍ପର୍କ ଅକ୍ଷୁର୍ଣ୍ଣ ଥିଲା । ବାରିକ୍‌ପୁରରେ ତାଙ୍କର ବହୁ ପୁସ୍ତକ ରଚିତ । ଏପରିକି ଯେତେବେଳେ ସେ କଲିକତାରେ ଅବସ୍ଥାନ କରୁଥିଲେ ସେତେବେଳେ ବି ବହୁ ପୁସ୍ତକର ଅଂଶ ଏହି ବାରିକ୍‌ପୁରରେ ବସି ରଚନା କରୁଥିଲେ । ବଡ଼ ଅଦ୍ଭୁତ ସଉକ୍ ତାଙ୍କର ଥିଲା । ଘରେ ବସି ତ ଲେଖାଲେଖି କରୁଥିଲେ, ମଝିରେ ମଝିରେ କେତେବେଳେ କାଳନାଦିନୀ ଇଚ୍ଛାମତୀର ଧାରରେ ଅବା ସବୁଜ ଅରଣ୍ୟାନୀର କୋଳରେ ବସି ଲେଖନୀ ଚାଳନା କରୁଥିଲେ । ବାରିକ୍‌ପୁରଠାରୁ ଦୂରକୁଗଲେ ଅର୍ଥାତ୍ କଲିକତାର ରହଣିକାଳରେ ସେ ଗଙ୍ଗାନଦୀର ତୀରରେ ବସି ବା ଇଡ଼ନ୍‌ଗାର୍ଡ଼ନରେ ବସି ଉପନ୍ୟାସର ଗ୍ରନ୍ଥ ପ୍ରସ୍ତୁତ କରୁଥିଲେ ।

କଲିକତାରେ ତାଙ୍କର ଯିବାଆସିବା ସ୍ଥାନ ଥିଲା ପ୍ରଧାନତଃ ଉତ୍ତର ବା ମଧ୍ୟ କଲିକତା । ତାମାନେ ଏହା ନୁହେଁ ଯେ ବିଭୂତି ଭୂଷଣ ଅନ୍ୟ କୌଣସି ସ୍ଥାନକୁ ଯାଉ ନଥିଲେ; ବରଂ କଲିକତାସାରା ସେ ଘୁରିବୁଲୁଥିଲେ । କଲିକତାର ଆଖପାଖ ଅଞ୍ଚଳ ଯଥା ହରିନାଭି—ରାଜପୁର, ବେଲୁର, ଗଙ୍ଗାପାରହୋଇ ଭାଟପଡ଼ା, ଟାଲିଗଞ୍ଜର

ଟ୍ରାମଡିପୁ ପାରହୋଇ ଯଶୋରେଶ୍ୱରୀ କାଳୀମନ୍ଦିରକୁ ତାଙ୍କର ଗତାଗତ ଥିଲା । ତେବେ ବି ତାଙ୍କର ଯାତାୟାତର ମୂଳକେନ୍ଦ୍ର ଥିଲା ମେସ୍ ଓ ଆଖପାଖ ଇଲାକା ।

ଏକଚାଳିଶ ନମ୍ବର, ମିର୍ଜାପୁର ଷ୍ଟ୍ରିଟ ମେସ୍‌ରେ ବନ୍ଧୁମାନେ ଥଟ୍ଟାକରି କହନ୍ତି—'ପାରାଡ଼ାଇଜ୍ ଲଜ୍ ନା ଲଷ୍ଟ' । ଖାଲି ମେସ୍‌ଟା ନୁହେଁ ପ୍ରକୃତରେ ମିର୍ଜାପୁର ଷ୍ଟ୍ରିଟ ବିଭୂତି ଭୂଷଣଙ୍କ ଯୌବନର 'ପାରାଡ଼ାଇଜ୍' ଥିଲା । ବାରାକ୍‌ପୁରରୁ ପ୍ରଥମେ ଯେତେବେଳେ ସେ କଲିକତା ଆସିଥିଲେ, ସେତେବେଳଠାରୁ ଅର୍ଥାତ୍ ୧୯୧୪ରୁ ତାଙ୍କର ମିର୍ଜାପୁର ଷ୍ଟ୍ରିଟ ସଙ୍ଗେ ସମ୍ପର୍କ । ୮୪ ନମ୍ବର ମିର୍ଜାପୁର ଷ୍ଟ୍ରିଟ ଥିଲା ରିପନ୍ କଲେଜର ଠିକଣା । ଏହିଠାରେ ହିଁ ତାଙ୍କର ଗୌରୀ ସଙ୍ଗେ ବିବାହ । ତାପରେ ୪୧ ନମ୍ବର ମିର୍ଜାପୁର ଷ୍ଟ୍ରିଟ । ଏଠାରେ ଥିବାବେଳେ ଗୌରୀର ମୃତ୍ୟୁ, ପଥେର ପାଞ୍ଚାଳିର ପ୍ରକାଶ ଓ କଲିକତାର ବନ୍ଧୁବାନ୍ଧବ ସଙ୍ଗେ ପରିଚୟ ।

ଏ ସମ୍ବନ୍ଧରେ ବିଭୂତି ଭୂଷଣଙ୍କର ଏକ ସୁନ୍ଦର ଅଭିଜ୍ଞତାର କଥା ଅଛି । କହିଛନ୍ତି— ମଣିଷ ଜୀବନରେ ସୁଖୀ ହେବାକୁ ହେଲେ ଗ୍ରାମ ସଙ୍ଗେ ସମ୍ପର୍କ ରଖିବାକୁ ହେବ; କିନ୍ତୁ ରହିବାକୁ ହେବ ସହରରେ । ନହେଲେ ମଣିଷର ଆଖି ଫିଟିବନି । ମନ ବଡ଼ ହେବନି । ସମସ୍ତଙ୍କର ମନେଅଛି—'ଅପରାଜିତ'ରେ ସେ ଠିକ୍ ଏହିକଥା କହିଥିଲେ—'କଲିକତାରେ ପଢ଼ ଅନେକ ଜିନିଷ ଦେଖିବାର, ଶୁଣିବାର ଅଛି । ପଲ୍ଲୀଭୂମିର କଲେଜରେ ଖର୍ଚ୍ଚ କମ୍ ପଡ଼େ, କିନ୍ତୁ ସେଠାରେ ମନ ବଡ଼ହୁଏ ନାହିଁ, ଆଖି ଖୋଲେନା । ସେଥିପାଇଁ ମୁଁ କଲିକତାକୁ ଭଲ କହେ ।'

ଏଠାରେ ଅବସ୍ଥାନ କରୁଥିବାବେଳେ ବିଭୂତି ଭୂଷଣଙ୍କର ଯାତାୟାତର ଗୋଟିଏ ତ୍ରିକୋଣ ଥିଲା ମେସ୍, ସ୍କୁଲ ଓ ବଙ୍ଗଶ୍ରୀ । ସବୁଗୁଡ଼ିକ ପାଖାପାଖି, ପାଦରେ ଚାଲିଯିବାର ଦୂରତା ଭିତରେ । ୬୫ ନମ୍ବର ଧର୍ମତାଲା ଷ୍ଟ୍ରିଟରେ ସ୍କୁଲ, ୫୮ ନମ୍ବର ଷ୍ଟ୍ରିଟରେ ବଙ୍ଗଶ୍ରୀ ।

ସ୍କୁଲରୁ ଫେରିବାବେଳେ ବଙ୍ଗଶ୍ରୀ ।

ବିରାଟ ଆଡ୍‌ଡ଼ାର ଆସର ବସୁଥିଲା । ସୁନୀତି ଚଟ୍ଟୋପାଧ୍ୟାୟଙ୍କଠାରୁ ଆରମ୍ଭ-କରି ତାରାଶଙ୍କର, ପେମେନ୍ଦ୍ର ମିତ୍ର, ନଜରୁଲ୍ ଇସ୍‌ଲାମ, ଶୈଳଜା ନନ୍ଦ, ଜାମିନି ରାୟ, ସୁଶୀଲ ଦେ, ମୋହିତ ଲାଲ, ନୀରଦ ଚୌଧୁରୀ, ହରେକୃଷ୍ଣ ମୁଖାର୍ଜୀ, ବୀରେନ୍‌ଭଦ୍ର ଲାଲ, ପବିତ୍ର ଗାଙ୍ଗୁଲି, ଦେବୀ ପ୍ରସାଦ ରାୟଚୌଧୁରୀ, ଡକ୍ଟର ପଶୁପତି ଭଟ୍ଟାଚାର୍ଯ୍ୟ, ନୀରଦ ଦାସଗୁପ୍ତ, କିଏ ନୁହେଁ ? ସଜନୀକାନ୍ତ ସେତେବେଳେ ସମ୍ପାଦକ । ବିଭୂତି ଭୂଷଣଙ୍କ ସହିତ ଶେଷଦିନ ପର୍ଯ୍ୟନ୍ତ ତାଙ୍କର ସମ୍ପର୍କ ଥିଲା । କହିବାକୁ ଗଲେ ତାଙ୍କ କାଗଜ ସହିତ

ସମ୍ପର୍କ । କେତେ ଲେଖା ଯେ ସେ ଲେଖିଛନ୍ତି ସେଥିରେ ! 'ବିଚିତ୍ର-ଜଗତ' ନାମକ ତାଙ୍କର ଏକ ନିୟମିତ ଲେଖା ସେଥିରେ ପ୍ରକାଶିତ ହେଉଥିଲା । ଅନ୍ୟାନ୍ୟ ଲେଖା-ଗୁଡ଼ିକ ମଧ୍ୟରେ 'ଯଦୁହାକିମ୍ ଓ ଶିକ୍ଷିଧ୍ୱଜ', 'ଅନ୍ନ ପ୍ରାଶନ', 'ମଣି ଡାକ୍ତର' 'ବାକ୍ସ ବଦଳ' ପ୍ରଭୃତି ପ୍ରଧାନ । ବଙ୍ଗଶ୍ରୀରେ ଥିବାବେଳେ ସଜନୀକାନ୍ତ ତାଙ୍କୁ ଓଡ଼ିଶାର 'ବିକ୍ରମଖୋଲ'କୁ ପଠାଇଥିଲେ । ସେଠାରେ ଦୁଇହଜାର ବର୍ଷତଳର ଏକ ଶିଳାଲିପି ଆବିଷ୍କୃତ ହୋଇଥିଲା । ପଣ୍ଡିତ ଯଶଓ୍ୱାଲ ସେହି ଶିଳାଲେଖକୁ ଶିକ୍ଷିତ ବ୍ୟକ୍ତିଙ୍କ ନଜରକୁ ଆଣିଥିଲେ । ବିଭୂତି ଭୂଷଣ ବୋଧହୁଏ ବଙ୍ଗଳାର ପ୍ରଥମ ବ୍ୟକ୍ତି ଯିଏ 'ବିକ୍ରମଖୋଲ' ଶିଳାଲିପି ବିଷୟରେ ଆଲୋଚନା କରିଥିଲେ । ୧୩୪୦ ସାଲର ବଙ୍ଗଶ୍ରୀରେ ସେହି ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା ।

'ବେଲପାହାଡ଼ରୁ ବିକ୍ରମଖୋଲ ପର୍ଯ୍ୟନ୍ତ ପଥ ଧାରର ପ୍ରାକୃତିକ ସୌନ୍ଦର୍ଯ୍ୟ ମୋ ମନରେ ଚିରନ୍ତନର ଛବି ଅଙ୍କନ କରିଥିଲା । ଅବକାଶ ସମୟରେ ମୋର ସ୍ୱପ୍ନପରି ମନେହୁଏ ସେହି ନଦୀ ପର୍ବତ, ଅରଣ୍ୟ ସମାକୁଳ ନିର୍ଜନ ବନ୍ୟପଥର ସ୍ମୃତି । ପ୍ରଥମ ବସନ୍ତରେ ଜଙ୍ଗଲପଥରେ ପ୍ରସ୍ଫୁଟିତ ପଲାଶ ଫୁଲର ଶୋଭା ଓ ନାଲି ଧାତୁପ ଫୁଲର ସମାରୋହ । ମଝିରେ ମଝିରେ ପାହାଡ଼ନଈର ଝିରିଝିରି ସ୍ୱନ । ଅନନ୍ୟ ସେ ଶୋଭା ।

ଅନାବୃତ ପାହାଡ଼ ଦେହରେ ଲମ୍ବାଲମ୍ବି ଭାବରେ ଖୋଳା ହୋଇଥିବା କେତେଗୁଡ଼ିଏ ଅଜ୍ଞାତଲିପି । ସ୍ଥାନଟିର ପ୍ରାକୃତିକ ଦୃଶ୍ୟ ପ୍ରକୃତରେ ଅପୂର୍ବ । ସେହି ପାହାଡ଼ର ପାଦଦେଶର ଉପତ୍ୟକାରେ ପଥର ଦେହରେ ଯେଉଁ ଶିଳାଲିପି ଅବସ୍ଥିତ, ତାହାକୁ ପାହାଡ଼ ନ କହି ଗୋଟିଏ ଅନାବୃତ ମାଳଭୂମିର ଶିଳାଗାତ୍ର କହିବା ଅଧିକ ସଙ୍ଗତ ହେବ । ନିମ୍ନ ଦେଶର ଉପତ୍ୟକା ନାନା ଜାତିର ବଣଲତାରେ ଆଚ୍ଛାଦିତ । ତାର ମଝିରେ କାଞ୍ଚନ ଗଛ ପରି ଅନେକ ଗଛ । ଫୁଲଭରା ଏହି ବୃକ୍ଷଗୁଡ଼ିକ ପର୍ବତାରଣ୍ୟର ଶୋଭା ଓ ଗାମ୍ଭୀର୍ଯ୍ୟ ବୃଦ୍ଧି କରୁଛି ।'

ପ୍ରବନ୍ଧରେ ଲେଖିଛନ୍ତି—'ଦୈର୍ଘ୍ୟରେ ୨ ଫୁଟ ଓ ପ୍ରସ୍ଥରେ ପ୍ରାୟ ୩୮ ଫୁଟ ପରିମିତ ସ୍ଥାନରେ ଏହି ଲିପିଟି କଠିନ ପ୍ରସ୍ତର ଗାତ୍ରରେ ଉତ୍କୀର୍ଣ୍ଣ । ଏଥିରେ ଯେଉଁ ଅକ୍ଷରର ବ୍ୟବହାର କରାଯାଇଛି, ବିଶେଷଜ୍ଞ ପଣ୍ଡିତଙ୍କ ମତରେ ତାହା ହେଉଛି ଦୁଇ ହଜାର ବର୍ଷ ତଳର । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ଯଶଓ୍ୱାଲ କହନ୍ତି ଏହା ମହେଞ୍ଜୋ-ଦାରରେ ପ୍ରାପ୍ତ ଅକ୍ଷର ଓ ଅଶୋକ ଅନୁଶାସନର ବ୍ରାହ୍ମୀ ଅକ୍ଷରର ମଝିଆମଝି ସମୟର ।'

କଲିକତାରେ ଥିବାବେଳେ ରବୀନ୍ଦ୍ରନାଥଙ୍କ ସଙ୍ଗେ ୧୯୩୩ ମସିହା ଏପ୍ରିଲ ୫ ତାରିଖରେ ବିଭୂତି ଭୂଷଣଙ୍କର ପରିଚୟ ହୁଏ । ସେ ଡାଏରୀରେ ଲେଖିଛନ୍ତି— 'ଶୀଘ୍ର ସ୍ନାନ ସାରି ବସ୍ତ୍ର ପରିଧାନ କରି ପ୍ରସ୍ତୁତ ହେଲି । .... .... ପଶୁପତି ବାବୁ ଫୋନ୍ କରିଛନ୍ତି ରବୀନ୍ଦ୍ରନାଥଙ୍କ ସଙ୍ଗେ ଦେଖାକରିବାକୁ ଯିବାକୁ ହେବ । ତାଙ୍କ ଗାଡ଼ିରେ ବସି ଆମେ ପ୍ରଶାନ୍ତ ବାବୁଙ୍କ ବରାନଗରର ବଗିଚା ଘର ଉଦ୍ଦେଶ୍ୟରେ ବାହାରିଲୁ । ସୁନୀତିବାବୁ ଓ କାଳିଦାସ ବାବୁ ଆଗରୁ ବସିଥିଲେ । ପ୍ରଶାନ୍ତବାବୁଙ୍କ ସ୍ତ୍ରୀ ଆମ୍ଭମାନଙ୍କ ପାଇଁ ଖାଇବାକୁ ଆଣିଲେ । ତାପରେ ଆଇସ୍‌କ୍ରିମ । ରବୀନ୍ଦ୍ରନାଥ କ୍ଷୀଣହସି କହିଲେ— ଆହୁରି still they come ! ସେତେବେଳେ ଆକାଶରେ ସୁନ୍ଦର ଜହ୍ନ ଉଠିଥାଏ । ସେ କହିଲେ—ମୋର 'ପଥେର ପାଞ୍ଚାଲି' ସମ୍ପର୍କରେ ସେ ଆଲୋଚନା କରିଛନ୍ତି । 'ପରିଚୟ'ରେ ଏହି ମାସରେ ପ୍ରକାଶ ପାଇବ ।

ସ୍କୁଲରେ ଚାକିରି କରିବା ପରେ ବିଭୂତି ଭୂଷଣ ଛୁଟିଗୁଡ଼ିକ ଗାଁରେ କଟାଉଥିଲେ । କେତେବେଳେ କେମିତି ଶିଲଂ ନାଗପୁର, ଚଟ୍ଟଗ୍ରାମ ପ୍ରଭୃତି ସ୍ଥାନକୁ ବୁଲି ଯାଉଥିଲେ । 'ଅପରାଜିତ' ଲେଖା ଆରମ୍ଭ କରିବା ପୂର୍ବରୁ ପ୍ରକୃତରେ ସେ ଅମର- କଣ୍ଟକ ଭ୍ରମଣରେ ଯାଇଥିଲେ । ଧାତୁପ ଫୁଲର ଗଛ, ବନ ଶେଫାଳି, କଣ୍ଟାଗଛ, ଘୋଡ଼ାଚଢ଼ା—ଏସବୁ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା । କିନ୍ତୁ ପ୍ରକୃତରେ ବିଭୂତି ଭୂଷଣ ଖାମଖିଆଲିଭାବେ ବୁଲିବୁଲି ସମୟନଷ୍ଟ କରୁନଥିଲେ । ଭ୍ରମଣ ସ୍ଥାନକୁ ସେ ଦୂରନଜରରେ ନୁହେଁ, ମନଧ୍ୟାନ ଦେଇ ସୂକ୍ଷ୍ମ ଦୃଷ୍ଟିରେ ବୁଲି ଦେଖୁଥିଲେ । ତୁମେ କେତେ ଆନନ୍ଦ ପାଇଲ ତାରି ମଧ୍ୟରେ ଭ୍ରମଣର ସାର୍ଥକତା । ଏହାକୁ ନେଇ ବିଭୂତି ଭୂଷଣଙ୍କର 'ଏକଟି ଭ୍ରମଣ କାହିନୀ' ନାମକ ଏକ ସୁନ୍ଦର ଗଳ୍ପ ଅଛି । ଏହାପରେ ୧୯୩୩ ମସିହାରେ ସେ ସାହିତ୍ୟିକ ନୀରଦ ଦାସଗୁପ୍ତଙ୍କ ସଙ୍ଗେ ନାଗପୁର ଭ୍ରମଣରେ ଯାଇଥିଲେ । ସେଥର ସେ ରାମଟେକର ବଣ, ରାମସୀତାଙ୍କ ମନ୍ଦିର, କଂସିହ୍ରଦ ପ୍ରଭୃତି ଦେଖିଥିଲେ ।

'ଗୋଟିଏ ଦିନର କଥା ନ ଲେଖି ରହି ପାରୁ ନାହିଁ । ମୁଁ ଯାହା ଦେଖେ ତାହା ମୋତେ ଭଲଲାଗେ ବିଶେଷ କରି ସେଠାରେ ଯଦି ବଣ ଥାଏ । ତଥାପି ମଧ୍ୟ ଲେଖୁଛି । ମୁଁ ଏ ପର୍ଯ୍ୟନ୍ତ ଯେତେ ପାହାଡ଼ ଓ ଅରଣ୍ୟ ଦେଖିଛି ତନ୍ମଧ୍ୟରେ କଂସି ଓ ରାମଟେକର ପାହାଡ଼ ଜଙ୍ଗଲର ସୌନ୍ଦର୍ଯ୍ୟ ଓ ବିଶାଳତା ମୋତେ ମୁଗ୍‌ଧକରେ । ଚନ୍ଦ୍ରନାଥ, ତ୍ରିକୂଟ, କାଟନୀ ଅଞ୍ଚଳର ପାହାଡ଼ ଅରଣ୍ୟ ଏମାନଙ୍କ ତୁଳନାରେ ମ୍ଲାନ ଦିଶେ ।

କାଲି ନାଗପୁରରୁ ଚାଲିଯିବି । ଆଜି ରାତିରେ ନିର୍ଜନ ବଙ୍ଗଳାର ବାରଣ୍ଡାରେ ବସି ଜ୍ୟୋତ୍ସ୍ନାସ୍ନାତ କମ୍ପାଉଣ୍ଡଆଡ଼େ ଚାହିଁ ଶରତ ଚନ୍ଦ୍ର ଶାସ୍ତ୍ରୀଙ୍କର 'ଦକ୍ଷିଣାପଥ ଭ୍ରମଣ'

ଭ୍ରମଣ' ପାଠ କରୁଛୁ । ସେହି ପୁରୁଣା ପୁସ୍ତକଟି ସିଦ୍ଧେଶ୍ୱର ବାବୁଙ୍କ ଅଫିସରେ କାର୍ଯ୍ୟ କରୁଥିବା ସମୟରେ ଟେବୁଲ୍ ଡ୍ରୟରରେ ଲୁଗ୍ ହୋଇଥିଲି । କାମରୁ ଅବସର ପାଇଲେ ମୁଁ ଉକ୍ତ ପୁସ୍ତକକୁ କାଢ଼ିନେଇ ଦୂରଦେଶ ପାହାଡ଼ ଜଙ୍ଗଲର ବର୍ଣ୍ଣନା ପଢ଼ି କ୍ଲାନ୍ତ ଓ ଶ୍ୱାସରୁଦ୍ଧ ଚେତନାକୁ ସତେଜ କରନେଉଥିଲି । ସେହି ଗ୍ରେଟ ଟେବୁଲ, ତାର ଡ୍ର, ଡାହାଣ ପାଖରେ କାଠ ପାର୍ଟିସନ, ପୁରୁଣା ଖଡ଼ଆନ ତଥା ଫାଇଲରେ ଭର୍ତ୍ତି ସେହି ଗୃହର ଛବି ଏବେ ବି ମୋ ଚକ୍ଷୁ ସମ୍ମୁଖରେ ଭାସିଯାଏ ।

ଅପରାହ୍ଣରେ ମୁଁ ଏକା ବାହାରିଲି । South Tiger Gap Road ଦେଇ ପାହାଡ଼ ଉପରେ ଉଠି ଏକ ମୁକ୍ତ ସ୍ଥାନରେ ବସିଲି । ସାମ୍ନାରେ ଧୂଧୂ ପ୍ରାନ୍ତର । ଦୂରରେ ନୀଳ ପାହାଡ଼ପର୍ବତଶ୍ରେଣୀ—ବାମରେ ସାତପୁରା, ଡାହାଣରେ ଗ୍ରମଟେକର ଓ ମାନସାରର ମଙ୍ଗାନଜ ପାହାଡ଼ ଅସ୍ପଷ୍ଟ ଦିଶୁଛୁ । ଟିକିଏ ପରେ ସୂର୍ଯ୍ୟ ବୁଡ଼ିଗଲା । ପଶ୍ଚିମ ଦିଗରେ କେତେରଙ୍ଗର ଆଭା ଉକୁଟି ଉଠିଲା । ମୋ ମନରେ ଜାଗ୍ରତ ହେଲା ସେହି ଶ୍ଳୋକଟି ପ୍ରସ୍ଥିତା ଦୂର ପନ୍ଥାନଂ··· ···। ଉକ୍ତ ଶ୍ଳୋକର ଏକ ନୂତନ ଅର୍ଥ ଯେପରି ଏଠିବସି ଖୋଜି ପାଇଲି । ଭାବିଲି ମୋର ଉତ୍ତର-ପୂର୍ବ କୋଣରେ ଆହୁରି ଅନେକ ପଛରେ କାଶୀ ଓ ବିନ୍ଧ୍ୟାଚଳ, ମୃଜାପୁର ଓ ଚୁଣାର ଅବସ୍ଥିତ । ପଶ୍ଚିମକୁ ଲାଗି ପ୍ରାଚୀନ ଅବନ୍ତୀ ଜନପଦ । ପୂର୍ବରେ ପ୍ରାଚୀନ ଦକ୍ଷିଣ କୋଶଳ, ସମ୍ମୁଖରେ ଏ ନୀଳଶୈଳମାଳା, ଯାହାର ଅସ୍ପଷ୍ଟ ସୀମାରେଖା ଗୋଧୂଳିର ଶାନ୍ତ ଛାୟାରେ ଆହୁରି ଅସ୍ପଷ୍ଟ ଦେଖାଯାଉଛୁ । ଏହି ହେଲା ମହାଭାରତର କମ୍ବା ନୈଷଧ ଚରିତରେ ରୁକ୍ଷମାନ ପର୍ବତ । ଏହି ଯେଉଁଠି ମୁଁ ବସିଅଛୁ ଏଠାରୁ ପଚାଶ ମାଇଲ ମଧ୍ୟରେ ଅମରାବତୀ ନିକଟସ୍ଥ ପଦ୍ମପୁର ଗ୍ରାମ କବି ଭବଭୂତିଙ୍କର ଜନ୍ମସ୍ଥାନ । ଏହି ସବୁ ପୁରୁଣା ଦିନର ସ୍ମୃତି ଭରା ପ୍ରାନ୍ତର, ଅରଣ୍ୟ ଶୈଳମାଳା, ଦିଗନ୍ତହୀନ ମାଳଭୂମିର ଗମ୍ଭୀର ମହିମା, ନିର୍ଜନ ସନ୍ଧ୍ୟାରେ ଏହିପରି ଏକୁଟିଆ ବସିଲେ ମଣିଷର ମନକୁ ଅଭିଭୂତ କରିଦିଏ ।"

୧୯୩୪ ମସିହାରେ ବିଭୂତିଭୂଷଣ ଏକ ପାରିବାରିକ ପ୍ରୟୋଜନରେ ଗାଲୁଡ଼ି ଗଲେ । ସେଠାରେ ତାଙ୍କର ସାନ ମାଉସୀ ନିର୍ମଳା ଦେବୀ ଅସୁସ୍ଥ ହୋଇ ପଡ଼ିଥିଲେ । ସେଥିପାଇଁ ତାଙ୍କୁ ଗାଲୁଡ଼ି ଯିବାକୁ ହୋଇଥିଲା । ସେହି ସୂତ୍ରରେ ଘାଟଶିଲା ସହିତ ତାଙ୍କର ପ୍ରଥମ ପରିଚୟ । ପରେ ନିରୋଦ ଦାସଗୁପ୍ତ ଗାଲୁଡ଼ିରେ ଯେତେବେଳେ ଘର ନେଲେ ସେତେବେଳେ ଘାଟଶିଲା ସହିତ ତାଙ୍କର ଏହି ସମ୍ପର୍କ ଆହୁରି ଘନିଷ୍ଠ ହୋଇଥିଲା । ପରବର୍ତ୍ତୀ ସମୟରେ ଘାଟଶିଲାରେ ସେ ନିଜେ ଘର କିଣିଥିଲେ ।

୧୯୪୦ ମସିହାରେ ପୂଜାଛୁଟିରେ ବିଭୂତି ଭୂଷଣ ଚଟ୍ଟଗ୍ରାମ ଯାଇଥିଲେ । ସେଠାରୁ ଚନ୍ଦ୍ରନାଥ ପାହାଡ଼ । ପୂର୍ବରୁ ଯେତେବେଳେ ସେ ଗୋରକ୍ଷଣୀ ସଭାର ପ୍ରଚାରକ

ଥିଲେ ସେତେବେଳେ ଅବଶ୍ୟ ସେ ଚନ୍ଦ୍ରନାଥ ଦେଖିଥିଲେ । ଚନ୍ଦ୍ରନାଥ ସବୁଥର ତାଙ୍କୁ ଭଲ ଲାଗିଛି । ସାଧାରଣତଃ ପାହାଡ଼ରେ ବଣ ନଥାଏ । କିନ୍ତୁ ଚନ୍ଦ୍ରନାଥ ତାର ବ୍ୟତିକ୍ରମ । ମୂଳବାଉଁଶ ଓ ବଣଲତାରେ ସାରାପାହାଡ଼ଟା ଭର୍ତ୍ତି । ପଛରେ ଛବିପରି ନୀଳସମୁଦ୍ର । ଦୂରରେ ଦିଗ୍‌ବଳୟର ଅସ୍ପଷ୍ଟ ସବୁଜରେଖା ।

ଚନ୍ଦ୍ରନାଥ ଏଥର ଭଲଲାଗିବାର ଅନ୍ୟ ଏକ ବଡ଼ କାରଣ ହେଉଛି ରେଣୁ । ପ୍ରଥମେ ଯେତେବେଳେ ସେ ଚଟ୍ଟଗ୍ରାମ ଆସିଥିଲେ ସେତେବେଳେ ସେ ରେଣୁଘରେ ପହଞ୍ଚିଥିଲେ । ସେହିଦିନରୁ ରେଣୁ ସହିତ ତାଙ୍କର ଘନିଷ୍ଠ ପରିଚୟ । ରେଣୁ ତାଙ୍କୁ ବାପା ବୋଲି ଡାକେ । ସେ ମଧ୍ୟ ରେଣୁକୁ ଝିଅପରି ଭଲ ପାଉଥିଲେ । 'ବିଚିତ୍ରଜଗତ' ପୁସ୍ତକକୁ ସେ ରେଣୁ ନାମରେ ଉତ୍ସର୍ଗ କରିଥିଲେ ।

ଚନ୍ଦ୍ରନାଥ ପାହାଡ଼ ଉଠିଲାବେଳେ ବିଭୂତି ଭୂଷଣ ଖୁବ୍ ମଜା କରିଥିଲେ । ରେଣୁ ସହିତ ତାର ଭଉଣୀ ଚଞ୍ଚଳା ଥିଲା । ବିଭୂତିଭୂଷଣ ଯେମିତି କହୁଥିଲେ ଚଞ୍ଚୁ, ସେମିତି ରେଣୁ କହୁଥିଲା 'ବାହାରିଲା ଚଞ୍ଚଳା ବାହାରିଲା' । ଏହା ପଛରେ ସେହି ମଜାର ଇତିହାସ—ବିଭୂତି ଭୂଷଣ ଯେତେବେଳେ ହରିନାଭିରେ ଶିକ୍ଷକତା କରିବାକୁ ଆସିଲେ ସେହି ସମୟରେ ପଞ୍ଚୁଗୋପାଲ ନାମରେ ଏକ ବାଳକ କବି ବିଜ୍ଞାପନ ଦେଇଥିଲା—"ବିଭୂତିଭୂଷଣର ସ୍ୱଳ୍ପମୂଲ୍ୟର ଉପନ୍ୟାସ ଚଞ୍ଚଳା—ବାହାରିଲା, ବାହାରିଲା, ବାହାରିଲା ।"

ଏହିପରି ମଣିଷ ଓ ପ୍ରକୃତିକୁ ନେଇ ଚଟ୍ଟଗ୍ରାମରେ ତାଙ୍କର ଦିନଗୁଡ଼ିକ କଟିଗଲା । ବାରାକ୍‌ପୁରରେ ସମୟ ବି କଟୁଥିଲା । ସେଠାରେ ଅବସ୍ଥାନ କରିବା ସମୟରେ କେବଳ ଯେ ଗଛଲତା, ବଣପାହାଡ଼, ଆକାଶର ନକ୍ଷତ୍ରସଂସ୍ଥାନ ଦେଖି ସମୟ ଅତିବାହିତ କରୁଥିଲେ ତାହା ନୁହେଁ, ମଣିଷ ସହିତ ମଧ୍ୟ ତାଙ୍କର ସମ୍ପର୍କ ଥିଲା । ମଣିଷକୁ ସେ ନିବିଡ଼ଭାବେ ଭଲ ପାଉଥିଲେ । ତାର ସୁଖଦୁଃଖରେ ସହାନୁଭୂତି ଦେଖାଉଥିଲେ ।

ମଣିଷ ହିସାବରେ ତାଙ୍କର ସ୍ଥାନ କେତେ ଉଚ୍ଚରେ ଥିଲା ତାହା ଗୋଟିଏ ଘଟଣାରୁ ଜଣାଯାଏ । ସେତେବେଳେ ସେ ଭାଗଲପୁର ଜଙ୍ଗଲ ମାହାଲରେ ଅବସ୍ଥାନ କରୁଥାନ୍ତି । ସରସ୍ୱତୀପୂଜାଦିନ ପ୍ରଜାମାନଙ୍କୁ ଖାଇବାକୁ ଦିଆହୋଇଥାଏ । ମୁଣ୍ଡଉପରେ ବର୍ଷା ପଡ଼ୁଥିଲେ ବି ସେମାନେ ଖାଇବାକୁ ବସିଥାନ୍ତି । ଭିଜା ମଇଳା ଗାମୁଛା ଉପରେ ସେମାନଙ୍କୁ କିଛି ଖାଦ୍ୟ ସଙ୍ଗରେ ଦହିଗୁଡ଼ ଦିଆହୋଇଥାଏ । ସେତିକରେ ସେମାନେ ଖୁବ୍ ଖୁସି । ଚିତ୍କାର କରି କହୁଥାନ୍ତି—ଶୁଖା ଅଛି ମାଲିକ, କିଛି ଗୁଡ଼ ଦିଅ । ଏ ଦୃଶ୍ୟ ଦେଖି ବିଭୂତି ଭୂଷଣଙ୍କ ଆଖିରେ ଲୋତକ ଆସିଲା । ତାଙ୍କର ମନେହେଲା—ଏତେ

ଅଲ୍ପରେ ବି ମଣିଷ ଏତେ ଖୁସି ହୁଏ ! ଏମାନେ କେତେ ଗରିବ ସତେ ! ବିଭୂତିଭୂଷଣ ବାହାରକୁ ଆସି ସେମାନଙ୍କ ସହିତ ଭିଜିବାକୁ ଲାଗିଲେ ।

ଯିଏ ପ୍ରକୃତିକୁ ଏତେ ଭଲପାଇପାରେ ମଣିଷ କ'ଣ ତା ଭଲପାଇବାରୁ ବଞ୍ଚିତ ହୋଇପାରେ ? କୌଣସି ଭଲପାଇବା କ'ଣ ମଣିଷକୁ ବାଦ୍‌ଦେଇ ସଂପୂର୍ଣ୍ଣ ହୋଇପାରେ ? ବିଭୂତି ଭୂଷଣ ଡାଏରିରେ ଲେଖିଛନ୍ତି—'ଏଇ ପ୍ରକୃତି ଓ ପକ୍ଷୀର ସ୍ୱନସହିତ ମଣିଷର ସୁଖଦୁଃଖର ସମ୍ବନ୍ଧ ଅଛି ବୋଲି ଏତେ ଭଲ ଲାଗେ ।'

ବିଭୂତି ଭୂଷଣ ଗାଁରେ ଅବସ୍ଥାନ କରୁଥିବା ସମୟରେ ଗୋଟିଏ ବାଳିକାର ଗଭୀର ସଂସ୍ପର୍ଶରେ ଆସିଥିଲେ ତାର ନାମ ଖୁକୁ । ପ୍ରତିବେଶୀ ଯୁଗଳ ପ୍ରସାଦ ବାଁଡୁଜ୍ଜେଙ୍କର ଝିଅ । ତାକୁ ନେଇ ଅନେକ ଗଳ୍ପ ସେ ରଚନା କରିଛନ୍ତି । ବିଶେଷକରି ଗ୍ରାମ୍ୟ ବାଳିକାର ବ୍ୟର୍ଥ ପ୍ରଣୟକୁ ନେଇ ତାଙ୍କର ଯେଉଁସବୁ ଗଳ୍ପ ଅଛି ତାର ଅଧିକାଂଶ ସେ ଖୁକୁକୁ ନେଇ ରଚନା କରିଛନ୍ତି । 'ଗୃନ୍ଧେର ପାହାଡ଼' ନାମକ ପୁସ୍ତକକୁ ସେ ଖୁକୁକୁ ଉତ୍ସର୍ଗ କରିଛନ୍ତି ।

କଲିକତାରେ ବାସକରୁଥିବା ସମୟରେ ତାଙ୍କର ଅନ୍ୟ ଜଣଙ୍କ ସହିତ ପରିଚୟ ହୁଏ । ସେ ହେଉଛନ୍ତି ସୁପ୍ରଭା ଦତ୍ତ । ସେତେବେଳେ ସେ କଲିକତାରେ ଇଂରାଜୀରେ ଏମ୍. ଏ. ପଢ଼ୁଥାନ୍ତି । ଶିଲଂରେ ତାଙ୍କର ଘର । ରହୁଥାନ୍ତି ଶ୍ୟାମବଜାର ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲରେ । ହସ୍ତଲେଖା ଖଣ୍ଡିଏ କାଗଜ ସୂତ୍ରରେ ତାଙ୍କର ବିଭୂତି ଭୂଷଣଙ୍କ ସଙ୍ଗେ ପ୍ରଥମେ ସାକ୍ଷାତ ହୁଏ । ପରେ ଯେତେବେଳେ ସୁପ୍ରଭା ଶିଲଂର 'ଲେଡ଼ିକିନ କଲେଜ'ର ଅଧ୍ୟାପିକା ହୋଇଯାଆନ୍ତି, ସେତେବେଳ ପର୍ଯ୍ୟନ୍ତ ବି ତାଙ୍କର ସଂପର୍କ ଅକ୍ଷୁର୍ଣ୍ଣଥିଲା । ବିଭୂତି ଭୂଷଣ ଏକାଧିକବାର ତାଙ୍କ ଘରକୁ ଯାଇଛନ୍ତି । ତେବେ ଯେକୌଣସି କାରଣରୁ ହେଉ ସେ ଖୁକୁ ବା ସୁପ୍ରଭା କାହାକୁ ହେଲେ ବିବାହ କରିପାରି ନାହାଁନ୍ତି । ସଗୋତ୍ର କିମ୍ବା ଆତ୍ମୀୟ ବୋଲି ବୋଧହୁଏ ହୋଇନି । ଅଥବା ଅସବର୍ଣ୍ଣ କିମ୍ବା କମ୍ ରୋଜଗାର ଥିଲା ବୋଲି ବୋଧହୁଏ ତାହା ସମ୍ଭବ ହୋଇନି । ତେବେ ବିଭୂତି ଭୂଷଣ ଜୀବନରେ ଖୁକୁ କିମ୍ବା ସୁପ୍ରଭା କାହାକୁ ହେଲେ ଭୁଲିନାହାଁନ୍ତି ।

ମାତ୍ର ୨୪ ବର୍ଷ ବୟସରେ ବିଭୂତିଭୂଷଣଙ୍କ ବିବାହିତ ଜୀବନ ଶେଷ ହୋଇଯାଏ । ୧୯୪୦ ମସିହାରେ ଅର୍ଥାତ୍ ୪୬ ବର୍ଷ ବୟସରେ ସେ ଦ୍ୱିତୀୟ ବିବାହ କରନ୍ତି । ଏତେ ଦୀର୍ଘ ସମୟ ଭିତରେ ତାଙ୍କ ଜୀବନ ପରିଧି ଭିତରକୁ ଯେ କୌଣସି ନାରୀ ଆସି ନଥିବେ ଏହା କ'ଣ ସ୍ୱାଭାବିକ କଥା ? ଖୁକୁ, ସୁପ୍ରଭା ବା ଆଉ କେହି ତାଙ୍କ ଜୀବନରେ ଆସିପାରିଥାଆନ୍ତି, ହେଲେ କୌଣସି ଏକ କାରଣରୁ ସେ ଏମାନଙ୍କ ମଧ୍ୟରୁ

କାହାକୁ ନିଜ ଜୀବନ ସଙ୍ଗିନୀ କରିପାରି ନାହାଁନ୍ତି । ଅନ୍ୟ ଜଣଙ୍କୁ କରିଛନ୍ତି । କିନ୍ତୁ ଏହି ଯେଉଁ କରିପାରି ନାହାଁନ୍ତି ଏଥିରେ କ'ଣ ଜଣେ ଶିଳ୍ପୀ ପର୍ଯ୍ୟାପ୍ତ ଭାବେ ନିଂଶେଷିତ । ତାର ସଂସାର କ'ଣ ଆହୁରି ବିପୁଳ ଆନନ୍ଦ, ବୃହତ୍ତ ପାରିବାରିକତାର ସଂସାର ନୁହେଁ । ଜଣେ ଶିଳ୍ପୀର ଜୀବନରେ କ'ଣ ଜଣେ ବ୍ୟକ୍ତିଗତ ମନୁଷ୍ୟ ବା ମାନବୀ ଶେଷ ପର୍ଯ୍ୟନ୍ତ ରହେ ? ନା ରହେ ତାର ଅଭିଜ୍ଞତାଲବ୍‌ଧ ଜ୍ଞାନ ଓ ସର୍ବବ୍ୟାପୀ ଅନୁଭୂତି ?

ଗୌରୀ ସହିତ ବିଭୂତି ଭୂଷଣଙ୍କ ଦାମ୍ପତ୍ୟ ଜୀବନ ଝୁବ୍ ସ୍ୱଳ୍ପ ସମୟ ହେଲେ ମଧ୍ୟ ସେ ଗୌରୀର ସୁରଭିକୁ ଭୁଲିନାହାଁନ୍ତି । (କିଏ ନ ଜାଣେ 'ଅପରାଜିତ'ରେ ଅପର୍ଣ୍ଣାର ଛାୟାମୂର୍ତ୍ତି ଗୌରୀ) ଠିକ୍ ସେହିପରି ବି ଭୁଲି ନାହାଁନ୍ତି ଖୁକୁ ଓ ସୁପ୍ରଭାକୁ । ଅନେକଥର ଲେଖିଛନ୍ତି—'ଖୁକୁର କଥା...ଯେତେ ମନେହୁଏ ସେତେ ଆନନ୍ଦ ପାଏ । ...ଏହି ତୋଫା ଜହ୍ନ ଆଲୁଅରେ ସମଗ୍ର ବିଶ୍ୱର କେନ୍ଦ୍ରସ୍ଥଳୀରେ ଯେଉଁ ପ୍ରୀତି ଓ ଭଲପାଇବା ଉଚ୍ଚାରିତ ହେଉଛି, ପବିତ୍ର ପ୍ରାଣର ଅବଲମ୍ବନରେ ତାହା ଆମେ ସମସ୍ତେ କିଛି କିଛି ପରିମାଣରେ ଅନୁଭବ କରିପାରିବା ।'

'ସୁପ୍ରଭାର ଦୁଃଖ କିଏ ଦୂର କରିବ ? ତାର ମନତ ସାଧାରଣ ନାରୀର ମନ ନୁହେଁ—ସେ ଯେ ଚିରଦିନ କାନ୍ଦିବ, ତାର କି ଉପାୟ କରିବ ? ତାପାଇଁ ଏହି କେତେ ଦିନ ହେଲା ମନ ବ୍ୟାକୁଳ ହେଉଛି । ନିର୍ଜନରେ ବସିଲେ ତାର ଭାବନାରେ ବୁଡ଼ି ରହୁଛି ।'

କଲିକତାରେ ଗୃହାରିରେ ଥିବାବେଳେ ଆଉ ଗୋଟିଏ ଝିଅ ସଙ୍ଗେ ତାଙ୍କର ପରିଚୟ ହୋଇଥିଲା । ତାର ନାମ କଲ୍ୟାଣୀ (ରମା) । ଷୋଡ଼ଶୀକାନ୍ତ ଚଟ୍ଟୋପାଧ୍ୟାୟଙ୍କ ଝିଅ । ପ୍ରକୃତରେ ତାଙ୍କର ପରିଚୟ ହୋଇଥିଲା ବନଗାଁରେ । କଲ୍ୟାଣୀର ବାପା ଷୋଡ଼ଶୀକାନ୍ତ ଅବକାରି ବିଭାଗର ଇନ୍‌ସପେକ୍ଟର ଥିଲେ । ବଦଳି ହୋଇ ବନଗାଁରେ ଅବସ୍ଥାନ କରୁଥିଲେ । ସେତେବେଳେ ବିଭୂତି ଭୂଷଣ ବନଗାଁରେ ଥାଆନ୍ତି । ବିଭୂତି ଭୂଷଣଙ୍କ ଭଣୋଇ ଜ୍ଞାନ ଚଟ୍ଟୋପାଧ୍ୟାୟ ମୃତ୍ୟୁବରଣ କରିବାରୁ ସେ ତାଙ୍କ ଭଉଣୀ ଓ ପିଲାମାନଙ୍କୁ ନେଇ ବନଗାଁ ଆସିଥିଲେ । ସେଠାରେ ଇଚ୍ଛାମତୀରେ ସ୍ନାନ କରିବାକୁ ଯାଇ ଜାହ୍ନବୀ ମୃତ୍ୟୁବରଣ କଲେ ।

କଲ୍ୟାଣୀ ଦେବୀ ସେତେବେଳେ ଜାଣିନ୍ତି ନାହିଁ ଯେ 'ପଥେର ପାଞ୍ଚାଲି'ର ଏତେ ବଡ଼ ଲେଖକ ଏହି ବନଗାଁରେ ଅଛନ୍ତି । ଦିନେ ଖରାବେଳେ ସେ ତାଙ୍କ ବଡ଼ ଭଉଣୀ ବେଲୁକୁ ନେଇ ଅଟୋଗ୍ରାଫ୍ ପାଇଁ ବିଭୂତି ଭୂଷଣଙ୍କ ପାଖକୁ ଯାଇଥିଲେ । ଜାହ୍ନବୀଙ୍କ ଅକାଳ ମୃତ୍ୟୁ ଯୋଗୁଁ ପରିବାରରେ ସେତେବେଳେ ଦୁଃଖର ଛାୟା

ଖେଳଯାଇଥାଏ । ତେବେ ବି ବିଭୂତି ଭୂଷଣ ତାଙ୍କ ଅଟୋଗ୍ରାଫ୍ ଖାତାରେ ଦସ୍ତଖତ କରି ଲେଖିଦେଇଥିଲେ—'ଗତି ହେଉଛି ଜୀବନ, ଗତିର ଦୈନ୍ୟ ହିଁ ମୃତ୍ୟୁ ।'

ପରେ ପରେ ଏହି ଝିଅଟି ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ସ୍ଥାପନ ହୋଇଥିଲା ଏବଂ ତାଙ୍କୁ ହିଁ ବିଭୂତିଭୂଷଣ ୧୩୪୭ ସାଲ ମାର୍ଗଶିର ୧୭ରେ ବିବାହ କରିଥିଲେ । ବିବାହ ସମ୍ପର୍କରେ ସେ ଲେଖିଥିଲେ—'ବିବାହଦିନ ଯେତେ ପାଖେଇ ଆସୁଛି ମୋର ସେତେ ଭୟ ହେଉଛି । ମୁଁ ରହିଲି କଲିକତାରେ । ନଟୁ ରହିଲା ଘାଟଶିଲାରେ । କାମଦାମର କିଛି ଠିକ୍ ହେଲାନି ଏ ପର୍ଯ୍ୟନ୍ତ । ବିଭାଘରର ଅନେକ କିଛି ଅନୁଷ୍ଠାନ ବାକିଅଛି । ପିଢ଼ା ଚିତ୍ର ହେବ । ଶ୍ରୀଗଡ଼ା ଡାଲି କିଏ ସଜେଇବ ? ଏସବୁ କିଛି ମୁଁ ବୁଝିପାରୁନି । କାହ୍ନୁଙ୍କୁ କହିଦେଇଛି ବିଭୂତି ମୁଖାର୍ଜୀଙ୍କୁ କହି ଏସବୁ କାର୍ଯ୍ୟକ୍ରମର ବ୍ୟବସ୍ଥା ଠିକ୍ କରିବ । ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୁଏ ତୁମ ସହିତ ପ୍ରଥମ ଦିନର ପରିଚୟଠାରୁ—ଆଜିଯାଏ ଭାବିବାବେଳକୁ । ଏବେ ମନେହେଉଛି ସତେ ଯେପରି ମୋର ଅନେକ ଜନ୍ମର ବନ୍ଧନ ଥିଲା ତୁମ ସାଙ୍ଗରେ ନହେଲେ ଏମିତି କାହିଁକି ହେଲା ? କଲ୍ୟାଣୀ ! ତୁମେ ମୋର ଅନେକ ଦିନର ପରିଚିତା । ଏଥରକି ଏତେ ଡେରିରେ ଦେଖାହେଲା କାହିଁକି ଜାଣିପାରୁନି । ଆହୁରି ଆଗରୁ ଦେଖା ହୋଇଥିଲେ ଭଲ ହୋଇଥାନ୍ତା । ମୁଁ ଏକଥା ବିଶ୍ୱାସ କରେ ଯେ ମନୁଷ୍ୟର ଆୟୁଷଦ୍ୱାରା ତାର ବୃହତ୍ତର ଜୀବନକୁ ମପାଯାଏନା । ଇଏ ହେଉଛି ବିରାଟ ବୃତ୍ତ । ହଜାର ହଜାର ବର୍ଷ ହେଉଛି ଏହାର ପରିଧି । ତୁମେ ନାହଁ ମୁଁ ନାହିଁ । ଅଛି କେବଳ ତୁମର ଆତ୍ମା, ମୋର ଆତ୍ମା, ଲକ୍ଷେ ବର୍ଷ ଓ ତାଙ୍କ ସ୍ଥିତିକାଳ । ସେ ବିରାଟ ଦୃଶ୍ୟ ଦେଇ ଯିଏ ଜୀବନକୁ ଦେଖିଛି, ସିଏ ଜୀବନକୁ ସତରେ ଚିହ୍ନିଛି । ମୁଁ ତୁମ ସହିତ ହୃଦୟହୀନ ବ୍ୟବହାର କରିବି କାହିଁକି ? ତାହା କ'ଣ କେବେ କେହି କରେ, ମୁଁ ତୁମକୁ ଭଲ ପାଇବି ଯେମିତି ଭଲ ପାଏ । ସ୍ନେହ କରିବି ଯେମିତି କରେ । ଏଥିରୁ ଏକତିଲ ଭଲ ପାଇବା କମିବ ନାହିଁ; ବରଂ ବଢ଼ିବ । ତୁମେ ମୋତେ ଭଲପାଇ ମୋ ଘରକୁ ଆସିବାକୁ ଚାହିଁଛ 'ତୁମର କେତେ ଭଲ ଭଲ ପାତ୍ର ସଙ୍ଗେ ଯୋଗାଯୋଗ ହୋଇପାରିଥାନ୍ତା, କିନ୍ତୁ ତାହା ତୁମେ ଯେତେବେଳେ ନାପସନ୍ଦ କରି ଫେରେଇ ଦେଇଛ ସେତେବେଳେ ତୁମର ଭଲ ପାଇବାକୁ ମୋତେ ସମ୍ମାନ ଦେବାକୁ ହେବ । ତୁମକୁ ଭଲପାଏ ଓ ସ୍ନେହ କରେ ବୋଲି ବିବାହ କରିବାକୁ ମତ ଦେଇଥିଲି ନହେଲେ କେହି କ'ଣ ମୋତେ ବିବାହ ବନ୍ଧନ ଭିତରକୁ ଟାଣିଆଣି ପାରିଥାନ୍ତେ ? ଆଶୀର୍ବାଦକରେ ତୁମେ ଭଲପାଇ ତୃପ୍ତି ପାଅ, ଜୀବନରେ ସୁଖୀ ହୁଅ । ମୋର ତୁମ ଭକ୍ତି ଦରକାର ନାହିଁ । ତୁମେ ଭଲ ପାଅ ସେତିକରେ ମୋର ଆନନ୍ଦ । ଶ୍ରଦ୍ଧା ଭକ୍ତି ସେସବୁ ଦେବତାଙ୍କର ପ୍ରାପ୍ୟ । ମନୁଷ୍ୟ କ'ଣ ପାଏ ! ମଣିଷର କେତେ ତ୍ରୁଟି ବିଚ୍ୟୁତି କେତେ ଭୁଲ୍ । ସେ କ'ଣ ଭକ୍ତିର ପାତ୍ର । ତା ହୁଏନା । ହଁ ତେବେ ଭଲପାଇବା ଅନ୍ୟ ଜିନିଷ । ଯିଏ ଯାହାକୁ

ଭଲପାଏ ତାର ଶତ ଦୋଷତ୍ରୁଟି ସତ୍ତ୍ୱେ ବି ତାର ଭଲପାଇବା କମେ ନାହିଁ ବରଂ ବଢ଼େ । ଏଇଥିପାଇଁ ଭଲପାଇବାଟାକୁ ବଡ଼ କୁହାଯାଏ—Love is God. ମନୁଷ୍ୟର ଯେଉଁ ହୃଦୟରେ ବନ୍ଧୁତ୍ୱ, କ୍ଷମା, କରୁଣା ଓ ସ୍ନେହର ସିଂହାସନ ସେହିଠାରେ ଭଗବାନଙ୍କର ସିଂହାସନ । ସୁତରାଂ ତୁମେ ନିଃସନ୍ଦେହ ରହିପାର ଯେ ମୁଁ ତୁମକୁ ଚିରଦିନ ଭଲପାଇବି । ତୁମ ଉପରେ କୌଣସିଦିନ ନିଷ୍ଠୁର ହୋଇପାରିବି ନାହିଁ । ଯେତେଦୂର ମନେଅଛି ଖୁବ୍ ନିଷ୍ଠୁର ବ୍ୟବହାର ଜୀବନରେ କୌଣସିଦିନ କାହାରିସଙ୍ଗେ କରିନି । ତୁମ ଭିତରେ ଯେଉଁ ଗୁଣ ଅଛି ତାହାକୁ ପରିସ୍ଫୁଟ କରିବା ମୋର କାର୍ଯ୍ୟ । କଲ୍ୟାଣୀ ! ମୁଁ ଜାଣେ ତୁମେ କ୍ଲିଓପେଟ୍ରା ବା ନୁରଜାହାନ ନୁହଁ । କିନ୍ତୁ ବାହାରରୂପ କେତେଦିନ ? ଅନ୍ତରର ରୂପ ଚିରଦିନ । ତୁମଭିତରେ ଯଦି ମୁଁ ତାହା ପ୍ରତ୍ୟକ୍ଷ କରିନଥାନ୍ତି ତେବେ କ'ଣ ତୁମ ସଙ୍ଗେ ଏତେ ମିଶିଥାନ୍ତି···। ପୁଣି ତୁମେ ୪।୬ଟା ଗୀତବି ଅଭ୍ୟାସ କରି ରଖ । ଗୀତର କଥା ଓ ସୁର ଶୁଦ୍ଧକରିରଖ । ମାମୁଁ ଘରେ ବା ଅନ୍ୟତ୍ର ତୁମର ଗୀତ ଶୁଣିବାକୁ ଚାହିଁବେ । ହାରମୋନିୟମ ସଙ୍ଗେ ସେଟ୍‌କରି ରଖିପାରିଲେ ଆହୁରି ଭଲ । କାହା ଉପରେ ନିର୍ଭର ନକରି ଯେମିତି ଗାଇପାରିବ ସେଥିପାଇଁ ଜାଣିବା ଦରକାର । ଏକଥା ଅତି ଜରୁରି । ମନେରଖିବ ।"

ବିବାହ ପରେ ବିଭୂତି ଭୂଷଣ ଆହୁରି ପ୍ରାୟ ଏକବର୍ଷ କଲିକତାରେ ଥିଲେ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ । କଲିକତାରେ ବୋମା ପଡ଼ିବାର ସମ୍ଭାବନା । ସ୍କୁଲ ପ୍ରାୟ ବନ୍ଦ । ସମସ୍ତେ ଚାଲିଯାଉଛନ୍ତି । ବିଭୂତି ଭୂଷଣ ୧୯୪୧ ମସିହା ଡିସେମ୍ବର ମାସରେ ପଦତ୍ୟାଗ ପତ୍ରଦେଇ ବାରାକ୍‌ପୁର ଚାଲିଆସିଲେ । କିଛିମାସ ପରେ ବାରାକ୍‌ପୁର ନିକଟସ୍ଥ ଗୋପାଳନଗର ଗାଁରେ ଶିକ୍ଷକତା କଲେ । ଶେଷଦିନ ପର୍ଯ୍ୟନ୍ତ ସେ ଏହିଠାରେ ଶିକ୍ଷକତା କରିଥିଲେ । ତେବେ ସେ ବର୍ଷସାରା ଯେ ବାରାକ୍‌ପୁରରେ ରହୁଥିଲେ ତା ନୁହେଁ, ଛ'ମାସ ବାରାକ୍‌ପୁରରେ ତ ଛ'ମାସ ଘାଟଶିଲାରେ ।

ଶୈଶବପରେ ଏହିପରି ଏକାଥରେ ଦୀର୍ଘସମୟ ସେ ବାରାକ୍‌ପୁରରେ ଆଉ ରହିନାହାଁନ୍ତି । ଋତୁପରେ ଋତୁ ଆସେ । ପୃଥିବୀର ରୂପ ବଦଳେ । ପ୍ରକୃତିର ଏହି ଦୃଶ୍ୟରାଜିରେ ମୁଗ୍ଧ ହୁଅନ୍ତି ବିଭୂତି ଭୂଷଣ । ତାପରେ ସକାଳୁଆ ସ୍କୁଲ । ବାରାକ୍‌ପୁରରୁ ଗୋପାଳନଗର । ପ୍ରତ୍ୟୁଷରୁ ପ୍ରକୃତି ଭିତରେ ସେ ଚାଲିଚାଲି ଯାଆନ୍ତି । ଫେରିଆସି ଇଚ୍ଛାମତୀରେ ସ୍ନାନକରନ୍ତି । ଆତ୍ମହରା ହୁଅନ୍ତି । ଗ୍ରୀଷ୍ମଯାଇ ବର୍ଷା ଆସେ । ପୃଥିବୀ ପୃଷ୍ଠରେ ସବୁଜିମା ନେସି ହୋଇଯାଏ । ପ୍ରଭାତରେ ସ୍ୱର୍ଣ୍ଣାଭ ସୂର୍ଯ୍ୟକିରଣ ବିଛିହୋଇପଡ଼େ । ଅୟସ୍କାନ୍ତମଣିପରି ନୀଳାକାଶତଳେ ପେନ୍ଥାପେନ୍ଥା ଶୁଭ୍ରତେଲକୁଚ ଫୁଲ । ବିଭୂତି ଭୂଷଣ ଡାଏରୀରେ ଲେଖିଛନ୍ତି—'ବାରାକ୍‌ପୁରରେ ବର୍ଷାଦିନ ବିତାଇବାର ସୌଭାଗ୍ୟ ଏହି ସୁଦୀର୍ଘ ସମୟ ମଧ୍ୟରେ କେତେବେଳେ ହେଲେ

ହୋଇନ । ଅନେକଦିନ ପରେ ଆକାଙ୍କ୍ଷିତ ବାରାକ୍‌ପୁରର ଜୀବନ ପୁଣି ମୁଁ ଫେରିପାଇଛି । ଏଠାରେ ସଂସାର କରୁଛି ବହୁଦିନପରେ । ନୂଆ ସଂସାର, ନୂଆ ଘରକରଣା । ଏହା ଚାହିଁଥିଲି ଅନେକଦିନ ଆଗରୁ । ବର୍ତ୍ତମାନ ମୁଁ ଜୀବନ ଦର୍ଶକ କେବଳ ନୁହେଁ, ଜଣେ ଅଭିନେତା ମଧ୍ୟ ।'

ଏହିପରି ବିଭୂତିଭୂଷଣଙ୍କ ଜୀବନରେ ମଣିଷ ଓ ପ୍ରକୃତି ଏକାନ୍ତଭାବେ ଏକାକାର । ତାଙ୍କ ଜୀବନର ଉତ୍ତର ପର୍ବରେ ପ୍ରକୃତି ସହିତ ସେ ଯେତେ ଅନ୍ତରଙ୍ଗ ହୋଇଛନ୍ତି, ସେତେ ଅଧିକ ପରିମାଣରେ ସେ ଶାନ୍ତ, ପରିଣତ ଓ ଆଧ୍ୟାତ୍ମିକ ହୋଇଉଠିଛନ୍ତି । ମଣିଷକୁ ନେଇ ତାଙ୍କର ସେହି ଗୋଟିଏ କଥା, ଗୋଟିଏ ଚିନ୍ତା ।

ଇଚ୍ଛାମତୀ ତାଙ୍କର ସେହି ଅନନ୍ତର ବାର୍ତ୍ତାବହ ବିଭୂତି ଭୂଷଣଙ୍କ ସାହିତ୍ୟରେ ମୂଳରୁ ଶେଷପର୍ଯ୍ୟନ୍ତ ଏହି ଅନନ୍ତର ଗତାଗତ । ତେବେ ବି ତାଙ୍କର ଶେଷପର୍ବର ଲେଖାରେ ସେ ଯେପରି ବଡ଼ ସସ୍ନେହ ଅଭିଭାବକ ମହାଶିଳ୍ପୀ । ସେ ଡାଏରୀରେ ଲେଖିଛନ୍ତି—'ଫେନିଲ ଜ୍ୟୋତ୍ସ୍ନା ନଦୀ ଜଳରେ ଲହଡ଼ି ଭାଙ୍ଗୁଛି—କି ଅପୂର୍ବ ସେ ଶୋଭା ! ଭଗବାନ୍‌ଙ୍କୁ ଡାକି କହିଲି—ମୁଁ ତୁମର ନିତ୍ୟସଙ୍ଗୀ ହୋଇ ରହିବାକୁ ଚାହେଁ । ହେ ପ୍ରଭୁ ! ମୋତେ ତୁମେ ତୁମର କ୍ରୀଡ଼ାସଙ୍ଗୀ କରିରଖ ଯୁଗେ ଯୁଗେ—ଏହି ସନ୍ଧ୍ୟାତାରାର ରହସ୍ୟ ମଧ୍ୟରେ, ବନପୁଷ୍ପର ସୁବାସ ଓ ବିହଙ୍ଗର କାକଳି ମଧ୍ୟରେ । ତୁମେ ନିଜ ଇଚ୍ଛାରେ ବିଶ୍ୱରୂପକ ଉପବନରେ ନବୀନ କିଶୋର ସାଜି ବନଫୁଲମାଳା ଗଳାରେ ଲମ୍ବାଇ ଉଦାସୀ ହୋଇ ଭ୍ରମଣକର—ତୁମକୁ ପଚାରୁଛିବା କିଏ ? କେହି ନୁହେଁ । ସମସ୍ତେ ଧନ, ଜନ, ମାନ, ଯଶ ନେଇ ବ୍ୟସ୍ତ । କିଏ ଦେଖୁଛି ଏହି ଜ୍ୟୋତ୍ସ୍ନାମୟୀ ରାତ୍ରିର ମନମତାଣିଆ ଶୋଭା ? ହେ ପ୍ରଭୁ ! ମୋତେ ଦେଖିବାର ଚକ୍ଷୁଦିଅ ଜନ୍ମେ ଜନ୍ମେ । ବାରମ୍ବାର ମୋର ଯିବା ଆସିବାରେ କିଛି ଆପତ୍ତି ନାହିଁ । ତୁମେ ମହାଶିଳ୍ପୀ ! ଏହି ଚକ୍ଷୁନେଇ ମୁଁ ବାରମ୍ବାର ତୁମର ଏହି ଲୀଳା ସନ୍ଦର୍ଶନ କରେ ।'

ବାରାକ୍‌ପୁରରେ ଅବସ୍ଥାନ କରୁଥିବା ସମୟରେ ବିଭୂତି ଭୂଷଣ ଶେଷପର୍ବରେ ଅନେକଗୁଡ଼ିଏ ଉପନ୍ୟାସ ରଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଅନୁବର୍ତ୍ତନ, ଦେବଯାନ, ଇଚ୍ଛାମତୀ ଆଦି ପ୍ରଧାନ । ପ୍ରଥମ ଲେଖାରୁ ସେ ସାହିତ୍ୟିକ ଖ୍ୟାତିଲାଭ କରିଆସିଛନ୍ତି । 'ପଥେର ପାଞ୍ଚାଲି'କୁ ନେଇ ବିଭିନ୍ନ ଆଲୋଚନା ସେତେବେଳେ 'ପରିଚୟ' ଓ 'ବିଚିତ୍ରା' ପରି କାଗଜରେ ହୋଇଛି । ଏଡ଼ୱାର୍ଡ଼ ଟମ୍‌ସନ ଆଲ୍‌ବର୍ଟ ହଲ୍‌ରେ 'ପଥେର ପାଞ୍ଚାଲି'କୁ ନେଇ ଆଲୋଚନା କରି କହିଥିଲେ—"The world outside should know that there had appeared

such a book as 'Pather Panchali' during the year." ଆହୁରି ମଧ୍ୟ କହିଥିଲେ, "Creation of such a thing as Nobel Prize to be awarded to the best imaginative writer of the year which would attract the attention of the world to the outstanding features in Indian Literature."

୧୯୩୨ ମସିହାରେ ଗୁଜବ ରଟନା ହୋଇଥିଲା ଯେ—ବିଭୂତି ଭୂଷଣ ନୋବେଲ ପୁରସ୍କାର ପାଉଛନ୍ତି । ତେବେ ତାହାଥିଲା ନିହାତି ଗୁଜବ, କାରଣ ସେତେବେଳେ 'ପଥେର ପାଞ୍ଚାଳି'ର ଅନୁବାଦ ହୋଇନି । ଅବଶ୍ୟ ଅଲ୍ପଦିନପୂର୍ବରୁ କଥା ହୋଇଥିଲା ଯେ ସୁମିତ ବାବୁ 'ପଥେର ପାଞ୍ଚାଳି'କୁ ଇଂରାଜୀରେ ଓ ପ୍ରମଥ ଚୌଧୁରୀ ଇଟାଲିୟାନରେ ଅନୁବାଦ କରିବେ ।

'ପଥେର ପାଞ୍ଚାଳି'ର ପ୍ରଶଂସା କେବଳ ଆମ ଦେଶରେ ନୁହେଁ ବିଭୂତି ଭୂଷଣଙ୍କ ଜୀବନକାଳରେ ବିଦେଶରେ ମଧ୍ୟ ହୋଇଥିଲା । ଲଣ୍ଡନର School of Oriental and African studies ଉଦ୍ୟୋଗରେ ୧୯୪୩ ମସିହା ଜୁଲାଇ ମାସରେ ଗୋଟିଏ ଆଲୋଚନା ସଭା ଆୟୋଜିତ ହୋଇଥିଲା । ଶିଶିରକୁମାର ମୁଖୋପାଧ୍ୟାୟ ବକ୍ତା ଥିଲେ । ସଭାପତି ଥିଲେ ଟମ୍ସନ୍ । ଶିଶିରକୁମାର କହିଥିଲେ— "The most interesting and perhaps the most original work of this period has been done by Bibhuti Bhusana Bandopadhaya after the main body of Tagore's poetry, this is the most significant achievement in Bengali literature." ଆହୁରି ମଧ୍ୟ ଲେଖିଛନ୍ତି—"The other interesting feature of the Wayfarer's song is that Bibhuti Bhusan has found words to describe the most subtle shades of feeling, the most rare and yet perfectly natural sensations, how little Apu wakes up in the middle of night in the thatched hut in darkness finds his mother fast asleep and heard the pattering of rain on all sides, and what a strange effect the confusion of the sound of wind and rain, the surrounding darkness, the touch of his sleeping mother

had on his mind and how he remembers it afterwards Readers of A la Recherche du Temps Pendu will remember how the very taste of a cup of tea evoked a train of association in the mind of Proust's hero till a long vista of his past life flashed before his eyes as if in a mirror. In Bengali literature Bibhuti Bhusan is without a rival in the expression of the significant moments."

ବିଭୂତି ଭୂଷଣ ତାଙ୍କ ଉତ୍ତର ଜୀବନରେ ଯଥେଷ୍ଟ ସମ୍ମାନଲାଭ କରିଛନ୍ତି । ୧୯୪୩ ମସିହାରେ କୁଚବିହାରରେ ଅନୁଷ୍ଠିତ ବଙ୍ଗ ସାହିତ୍ୟ ସମ୍ମିଳନୀର ସେ ସଭାପତି ହୋଇଥିଲେ । ୧୯୪୪ ମସିହାରେ ମିରଟରେ ଅନୁଷ୍ଠିତ ବଙ୍ଗସାହିତ୍ୟ ସମ୍ମିଳନୀର କଥା ସାହିତ୍ୟ ଶାଖାର ସେ ପୌରହିତ୍ୟ କରିଥିଲେ । ଏତଦ୍‌ବ୍ୟତୀତ ମେଦିନୀପୁର ବର୍ଗୀୟ ସାହିତ୍ୟ ପରିଷଦ, କୃଷ୍ଣନଗର ବଙ୍ଗସାହିତ୍ୟ ସମ୍ମିଳନୀ ପ୍ରଭୃତି ବହୁସ୍ଥାନକୁ ସେ ସମ୍ମାନିତ ଅତିଥି ହିସାବରେ ନିମନ୍ତ୍ରିତ ହୋଇଥିଲେ । ୧୯୪୫ ସାଲରେ ହାଓଡ଼ା ଟାଉନ୍‌ହଲରେ ତାଙ୍କୁ ସମ୍ବର୍ଦ୍ଧନା ଦିଆହୋଇଥିଲା । ରବୀନ୍ଦ୍ରନାଥ ଆଶୀର୍ବାଦବାଣୀ ପ୍ରେରଣ କରିଥିଲେ । ବଙ୍ଗଳା ସାହିତ୍ୟରେ ଦ୍ୱିତୀୟ ରବୀନ୍ଦ୍ରପୁରସ୍କାରର ଅଧିକାରୀ ସେ ଥିଲେ । ଅବଶ୍ୟ ତାହା ତାଙ୍କର ମୃତ୍ୟୁପରେ ୧୯୫୧ ମସିହାରେ ଦିଆଯାଇଥିଲା ।

ଘାଟଶିଳାରେ ଅବସ୍ଥାନ କରୁଥିବା ସମୟରେ ବିଭୂତି ଭୂଷଣଙ୍କର ଜେ.ଏନ୍. ସିହ୍ନାଙ୍କ ସହିତ ପରିଚୟ ହୋଇଥିଲା । ଭଦ୍ରଲୋକ ସେହି ଅଞ୍ଚଳର ଫରେଷ୍ଟ ଅଫିସର ଥିଲେ । ବିଭୂତି ଭୂଷଣ ଯେପରି ପ୍ରେମିକ ସେହିପରି ଅରଣ୍ୟପାଗଳ । ବିଭୂତି ଭୂଷଣଙ୍କୁ ଏହି ଭଦ୍ରବ୍ୟକ୍ତିଜଣକ ଏପରି ଭଲ ପାଉଥିଲେ ଯେ ସେଠାରେ ନ ରହିଲେ ସେ ଲେଖୁଥିଲେ ଆପଣ ନଥିଲେ ଘାଟଶିଳା ଗୋଟିଏ ମରୁଭୂମି (desert) ଶିଘ୍ର ଚଲି-ଆସନ୍ତୁ । ଏହି ଭଦ୍ରଲୋକଙ୍କ ସହାୟତାରେ ବିଭୂତି ଭୂଷଣ ସାରଣ୍ଡାର ବଣଜଙ୍ଗଲ ଦେଖିଥିଲେ । ଅନେକ ଥର ତାଙ୍କ ସାଥିରେ ଯାଇଛନ୍ତି, କେତେବେଳେ ଦୁଇହଜାର ଫୁଟ ପାହାଡ଼ଚୂଡ଼ାର କାମିୟାବୁରୁ ରିଜର୍ଭ ଫରେଷ୍ଟ, କେତେବେଳେ ଥଲକୋବାଦ, ଗୁୟାକୁମଡ଼, ଶଶାଂଦାବୁରୁ, ତିରିଲପୋସି, କୋଇନା ଏବଂ କୋଏଲ୍ ନଦୀର ସଙ୍ଗମ ସ୍ଥଳର ସେହି ନୃସିଂହ ଦାସର ମଧୁର ଆଶ୍ରମ । ଯାହାକୁ ଦେଖି ତାଙ୍କ ମନରେ 'କୁଶଲ ପାହାଡ଼'ର ଜନ୍ମ । ଜଣେ ବନ୍ଧୁଙ୍କୁ ଏକ ଚିଠିରେ ଲେଖିଥିଲେ—"I am most happy when I am in a lonely Primeval forest."

ସେହି ବଣ ଜଙ୍ଗଲ । ପାଦେ ପାଦେ ପଛକୁ ଫେରିଯାଇଛନ୍ତି ସେ ମହାକାଳର ପାଦଚିହ୍ନ ଖୋଜିବାକୁ । ଏହି ପାର୍ବତ୍ୟ ନଦୀ । ପଥରକୁ କାଟି କାଟି ଯେଉଁ ଗମ୍ଭୀର

ନାଲା ସୃଷ୍ଟି କରିଛି । ମହେଞ୍ଜୋଦାରୋ ହରପ୍ପାର ନରନାରୀ ଯେଉଁଦିନ ଏହି ନଦୀରେ ପ୍ରସାଧାନ କରୁଥିଲେ, ସେହିଦିନଠାରୁ ତାର ଅର୍କେକ ଆଉ କଣ୍ଟାହୋଇନି । ଏହିସବୁ ସ୍ଥାନରେ ଛୁଡ଼ାହେଲେ ମନେହୁଏ, ବେଦ, ଉପନିଷଦ, ବୁଦ୍ଧ, କପିଳବାସ୍ତୁ—ଏ ସବୁତ ଏଇ କାଲିକାର କଥା । ସେ ମଧ୍ୟ ତାଏରିରେ ଲେଖିଛନ୍ତି—'ମହାକାଳ ଏଠାରେ ସ୍ତବ୍ଧ, ମୌନ, ବନସ୍ପତିପରି ଧ୍ୟାନମଗ୍ନ । ଏହି ଆକାଶ, ଏହି ନିର୍ଜନ ଜ୍ୟୋତ୍ସ୍ନା, ଏହି ନିଶୀଥ, ଏହି ଗଭୀର ଅରଣ୍ୟ ସତେ ଯେପରି କଥା କହୁଛି । ସେ ଶବ୍ଦହୀନବାଣୀ ଏହି ବନ୍ୟ ନଦୀର ଚଞ୍ଚଳଗତିର କଳନାଦରେ ପ୍ରତିକ୍ଷଣରେ ମୁଖରିତ ହୋଇଉଠୁଛି କିମ୍ବା ଗଭୀର ଅରଣ୍ୟର ନିଃଶବ୍ଦତାର ସ୍ୱରରେ ସୁରମିଳାଇ ଅନ୍ତରାତ୍ମାର କାନେ କାନେ ତାର ସଂଗୋପନ ବାଣୀଟି ପହଞ୍ଚାଇ ଦେଉଛି । ନିଃଶବ୍ଦର ସେହି ବାଣୀ ଅମରତାର ବାର୍ତ୍ତା ବହନକରି ଆଣୁ ଛି । ଏହି ଶାନ୍ତ ଅରଣ୍ୟଭୂମିରେ ଭାରତର ପ୍ରକୃତ ରୂପ, ସଭ୍ୟତା ଜନ୍ମ ନେଇଛି । ନଗରୀର କୋଳାହଳଠାରୁ ବହୁଦୂରରେ ସମାହିତ ସ୍ତବ୍ଧତା ମଧ୍ୟରେ ବେଦ, ଆରଣ୍ୟକ, ଉପନିଷଦ ଆଦି ରଚିତ ହୋଇଛି ।' ଆଉ ଟିକିଏ ପରେ ଲେଖିଛନ୍ତି —'ଅସ୍ତଗାମୀ ଲାଲ୍ ସୂର୍ଯ୍ୟକିରଣ ବନାନୀର ଶୀର୍ଷକୁ ରଞ୍ଜିତ କରିଛି । ଏହି ସୁପ୍ରାଚୀନ ପାର୍ବତ୍ୟଗୁହା କେତେ ଲକ୍ଷ କେତେ କୋଟି ସୂର୍ଯ୍ୟାସ୍ତ, ସୂର୍ଯ୍ୟୋଦୟ, କେତେ ଲକ୍ଷ କେତେ କୋଟି ପୂର୍ଣ୍ଣିମା, ଅମାବାସ୍ୟା ଦେଖି ଆସୁଛନ୍ତି । ସେମାନଙ୍କ ଆଗରେ ବେଦ-ଗାଥା ରଚୟିତା ଋଷିଗଣ; ଉପନିଷଦର କବି ଦାର୍ଶନିକଗଣ, ବେଦବ୍ୟାସ, ବାଲ୍ମୀକି, ବୁଦ୍ଧ, କପିଳବାସ୍ତୁ, ଅଶୋକ, କଳିଙ୍ଗଯୁଦ୍ଧ ଏସବୁ ତ କାଲିକାର କଥା ।'

ଜୀବନର ଏହି ଉତ୍ତର ପର୍ବରେ ବିଭୂତି ଭୂଷଣ କେତେ ପରିତୃପ୍ତ ଓ ମରମୀ ହୋଇ ଉଠିଛନ୍ତି ସତେ ! ବିଶେଷ କରି ବାବୁଲ ଜନ୍ମହେବା ପରଠାରୁ । ୧୯୪୧ ମସିହାରେ ବାବୁଲର ଜନ୍ମ । ପୁତ୍ରଲାଭ ପରେ ବିଭୂତି ଭୂଷଣ ଆନନ୍ଦ ବିହ୍ୱଳ ହୋଇ କହିଛନ୍ତି—ଜୀବନରେ ଆଉ କୌଣସି ପାଇବା ତାଙ୍କର ବାକି ନାହିଁ ।

ବାବୁଲ ତାଙ୍କ ସହିତ କେତେଗୁଡ଼ାଏ ଅସ୍ତିତ୍ୱ ଯୋଡ଼ିଥିଲା ସତେ ! ଘାଟଶିଳାରେ ଥିଲାବେଳେ ବାବୁଲକୁ ସାଥିରେ ନେଇ ସୁବର୍ଣ୍ଣରେଖାକୁ ସ୍ନାନ କରିବାକୁ ଯାଉଥିଲେ । କେତେବେଳେ ଘୋଡ଼ା ସାଜୁଥିଲେ ତ କେତେବେଳେ କାନ୍ଧରେ ବସାଇ ମାଇଲ ପରେ ମାଇଲ ପଥ ଅତିକ୍ରମ କରୁଥିଲେ । ନଟୁ ବିହାରୀକୁ ଗୋଟିଏ ଚିଠିରେ ଲେଖିଥିଲେ—କାଲି ନଈ କୂଳରେ ବସି ବାବୁଲ ଗୋଟିଏ ଚମତ୍କାର ବାକ୍ୟ କହିଛି । ' ନମତୋଦେର ଗ୍ରୁପ୍ସା ନଦୀ ଜଲେ ପଡ଼େଛେ'' ଅର୍ଥାତ୍ ନକ୍ଷତ୍ରର ଗ୍ରୁପ୍ସା ନଦୀ ଜଳରେ ପଡ଼ିଛି ।

କେହିକିଛି ଭଲଜିନିଷ ଖାଇବାକୁ ଦେଲେ ବିଭୂତି ଭୂଷଣ ପୁଅ ପାଇଁ ଅଳ୍ପ ଟିକିଏ ପକେଟରେ ପୁରାଇ ନେଇ ଆସୁଥିଲେ । ଏଥିପାଇଁ ବନ୍ଧୁମହଲରେ ତାଙ୍କୁ ଥଟ୍ଟା

ସହ୍ୟ କରିବାକୁ ପଡ଼ୁଥିଲା । ଥରେ ଗୋଟିଏ ନିମନ୍ତ୍ରଣ ଭୋଜିରେ ସମସ୍ତେ ମିଶି ଖାଇବସିଛନ୍ତି । ସ୍ଥାନୀୟ ବ୍ୟକ୍ତିମାନେ ବିଭୂତି ଭୂଷଣଙ୍କ ପତ୍ର ଖାଲିଦେଖି ଆଉ ମିଠା ଦେବାପାଇଁ ଉଦ୍ୟତ ହେବାରୁ ବିଭୂତି ଭୂଷଣ ମନାକଲେ । ତାଙ୍କ ନିକଟରେ କୃଷ୍ଣଦୟାଲ ବସୁ ବସିଥିଲେ । କହିଲେ—ଆରେ ଖାଆନ୍ତୁ ଆଉ ଦୁଇଟା । ଲଜ୍ୟା କାହିଁକି କରୁଛନ୍ତି । କହିଲେ ବାବୁଲ୍ ପାଇଁ ସେମାନେ ଆଉଦୁଇଟା ବାନ୍ଧିଦେବେ ଯେ । ସରଳ ହସରେ ବିଭୂତି ଭୂଷଣଙ୍କ ମୁଖ ଉଜ୍ଜ୍ୱଳ ଉଠିଲା । ସାର୍ଟ ପକେଟରୁ ସନ୍ଦେଶ ଦୁଇଟା ବାହାରକରି କହିଲେ—ଆଗରୁ ରଖିଦେଇଛି ।

କେବଳ ପୁଅ ବୋଲି ନୁହେଁ, ବିଭୂତି ଭୂଷଣଙ୍କର ମନେହୁଏ ଆମ୍ଭେମାନେ ବି ଭଗବାନ୍‌ଙ୍କ ସଂସାରରେ ବାବୁଲ ପରି । ଏକାବେଳକେ ସମାନ ଯେମିତି ଇଚ୍ଛାମତୀର କଥା—'ମୋର ମନ ସଙ୍ଗେ ଏଇ ଶିଶୁର ମନ ସଙ୍ଗେ ସେହି ବିରାଟ ମନର କେଉଁଠି ଯେମିତି ସମ୍ବନ୍ଧଅଛି । ଭଗବାନ୍ ଯେ ଆମକୁ ଖାଲି ସୃଷ୍ଟି କରିଛନ୍ତି କେବଳ ସେତିକି ନୁହେଁ, ମୁଁ ତାଙ୍କର ଆତ୍ମୀୟ । କୋଟି କୋଟି ତାରାର ଆଲୋକରେ ଆଲୋକିତ ସେହି ମୁଖମଣ୍ଡଳ ଆଡ଼କୁ ନିଃସଙ୍କୋଚରେ ଚାହିଁବାର ଅଧିକାର ସତେ ଯେମିତି ମୋର ଅଛି । କାରଣ ସେ ମୋର ପିତା, ହାତଗଢ଼ା କଣ୍ଢେଇ ନୁହେଁ—ତାଙ୍କର ସନ୍ତାନ । ଏହି ପୁଅଟି ତାଙ୍କ ଦୟାର ନିଦର୍ଶନ ।'

ଇଚ୍ଛାମତୀ ପରେ ଅପରାଜିତର ଶେଷପର୍ବ ନେଇ ଏକ ଉପନ୍ୟାସ ଲେଖିବେ ବୋଲି ବିଭୂତି ଭୂଷଣଙ୍କର ପରିକଳ୍ପନା ଥିଲା । ନାମ ମଧ୍ୟ ଠିକ୍ କରିଥିଲେ—'କାଜଲ' । ଭୂମିକାରେ ଲେଖିଲେ—'ଅପରାଜିତ ଲେଖିବାପରେ ଦୀର୍ଘ ୧୯ ବର୍ଷ ବିତିଯାଇଛି । ଅପୁର ପୁଅ କାଜଲର ଇତିହାସ ଆଜି ବି ଲେଖାହୋଇନି । ବର୍ତ୍ତମାନ କାଜଲ୍‌ର ବୟସ ହୋଇଛି । ଲେଖାପଢ଼ା ଶେଷକରି ବୋଧହୁଏ ଚାକିରିର ଚେଷ୍ଟାରେ ଅଛି । ତାର ବାପା ସମୁଦ୍ରପାରର ଦେଶରୁ ଫେରିଆସିଛନ୍ତି ବା ଆଜି ବି ଚାଲି ଯାଇଛନ୍ତି ତାଙ୍କ କାଜଲ୍‌କୁ ରାନୁଦିଦିର ପାଖରେ ଛାଡ଼ି ଦେଇ—ଏମିତି ଅନେକ ପ୍ରଶ୍ନ କର୍ମହୀନ ଜୀବନର ନିରୋଳା ମୁହୂର୍ତ୍ତରେ ମୋ ମନରେ ଉଙ୍କି ମାରେ । ଭାବେ—କାଜଲ୍ କ'ଣ ଅପୁଙ୍କର ଆଖିପାଇ ବଡ଼ ହୋଇଗଲାଣି ? ପକ୍ଷୀଉଡ଼ା ନୀଳଶୂନ୍ୟକୁ ଚାହିଁ ସେ କ'ଣ ଅସୀମର ସ୍ୱପ୍ନ ଦେଖିବାକୁ ଶିଖିଲାଣି ? ବର୍ଷାଋତୁରେ ବଣଲତାର ସବୁଜିମା ଭିତରେ ନାଲି ଟକଟକ ମହାକାଲ ଫଳ ଦେଖି ସେ କ'ଣ ତା ବାପାପରି ଉତ୍ଫୁଲ୍ଲ ହୋଇ ଉଠୁଛି ? ଏସବୁ ପ୍ରଶ୍ନର ଉତ୍ତର ଦେବ କିଏ ? ସେ ଉତ୍ତର ଦେବ—ମୋର ମନ, ମୋର ଗତ ୧୯ ବର୍ଷର ଅଭିଜ୍ଞତା, ମୋର ଯାଜାପୃତର ସମସ୍ତ ସେହି ସ୍ୱପ୍ନଲୋକର ମର୍ମକୋଷ ।

"ବିଜନ ପଥେ କିବା ଗଲେ ମୁଁ ଏକାକୀ
ସାଥୀ କି କେହି ମୋର ନାହିଁ ଗୋ ?
ଅସୀମ ନଦୀସ୍ରୋତେ ଅଜଣା ଦୂରେ କାହିଁ
ଏକାକୀ ଭେଲା ମୋର ବାହି ଗୋ ?
'ଏକାକୀ' କହେ ମୁଖ, 'ନା-ନା-ନା' ମନ କହେ,
ଘେରି ରହିଲେ ମୋତେ ମୋ ଆପଣା ଜନ
ବନସ୍ପତି-ମର୍ମର, ପକ୍ଷୀର କଳଗାନ
କହଇ ମୋତେ 'ଅଛୁ' ଗାହିଗୋ ।
ଯେତେ ବା ନିରଜନେ ରହେ ଗୋ ଏକାକୀ
ସହସ୍ର ସାଥୀ ମୁହିଁ ପାଏଗୋ ।
ସୂର୍ଯ୍ୟରୁ ଧୂଳିକଣା ସଭିଏଁ ଆପଣାର
ଗୋପନେ ଆସେ ବୁକେ ନଇଁଗୋ ।

ତାହାର ଉତ୍ତର ଦେବେ ମୋର କଳ୍ପଲୋକର ଏହିସବୁ ସାଙ୍ଗସାଥୀର ଦଳ । ସେମାନଙ୍କ ମଧ୍ୟରେ ରଜନବର୍ଣ୍ଣର ପୁଅ କାଜଳ ବି ଜଣେ ।'

ମରମୀ ବିଭୂତି ଭୂଷଣଙ୍କର ମନେହୁଏ ବାରାକ୍‌ପୁର ବିଶ୍ୱଦେବତାର ଏକ ଉଦ୍ୟାନ । ତାର ନିବିଡ଼ ବୃକ୍ଷ ଗୁଳ୍ମରେ ସେ ଶୟନ କରିଛନ୍ତି । ନାରୀପରି ସୁକୁମାର କୋମଳ ମୁହଁରେ ଏକ ଅପାର୍ଥିବ ଭାବର ସମ୍ମିଶ୍ରଣ । କଳା କଳା ଭ୍ରୂତଳେ ଦୀର୍ଘ ଚକ୍ଷୁ ଦୁଇଟି ନିମୀଳିତ । ସୁନ୍ଦରୀ ନାରୀପରି ଲାବଣ୍ୟଭରା ମୁଖ । ସେହି ମୁଖ ବ୍ୟତୀତ ସେ ଆଉ କିଛି ଦେଖି ପାରୁନାହାଁନ୍ତି । ତାଙ୍କ ଶଯ୍ୟା ଉପରେ ଝର ଝର ଝରି ପଡ଼ୁଛି ଶେଫାଳି ଫୁଲର ପାଖୁଡ଼ା । ଡାଳରୁ ଡାଳକୁ ପକ୍ଷୀ ଉଡ଼ି ବୁଲୁଛି, ନାଁ ଅଜଣା କେତେକେତେ ବଣଲତା ଗଛର ଡାଳରୁ ଝୁଲି ରହି ଦୋଳାୟିତ ହେଉଛି ତାଙ୍କ ବକ୍ଷ ଓ ମୁଖମଣ୍ଡଳର ଚତୁଃପାର୍ଶ୍ୱରେ । ରଜନୀଗନ୍ଧା ଫୁଲ ଫୁଟିଛି ଟିକିଏ ଦୂରରେ—ଗୋଟିଏ ବୁଦାରେ । ରଙ୍ଗୀନ୍ ପ୍ରଜାପତି ଉଡ଼ିବୁଲୁଛି ସୋଦାଲି ଗଛର ଡାଳରୁ ଡାଳକୁ । ବାରମାସୀ ଚଢ଼େଇଟିଏ ପିଡ଼ିଂ ପିଡ଼ିଂ ରାବଦେଇ ଉଡ଼ିବୁଲୁଛି । କି ସୁନ୍ଦର ସତେ ! ଗୋଧୂଳିର ନାଲିରଙ୍ଗ ମଖା ବନକୁଞ୍ଜ ! କି ସ୍ନିଗ୍ଧ—ଗୁଳ୍ମନିବିଡ଼ ବୀଥିତଳ ! ଏ ସୁନ୍ଦର ଜଗତର ସ୍ରଷ୍ଟା ହେଉଛନ୍ତି ବିଶ୍ୱର ରାଜାଧିରାଜ ପରମ ସୁନ୍ଦର ପରମ ପ୍ରେମୀ ଅଧିଦେବତା । ଏହି ଜଗତର ସେହି ପରମ ରହସ୍ୟମୟ ଦେବତା ଆଜି ଶୟନ କରିଛନ୍ତି ଏହି ଆମ୍ର-କାନନରେ । ଶେଫାଳି ଫୁଲ ଝରି ପଡ଼ୁଛି ତାଙ୍କର ସୁକୁମାର ଲାବଣ୍ୟମୟ ମୁଖ ମଣ୍ଡଳରେ । ସେହି ମୁଖ ଦେଖି ତାଙ୍କୁ ଭଲ ପାଇବାକୁ ଇଚ୍ଛାହୁଏ—ବିଶେଷକରି ଯେତେବେଳେ ମନେହୁଏ ଜଗତର କେତେଜଣ ବା ତାଙ୍କୁ ଜାଣନ୍ତି, ଭଲ ପାଆନ୍ତି ବା

ତାଙ୍କ କଥା ଶୁଣନ୍ତୁ : କଅଁଳ ଛନ ଛନ ଲତା ଝୁଲୁଛି । ଅଦୂରରେ ରଙ୍ଗୀନ ପ୍ରଜାପତି ଉଡ଼ିବୁଲୁଛି ଶେଫାଳି ଫୁଲର ଗଛରୁ ଗଛକୁ । ନୀଳ ରଙ୍ଗର ବଣ ଫୁଲରେ ଭର୍ତ୍ତି ଏକ ଲତା ଉଠୁଛି ସାହାଡ଼ାଗଛ ଉପରକୁ । ଅସମୟରେ ଶିମୁଳିଗଛର ଶାଖାରେ ଗୋଟିଏ ଲାଲ୍‌ଫୁଲ ଫୁଟିଛି । ଲାଲ୍ ଟକ ଟକ ମହାକାଳଫଳ ଝୁଲୁଛି । ହଳଦୀବସନ୍ତ ବସି ଲାଞ୍ଜ ହଲଉଛି । ଯେଉଁ ଫୁଲ୍‌କୁ କେହି ଆଦର କରନ୍ତି ନାହିଁ ସେ ଫୁଲ୍ ମଧ୍ୟ ଫୁଟିଛି ବଣଲତା ତଳେ । ସେଥିରେ ରଚିତ ହେବ ତାର ପତ୍ରଶଯ୍ୟା । ପ୍ରଣାମ ହେ ଖିଆଲି ଦେବତା, ପ୍ରଣାମ ।

'ଆଇଭ୍ୟାନ ଇଲ୍‌ଚି' ପରି ବିଭୂତି ଭୂଷଣ କ'ଣ ମୃତ୍ୟୁକୁ ବୁଝିପାରିଥିଲେ ? ବୋଧହୁଏ ବୁଝିଥିଲେ । ସେଥିପାଇଁ ହୁଏତ ତାଙ୍କର ଶେଷ ଜୀବନ ଏପରି ସମର୍ପିତ, ନିରୁଦ୍‌ବିଗ୍ନ ! ମୃତ୍ୟୁବରଣ କରିବା ପୂର୍ବରୁ ସେ 'ଖେଳା', 'ଶେଷ ଖେଳା' ପରି ଅଭୂତ ଗଳ୍ପସବୁ ରଚନା କରିଥିଲେ । ସେସବୁରେ ବିଭୂତି ଭୂଷଣ ଯେପରି ଅନାଗତ ଅମୋଘକୁ କରୁଣାର ଦୁଇଚକ୍ଷୁ ଦେଇ ସନ୍ଦର୍ଶନ କରିଛନ୍ତି ।

ବାପା ମୋତିଲାଲ୍ ପୁଅର ଏକମାତ୍ର ସଙ୍ଗୀ । ସେ ଘୋଡ଼ା ସାଜନ୍ତି, ଗଛଲତା ପଶୁପକ୍ଷୀ ଚିହ୍ନାନ୍ତି । ଇଚ୍ଛାମତୀରେ ଗାଧୋଇବାକୁ ନିଅନ୍ତି । ସେଦିନ ବି ପୁଅକୁ ନେଇ ଯାଇଛନ୍ତି । ପୁଅକୁ ଗାଧୋଇଦେଇ କୂଳରେ ଠିଆକରି ନିଜେ ଗାଧୋଇଛନ୍ତି । ବର୍ଷାଦିନର ଇଚ୍ଛାମତୀ, ମୋତିଲାଲ ଗୋଡ଼ହାତ ହଲେଇ ପହଁରିବା ଦେଖି ପୁଅ ଅତ୍ୟନ୍ତ ଖୁସି । ବାପା ପୁଅକୁ ଖୁସି ହେବାର ଦେଖି ଆଉ ଟିକଏ ଗଭୀର ପାଣିକୁ ପହଁରି ଯାଇଛନ୍ତି । ମୋତିଲାଲ୍‌ଙ୍କୁ କୁମ୍ଭୀର ଧରିଛି । କିଛି ସମୟ ଲଢ଼େଇ କରି ସେ ହାରିଯାଇଛନ୍ତି । କୁମ୍ଭୀର ଟାଣିନେଇଛି ମଝିନଈକୁ । ଅସହାୟ ମୋତିଲାଲ କୁମ୍ଭୀର ମୁହଁରେ । କିଛି ସମୟ ପରେ ପୁଅ ବାପାଙ୍କୁ ପାଣିରୁ ଆଉ ଉଠିବାର ନଦେଖି 'ବାପା-ବାପା' ଚିତ୍କାର କରିଛି । ହେଲେ ପୁଅର ଚିତ୍କାର ଶୁଣିବାକୁ ବାପା ଆଉ ନଥିଲେ । ତା ଆଖିରୁ ଲୁହ ପୋଛିବାକୁ ମୋତିଲାଲ୍ ଆଉ ପାଣିରୁ ଉଠିଆସି ନଥିଲେ ।

'ଶେଷଲେଖା'ର ନାମ ଆଉ ଦିଆହୋଇ ପାରିଲାନି । ସେହି ତଥାଗତ ବୁଦ୍ଧ, ତାଙ୍କ ଭାଇ ନନ୍ଦ ଘରକୁ ଭିକ୍ଷା ମାଗିବାକୁ ଆସିଛନ୍ତି । ଅସଲ ଉଦ୍ଦେଶ୍ୟ ବୁଦ୍ଧ ତାଙ୍କୁ ନିର୍ବାଣ ଦେବେ । ଗୃହତ୍ୟାଗ କରିବାକୁ ନନ୍ଦର ମନ ଗୃହେନି । ସଦ୍ୟ ବିବାହିତା ସୁନ୍ଦରୀ ସ୍ତ୍ରୀ ଭଦ୍ରା । ତଥାଗତ ପ୍ରଶ୍ନକଲେ, କୁଆଡ଼େ ଯିବକି ନନ୍ଦ ? ଘରକୁ ? ଘରତ ତୃଷ୍ଣା, କ୍ରୋଧ, ମନପୀଡ଼ାର ସ୍ଥଳୀ, ଜନ୍ମମରଣର ଆଲବାଲ । ସେଠାକୁ ଗଲେ କ'ଣ ହେବ ? ତୁମେ ପ୍ରବ୍ରଜ୍ୟା ଗ୍ରହଣକର । ନନ୍ଦର ମସ୍ତକରେ ଆକାଶ ଭାଙ୍ଗି ପଡ଼ିଲା । ସୁନ୍ଦରୀ ଭଦ୍ରାକୁ ଛାଡ଼ି ଯାଇହେବତ ?

ଅବାକ୍ ହେଲେ ନନ୍ଦ । ଭାଇ ତାଙ୍କୁ ନେଇ ନକ୍ଷତ୍ର ବେଗରେ ଉଡ଼ିଚାଲିଛନ୍ତି ଆଲୋକଶୂନ୍ୟ ପଥରେ । ପାଦତଳେ ଗୋଟାଏ ପୃଥିବୀ ଲୁପ୍ତ ହୋଇଗଲା । ଉଭୟେ ଗୋଟିଏ ଅପୂର୍ବ ସୁନ୍ଦର ମହାଦେଶରେ ଉପସ୍ଥିତ ହେଲେ । ସେ ଦେଶର ଚତୁର୍ଦ୍ଦିଗରେ ସୌନ୍ଦର୍ଯ୍ୟର ମୋହନମାଳା । ବିଦ୍ୟୁତ୍, ଜ୍ୟୋସ୍ନା, ରମଣୀୟ ପୁଷ୍ପରାଜି ଓ ସଙ୍ଗୀତର ସମାବେଶରେ ସମଗ୍ର ମହାଦେଶ ସତେ ଅବା ସ୍ୱପ୍ନମୟ । ଚାରୁହାସିନୀ ବହୁଦିବ୍ୟନାରୀ ପରସ୍ପର ହାତଧରାଧରି ହୋଇ ଅଦୂରରେ ଆବିର୍ଭୂତ ହେବାର ଦେଖି ନନ୍ଦ ମୁଗ୍ଧ । ଏମାନଙ୍କ ତୁଳନାରେ ଶାକ୍ୟବଂଶର ଜନପଦକଲ୍ୟାଣୀ ନାସିକାକର୍ଣ୍ଣହୀନା ମର୍କଟର ନ୍ୟାୟ ।

'ଶୁଣ ନନ୍ଦ, ତୁମେ ଯଦି ମନଯୋଗ ସହକାରେ ପ୍ରବର୍ଯ୍ୟା ପାଳନକର ତେବେ ମୁଁ ପ୍ରତିଶ୍ରୁତି ଦେଉଛି ଯେ ତୁମେ ଏହି ସମସ୍ତ ଅପ୍‌ସରାଙ୍କୁ ଲାଭକରିବ ।'

ପାଞ୍ଚବର୍ଷ ଏହିପରି ଭାବରେ କେମିତି କଟିଗଲା ନନ୍ଦ ଖବର ରଖିନାହାଁନ୍ତି । ଅଦୂରରେ ନିର୍ବାଣନଦୀର ବାରିପତନରେ ଯେମିତି ସେହି ସତ୍ୟ ତତ୍ତ୍ୱର ଆଭାସ ଭାସିଆସିଲା । ତଥାଗତଙ୍କ ସାମ୍ନାରେ ନନ୍ଦ ଉପସ୍ଥିତ—ପ୍ରଭୁ ଆଶୀର୍ବାଦ କରନ୍ତୁ । ମୁଁ ଅର୍ହତ୍ୱକୁ ପାଇଛି । ସୁନ୍ଦରୀ ଅପ୍‌ସରୀ ମୋର ଆଉ ଦରକାର ନାହିଁ ।

ମୃତ୍ୟୁବରଣ କରିବାର କିଛିଦିନ ପୂର୍ବରୁ ବାଣୀରାୟଙ୍କୁ ଠିକ୍ ଏହିକଥା କହିଥିଲେ—'ଶୁଣନ୍ତୁ ମୋ କଥା ଯେତେବେଳେ ଲେଖିବେ—ଲେଖିବେ ମୁଁ ଜୀବନରେ ଖୁସି ହୋଇଛି ।'

୧୯୫୦ ମସିହା ଅକ୍ଟୋବର ୨୯ ତାରିଖ । ବିଭୂତି ଭୂଷଣ ଧଲଭୂମି ରାଜାଙ୍କ ଘରେ ନିମନ୍ତ୍ରଣ ଖାଇବାକୁ ଯାଇ ଅସୁସ୍ଥ ହୋଇପଡ଼ିଲେ । ସେହି ଅବସ୍ଥାରେ ତାଙ୍କୁ ଘାଟଶିଲା ନେଇ ଆସିବାକୁ ହେଲା । ତିନିଦିନ ସେ ସଜ୍ଞାନରେ ଥିଲେ । କେଉଁଠି କ'ଣ ଅଛି ତାହା ସେ କଲ୍ୟାଣୀ ଦେବୀଙ୍କୁ ବୁଝାଇ ଦେଇଥିଲେ । ସାନଭାଇ ନଟୁ ବିହାରୀ ଡାକ୍ତର । ସେ ଚିକିତ୍ସା କରୁଥାନ୍ତି । ତେବେ ସେ ଥିଲେ ଏଲ୍.ଏମ୍.ଏଫ୍. । ସୁତରାଂ ବଡ଼ ଡାକ୍ତର ଡାକିବା ବା କଲିକତାକୁ ନେଇଯିବାକୁ ଯେତେବେଳେ ସମସ୍ତେ ଚାହିଁଲେ ସେତେବେଳେ ବିଭୂତି ଭୂଷଣଙ୍କଠାରେ କିଛି ଉଦ୍‌ବେଗ ପ୍ରକାଶ ପାଉନଥିଲା । ଶେଷପର୍ଯ୍ୟନ୍ତ ଆଉ ଡାକ୍ତର ଡକାହୋଇନି ।

ବିଭୂତି ଭୂଷଣ କଲ୍ୟାଣୀ ଦେବୀଙ୍କୁ ଇଙ୍ଗିତରେ କହିଲେ—'ବାବୁଲ୍ କାହିଁ' ? ବାବୁଲ୍‌କୁ ଚାହିଁ ସେ ଟିକିଏ ହସିଲେ । ସେତେବେଳେ ରାତି ୮.୩୦ମି. । ରାତିର ଅନ୍ଧକାର ହଠାତ୍ ଆହୁରି ଗାଢ଼ ହୋଇଗଲା ।

—୦—

ଜୀବନକୁ ଉପଭୋଗ କରିବା ଭିତରେ ହିଁ ଜୀବନର ସାର୍ଥକତା । ବିଭୂତି ଭୂଷଣ ବହୁବାର ଏକଥା ଲିପିବଦ୍ଧ କରିଛନ୍ତି—'ଅର୍ଥ ଉପାର୍ଜନ କରିବାରେ, ଖ୍ୟାତି ପ୍ରତିପତ୍ତିରେ, ଲୋକଙ୍କ ମୁହଁର ପ୍ରଶଂସା ବା ସାଧୁବାଦରେ, ଅଥବା ଭୋଗବିଲାସରେ ଲିପ୍ତ ରହିବା ମଧ୍ୟରେ ଜୀବନର ସାର୍ଥକତା ନାହିଁ । ସାର୍ଥକତା ଅଛି କେବଳ ଜୀବନକୁ ଗଭୀରଭାବେ ଉପଲବ୍ଧି କରିବା ମଧ୍ୟରେ, ବିଶ୍ୱର ରହସ୍ୟକୁ ବୁଝିବାକୁ ଚେଷ୍ଟାକରିବାର ଆନନ୍ଦ ଭିତରେ ।'

ଅଲଗ୍‌ମଲଗ୍ ଜୀବନକୁ ନେଇ ଉପଭୋଗ କରି ହୁଏନାହିଁ । ବଞ୍ଚିରହିବା ଭିତରେ ଆମେ ଜୀବନକୁ ଉପଭୋଗ କରିପାରୁ । ଅଭିଜ୍ଞତାରେ ଜୀବନକୁ ପାଇହୁଏ । ଅଭିଜ୍ଞତା ଯୋଗୁଁ ବଞ୍ଚିରହିହୁଏ । **To know how to live is my trade.** କେବଳ ଲେଖକର ନୁହେଁ, ସବୁ ଶିଳ୍ପୀଙ୍କର ଏ ହେଉଛି ବୋଧହୁଏ ମନରକଥା, ଅନ୍ତରର ବାଣୀ । ମଣିଷର ମୁଖଗୁଡ଼ିକ ଯେପରି ସ୍ୱତନ୍ତ୍ର **trade mark** ଗୁଡ଼ିକ ମଧ୍ୟ ସେହିପରି ଭିନ୍ନ ଭିନ୍ନ ।

ବିଭୂତି ଭୂଷଣଙ୍କ ସାହିତ୍ୟର ଏହି ମୁଖ ହେଉଛି ମହାକାଳର । ଡାଏରିରେ ଲେଖିଛନ୍ତି—'ମୁଁ କୌତୁହଳାକ୍ରାନ୍ତ ମହାକାଳରେ ମିଶିଲି ।' ନମିଶିବେ ବା କିପରି ? ଯେଉଁ ବୟସରେ ଆମେ ଦେଖୁ ମାଟି କହିଲେ ଇଟା, ସବୁଜ କହିଲେ ଶ୍ୟାମଳ, ପଥ କହିଲେ ପଥର, ପାଣି କହିଲେ କାଦୁଅ, ସେହି ବୟସରେ ବିଭୂତି ଭୂଷଣ ଦେଖିଛନ୍ତି ମମତାପରି ମାଟି, ଯୌବନପରି ସବୁଜ, ବିରାଗୀପରି ରାସ୍ତା, ସର୍ବୋପରି ଦେବଦୂତପରି ଇଚ୍ଛାମତି ଯିଏ ତାଙ୍କୁ ବାରମ୍ବାର ମରମପାଖକୁ ଡାକିନେଇଛି । ପିଲାଦିନର ବିଭୂତି ଭୂଷଣ ପ୍ରକୃତିର ଏହି ପାଠଶାଳାରେ ହୃଦୟପୋଥିର ପାଠ ପାଇଥିଲେ । **Wordsworth**ଙ୍କ ପରି ସେ ବି କହୁଥିଲେ, **I have learned to look on nature.**

ପ୍ରକୃତି ମଧ୍ୟରେ ହିଁ ବୋଧହୁଏ ଗୋଟିଏ ପ୍ରକୃତିଗତ ଦୂରତ୍ୱ ଅଛି । ସେ ଦୂରତ୍ୱରେ ଜୀବନକୁ ଆମେ ଯଥାଯଥଭାବେ ଦେଖିବାକୁ ପାଉ ଓ ଜୀବନର ସମତା ପାଉ । ନିଜେ ଗୋଟିଏ ସ୍ଥାନରେ ଲେଖିଥିଲେ—'ଅନନ୍ୟମନ ହୋଇ ପ୍ରକୃତିକୁ ନେଇ

ବୃନ୍ତରହ, ତାର ସର୍ବବାଧ ଆନନ୍ଦର ଆଶୀର୍ବାଦ, ସୌନ୍ଦର୍ଯ୍ୟର ଆଶୀର୍ବାଦ ଓ ଅପୂର୍ବ ଶାନ୍ତିର ଆଶୀର୍ବାଦ ତୁମ ଉପରେ ଏତେ ଅଜସ୍ର ବୃଷ୍ଟି ହେବ ଯେ ତୁମେ ପାଗଳ ହୋଇଯିବ । ବନରାଜି ମୋହିନୀ ପ୍ରକୃତିରାଣୀ ତୁମକୁ ଶତରୂପରେ ମୁଗ୍‌ଧ କରିବ । ନୂତନ ଦୃଷ୍ଟି ଜାଗ୍ରତକରି ତୋଳିବ । ମନର ଆୟୁଷ ବଢ଼େଇଦେବ । ସ୍ୱର୍ଗଲୋକର ଆଭାସରେ ସ୍ୱର୍ଗର ପ୍ରାନ୍ତରେ ଉପନୀତ କରାଇବ ।’

ବିଭୂତି ଭୂଷଣ ବାଲ୍ୟକାଳରୁ ଏହି ଆଦିମ ଦୂରତ୍ୱକୁ ବହନକରି ନେଇ ଆସିଥିଲେ । ଫଳରେ ବର୍ତ୍ତମାନ, ମନୁଷ୍ୟର ଜୀବନରେ ବିରାଟ ବାସ୍ତବ ହେଲେ ହେଁ ବିଭୂତି ଭୂଷଣଙ୍କ ଜୀବନରେ ସର୍ବଗ୍ରାସୀ ହୋଇପାରିନାହିଁ । ତାର କାରଣ ଏହି ସ୍ୱଭାବଗତ ଦୂରତ୍ୱ । ଶୈଶବର ମୃତ୍ୟୁ ତାଙ୍କୁ ଉଦ୍‌ବାସ୍ତୁ କରିଛି ସତ୍ୟ, ହେଲେ ଏହି ଉଦ୍‌ବାସ୍ତୁ ବନେ ମହାକାଳର ପ୍ରାଙ୍ଗଣରେ ବସାବାନ୍ଧିଛି । ବିଭୂତି ଭୂଷଣଙ୍କ ଜୀବନରେ ମୃତ୍ୟୁ ବିପଥରେ ଯାଇନି । ସେ ମହାକାଳର ପଥ ନିର୍ଦ୍ଦେଶକ ହୋଇ ଦେଖାଦେଇଛି । ‘ଅପରାଜିତ’ରେ ଅପୁ କହିଥିଲା—‘ସେହି ଜଗତ ସହିତ ଯୋଗସେତୁ ପ୍ରଥମେ ସ୍ଥାପିତ ହୁଏ ବାଲ୍ୟ କାଳରେ ଯେତେବେଳେ ଦିଦି ମୃତ୍ୟୁବରଣ କଲା । ତାପରେ ଅମଳ-ମା-ଅପର୍ଣ୍ଣା । ଦୁଃଖର ଅଶ୍ରୁର ପାରିବାରରେ ସାରାଜୀବନ ଉବୁଟୁବୁ ହେଲାବେଳେ ବହୁଦୂରରେ ଅନ୍ୟରାଜ୍ୟର ତାଳତମାଳ ବଣର ଅସ୍ପଷ୍ଟ ସୀମାରେଖା ନଜରକୁ ଆସେ ।’

ଏକାବେଳକେ ଯେମିତି ବିଭୂତି ଭୂଷଣଙ୍କ କଥା । ଶୈଶବର ଏହି ଜଗତର ଆଭାସ ସେ ପାଇଥିଲେ । ଡାଏରୀରେ ଲେଖିଛନ୍ତି—‘ଶୈଶବରେ, କେତେଦିନ କାଳି ଅନ୍ଧାର ଘନେଇ ଆସୁଥିଲାବେଳେ ଇଛାମତୀର ନିର୍ଜନତୀରରେ ବସି ମୁଁ ଶିମୁଳିତଳା ଆଡ଼କୁ ଚାହୁଁଥିଲି । ଲକ୍ଷ୍ମଣ ଜେଲେର ଶାଶୁବୁଢ଼ୀ ଓ ଖୁଦ୍ଦି ଗୋଆଲି ପୋଡ଼ା ହୋଇଥିବା ସ୍ଥାନକୁ ନିରେଖି ଦେଖୁଥିଲି । ଜୀବନମରଣ ପାରର ଗୋଟିଏ ରହସ୍ୟମୟ ଅଜଣା ଅନନ୍ତ-ଲୋକର ସ୍ୱପ୍ନର ଆଭାସ ମୋ ମନକୁ ଆଚ୍ଛାଦିତ କରୁଥିଲା । କେମିତି ଉଦାସ ଉଦାସ ଭାବ । ଦିଗନ୍ତବିସ୍ତୃତ ମାଧବପୁରର ଉଲୁଖଡ଼େ ପଡ଼ିଆର ବହୁଦୂରରୁ ସତେଯେମିତି କିଏ ହାତ ଠାରୁଥିଲା ।’

‘ପଥେର ପାଞ୍ଚାଳି’, ‘ଅପରାଜିତ’ରୁ ଆରମ୍ଭ କରି ‘ଇଛାମତୀ’ ପର୍ଯ୍ୟନ୍ତ ବା ‘ଉପେକ୍ଷିତା’, ‘ମେଘମହ୍ଲାର’ଠାରୁ ‘କୁଶଳପାହାଡ଼ୀ’ ପର୍ଯ୍ୟନ୍ତ ପ୍ରାୟ ସବୁଗୁଡ଼ିକୁ ବିଭୂତି ଭୂଷଣ ଏହି ମହାକାଳର କିନାରାରେ ବସି ରଚନା କରିଛନ୍ତି । ମହାକାଳର ମୌସୁମୀ ଯେ କୌଣସି ପ୍ରକାରରେ ହେଉ ଏଗୁଡ଼ିକୁ ସ୍ପର୍ଶ କରିଛି । ଅପୁର ଉପଲବ୍‌ଧି-ଠାରୁ ମତି ମୋଚିଆଣୀର ମୃତ୍ୟୁ ପର୍ଯ୍ୟନ୍ତ କୌଣସି ନା କୌଣସି ବିସ୍ତାରିତ ବିସ୍ମୟ ଲାଗିରହିଛି ଏମାନଙ୍କ ଦେହରେ । ନଖାଇପାରି ବି ମଣିଷ ମରେ ! ବାହାରର କୌଣସି

ବିଦ୍ରୋହ ନୁହେଁ ବା କୌଣସି ଜୈବ ବିଶ୍ଳେଷଣ ନୁହେଁ, ବେଦନାବିଦ୍ଧ ବିସ୍ମୟ, ଦେବତା ପରି କରୁଣା ବଡ଼ ହୋଇ ଦେଖାଦେଇଛି, —What man has made of man ?

ବିଭୂତି ଭୂଷଣଙ୍କ ସାହିତ୍ୟ ଆମ୍ଭକୁ ଚେତେଇଦିଏ ଯେ ନିଜ ଉପରେ ଗୋଟିଏ ଅପରିସୀମ ଶକ୍ତିର ପ୍ରଭାବ ରହିଛି । ଖାଲି ନିଷ୍କ୍ରିୟତା ନୁହେଁ, ମର୍ମର ନିଷ୍କ୍ରିୟତା ଆମେ ନିଜ ଭିତରେ ଅନୁଭବ କରିପାରୁ । ଏହି ପ୍ରକୃତି—ଏହି ମନୁଷ୍ୟ—ସମସ୍ତଙ୍କର ଗୋଟିଏ ପ୍ରଚ୍ଛନ୍ନ ଅର୍ଥ ଅଛି । ଗୋଟିଏ ବଡ଼ ପ୍ରକୃତିରେ ସେମାନଙ୍କର ଗତାଗତ ଅଛି ।

କଲ୍ଲୋଳ, କାଳିକଲମର ଯୁଗରେ ବିଭୂତି ଭୂଷଣ ଯେଉଁ ଖ୍ୟାତି ଅର୍ଜନ କରିଥିଲେ ତାର କାରଣ ହେଉଛି ମନୁଷ୍ୟ ସ୍ୱଭାବର ସଂଶୟ ଓ ଶାନ୍ତି । ଯେତେବେଳେ ବିଦେଶରେ ଶିଳ୍ପ ବିପ୍ଳବ ହୋଇଥିଲା ସେତେବେଳେ ଯନ୍ତ୍ରର ଜୟଗାନ ଯେମିତି ହୋଇଛି ସେମିତି ତାର ପାଖରେ ରୋମାଣ୍ଟିକ ରିଭାଇଭାଲିଜମ୍ ମୁଣ୍ଡ ଟେକିଛି । ଜଣେ ଯେମିତି କହିଛନ୍ତି—The secret of the art is to correct nature. ଆଉ ଜଣେ ସେମିତି ଏ ପ୍ରକୃତିରେ ମୁକ୍ତି ଦେଖିଛନ୍ତି—Man was born free, and every where he is in Chains. ବଙ୍ଗଳା ସାହିତ୍ୟରେ ବିଂଶ ଶତକର ତୃତୀୟ ଦଶକର ବା ସାମାନ୍ୟ ପୂର୍ବରୁ 'ନୁଟ ହାମ୍‌ସନେର ପ୍ୟାନେର' ଅନୁବାଦ ବା 'ପାଁକ୍‌ବେଦେ ସାଡ଼ା ବିବାହେ'ଠାରୁ ବଡ଼ପର ଏକାନ୍ତ ବାସ୍ତବବାଦୀ ରଚନା ଯେମିତି ଲେଖାହୋଇଛି ସେମିତି ଲେଖାହୋଇଛି ପାଠକଙ୍କ ସ୍ୱପ୍ନର ଏବଂ ସୃଷ୍ଟିର କଥା—'ଶେଷେର କବିତା', 'ଗୃହ୍‌ଅଧ୍ୟାୟ', 'ପଥେର ପାଞ୍ଚାଲି', 'ଅପରାଜିତ', 'ଆରଣ୍ୟକ', 'ପଞ୍ଚଗ୍ରାମ' ଓ 'ଗଣଦେବତା' ।

ବିଭୂତି ଭୂଷଣଙ୍କ ସାହିତ୍ୟରେ ମଣିଷ ଓ ପ୍ରକୃତି ଉଭୟ ବଞ୍ଚିରହିବାର ସୁଖ ସୌରଭକୁ ଏତେ ସୁନ୍ଦରଭାବେ ବହନ କରି ଆଣେ ଯେ ମନେହୁଏ ସତେ ଯେମିତି ତାହା ଅବନୀନ୍ଦ୍ର ନାଥଙ୍କ ଛବିପରି କାଗଜରେ ସବୁ ସମୟରେ ଥିଲା ଆମେ କେବଳ ନଜର କରିନୁ ! ଏତେ ହାଲୁକା, ଏତେ ସର୍ବାପର୍ଯ୍ୟନ୍ତ ସହଜ ।

ପ୍ରଥମ ଗଳ୍ପ 'ଉପେକ୍ଷିତା' ଯେତେବେଳେ ରଚନା କରିଥିଲେ ସେତେବେଳେ ସହଜ ଏତେ ରନ୍ଧ୍ରେ ରନ୍ଧ୍ରେ ମିଳନ । ନ ମିଳିବାର କଥା । ସହଜକୁ ଅନୁଭବ କରିଥିଲେ, କିନ୍ତୁ ଏତେ ପାଖରୁ ତାର ମୁଖ ଅବଲୋକନ କରି ନଥିଲେ । ତାର ଅନେକଟାହିଁ ତାଙ୍କ କଳ୍ପନା ଭିତରେ ଥିଲା । ଗାଉଁଲି ଝିଅଟିକୁ ସେ ପାଣି ଆଣିବାକୁ ଯିବାର ଦେଖିଛନ୍ତି । ଭାଇଭଉଣୀ ସମ୍ପର୍କକୁ ସେ ଗଢ଼ିଛନ୍ତି । ସେହି ଗଢ଼ିବାର ଅସ୍ପଷ୍ଟତା ତାଙ୍କର 'ଉପେକ୍ଷିତା'ରେ ଆଖିରେ ପଡ଼େ । ତେବେ ବି ସେ ଜଗତ ବଡ଼ ସହଜ

ସମ୍ପର୍କର ଜଗତ । ଗଢ଼ିବା ଭିତରେ ଅନେକ ଫାଙ୍କ ରହିଯାଇଛି । ବସ୍ତୁରେ ନାହିଁ, ସମତାରେ ନାହିଁ ।

'ଏତେ ଦିନ ତୁମକୁ କହିନି ବିମଳ । ଆଜକୁ ପାଞ୍ଚବର୍ଷ ହେଲା ମୋର ସାନଭାଇ ସମସ୍ତ ମାୟା କଟାଇ ଆରପାରିକୁ ଚାଲିଯାଇଛି । ତାର ନାମ ବି ବିମଳ । ସେ ଥିଲେ ତୁମପରି ଏତେ ବଡ଼ ହୁଅନ୍ତାଣି । ଦେଖିବାକୁ ଠିକ୍ ତୁମପରି । ତୁମେ ଯେଉଁଦିନ ପ୍ରଥମେ ଏଇବାଟେ ଗଲ, ତୁମକୁ ଦେଖି ମୋ ମନଭିତରେ ସମୁଦ୍ର ଉଚ୍ଛୁଳି ଉଠିଲା । ସେଦିନ ଘରେ ଯାଇ ନିଜ ମନକୁମନ କେତେ କାନ୍ଦିଥିଲି । ତୁମେ ଏବାଟେ ଯିବା ପ୍ରତିଦିନ ମୁଁ ଦେଖୁଥିଲି । ଯେଉଁଦିନ ତୁମେ ନିଜେ ମୋତେ ଦିଦି ବୋଲି ଡାକିଲ ସେଦିନରୁ ଆଜିଯାଏ ଯେ କି ସୁଖରେ ମୁଁ ଅଛି ତାହା କହି ହେବନି । ତୁମେ ମୋତେ ବଡ଼ ଭଉଣୀ ପରି ଭଲପାଅ, ସେଥିରେ ମୁଁ ବିମଳର ଶୋକକୁ ଅନେକାଂଶରେ ଭୁଲି-ଯାଇଛି । ସେ ମୋର ଗୋଟିଏ ଭାଇଥିଲା । ତୁଳସୀ ଚଉରାମୂଳେ ପ୍ରତିଦିନ କେତେ ପ୍ରଣାମକରେ, ଠାକୁରଙ୍କୁ କୁହେ ଗୋଟିଏ ବିମଳକୁ ଗୋଡ଼ତଳକୁ ନେଇଯାଇଛ । ଆଉ ଗୋଟିଏ ବିମଳକୁ ଯଦି ଦେଲ ତା'ର ମଙ୍ଗଳକର ଓ ତାକୁ ମୋ ପାଖରେ ରଖ ।

ତାପରଦିନ ନୋଟିସ୍ ଅନୁସାରେ ମୋର ସ୍କୁଲ କାମର ଶେଷ ଦିନ । ଯାଇଁ ଶୁଣିଲି ମୋ ଜାଗାରେ ନୂଆ ଲୋକ ନେବା ଠିକ୍ ହୋଇଯାଇଛି । ସ୍କୁଲରୁ ସମସ୍ତଙ୍କ ପାଖରୁ ବିଦାୟ ନେଇ ଚାଲି ଆସିଲି ।

କେବଳ ଥରେ ଶେଷ ଦେଖା କରିବାପାଇଁ ତା'ପରଦିନ ପୋଖରୀତୁଠକୁ ଠିକ୍‌ସମୟରେ ଯାଇଥିଲି । ତାର ଦେଖା ପାଇଲେ ଯେ କ'ଣ କହିବି ତାହା ଠିକ୍ କରି ନଥିଲି । ସତ୍ୟକଥା ବୋଧହୁଏ ସବୁ ଖୋଲି କହି ପାରିଥାନ୍ତି ସେଦିନ । କିନ୍ତୁ ଦେଖା ହେଲାନି । ସବୁଦିନ ତ ଦେଖା ହୁଏନା । ପ୍ରାୟ ଦୁଇ ତିନିଦିନ ଅନ୍ତରରେ ଦେଖା । ପୁଣି କିଛିଦିନ ଧରି ନିତିଦିନ ଦେଖା । ସେଦିନ ଦିପହରେ ଓ ପରଦିନ ସକାଳେ ଗଲି କିନ୍ତୁ ଦେଖା ହେଲାନି । ତାଙ୍କ ସହିତ ପ୍ରଥମ ପରିଚୟ ହେବା ଦିନ ସେ ଯେଉଁଠି ଠିଆ ହୋଇଥିଲେ, ସେଦିନ ଫେରିଆସିବା ସମୟରେ ସେ ସ୍ଥାନର ମାଟିରୁ ଟିକିଏ କାଗଜରେ ମୋଡ଼ି ପକେଟରେ ନେଲି ।'

ତାପରେ ଯେତେଦିନ ଯାଇଛି ବିଭୂତି ଭୂଷଣ ଏହି ସହଜକୁ ଯେପରି ନିଜ ଲୋକ ପରି ପାଖରେ ପାଇଛନ୍ତି । ବାରମ୍ବାର ମନେହୁଏ ଅପୁର ସେହି ଚିଠିର କଥା— 'ଭାଇ ପ୍ରଣବ, ଆଜି ବୁଝେ ଜୀବନ ସୁଖ-ଦୁଃଖର ଏକ ରୋମାନ୍ସ । ବଞ୍ଚି ରହି ତାହାକୁ ଉପଭୋଗ କରିବା ମଧ୍ୟରେ ହିଁ ଜୀବନର ସାର୍ଥକତା ।'

ଏହାପରେ ତାଙ୍କର ଖ୍ୟାତନାମା କୌଣସି ଗଳ୍ପରେ ବା ଜୀବନରେ ଏହି ସାର୍ଥକତା ନାହିଁ । ଏତେ ମର୍ମେ ମର୍ମେ ସହଜ ଯେ ପାଠକର ମହିରେ ମହିରେ ଆଶଙ୍କା

ହୁଏ କେଉଁଠି ତାକୁ ପକେଇ ଆସିଲନ୍ତ ତ ! ଏକବାରେ Suffocating humanity । ମଝିରେ ମଝିରେ ମନେହୁଏ, ମମତାର ଏତେ ସୁଧା ଏ ଯେମିତ ଆଉ ପାନ କରିପାରୁ ନାହିଁ । ସାମାନ୍ୟ ଏତେ ଟିକିଏକୁ ତେଲରେ ପକାଇଦେଲେ ଯେମିତ ଫୁଲିଯାଏ ସେହିପରି ବଣ୍ଟରେ ଏତେ ସୁଖ ! ହଳଦୀ ପୋଇ ପତରରେ ଏତେ ଜୀବନର ମାଧୁର୍ଯ୍ୟ !

'ଅନାଦୃତା ଆଦର ପାଇ ଲଜ୍ଜ୍ୟା ପାଇଲା ! ଭାରି ଖୁସି ହୋଇଛି ସେ । ଖୁକୁ ଚାଲିଗଲା । ଆଉ ଟିକିଏ ତେଲ ତା ମଥାରେ ଲଗାଇଦେଲି । ନଦୀ ଜଳରେ ସ୍ନାନ କରିବାପାଇଁ କେତେ ଆନନ୍ଦ ଆମ ଭିତରେ । ଉଦାର ନୀଳ ଆକାଶରେ କାହାର ଯେପରି ସୁସ୍ପଷ୍ଟ ସୌନ୍ଦର୍ଯ୍ୟମୟ ବାଣୀ । ଅନ୍ତରରେ ଓ ବାହାରେ ରେଖାରେ ରେଖାରେ ମେଳ । ଚମତ୍କାର ଘଟଣା ! ସୁନ୍ଦର ଘଟଣା !'

ଅଥବା ସେହି 'ପୁଣ୍ଣିମାଗ୍ନି' ଗଳ୍ପର ଶେଷ । 'ପିଠାଗଡ଼ା ପ୍ରାୟ ଶେଷ ହୋଇ ଆସିଛି । ଜହ୍ନ ଆଲୁଅରେ ଘର ପଛପାଖ ବଣରେ ଅନେକ ସମୟ ହେଲା ଗୋଟିଏ କାଠହଣା ଚଢ଼େଇ ଘାବୁଥିଲା । ତାର ସ୍ୱରଟା କ୍ରମେ ଧୀମେଇ ଆସିଛି ... । ଦୁଇ ଭଉଣୀଙ୍କ ଖାଇବା ପାଇଁ କଦଳୀପତ୍ର ଛିଣ୍ଡଉ ଛିଣ୍ଡଉ ପୁଁଟି ଅନ୍ୟମନସ୍କ ଭାବରେ ହଠାତ୍ କହି ଉଠିଲା—ଦାଦା ବଡ଼ ଭଲ ପାଉଥିଲେ ...ଘନଜଣଘାକ କିଛି କ୍ଷଣ ନିର୍ବାକହୋଇ ବସି ରହିଲେ । ତାପରେ ସେହି ଘନଜଣଙ୍କର ଦୃଷ୍ଟି କେମିତ ଅଗଣାର ଗୋଟିଏ କୋଣରେ ଆବଦ୍ଧ ହେଲା । ସେଠି ଘରର ସେହି ଲେମ୍ବୁ ଝିଅଟିର ଲୋଭର ସ୍ମୃତି ପତ୍ରରେ ପତ୍ରରେ, ଶିରାରେ ଶିରାରେ ଜଡ଼ିତ । କେତେ ଆଶାରେ ସେ ନିଜ ହାତରେ ପୋତିଥିବା ପୋଇଗଛଟି ମଞ୍ଚା ଘେରି ବଢ଼ି ଉଠିଛି....ବର୍ଷାପାଣି ଓ କାର୍ତ୍ତିକ ମାସର କାକର ପାଇ କଅଁଳିଆ ସବୁଜ ଡଙ୍କଗୁଡ଼ିକ ମଞ୍ଚାରେ ଜାଗା ଧରୁନି । ଛନଛନ ଡଙ୍କଗୁଡ଼ିକ ବାହାରେ ଝୁଲୁଛି—ପ୍ରବର୍ଦ୍ଧମାନ ଜୀବନରେ ଲାବଣ୍ୟର ଭରପୁର ।'

ଦ୍ରବମୟୀ ଶେଷ ପର୍ଯ୍ୟନ୍ତ କାଶୀ ନ ଯାଇ ଇନ୍ଦୋଗୋପୀନାଥପୁରକୁ ଚାଲି-ଚାଲି ଫେରି ଆସିଛି । ଏଇ ମଙ୍ଗୁଳି ଗାଈ, ବାତାପିଲେମ୍ବୁ ଗଛ ଓ ଦ୍ରବମୟୀର ସ୍ୱାମୀର ସମାଧି ନହେଲେ ବିଶ୍ୱେଶ୍ୱରେର ମୁକ୍ତି ନାହିଁ । Homo sum; humani nil a me alienum puto—I am a man, and reckon nothing human alien to me.

'ତୁ କହି ଭାଇ, ମଝିଆ ବୋଉ କହ—ମୋର ଏହି ଭିଟାରେ ଯେମିତ ତମ କୋଳରେ ଶୋଇ ସମସ୍ତଙ୍କ ପାଖରୁ ବିଦାୟ ନେଇ ଯାଇପାରିବ । କାଶୀପ୍ରାପ୍ତି ଆବଶ୍ୟକ ନାହିଁ । ଏହି ଭିଟାରେ ମୋର ଗୟା କାଶୀ । ସେ ଏଇ ଅଗଣାର ମାଟିରେ

ଶୋଇ ଏଇ ତୁଳସୀ ଚଉରା ମୂଳରେ—ମୋତେ ତୁମେମାନେ ସେଇଠାରେ—ନିଜ କାନରେ ଦ୍ରବମୟୀ ଆଖିର ଲୁହ ପୋଛୁଥିଲେ । ବେଳ ଗଡ଼ି ଯାଇଥିଲା । ଆଷାଢ଼ ଶେଷର ସୁଦୀର୍ଘ ଦିବସର ଶେଷସୂର୍ଯ୍ୟ ପଶ୍ଚିମଦିଗର ନିବିଡ଼ ବାଉଁଶ ବଣର ଆଢୁଆଳରେ ଢଳି ପଡ଼ୁଥିଲା । ଘେଣ୍ଟୁଖୋଲ ଫୁଲ ଜଙ୍ଗଲରେ ଫୁଟିଛି । ପବନରେ ତାର କଟୁ ଉଗ୍ରଗନ୍ଧ । ଦ୍ରବମୟୀଙ୍କ ମନ ଶାନ୍ତିରେ ପୂରିଗଲା ।'

କେଉଁଠି ନୁହେଁ ? ଚିରଦିନ ଯେଉଁ ମାଧବ ଶିରୋମଣି ଶୁଦ୍ରର ଛୁଇଁ ମାଡ଼ନ୍ତି ନାହିଁ, ତାଙ୍କୁ ବି ଶେଷ ପର୍ଯ୍ୟନ୍ତ ଜଳଛତ୍ରର ସେହି ସଦ୍‌ଗୋପେର ଚିନ୍ମୟୀ ଜଗଦ୍ଧାତ୍ରୀ ପାଖରେ କହିବାକୁ ହେଲା—ମା ମୋତେ ପାଣି ଦିଅ ।

'ଶିରୋମଣି ମହାଶୟଙ୍କର ବସି ବସି ମନେ ହେଲା କୋଡ଼ିଏ ବର୍ଷ ପୂର୍ବେ ତାଙ୍କର ଆଠ ବର୍ଷର ପାଗଳି ଝିଅପରି ସାନ ଝିଅଟିଏ ଏଇ ବଟବୃକ୍ଷ ତଳେ ଅସହ୍ୟ ପିପାସାରେ ଜଳ ଅଭାବରେ ବଣସାରୁ ନାଡ଼ର କଟୁରସ ଚୋଷିଥିଲା । ଆଜି ତାର ସ୍ନେହ କରୁଣା ଏଇ ବିରାଟ ବଟବୃକ୍ଷର ନିବିଡ଼ ଜଳଛତ୍ରରେ ବଢ଼ି ଉଠି ଜଳକଷ୍ଟ-ପୀଡ଼ିତ ପଲ୍ଲୀ ପ୍ରାନ୍ତରରେ ଏକାଧାରରେ ପିପାସାର୍ତ୍ତ ପଥିକଙ୍କର ଆଶ୍ରୟ ତିଆରି କରିଛି—ଏହାରି ତଳରେ ଆଜକୁ କୋଡ଼ିଏ ବର୍ଷ ଧରି ସେ ମଙ୍ଗଳରୂପିଣୀ ଜଗଦ୍ଧାତ୍ରୀ ପରି ଦଶଭୁଜ ବାହାରି କରି ପ୍ରତିଦିନ ନିଦାଘ ମଧ୍ୟାହ୍ନରେ କେତେ ପିପାସାତୁର ପଲ୍ଲୀପଥିକଙ୍କୁ ଜଳ ଯୋଗାଉଛି.... । ଶିରୋମଣି ମହାଶୟ କହିଲେ—ମୋତେ ଟୋକାଏ ପାଣି ଦିଅ ।'

ଅଥବା ସେହି 'ଆହ୍ୱାନ' ପରି ଗଳ୍ପ । ଜମିର କରାଖାର ସ୍ତ୍ରୀ ନୁହେଁ, ଜରିଥ ବେଶିନା ମଣିଷର ମା ଯେପରି ଡାକୁଛି 'ଅ ମୋର ଗୋପାଳ' । ଖାଲି ମାଟି ଉପରୁ ନୁହେଁ, ସମଗ୍ର ପୃଥିବୀର ଅନ୍ତଃସ୍ଥଳରୁ ଏହି ଆହ୍ୱାନ ଧ୍ୱନିତ ହେଉଛି । "ଶରତର କଟୁତିକ୍ତ ଗନ୍ଧଭରା ବଣଲତା ଓ ମହାକାଳଲତା ଝୁଲୁଥିବା ଗୋଟିଏ ପ୍ରାଚୀନ ତିନ୍ତିଡ଼ିକ ଗଛତଳେ ବୁଢ଼ୀକୁ କବର ଦିଆ ହେଉଛି । ମୁଁ ଯାଇଁ ବସିଲି । ଅବଦୁଲ୍, ସୁକୁରୁମିଆଁ, ନମର, ଆମ ସାଙ୍ଗରେ ପାଠ ପଢ଼ୁଥିବା ଆବେଦାଲି, ତାର ପୁଅ ଗନି—ଏମାନେ ସମସ୍ତେ ଗଛତଳେ ବସିଥିଲେ । ପ୍ରବୀଣ ସୁକୁରୁମିଆଁ ମୋତେ ଦେଖି କହିଲା ଏଇ ଯେ ବାବା ଠାକୁର ଆସ, ତମାଖୁ ଖାଇବା । ଆଜି ବୁଢ଼ୀକୁ କବର ଦେବା ଦିନ । ତୁମେ କେଉଁଠି ରହିଗଲ ? ତୁମେ କ'ଣ ଜାଣି ନଥିଲ ? ତୁମକୁ ଯେ ବୁଢ଼ୀ ବେଶ୍ ଭଲ ପାଉଥିଲା । ତୁମ ପାଖରୁ କଫିନ୍‌ର କପଡ଼ା ନେଇ ତାର ଆତ୍ମା ଶାନ୍ତି ପାଇଲା ।

ଗୋଟିଏ ଗୋରୁଗାଡ଼ିର ପୁରୁଣା କାଠ ଉପରେ ବୁଢ଼ୀକୁ ହାମୁଡ଼େଇ ଶୁଆଇ ଦିଆଯାଇଛି । ଦିଜଣ ଯୁବକ କବର ଖୋଳୁଛନ୍ତି । କବରଦେବା ପରେ ସମସ୍ତେ

କୋଦାଳେଲେଖା ମାଟି କବର ଉପରେ ଦେଲେ । ସୁକୁରୁ ମିଆଁ କହିଲା ଦିଅ ବାବାଠାକୁର ତୁମେ ଦିଅ । ତୁମେ ଦେଲେ ତାର ଆତ୍ମା ଶାନ୍ତ ହେବ । କୋଦାଳ ନେଇ କୋଦାଳେ ମାଟି ଦେଲି । ସଙ୍ଗେସଙ୍ଗେ ମନେହେଲା ସେ ବଞ୍ଚିଥିଲେ କହିଥାନ୍ତା —'ଆ ମୋର ଗୋପାଳ ।'

ମନୁଷ୍ୟର ସ୍ନେହ ଯେ କି ମାୟାବୀ ! ବ୍ୟକ୍ତିଗତ ଜୀବନରେ ସେ ଏହା ଅନୁଭବ କରିଥିଲେ । ଦଙ୍ଗା ପରେ ଘାଟଶିଲା ଯାଉଛନ୍ତି । ଟ୍ରେନ୍‌ରେ ତିଳଧାରଣର ଜାଗା ନାହିଁ । ଗୋଟିଏ ବୃଦ୍ଧ ମୁସଲମାନ ସେହି ଭିଡ଼ ଭିତରେ ଠିଆହୋଇ କୌଣସିମତେ ଯାଉଥିଲା । ତାର ଦୁଇ ଆଖିରେ ଅଶ୍ରୁ । କଥାରୁ କଥାରୁ ଲୋକେ ଶୁଣିଲେ ଯେ ତାର ୧୪।୧୫ ବର୍ଷର ପୁଅଟି ଦଙ୍ଗାରେ ମୃତ୍ୟୁବରଣ କରିଛି । ମୁହୂର୍ତ୍ତକ ମଧ୍ୟରେ ସ୍ୱାର୍ଥପର ମଣିଷର ଚେହେରାଟା ବଦଳିଗଲା । ତାକୁ ଟିକେ ବସିବା ପାଇଁ ଜାଗା ଦେବାକୁ ସମସ୍ତେ ବ୍ୟସ୍ତ ହେଲେ । ଏହି କଥାବସ୍ତୁକୁ ଆଧାର କରି ସେ 'ଭିଡ଼' ନାମକ ଗୋଟିଏ ଗଳ୍ପ ରଚନା କରିଛନ୍ତି ।

'କିନ୍ନରଦଳ'ରେ ମଧ୍ୟ ସେହି ମମତାର ମଧୁ । ଯେଉଁ ଶ୍ରୀପତିର ୧୪।୧୫ ବର୍ଷର ଅସବର୍ଣ୍ଣ ବୋହୂ—ଶାନ୍ତିର ମା' ଭାଷାରେ 'ଝିଅ ଆଉ ନୁହେଁ, ମାଇକିନିଆ ।' ସେହି ବୋହୂ ସ୍ନେହ, ସେବା ଓ ସଙ୍ଗୀତର ସ୍ପର୍ଶଦେଇ ସମସ୍ତଙ୍କର ଆଦରର 'ପାଗଳି ଝିଅ' ହୋଇଉଠିଛି । 'ଚକ୍ରବର୍ତ୍ତୀ ଭଦ୍ରମହିଳା ସବୁଠାରୁ ବେଶୀ ଦୁଃଖ ପାଇଥିଲେ । ଶ୍ରୀପତିର ବୋହୂ କଥା ପଡ଼ିଲେ ସେ ଆଖିର ଲୁହକୁ ସମ୍ଭାଳି ପାରୁନଥିଲେ । କହୁଥିଲେ —ଦୁଇଦିନପାଇଁ ଆସି ମୋତେ କେତେ ମାୟା ଦେଖାଇ ଦେଇଗଲା । ମୋ ପେଟର ଝିଅ ଏମିତି କେବେ ବି କରିନ...। ମୋର ପୋଡ଼ା କପାଳ ! ସେ କ'ଣ ମୋ କପାଳରେ ଟେକିଥାନ୍ତା !

ମଣ୍ଟୁର ମା କହନ୍ତି, 'ସେ କ'ଣ ମଣିଷ ! ଦେବୀ ଅଂଶରେ ତାର ଜନ୍ମ । ନିଜ ମୁହଁରେ ହସି ହସି କହେ—'ଆମେ କିନ୍ନରର ଦଳ ଖୁଡ଼ି ମା' । ଶାପଭ୍ରଷ୍ଟ କିନ୍ନର ତ ଥିଲା । ଯେମିତି ରୂପ, ସେମିତି ସ୍ୱଭାବ, ସେମିତି ଗୀତ । ସେ କ'ଣ ମଣିଷ ଥିଲା ।'

ଅଥବା 'କ୍ୟାନଭାସାର କୃଷ୍ଣଲାଲ' ପରି ଗଳ୍ପ । ବିଭୂତି ଭୂଷଣଙ୍କ କକ୍ଷପଥର ଅନେକଟା ବାହାରେ । ତେବେବି ସେହି 'ସନ୍ଧ୍ୟାବେଳା । ନବୀନ କୁଣ୍ଡୁ ଲେନ୍‌ର ସଙ୍କୀର୍ଣ୍ଣ ଗଳିରେ ଗୋଲାପୀ ଉଠାଚୂଲିରେ ଆଞ୍ଚଦେଇ ପ୍ରାଣପଣେ ପଙ୍ଖାରେ ପବନ କରୁଛି । ଏହିସମୟରେ ବାହାରେ ପଶଚତ ଗଳାରେ କିଏ ଡାକିଲା ଗୋଲାପୀ ହେ ଗୋଲାପୀ, ବାହାରକୁ ଆସି ଜିନିଷଗୁଡ଼ା ଧର । ହାତଭରି ହୋଇଯାଇଛି ।'

'ଏକଟି ଭ୍ରମଣ ବାହିନୀ'ରେ ମଧ୍ୟ ଠିକ୍ ସେଇୟା ଯେମିତି 'ପୁଁଇମାଗ୍' ବା 'ଭୁଛି' ପରି ଆଉ ଗୋଟିଏ ନିର୍ଦ୍ଦନ ସମ୍ପଦର ଦିଗ । ମଣିଷ ଏତେ ଅଳ୍ପରେ ବି ଖୁସି ହୋଇପାରେ ! ସେହି କବିରାଜ ଏବଂ କିରାଣୀ ପ୍ରତିବର୍ଷ ଯେଉଁମାନେ ଶୂନ୍ୟ ପକେଟରେ ଟାଇମ୍‌ଟେବୁଲ ଭ୍ରମଣରେ ବାହାରନ୍ତି । ସେହିବର୍ଷ ପୂଜାଛୁଟିରେ ସତରେ ସେମାନେ ଯିତମତ ଭ୍ରମଣରେ ବାହାରିଲେ । ଚନ୍ଦ୍ରକୂଟ ବା ପରେଶନାଥ ପାହାଡ଼କୁ ବୁଲିଯିବା ହେଲନି । ଶେଷରେ ବାରାସତ ଲଙ୍ଗଳପୋତା । 'ହଠାତ୍ ଗୋପୀକୃଷ୍ଣବାବୁ ପକେଟରୁ ଖଣ୍ଡେ ରଙ୍ଗୀନ୍ କାର୍ଡ଼ ବାହାର କରି କହିଲେ—ହଁ ମୁଁ କହୁଥିଲି ଯେ ବଙ୍କୁ ସରକାର କାଲି ଅଫିସ ବନ୍ଦ ପରେ ଏହି ନିମନ୍ତ୍ରଣ ପତ୍ର ଦେଇଗଲେ । ତାଙ୍କ ଗାଁ ଲଙ୍ଗଳପୋତାରେ ସାର୍ବଜନୀନ ଦୁର୍ଗୋତ୍ସବ ଅନୁଷ୍ଠିତ ହେବ । ରାମାୟଣ ଗୀତ ହେବ । ଚଣ୍ଡୀ ହେବ ଦୁଇରାତି । ଯିବ ? ବେଶୀଦୂର ନୁହେଁ । ବାରାସତ ଷ୍ଟେସନରୁ ଓହ୍ଲାଇ ଦୁଇମାଇଲ । ଚାଲ ଏଥର ପୂଜାଛୁଟିଟା କଲିକତାର ବାହାରେ କଟାଇବା । ସେବି ଭଲଜାଗା । ଯୁବ ସଂପ୍ରଦାୟ ରାସ୍ତାଘାଟ କରିଛନ୍ତି । ଜଙ୍ଗଲ କାଟିଛନ୍ତି । ଗୋଟିଏ ପୁରୁଣା ଶିବମନ୍ଦିର ସେଠି ଅଛି ।

ତାହେଲେ କାଲି ସକାଳ ୭ଟାରେ ଶିଆଲଦାଠାରୁ ଦତ୍ତପୁକୁରୁ ଲୋକାଲ ଛାଡ଼ିବ । ସେଥିରେ ଚାଲିଗଲେ ହେବ । ଦେଖିବାପରି ଜାଗା । ଶମ୍ଭୁଡାକ୍ତର ଉତ୍ସାହରେ କହିଲେ ବେଶ୍ ବେଶ୍ ଭଲ ବୁଲିବା ହେବ । ଚାଲ ଭାଇ ମୁଁ କାଲି ଠିକ୍ ସମୟରେ ପ୍ରସ୍ତୁତ ହୋଇ ଷ୍ଟେସନରେ ହାଜର ହେବି । ପରବର୍ତ୍ତୀ ତିନିଦିନ ଦୁଇ ବନ୍ଧୁଙ୍କର ପରମ ଆନନ୍ଦରେ ଲଙ୍ଗଳପୋତାରେ କଟିଲା । ସତରେ ବେଶ୍ ଭଲଜାଗା । ଅନେକ ଦେଖିବାର ଅଛି । ଗୋଟିଏ ପୁରୁଣା ଶିବମନ୍ଦିର, ଚୌଧୁରୀଙ୍କର ବଡ଼ଦୀଘି ବା ପୋଖରୀ । ଗାଁର ଯୁବକମାନେ ନିଜ ହାତରେ ମାଟିରାସ୍ତା ତିଆରି କରିଛନ୍ତି । ଶନି-ସୋମବାରରେ ହାଟବସେ । ବାଇଗଣ, କଖାରୁ, ଜହ୍ନି, କନ୍ଦମୂଳ ବିକ୍ରୀହୁଏ । ରାମାୟଣ ଗୀତ ହେଲା ନବମୀ ଦିନ ରାତିରେ । ତାପର ଦିନ ଗାଁଦଳର କୃଷ୍ଣଯାତ୍ରା ହେଲା । ଖିଆପିଆ ବେଶ୍ ହେଲା । ବଙ୍କୁ ସରକାର ଅତିଥିବତ୍ସଳ ଲୋକ । ଗୋପୀକୃଷ୍ଣ ବାବୁ ଓ ଶମ୍ଭୁଡାକ୍ତର ଖୁବ୍ ଖୁସିହେଲେ ।'

ଆଉ କାତ୍ୟାୟନ କଳ୍ପପୁଷ୍ପ 'ଭଣ୍ଡୁଲମାମାରବାଡ଼ି' ଲେଖକଙ୍କର ଶୈଶବରେ 'ଭଣ୍ଡୁଲମାମାରବାଡ଼ି' ତିଆରି ହେଉଥିଲା । ସେ ବୁଢ଼ା ହୋଇ ଅବସର ନେଲେ । କିନ୍ତୁ ତାଙ୍କ ଗଳ୍ପର ନିର୍ମାଣ ବି ସେତେବେଳକୁ ଶେଷ ହୋଇପାରି ନଥିଲା । 'ମୋର ମନେହେଲା 'ଭଣ୍ଡୁଲମାମାରବାଡ଼ି'ର ନିର୍ମାଣ ଆରମ୍ଭ ହୋଇଛି ଆଜିଠାରୁ ନୁହେଁ, ଜୀବନର ପଛକୁ ଫେରି ଚାହିଁଲେ ଯେତେଦୂର ଦୃଷ୍ଟି ଯାଏ · ସେଠାରୁ ଅନାଦି କାଳ, ଅନାଦିଯୁଗଧରି ଭଣ୍ଡୁଲମାମା ଘରର ଇଟା ଖଣ୍ଡିଏ ପରେ ଖଣ୍ଡିଏ ଉଠୁଛି... ଶିଶୁରୁ

କେବେ ବାଳକ ହୋଇଥିଲେ, ବାଳକରୁ କିଶୋର, କୈଶୋର କଟିଯାଇ ଏବେ ପ୍ରଥମ ଯୌବନର ଉନ୍ମେଷ । ମୋର ମନେହୁଏ ଏହି ଆଦି-ଅନ୍ତହୀନ ମହାକାଶ ଗୁଡ଼ି କେତେ ଶତଜନ୍ମ ମୃତ୍ୟୁ, ସୃଷ୍ଟି ଓ ପରିବର୍ତ୍ତନର ଇତିହାସ ମଧ୍ୟଦେଇ 'ଭଣ୍ଡୁଲମାମାରବାଡ଼ି' ତିଆରି ହୋଇ ଚାଲିଛି । ତାର ଆଦି ନାହିଁ କି ଅନ୍ତ ନାହିଁ । ମୋ କଳ୍ପଦେଶର ମାମୁଁ ଘରେ ଗ୍ରାମର ମଝିରେ ଶୀତଦିନର ସନ୍ଧ୍ୟାରେ ଭଣ୍ଡୁଲମାମାର ଘରଟା ଗୋଟାଏ କାର୍ଯ୍ୟହୀନ ଅର୍ଥହୀନ, ଉଦ୍ଦେଶ୍ୟହୀନ ରୂପନେଇ ଠିଆ ହୋଇଥାଏ ସେହି ଗଛ ଉଠିଥିବା ଚଟାଣରେ । ଘର ଭିତରକୁ ଯିବାର ବାଟ ବଣ ଗଛଲତାରେ ଭର୍ତ୍ତି । ଦରଜା ଓ ଝରକାରେ କବାଟ ନାହିଁ । ଗଦା ଗଦା କାଠ । ସାମ୍ନାରେ ବି ଗଦା ହୋଇଛି ।'

ମନୁଷ୍ୟର ସ୍ୱପ୍ନ ଓ ଇଚ୍ଛା କିଛି ବିଭୂତି ଭୂଷଣଙ୍କ ଦୃଷ୍ଟିରୁ ବାଦ୍‌ଯାଇନି । ସେଥିରେ 'ମୌରିଫୁଲ'ର ସେହି ଭାଗ୍ୟହତ ସୁଶୀଳା ବି ଅଛି । ଜୀବନରେ ସ୍ୱାମୀର ସ୍ନେହ ସୋହାଗ ପାଇବାକୁ ସେ ଯେ କେତେ ପାଗଳ ! ସବୁ ପ୍ରଣୟୀରେ ବୋଧହୁଏ ଅଭିଶାପ ଅଛି । ସେହି ସୁଶୀଳାର କପାଳରେ ସ୍ୱାମୀହନ୍ତାର ଅଭିଯୋଗ !

'ଗାଙ୍ଗୁଲି ମହାଶୟ ରାମତନୁକୁ କହିଲେ ଗୁରୁ ରକ୍ଷାକରିଛନ୍ତି । ଅବିକା ଯେତେ ଶିଘ୍ରପାରି ବିଦାକରିବାକୁ ଚେଷ୍ଟାକର । ସାରାଦିନ ପରାମର୍ଶ ଚାଲିଲା । ଠିକ୍‌ହେଲା କାଲିସକାଳୁ ଗାଡ଼ିଡାକି ବିପଦକୁ ବିଦା କରାଯିବ । ରାନ୍ଧରେ ଶୋଇ ଶୋଇ କେତେ ରାତି ପର୍ଯ୍ୟନ୍ତ ତାକୁ ନିଦ ହେଲାନି । ଘରର ଝରକା ଖୋଲା । ଜହ୍ନ ଆଲୁଅ ଘର ଭିତରେ ପଡ଼ିଥିଲା । ତା ମନରେ କାଲି ଓ ଆଜି ଅତ୍ୟନ୍ତ କଷ୍ଟ ହୋଇଛି । ସେ ସ୍ୱଭାବତଃ ନିର୍ବୋଧ । ଲାଞ୍ଛନାବୋଧର ଅପମାନ ସେ ଏହାପୂର୍ବରୁ କେବେ ଏମିତି ଅନୁଭବ କରିନାହିଁ; ଯଦିଓ ଏହାପୂର୍ବରୁ ବହୁତ ମାଡ଼ଗାଳି ଖାଇଛି । ତାର ଗୋଟିଏ କାରଣ ଏହିଯେ ଆଜି ଓ କାଲି ପରି ଶଶୁରଶାଶୁ ଓ ଅଗଣାଭର୍ତ୍ତି ଲୋକଙ୍କ ସାମ୍ନାରେ ଏପରି ଅପମାନିତା ସେ କୌଣସିଦିନ ହୋଇନାହିଁ । ସେଥିପାଇଁ ଆଜି ସାରାଦିନଧରି ତା ଆଖିରୁ ଲୁହ ଶୁଖିନି । ମାଡ଼ଖାଇ ତାର ପିଠି ଫୁଲିଛି । ହାତ ଦେଇ ଅଟକାଇଲା ବେଳକୁ ହାତରୁ ଚୂଡ଼ିଭାଙ୍ଗି ହାତ କ୍ଷତବିକ୍ଷତ ହୋଇଛି । ତାହାର ସେହି ସ୍ୱାମୀ ପାଞ୍ଚବର୍ଷପୂର୍ବେ ଏମିତି ରାତରେ ତାକୁ ସାରାରାତ ଶୋଇବାକୁ ଦିଅନ୍ତି ନାହିଁ । ସେ ପାନ ଖାଏନି ବୋଲି କେତେ ମନଭୁଲା କଥାକହି ମୁହଁରେ ପାନ ଗୁଞ୍ଜି ଦେଉଥିଲେ । ସେହି ସ୍ୱାମୀ ଆଜି ଏମିତି କଲେ ?'

'ମେଘ ମହ୍ଲାର'—ଯେମିତି ଏହାର ଠିକ୍ ଓଲଟା । ପରିତ୍ୟାଗର ଯନ୍ତ୍ରଣା ନୁହେଁ, ଆତ୍ମହରାର ସୁଖ । ବିଭୂତି ଭୂଷଣ କହିଛନ୍ତି—'ଯୁଗଯୁଗର ଯେଉଁ ଉଦାର ପ୍ରେରଣା ଆଗେ ଆସି ତରୁଣମାନଙ୍କର ନିର୍ମଳ ପ୍ରାଣରେ ପହଞ୍ଚେ, ପ୍ରଦ୍ୟୁମ୍ନର ପ୍ରାଣର

ବେଳାରେ ତାର ଚେଉଆସି ଲଗିଲା ସେ ଭାବିଲେ ଏ ଜୀବନ ତୁଚ୍ଛ । ତାର କୋମଳ ପାଦରେ କଣ୍ଟାଟିଏ ଫୁଟିଲେ ତାକୁ କାଢ଼ିଦେବାପାଇଁ ମୁଁ ଶତବାର ଜୀବନ ଦେବାପାଇଁ ପ୍ରସ୍ତୁତ ।

ଆଉ ତାର ତଳେ ବି ମିଶ୍ର ଏକ ବ୍ୟଥା ।

'କୁମାର ଶ୍ରେଣୀର ବିହାରରେ ଆଚାର୍ଯ୍ୟ ଶୀଳବ୍ରତ ପାଖରେ ଗୋଟିଏ ଝିଅ ଅଳ୍ପବୟସରେ ଦୀକ୍ଷା ଗ୍ରହଣ କରେ । ତାର ନାଁ ସୁନନ୍ଦା । ଶ୍ରାବଣ୍ୟ ନଗରରେ ଧନବାନ୍ ସାମନ୍ତ୍ୟଦାସର ସେ କନ୍ୟା । ପିତାମାତାଙ୍କର ଅନେକ ଅନୁରୋଧପରେ ମଧ୍ୟ ଝିଅଟି ବିବାହ କରିବାକୁ ସମ୍ମତ ହୋଇନ । ଅତି ଅଳ୍ପବୟସରେ ପ୍ରବ୍ରଜ୍ୟା ଗ୍ରହଣ କରିଥିବାରୁ ସେ ବିହାରରେ ସମସ୍ତଙ୍କ ଶ୍ରଦ୍ଧାର ପାତ୍ରୀ ହୋଇ ଉଠିଛି । ସେଠାରେ କିନ୍ତୁ କାହାର ସଙ୍ଗେ ସେ ମିଶି ନାହିଁ ! ନିଜ କାର୍ଯ୍ୟରେ ସମୟ କାଟିଛି ଓ ସର୍ବଦା କେମିତି ଅନ୍ୟମନସ୍କ ରହିଛି ।

ଜ୍ୟୋତ୍ସ୍ନା ରାତିରେ ନିର୍ଜନ ପାଷାଣ ଗହ୍ୱରରେ ଛିଡ଼ା ହୋଇ ସେ ମନକୁ ମନ କ'ଣ ଭାବେ । ପଡ଼ିଆର ଜହ୍ନ ଆଲୁଅରେ ଅନେକ ରାତିରେ କେହି ଆସିବାର ଦେଖିଲେ ଏକ ଦୃଷ୍ଟିରେ ସେ ଚାହିଁରହେ । ଯେମିତି କେତେଦିନ ପୂର୍ବରୁ ତାର ପ୍ରିୟ ଆସିବ ବୋଲି କହି ଚାଲି ଯାଇଥିଲା । ତାର ଆସିବାଦିନକୁ ଭାବି ଭାବି ତାର ଏହି ଶାନ୍ତ ଧୀର ପଥ ପ୍ରତୀକ୍ଷା । ପ୍ରତିଦିନ ସକାଳେ ସେ କାହାର ପ୍ରତୀକ୍ଷାରେ ଉନ୍ମୁଖ ହୋଇ ରହେ, ସକାଳ କଟିଲେ ସେ ଭାବେ ଅପରାହ୍ଣରେ ଆସିବେ, ଅପରାହ୍ଣ କଟିଗଲେ ସେ ଭାବେ ସନ୍ଧ୍ୟାରେ ଆସିବେ । ଦିନପରେ ଦିନ ମାସପରେ ମାସ ଏହିପରି କେତେ ସକାଳ ସନ୍ଧ୍ୟା କଟିଯାଇଛି । କେହି ଆସିନାହାଁନ୍ତି । ତେବେ ବି ଝିଅଟି ଭାବେ ଆସିବେ-ଆସିବେ-କାଲି ଆସିବେ । ପତ୍ରର ଶବ୍ଦରେ ଚମକିଉଠି ଚାହିଁଦେଖେ ଏତେ ଦିନରେ ବୋଧେ ଆସିଲେ । ଗୋଟିଏ ଗୋଟିଏ ରାତିରେ ସେ ବଡ଼ ଅଦ୍ଭୁତ ସ୍ୱପ୍ନଦେଖେ । କେଉଁଠିକାର ଏକ ପାହାଡ଼ର ଘନ ବେତ ଜଙ୍ଗଲ ଆଉ ବାଉଁଶବଣ ଭିତରେ ଲୁଚିଥିବା ଏକ ଅର୍ଦ୍ଧଭଗ୍ନ ପାଷାଣ ମୂର୍ତ୍ତି, ନିଝୁମ ରାତିରେ ପାହାଡ଼ରେ ବେତଗଛ ପବନରେ ଝୁଲୁଛି । ବାଉଁଶବଣରେ ଶିରଶିର ଶବ୍ଦ ହେଉଛି । ସୁଦୀର୍ଘ ବେତସକୁଞ୍ଜର ଛାୟାରେ ପାଷାଣ ମୂର୍ତ୍ତିର ମୁହଁ ଘୋଡ଼େଇ ହୋଇଛି । ସେହି ଅନ୍ଧକାର ଅର୍ଦ୍ଧରାତ୍ରରେ ଜନହୀନ ପାହାଡ଼ଶ୍ରେଣୀର ବାଉଁଶବଣର ମଝିରେ ଝଡ଼ପବନ ପଣି ସୃଷ୍ଟି କରୁଛି ମେଘମହ୍ଲାର । ସକାଳୁ ଉଠି ରାତିର ସ୍ୱପ୍ନ ମନେପକେଇ ସେ ଆଶ୍ଚର୍ଯ୍ୟ ହୁଏ, କେଉଁଠି ପାହାଡ଼, କେଉଁଠି ବେତବଣ ? କାହାର ମୂର୍ତ୍ତି ? କାହାର ଏ ସବୁ ଅର୍ଥହୀନ ଦୁଃସ୍ୱପ୍ନ ?'

'ପଥେର ପାଞ୍ଚାଲି' ଓ 'ଅପରାଜିତ'ରେ ମଧ୍ୟ ତାହା ମଣିଷ ରହି ରହି ଭୁଲି ଯାଇଛି ଯେ ସେ କେବେ ବଞ୍ଚିଥିଲା । 'ପଥେର ପାଞ୍ଚଲି' ଓ 'ଅପରାଜିତ' ସତେଯେପରି

ମଣିଷ ବଞ୍ଚିଥିବାର ଏକ ଏକ running commentary । ବଞ୍ଚିରହିବାଠାରୁ ଆଉ ବଡ଼ ସାର୍ଥକତା କେଉଁଠିରେ ? ତାଠାରୁ ଆଉ ବଡ଼ ପ୍ରସନ୍ନତା ବା କଣ ? ସେ ହେଉ ତା ଆଖିର ଲୁହରେ ବା ମନର ହସରେ ।

ଇନ୍ଦିରମହାଶୟାଙ୍କର ସେତେବେଳେ ଯୌବନ ଥିଲା 'ସେହି କେତେକାଳ ଆଗର କଥାସବୁ ! ସେହି ସ୍ତ୍ରୀଲୋକ ପ୍ରାୟ ତିନିଥର ଆସିଥିଲେ—ସ୍ୱପ୍ନପରି ମନେପଡ଼େ । ଥରେ ସେ ପୁଟୁଳିରେ କଣ ଖାଦ୍ୟ ଆଣିଥିଲେ ବିଶ୍ୱେଶ୍ୱରୀ ସେତେବେଳେ ଦୁଇ ବର୍ଷର । ସମସ୍ତେ କହିଲେ ସେଗୁଡ଼ା ଚିନିଗୁଲା । ବିଶ୍ୱେଶ୍ୱରୀ ନୋଟାପାଣିରେ ତାକୁ ବି ଗୋଳେଇ ଖାଇଥିଲା ।

ସେଇ ଜଣେ ଲୋକ । ପୁରୁଣା ସେଇ ପିଜୁଳି ଗଛ ତଳେ ଆସି ଛିଡ଼ା ହେଲା । ଶଶୁରଘର ଗାଁରୁ ଆସିଛି କ'ଣ ଖଣ୍ଡିଏ ଚିଠି ନେଇ । ପାଠପଢ଼ୁଆ ଲୋକ କେହି ନାହିଁ । ଭାଇ ଗୋଲକ ପୂର୍ବବର୍ଷ ଆରପାରିକୁ ଚାଲିଯାଇଛି । ବ୍ରଜକାକାଙ୍କ ଚଣ୍ଡୀ ମଣ୍ଡପରେ ପଶାର ଆଡ୍ଡାକୁ ସେ ଚିଠି ଖଣ୍ଡ ନେଇଗଲା । ସେଦିନ କଥା ଆଜି ବି ସ୍ପଷ୍ଟ ମନେପଡ଼େ । ବଡ଼ ମଝିଆଁ ବାପା, ମଝିଆଁ ବାପା, ବ୍ରଜକାକା ଓ ଗାଁର ପଣ୍ଡିତରାୟଙ୍କ ଭାଇ ଯଦୁରାୟ ସେଠି ଉପସ୍ଥିତ ଥିଲେ । ଆହୁରି ମଧ୍ୟ ଗୋଲକର ସାଙ୍ଗ ଭଜହରି ଥିଲେ । ପତ୍ର ପଢ଼ିଲେ ସେଜଆ ବଡ଼ବାପା । ଅବାକ୍ ହୋଇ ସେ ପଚାରିଲେ—ଇନ୍ଦିର ଏ ଚିଠି କିଏ ଆଣିଲା ? ତାପରେ ଇନ୍ଦିରଦେବୀଙ୍କୁ ଘରକୁ ଆସି ହାତର ଚୂଡ଼ି, କପାଳର ସିନ୍ଦୁରକୁ ପୋଛି ନଦୀରେ ଗାଧୋଇବାକୁ ହୋଇଥିଲା ! ପ୍ରଥମ ଯୌବନରେ ଅତି ଆଦରରେ ବାପ ମା ଦେଇଥିବା ରୂପାକାନଫୁଲକୁ ମଧ୍ୟ ଖୋଲି ରଖିବାକୁ ହୋଇଥିଲା । କେତେକାଳର କଥା । ସ୍ୱପ୍ନ ପରି ମନେପଡ଼େ ।'

ସୁଖ ବା କମ୍ କେଉଁଠି ? ସମଗ୍ର 'ପଥେର ପାଞ୍ଚାଲି' ହିଁ ବଞ୍ଚିରହିବାର ସୁଖକୁ ନେଇ ଗଢ଼ା । ପ୍ରତିଦିନ, ପ୍ରତି ଋତୁର ସକାଳ ସନ୍ଧ୍ୟା । ପ୍ରଥମ ବର୍ଷା, ରେଳ ଲାଇନ୍ ଓ ବଣଭୋଜି—ସୁନେଲି ଜରି ଧାରଦିଆ ନିମନ୍ତ୍ରଣପତ୍ରପରି ଅପୁ-ଦୁର୍ଗାର ଜୀବନରେ ଉପସ୍ଥିତ ହୋଇଛି । ବିଭୂତି ଭୂଷଣ କହିଛନ୍ତି—'ଆନନ୍ଦ ! ଆନନ୍ଦ ! ପ୍ରସାରଣର ଆନନ୍ଦ, ଜୀବନର ମଝିରେ ମଝିରେ ଯେଉଁ ଆଢ଼ୁଆଳ ଅଛି । ବିଶାଳ ତୁଷାରଦେବୀ ଗିରିସଙ୍କଟ ଆରପାଖରେ ଯେଉଁ ପୃଥ୍ୱୀ ଦେଖାଯାଉଛି, ତାହାର ଆନନ୍ଦ । ଆଜିର ଆନନ୍ଦ ହେଉଛି ସାମାନ୍ୟ ଗ୍ରେଟକାଟ ତୁଚ୍ଛଜୀବନପରି ଆନନ୍ଦ ।'

'ତାପରେ ସମସ୍ତେ ଯାଇଁ ଶୋଇପଡ଼ନ୍ତି । ରାତି ଗଭୀର ହୁଏ । ଛାତିମ-ଫୁଲର ଉଗ୍ର ସୁବାସରେ ହେମନ୍ତକୁଆଁ ଶିଶିରାର୍ଦ୍ର ନୈଶ୍ୟବାୟୁ ଭରିଗଲା । ମଧ୍ୟରାତିରେ ବାଉଁଶ ବଣର ଶୀର୍ଷରେ କୃଷ୍ଣପକ୍ଷ ଚନ୍ଦ୍ରର ମ୍ଳାନ ଜ୍ୟୋତ୍ସ୍ନା । ଶିଶିର ସିକ୍ତ ଗଛର

ଡାଳପତ୍ରରେ ଚକ୍‌ଚକ୍ କରୁଛି । ଆଲୁଅ-ଅନ୍ଧାରର ଅପରୂପ ମାୟାରେ ବନପ୍ରାନ୍ତ ଘୁମନ୍ତନାରୀର କେଶ ପରି ରହସ୍ୟଭରା । ସୁଉ ସୁଉ ଶବ୍ଦ କରି ହଠାତ୍ ଏକ ଝଲକା ପବନ ସୋନାଲିର ଡାଳ ଦୋହଲାଇ ତେଲକୁଚି ବୁଦାକୁ ହଲାଇ ବାହାରିଗଲା । ଦିନେ ଦିନେ ଏହି ସମୟରେ ଅପୁର ନିଦ ଭାଙ୍ଗି ଯାଉଥିଲା । ସେ ଅନୁଭବ କରେ ସତେ ଯେମିତି ସେହି ଗ୍ରାମର ବିସ୍ମୃତା ଅଧିଷ୍ଠାତ୍ରୀ ଦେବୀ ବିଶାଳାକ୍ଷୀ ଆସିଛନ୍ତି । ପୁଲିନଶାଳିନୀ ଇଛାମତୀର ଡାଳିମଦାନାପରି ସ୍ୱଚ୍ଛପାଣିର ଧାରରେ, ଶିଉଳିଭରା ଥଣ୍ଡା କାଦୁଅରେ କେତେଦିନ ପୂର୍ବରୁ ଯାହାଙ୍କର ଚରଣଚିହ୍ନ ଲୁପ୍ତ ହୋଇଯାଇଛି, ନଦୀକୂଳର ପ୍ରାଚୀନ ସପ୍ତପର୍ଣ୍ଣି ହୁଏତ ଯେଉଁମାନଙ୍କୁ ଦେଖିନି, ସେହିମାନେହିଁ ପୂର୍ବକାଳରେ ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିରରେ ଫୁଲଫଳ ନୈବେଦ୍ୟ ଦେଉଥିଲେ । ଆଜିକାଲିର ଲୋକ କିଏ ତାଙ୍କୁ ଜାଣିଛି । ସେ ଜନ୍ମ ଏ ଗ୍ରାମକୁ ଏବେ ବି ଭୁଲି ନାହାଁନ୍ତି । ଗ୍ରାମ ଜନଶୂନ ହୋଇ-ଗଲେ ଅନେକ ରାତିରେ ସେ ବନେ ବନେ ଫୁଲଫୁଟାଇ ବୁଲନ୍ତି । ବିହଙ୍ଗ ଶିଶୁକୁ ଦେଖାଶୁଣା କରନ୍ତି । ଜ୍ୟୋସ୍ନା ରାତିର ଶେଷ ପ୍ରହରରେ ସାନସାନ ମହୁମାଛିମାନଙ୍କର ଫେଣାଗୁଡ଼ିକୁ ଫୁଲର ମଧୁର ରସରେ ଭରିଦିଅନ୍ତି । ସେ ଜାଣନ୍ତି କେଉଁ ବୁଦାର କୋଣରେ ବାସଙ୍ଗଫୁଲ ଲୁଚି ରହିଛି । ନିଭୃତ ବଣର ମଝିରେ ଗୁଡମଫୁଲର ପାଖୁଡ଼ା କେଉଁଠି ଗଛର ଗୁଳିରେ ଖୋଲିଛି । ଇଛାମତୀର କେଉଁ ବାଙ୍କରେ ସବୁଜଶିଉଳିର ଫାଙ୍କେ ଫାଙ୍କେ ନୀଳପାଖୁଡ଼ା କଲମୀ ଫୁଲର ଭିଡ଼ ଜମିଛି । କଣ୍ଟାଗଛର ଡାଳପତ୍ର ମଧ୍ୟରେ ନିଜେ ତିଆରି କରିଥିବା ନୀଡ଼ରେ ଶ୍ରେଷ୍ଠ ବାରମାସୀ ଚଢ଼େଇଟିର ଶାବକ-ମାନେ କେଉଁଠି ନିଦଭାଙ୍ଗି ଉଠିଲେ—ସେକଥା ମଧ୍ୟ ସେ ଜାଣନ୍ତି । ତାଙ୍କ ରୂପର ସ୍ନିଗ୍ଧ ଆଲୋକରେ ବନ ଭରି ଯାଇଛି, ନୀରବତାରେ, ଜ୍ୟୋସ୍ନାରେ, ସୁଗନ୍ଧରେ, ଅସ୍ପଷ୍ଟ ଆଲୁଅ ଓ ଅନ୍ଧାରର ମାୟାରେ ରାତିର ଅପରୂପ ଶ୍ରୀ । ଦିନର ଆଲୋକ ଆସିବା ପୂର୍ବରୁ ବନର ଲକ୍ଷ୍ମୀ କେଉଁଠି ମିଳାଇ ଯାଆନ୍ତି । ସ୍ୱରୂପ ଚକ୍ରବର୍ତ୍ତୀଙ୍କ ପରେ ତାଙ୍କୁ ଆଉ କେହି କୌଣସି ଦିନ ଦେଖି ନାହାଁନ୍ତି ।'

ପଢ଼ିଲାବେଳେ ମଝିରେ ମଝିରେ ମନେହୁଏ ଇଏ କ'ଣ ଜନ୍ମାନ୍ତରର ସ୍ୱପ୍ନ ନା ଏ ଜନ୍ମର ମାୟା ? ରନ୍ଧ୍ରେ ରନ୍ଧ୍ରେ ବଞ୍ଚିରହିବାର ଏତେ ସୁଖ । ଏତେ ପ୍ରାପ୍ତି !

'ଅପରାଜିତ'ରେ ମଧ୍ୟ ଏଇ ସୁଖ, ଏଇ ମାୟା, ଜୀବନର ସଂଗ୍ରାମରେ ଗୋଟାଏ ଜୀବନକୁ ଗୁଡ଼ି ଯେ କେତେଦୂର ବିସ୍ତୃତ ହୋଇଛି !

ସେହି ରକ୍ତାକ୍ତ ଦିନ ! 'ଦିନସାରା ବଡ଼ କଷ୍ଟ ହୁଏ । ଦୁଇ ପଇସାର ମୁଢ଼ି ଓ କଳର ପାଣି । ତେବେ କି ତ ପେଟ ପୂରେ ! କଲେଜରୁ ବାହାରି ଅପରାହ୍ଣରେ ଏତେ ଭୋକକରେ ଯେ ଦେହ ଝିମ୍‌ଝିମ୍ ହୁଏ । ପେଟ ଯେମିତି ଓଦାବଳିତା ଜାଳିଲା-ପରି ଚଡ଼ଚଡ଼ ଠୋ ଠୋ ଶବ୍ଦ କରେ ।'

ସେହି ମୁହୂର୍ତ୍ତରେ ମନେହୁଏ ମନ୍‌ସାପୋତା, ଗୃଉଳ କଦଳୀ ବନ୍ଧା ନିଶ୍ଚିନ୍ଦପୁରର ନିତ୍ୟନୈମିତ୍ୟ ଜୀବନ ।

'କଲିକତା ଗ୍ରୁଡ଼ି ମନ୍‌ସାପୋତା ଫେରିବେ ? ଏକଥା ସେ ଭାବି ପାରନ୍ତିନି । ପ୍ରତ୍ୟେକ ରକ୍ତବିନ୍ଦୁ ବିଦ୍ରୋହୀ ହୋଇଉଠେ । ତାର ଜୀବନସନ୍ଧାନୀ ମନ ତାକୁ କହିଦେଉଛି—ଏଠାରେ ଜୀବନ, ଆଲୁଅ, ପୁଷ୍ଟି ପ୍ରସାରଣ—ସେପଟେ ଅନ୍ଧକାର, ଦୈନ୍ୟ ଲିଭିଯିବା ।'

ସମଗ୍ର 'ଅପରାଜିତ'ରେ ବଞ୍ଚିରହିବାପାଇଁ ଏହି ଆଲୋକର ଖୋଜା । ବଞ୍ଚିରହିବାଟା ହିଁ କେବଳ ଅସଲ ସ୍ୱପ୍ନ । କାରଣ ଆମେ ଶରୀରରେ ରହୁଥିନା ବଞ୍ଚୁ, ମନକୁ ନେଇ । 'ପଥେର ପାଞ୍ଚାଲି'ରେ ବଞ୍ଚିରହିବାଟାହିଁ ସ୍ୱପ୍ନ । ସ୍ୱପ୍ନ ନିରୁପଦ୍ରବ ପୁଣି କୈଶୋର କାଳରେ । କିନ୍ତୁ 'ଅପରାଜିତ'ର ସ୍ୱପ୍ନ ପଦେ ପଦେ ଉପଦ୍ରୁତ । ଜୀବନ, ଯୌବନ ପ୍ରତି କକ୍ଷର ଦ୍ୱାରରେ ପହରା ଦେଉଛି । ଏତେ ନିର୍ମମ, ଏତେ ସ୍ୱାଭାବିକ ! ଅଥଚ ଯେତେ ଆଘାତ ପାଉଛି ସେତେ ଜୀବନର ସୋହାଗ ଯେପରି କ୍ଷରିତ ହେଉଛି । 'ପଥେର ପାଞ୍ଚାଲି'ର ମାଟିରେ ମାଧୁରୀର ସ୍ୱପ୍ନ—'ଅପରାଜିତ'ର ଇଟାରେ ଅତୃପ୍ତା ସୁଧା । 'ପଥେର ପାଞ୍ଚାଲି' ଓ 'ଅପରାଜିତ' ପୃଥିବୀ ଉପରେ ସହଜ ସୁସ୍ଥ ମନୁଷ୍ୟର ପ୍ରାପ୍ତି ଓ ପ୍ରାପ୍ତବ୍ୟ ।

ପ୍ରତ୍ୟେକ ମନୁଷ୍ୟକୁ ଜୀବନ କିଛି ସ୍ୱପ୍ନର ଅମୃତ ଦିଏ । ବାକି ଅମୃତ ତାକୁ ଜୀବନରେ ଉପାର୍ଜନ କରିବାକୁ ହୁଏ । 'ପଥେର ପାଞ୍ଚାଲି' ଆମ ସ୍ୱପ୍ନର ମାତୃଧନ । 'ଅପରାଜିତ' ଆମ ସ୍ୱପ୍ନର ଉପାର୍ଜନ । ଯେତେ ରକ୍ତାକ୍ତ ସେତେ ଆରକ୍ତ । 'ପଥେର ପାଞ୍ଚାଲି' ପଢ଼ୁ ପଢ଼ୁ ଆମର ମନେହୁଏ ପଥେର ପାଞ୍ଚାଲିରେ ଆମେ ଆଉ କେଉଁଦିନ ପହଞ୍ଚି ପାରିବୁନି । ଅପରାଜିତ ପଢ଼ିଲାବେଳେ ମନେହୁଏ ପହଞ୍ଚିବାର ପଥ ଆମେ ପାଇଛୁ ।

ବସ୍ତୁତ 'ପଥେର ପାଞ୍ଚାଲି'ର ଶେଷରୁ 'ଅପରାଜିତ'ର ପଥ ଆରମ୍ଭ ହୋଇଛି । ନିଶ୍ଚିନ୍ଦପୁର ତ୍ୟାଗ ପରଠାରୁ ଅପୁର ସ୍ୱର୍ଗରୁ ବିଦାୟ । ତାର ଜୀବନ ସଂଗ୍ରାମର ଆରମ୍ଭ । ଯଦିଓ ସଂଗ୍ରାମର ଆରମ୍ଭରେ ତାର ମା' ବାପା ସବୁଠାରୁ ବଡ଼ ତାର ଅନତିକ୍ରାନ୍ତ କୈଶୋର ଥିଲା ତାର ହତିଆର । ତେବେ ବି ଅସମ୍ମାନର ଲକ୍ଷ୍ୟାବୋଧ, ନିରପରାଧ ଶିଶୁତ୍ୱର ଆତ୍ମଗୋପନତା ସେ ବୁଝେ । 'ଦିନେ ଦିନେ ଅପରାହ୍ଣରେ ଅପୁ ଦଶାଶ୍ୱମେଧ ଘାଟରେ ବାପା ସଙ୍ଗେ ବୁଲିବାକୁ ଯାଇ ତାଙ୍କ ମୁହଁରୁ ପୁରାଣପାଠ ଶୁଣୁଥିଲା । ହରିଣଶିଶୁ ଶ୍ୱାପଦ କର୍ତ୍ତୃକ ନିହତ ହେଲେ ହରିଣଶିଶୁର ସ୍ନେହାସିକ୍ତ ରାଜର୍ଷି ଭରତଙ୍କର କରୁଣ ବିରହ ବେଦନା ଓ ପରିଶେଷରେ ତାର ମୃତ୍ୟୁର କାହାଣୀ ଏକମନରେ ଶୁଣୁ ଶୁଣୁ ତାର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୁଏ । ପୁଣି ଯେତେବେଳେ ସିନ୍ଧୁସୌବୀରର ରାଜା ରହୁଗନ

ତାଙ୍କର ସ୍ୱରୂପ ନ ଜାଣି ରାଜର୍ଷି ଭରତଙ୍କୁ ଶିବିକାବାହକରୂପେ ନିଯୁକ୍ତ ଦେଲେ ସେତେବେଳଠାରୁ କୌତୁହଳ ଓ ଉତ୍କଣ୍ଠାରେ ତାର ଛାତି ଧଡ଼ଧଡ଼ କରେ । ମନେହୁଏ ଏଥର ନିଶ୍ଚୟ କିଛି ଘଟିବ । କଥକତାର ଶେଷରେ ପୂରବୀସୁରରେ ଆଶୀର୍ବଚନଟି ତାକୁ ଖୁବ ଭଲ ଲାଗେ—

କାଲେ ବର୍ଷତୁ ପର୍ଜନ୍ୟାଂ ପୃଥିବୀ ଶସ୍ୟଶାଳିନୀ
ଲୋକାଃ ସନ୍ତୁ ନିରାମୟା···

ସନ୍ଧ୍ୟା ସମୟରେ ପ୍ରତି ମନ୍ଦିରରେ ଶଙ୍ଖଘଣ୍ଟର ଧ୍ୱନି ସଙ୍ଗେ ଅସ୍ତଗାମୀ ସୂର୍ଯ୍ୟର ଲାଲ୍-କିରଣ ଓ ପୂରବୀର ମୂର୍ଚ୍ଛନା ସଙ୍ଗେ ହରିଣ ଶିଶୁର ବିୟୋଗ, ବେଦନାତୁର ରାଜର୍ଷିର ବ୍ୟଥା ସତେ ଯେମିତି ଏକାକାର ହୋଇଯାଏ ।

ଘରେ କାଗଜକଲମ ବାପାଙ୍କ ପାଖକୁ ନେଇ କହେ, ମୋତେ ଲେଖିଦିଅ ତୁମର ସେହି ଗାନ—କାଲେ ବର୍ଷତୁ ପର୍ଜନ୍ୟାଂ । ହରିହର ଖୁସିହୋଇ କହେ—ତୁ ବୋଧେ ଶୁଣୁଛୁ ପୁଅ ?···ଅପୁ କିନ୍ତୁ ଗୋଟିଏ କଥା ଲୁଚାଏ, ଯେଉଁଦିନ ତାର ସାଙ୍ଗସାଥି ଥାଆନ୍ତି ସେଦିନ ସେ ବାପାଙ୍କ ପାଖକୁ ଯାଏନା ।'

ତାର ମଝିରେ ଏଇ ଅନାଦର ଆତ୍ମଗ୍ଲାନିର ବୁକୁରେ କେଉଁଠି ମମତାର ମଧୁ ଜାଗେ ? ବାର୍ଦ୍ଧକ୍ୟରେ ବି ଯାହାର ବର୍ଣ୍ଣପରିଚୟ ହୁଏନା, ଅନ୍ନସତ୍ରର ଏକ ଅନାଦୃତ କିଶୋର ସେହି ହୃଦୟଗ୍ରନ୍ଥିର ଗଣ୍ଠି ଖୋଲେ ।

'ଶହେ ବର୍ଷ ଏକସଙ୍ଗେ ରହିଲେ ବି କେହି ହୁଏତ ମୋ ହୃଦୟ ବାହାରେ ରହିଯାଏ, ଯଦି କୌଣସି ବିଶେଷ ଘଟଣାରେ ସେ ମୋର ହୃଦୟର କବାଟ ଖୋଲି ପାରେ ନାହିଁ । ଆଜିକାର ଏହି ନିମନ୍ତ୍ରଣ ଖାଇବାକୁ ଆସିବାର ଅନାଦର ଅବଜ୍ଞା ଅପୁ ବାଳକ ହେଲେ ବି ବୁଝିପାରୁଥିଲା । ତାପରେ ଖାଇବାର ଲୋଭରେ ଓ ଆନନ୍ଦରେ ଅପୁର ଅନ୍ତରତମ ହୃଦୟରେ ଆଘାତ ଲାଗିଲା । ତାର ମନେହେଲା ଏହି କଥକ ଠାକୁର ଅତି ଅଭାଜନ । ସେ ଭାବିଲା କଥକ ଠାକୁର କେତେବେଳେ କିଛି ଖାଇବାକୁ ପାଆନ୍ତି ନାହିଁ । ତେଣୁ ଏ ଲଡ଼ୁଗୁଡ଼ା ଏମିତି ଖାଉଛନ୍ତି । ମାଙ୍କୁ କହି ଦିନେ ତାଙ୍କୁ ନିମନ୍ତ୍ରଣ କରି ବସାରେ ନେଇ ଖୁଆଇବ—

କରୁଣା ଭଲପାଇବାର ସବୁଠାରୁ ମୂଲ୍ୟବାନ ଉପାଦାନ, ତାର ଗାନ୍ଧିନ ବଡ଼ ଶକ୍ତି । ତାର ଶିଶୁମନରେ ଏହି ବିଦେଶୀ । ଦୁଇଦିନର ପରିଚିତ ବଙ୍ଗଳାର କଥକ ଠାକୁର ତାହାର ଦିଦି ଓ ଗୁଲକି ସଙ୍ଗରେ ଗୋଟିଏ ମାଳାରେ ଗୁନ୍ଥା ହୋଇଗଲେ, ଲଡ଼ୁ ଖାଇବାର ଅଧୀର ଲୋଭର ଭଙ୍ଗୀରେ ।'

'ପଥେର ପାଞ୍ଚାଲି'ର 'ଅକ୍ରୂର ସଂବାଦ'ଠାରୁ ଅପୁର ସ୍ୱପ୍ନଭଙ୍ଗ ଓ ଜୀବନ-ସ୍ୱପ୍ନର ଆରମ୍ଭ । ଜୀବନରେ ଯିଏ କୌଣସି ଦିନ ଲାଞ୍ଛିନା ପାଇନି ତା'ର ଜୀବନରେ ଅବାଞ୍ଛିତ ପ୍ରଥମ ପ୍ରହାର କେତେ ସ୍ୱାଭାବିକ ଓ ସ୍ୱପ୍ନଘାତୀ ତାହା କିଏ ନ ଜାଣେ ? ବିଧାତାର ପ୍ରଥମ ପଦସ୍ଖଳନ କି ବାକ୍ୟହୀନ ବେଦନାରେ ଅଥଚ କେତେ ପାଦେ ପାଦେ । 'ଧଡ଼୍‌କିରି ଗୋଟିଏ ବଡ଼ ମାଡ଼ ବାଜିବା ସଙ୍ଗେ ସଙ୍ଗେ ସେ କପରି ବଡ଼ବାବୁ ଓ ପୁନର୍ବାର ଉଠୁଥିବା ବେତଛଡ଼ିଆଡ଼କୁ ଗୃହିଁଲା । ଜୀବନରେ ସେ କେବେହେଲେ ଏହା ପୂର୍ବରୁ ମାଡ଼ ଖାଇନାହିଁ । ବାପା ପାଖରୁ ବି ନୁହେଁ । ତାହାର ବିଭ୍ରାନ୍ତମନ ଯେମିତି ପ୍ରଥମ ପ୍ରହାର ଖାଇବାର ସତ୍ୟଟାକୁ ଗ୍ରହଣ କରିପାରୁ ନାହିଁ । ପରେ ସେ କେତେବାର ଅଜ୍ଞାତସାରରେ ବେତଟା ଅଟକାଇବା ପାଇଁ ହାତ ଦୁଇଟା ଉଠାଇଥିଲା । ଅପୁର ମାଡ଼ଖାଇବା କଥା ସର୍ବଜୟା ଶୁଣିଲେ । ....ଘରେ ରହିନପାରି ସେ ବାହାରର ଅଣଓସାରିଆ ବାରଣ୍ଡାରେ ଠିଆ ହେଲେ । ଅପୁର ଦେହରେ ହାତ ! ସେ ଏବେ ବି କହେ, ମା ସେ ଶିଡ଼ିଘର ଦେଇ ଯେତେବେଳେ ତୁମେ ଆସିବ, ସେତେବେଳେ ସିଡରେ ଏପରି ଡରେଇବି ଯେ....ତାର କ'ଣ କିଛି ବୁଦ୍ଧି ଅଛି ? ....ସର୍ବଜୟାର ଗୁଡଫଟା କୋହ ଆସିଲା । ଟହିଁଟାହିଁଆ ଖରାବେଳ··· । ଆକାଶରେ ଗୋଟାଏ ଦୁଇଟା ପକ୍ଷୀ ଉଡ଼ିବୁଲୁଛନ୍ତି । ଆକାଶକୁ ମୁଣ୍ଡଟେକିଥିବା ଅଁଳାଗଛ ଡାଳରେ ବତାସଟା ବାଧା ପାଇଲା । ଉପରଘର ବାରଣ୍ଡାରେ ବସି କଥାଟା ଭାବି ଭାବି କାନ୍ଦର କୋହରେ ତାଙ୍କର ସର୍ବାଙ୍ଗ କମ୍ପିବାକୁ ଲାଗିଲା ।'

ଶିଶୁର ସ୍ୱପ୍ନ ହତ୍ୟାପରି ନିଷ୍ଠୁରହତ୍ୟା ପୃଥିବୀରେ ଆଉ କ'ଣ କିଛି ଅଛି ? ତେବେ ଏ ହତ୍ୟା ଜୀବନରେ କେତେ ଘଟିଯାଉଛି ଓ କେତେ ସ୍ୱାଭାବିକ । ତାର ପାଖରେ ଜୀବନ ଆଉ ଏକ ଅଭଙ୍ଗା ଅନିମେଷ ସ୍ୱପ୍ନ ନେଇ ଉପସ୍ଥିତ ହେଉଛି ।

'ତାହାପରେ ଅନେକବେଳ ଧରି ଲୀଳା ଆଣିଥିବା ବହି ବହୁତ ସମସ୍ତେ ଦେଖିଲେ । ସପ ପକେଇ ଦୁଇଜଣଯାକ ଆଣ୍ଠୁମାଡ଼ି ବସି ବହି ଉପରକୁ ଝୁଙ୍କିପଡ଼ି ବହି ଦେଖୁଥିଲେ । ଲୀଳାର ରେଶମ ପରି ଚିକ୍କଣ ନରମ କେଶ ଅପୁର ଖୋଲା ଦେହରେ ଲାଗି ଯେମିତି ଶିର୍ ଶିର୍ କଲା । ହଠାତ୍ ଲୀଳା ବହି ଉପରୁ ମୁହଁ ଉଠେଇ କହିଲା—ତୁମେ ଗୀତ ଜାଣ ? ଏହି ସମୟରେ ଷ୍ଟେଟ ରୂପା ଗ୍ଲାସରେ ଗ୍ଲାସେ ଦୁଧ ଧରି ଝି' ଉର୍ଦ୍ଧିମାର କହିଲା—ଏଇ ଯେ ଦାଦା ମଣି ଏଠାରେ.... । ଲୀଳା କହିଲା-ରଖିଦେଇ ଯାଅ ଏହିଠାରେ । ପରେ ଆସି ଗ୍ଲାସ ନେଇଯିବ ।

ଝି' ଗୃଲିଗଲା । ତାପରେ ଆହୁରି କେତେଗୁଡ଼ାଏ ବହିର ଛବି ଦେଖା ଗୃଲିଲା । ଲୀଳା ଦୁଧ ଗ୍ଲାସ ହାତରେ ଧରି କହିଲା—ତୁମେ ଅଧେ ପିଇଦିଅ । ଲୀଳା ଦୁଧ ଗ୍ଲାସକୁ ଅପୁର ମୁହଁରେ ଲଗାଇଲା ଏବଂ ମୁଣ୍ଡ ହଲେଇ କହିଲା ଲାଜ କରିବାର

ନାହିଁ, ମୁଁ ଆଖି ବୁଜୁଛି । ଅପୁ ଏକା ଢୋକରେ କିଛି ଦୁଧପିଇ ମୁହଁକାଢ଼ିନେଲା ଓ ଓଠ ଉପରେ ଥିବା ଦୁଧ ଚହ୍ଲାକୁ ଲୁଗାରେ ପୋଛୁ ପୋଛୁ ହସି ପକାଇଲା । ଲୀଳା ଗ୍ଲାସରେ ଥିବା ବାକି ଦୁଧକୁ ପିଇସାରି ଖିଲ୍‌ଖିଲ୍ ହସିଲା । ସେ କହିଲା ମୋ ଅଇଁଠାକୁ କାହିଁକି ଖାଇଲ ? ଲୀଳା କହିଲା ମୋ ଇଚ୍ଛା ।'

ବିଭୂତି ଭୂଷଣଙ୍କ ସମଗ୍ର ସାହିତ୍ୟ ଖାଲି ସୁଖରେ ଭର୍ତ୍ତି । ପ୍ରଥମରୁ ବହିର ଶେଷ ପର୍ଯ୍ୟନ୍ତ ଗୋଟିଏ ମଣିଷର ଜୀବନଯାପନର ଇତିହାସ ।—To know how to live is my trade. ଇଚ୍ଛା ବି ମନୁଷ୍ୟର ବଞ୍ଚି ରହିବାର ଦୃଷ୍ଟାନ୍ତ । ଗୋଟିଏ ମଣିଷ କ'ଣ ନେଇ ବଞ୍ଚି ରହିଲା ତାହା ନୁହେଁ, କେମିତି ବଞ୍ଚିରହିଲା ତାହା ହେଉଛି ତା ଜୀବନର ପରିଚୟ । 'ମୁଁ ସେମାନଙ୍କୁ କେମିତି ଦେଖିଲି ତାହା ହେଉଛି ଅସଲ କଥା । ଜୀବନକୁ ମୁଁ କେମିତି ଭାବରେ ପାଇଲି ତାହା ସମସ୍ତେ ଜାଣିବାକୁ ଚାହାଁନ୍ତି । ଯେତେ ଅଖ୍ୟାତନାମା ଲେଖକ ହୁଅନ୍ତୁନା କାହିଁକି ତାର ସତ୍ୟ ଅନୁଭୂତି କେବେହେଲେ କୌତୁହଳ ନ ଜଣାଇ ରହି ପାରେନା । ତାହାକୁ ସମସ୍ତେ ପଢ଼ିବେ । ସାହିତ୍ୟ ହେଉଛି-ଜଗତକୁ କିଏ କେଉଁଭଳି ଦେଖୁଛି ତା'ର ବ୍ୟକ୍ତିଗତ ଅଭିଜ୍ଞତାର କାହାଣୀ ।'

'ଗିବନ ବଉର' ପଢ଼ିବାକୁ ଯାଇ ବିଭୂତି ଭୂଷଣ ଚିରକାଳରେ ଇତିହାସର ଇଚ୍ଛାକୁ ଖୋଜିଛନ୍ତି । ଲେଖିଛନ୍ତି ପୁରାତନ ଯୁଗରେ ଜଣେ କୃଷକ ଶସ୍ୟ କାଟିବାପାଇଁ ତାର ପୁଅକୁ ଖଣ୍ଡିଏ ପତ୍ରରେ କିଛି ଆୟୋଜନ କରିବାର କଥା କହିଥିଲା—ବହୁ ହଜାର ବର୍ଷପରେ ତା'ର ଟୁକୁରା ଭଙ୍ଗା ଅଂଶ ମାଟିତଳେ ଚାପାପଡ଼ିଥିବା ମାଟି ପାତ୍ର ପରି ପୁରୁଣାତତ୍ତ୍ୱ କୌତୁହଳୀ ପାଠକର ଆଖିରେ ପଡ଼େ ।'

'ନାସ୍ତିକ'ରୁ 'କୁଶଳପାହାଡ଼ୀ', 'ଅପରାଜିତ'ରୁ 'ଅଶନି ସଙ୍କେତ' କେଉଁଠି ନୁହେଁ ? ଅଥଚ ବାହାର ଦିଗରୁ ସେମାନେ ଅନେକ ସମୟରେ ବିରୋଧୀ । 'ନାସ୍ତିକ'ର ଲୋକନାଥ 'କୁଶଳ ପାହାଡ଼ୀ'ର ସାଧୁ ସମ୍ପୂର୍ଣ୍ଣ ବିପରୀତ । ଜଣେ ଈଶ୍ୱରର ଅସ୍ତିତ୍ୱରେ ସଂଶୟୀ, ଆଉ ଜଣେ ପୂର୍ଣ୍ଣବିଶ୍ୱାସୀ । 'ଅପରାଜିତ' ଓ 'ଅଶନି ସଙ୍କେତ' ମଧ୍ୟ ସେହିପରି । ଅପୁ ଓ ଗଙ୍ଗାଚରଣ କେହି ଏକ ନୁହଁନ୍ତି । ତେବେ ବି ବିଭୂତି ଭୂଷଣଙ୍କର ସମଗ୍ର ପ୍ରାନ୍ତରେ ଏତେ ସୁଖର ସ୍ପର୍ଶ । 'କୁଶଳ ପାହାଡ଼ୀ'ର ସାଧୁଠାରେ ବିଶ୍ୱଶିଳ୍ପୀର କଳ୍ପନା ଓ ବାସ୍ତବତାର ସମନ୍ୱୟ ଘଟିଛି । କିନ୍ତୁ ନାସ୍ତିକର ଲୋକନାଥ ସମ୍ପୂର୍ଣ୍ଣ ଆଜ୍ଞେୟବାଦୀ । ଲୋକେ ଯାହାକୁ ଈଶ୍ୱର କହନ୍ତି ତା ମୂଳରେ କ'ଣ କିଛି ସତ୍ୟ ଅଛି ? ସେହି ମରଣାହତ ଅନ୍ଧକାରର ସାମ୍ନାରେ ଆଲୋକର ଇଶାରା ନେଇ ଏକ କଣୋଶ୍ରୀ ଉପସ୍ଥିତ ହୁଏ ।

'ରାସ୍ତାର ବାଙ୍କରେ ଦିନେ ମେଘଭରା ଅପରାହ୍ନରେ ଝିଅଟିକୁ କିଏ ମାରିଛି । ତାର ଅଲରାବାଲଗୁଡ଼ିକ ମୁହଁର ଚାରିଆଡ଼େ ବିଛେଇ ହୋଇ ପଡ଼ିଛି । ଲୁଗାକୁ କିଏ ଟାଣି ଛିଣ୍ଡେଇ ଦେଇଛି । ସେ କାନ୍ଦି କାନ୍ଦି କହୁଛି—କାହିଁକି ତୁମେ ମାରିବ ? କାହିଁକି ମୋତେ ତୁମେ ମାରିବ ? ଏ ପଡ଼ାକୁ ଆସିଛି ବୋଲି ? ଆଉ କେବେ ଆସିବିନି । ଦେଖିବ ଆଉ କେବେ ଯଦି ମୁଁ ଆସେ ........

ଲୋକନାଥର ମରଣାହତ ଦୃଷ୍ଟି ବିରାଟ ବିଶ୍ୱ ଉପରେ ସେହିଭାବରେ ମୁଗ୍ଧ ଆବଦ୍ଧ ରହିଲା । ବହୁବର୍ଷ ପୂର୍ବର ଶୈଶବକାଳରେ ଗ୍ରାମସୀମାର ପଡ଼ିଆରେ ତାର ଅଜ୍ଞାନ ଶିଶୁ ନୟନଯୋଡ଼ିକ ଯେଉଁଭାବେ ଆବଦ୍ଧ ରହିଥିଲା, ପ୍ରାୟ ଅନ୍ଧକାର ଜଗତଟା ପୁଣି ଏକ ବିରାଟ ପ୍ରଶ୍ନର ରୂପ ପରିଗ୍ରହ କରି ତାର ମୁଖକୁ ଜିଜ୍ଞାସୁ ନୟନରେ ଚାହିଁ ରହିଲା.... । ପ୍ରଶ୍ନର କିଛି ଉତ୍ତର ତା ପାଖରୁ ମିଳିଲାନି........।

'ଅପରାଜିତ'ରେ ଲେଖକ ଏହି ବଞ୍ଚିରହିବାକୁ କେତେ ପଦ ପଦରେ ପ୍ରକାଶ କରିଛନ୍ତି । ଅଥଚ ସେଠାରେ କି ଅପରିସୀମ ଦାରିଦ୍ର୍ୟ, ଯାତନା, ସଂଗ୍ରାମ, 'ପଥେର ପାଞ୍ଚାଲି'ର ଯେଉଁ ସ୍ୱପ୍ନ—ମାଆର ରାନ୍ଧୁଣୀକାମର ଗ୍ଲାନିକର ଦିନଗୁଡ଼ିକୁ ବାଧାଦେଇ ମନ୍‌ସାପୋତାରେ ନିଶ୍ଚିନ୍ତ ଆରାମରେ ଯେଉଁ ଆଶ୍ରୟ ଚାହିଁଥିଲା, ବିଭୂତି ଭୂଷଣ ତାକୁ ମାନିପାରି ନାହାନ୍ତି । ମନ୍‌ସାପୋତା ବା ନିଶ୍ଚିନ୍ଦିପୁର ହେଉ ଏକଥା ସେ କେବେହେଲେ ଚାହିଁ ନାହାଁନ୍ତି । ଅନଭିଜ୍ଞ ଅପୁ ଅବଶ୍ୟ ପ୍ରାର୍ଥନା କରିଥିଲା—ଭଗବାନ୍ ତୁମେ ଏଇୟା କର ଠିକ୍ ଯେମିତି ନିଶ୍ଚିନ୍ଦିପୁର ଫେରିଯାଏ । କେବଳ ଅନଭିଜ୍ଞ ଅପୁ କାହିଁକି ବିସ୍ମୃତଜ୍ଞାନ ବର୍ଷୀୟାନ ପାଠକମାନେ ବି ତ ସେହି ସ୍ୱପ୍ନ ରାଜ୍ୟକୁ ଫେରିଯିବାକୁ ଚାହାଁନ୍ତି । ଯେଉଁ ଦେବାଦିଷ୍ଟ ସ୍ୱପ୍ନଭୂମିର ଚାବି ଆମେ ମଣିଷ ଭିଡ଼ରେ ହଜାଇଛୁ, ଭାବିଛୁ ଯିବା ବାଟରେ ଫେରି ଆସିଲେ ଆମେ ପୁଣିତାକୁ ପାଇବୁ । ବିଭୂତି ଭୂଷଣ କହିଛନ୍ତି—'ମୂର୍ଖ ବାଳକ, ପଥତ ମୋର ଶେଷ ହୋଇନି ତୁମ ଗ୍ରାମର ବାଉଁଶ ବଣରେ, ଠ୍ୟାଙ୍ଗାଡ଼େ ବୀରୁରାୟର ବରଗଛ ମୂଳେ, କି ଧଲଚିତେର ଖେଓଘାଟର ସୀମାରେ । ତୁମର ସୁନାଡାଙ୍ଗା ପଡ଼ିଆଗୁଡ଼ି, ଇଚ୍ଛାମତୀ ପାରି ହୋଇ, ପଦ୍ମଫୁଲରେ ଭରା ମଧୁଖାଲି ବିଲ ପାଖ କଟେଇ, ବେତ୍ରବତୀର ରାସ୍ତାଦେଇ ପଥ ମୋର ଚାଲିଗଲା ସାମ୍ନାରେ କେବଳ ସାମ୍ନାରେ .. । ଦେଶଛାଡ଼ି ଦେଶାନ୍ତରଆଡ଼କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତର ଦିଗକୁ, ଜାଣିବାର ଗଣ୍ଡି ଏଡ଼େଇ ଅଜଣା ଦେଶକୁ । ଦିନରାତି ପାରି ହୋଇ, ଜନ୍ମମରଣ ପାରିହୋଇ, ମାସ ବର୍ଷ ମନ୍ୱନ୍ତର, ପୁଣି ମହାଯୁଗ ପାରିହୋଇ....ଅନିର୍ବାଣ ତାର ବୀଣାସ୍ୱରରେ, କେବଳ ଅନନ୍ତକାଳ ଆଉ ଅନନ୍ତ ଆକାଶ .. । ସେ ପଥରେ ବିନିଦ୍ର ଆନନ୍ଦ ଯାତ୍ରାର ଅଦୃଶ୍ୟ ତିଳକ ତୁମର ଲଲାଟରେ ପିନ୍ଧାଇ ତ ତୁମକୁ ଗୃହଛଡ଼ା କରି ଆଣିଛି.... । ଚାଲ ଆଗକୁ ଯିବା ।'

ଅଥଚ ଗୋଟିଏ କାଳରେ ବିଭୂତି ଭୂଷଣଙ୍କ ଅନଗ୍ରସରତା ସମ୍ପର୍କରେ ଅଭିଯୋଗ ହୋଇଥିଲା । କୁହା ହୋଇଥିଲା ତାଙ୍କ ସାହିତ୍ୟରେ ଆଗକୁ ଯିବା ନାହିଁ, ଦ୍ୱନ୍ଦ୍ୱ ନାହିଁ, ସଂଗ୍ରାମ ନାହିଁ । ଅପୁ କେବଳ ଅପରାଜିତ ନୁହେଁ ଅପରିଚିତ ମଧ୍ୟ । ଅଥଚ କିଏ ନ ଜାଣେ ଅପୁର ସଂଗ୍ରାମ କି ରନ୍ଧ୍ରେ, ରନ୍ଧ୍ରେ, ସର୍ବୋତ୍ଭାବେ କିପରି ନିଜ ସଙ୍ଗେ ନିଃସଙ୍ଗତାଠାରୁ ବଡ଼ ଲଢ଼େଇ ଜୀବନରେ ଆଉ କ'ଣ କିଛି ଅଛି ?

'ପଥେର ପାଞ୍ଚାଲି'ର ସୁଖ ଆମର ଆଶୀର୍ବାଦ । 'ଅପରାଜିତ'ର ସୁଖ ଆମର ଅର୍ଜନ । ନଚେତ ସେ କ'ଣ ଆମକୁ ଏତେ ଆକୃଷ୍ଟ କରିପାରନ୍ତା ? ଅଭିଜ୍ଞ ବ୍ୟକ୍ତିର ବି ବିସ୍ମରଣ ହୁଏ । ନିଜ ସଙ୍ଗେ ସଂଗ୍ରାମ ନ ହେଲେ କ'ଣ ସୁଖ ମିଳେ ? 'ଅପରାଜିତ'ର ସୁଖ ଓ ସଂଗ୍ରାମ ସବୁ ନିଜ ସହିତ । ବାହାରୁ ଦେଖିବାକୁ ଗଲେ ତାର ଅପରିସୀମତା କ'ଣ ଆଖିରେ ପଡ଼େ ? ଅଥଚ ଯେତେବେଳେ ଆଖିରେ ପଡ଼େ ସେତେବେଳେ ବିସ୍ମୟ ପୁଲକ ଓ ବିହ୍ୱଳତା ଯେ କେତେବାର ଜନ୍ମେ ତାର କଳନା ନାହିଁ । କେତେଥର ଯେ ମନେହୁଏ—As though of hemlack I had drunk !

ଜୀବନମହିରୀଠାରୁ ସତ୍ୟ କ'ଣ କିଛି କମ୍ ? ମନ୍‌ସାପୋତା । ସେହି ସର୍ବସ୍ୱହରା ସର୍ବଜୟାର ଗୋଡ଼ତଳର ମାଟି, ଆଖିର ସ୍ୱପ୍ନ ! 'ତାହାର କେତେକାଳର ସ୍ୱପ୍ନ ! ନିଶ୍ଚିନ୍ଦିପୁରର ଘରେ କେତେ ନିସ୍ତବ୍ଧ ମଧ୍ୟାହ୍ନରେ ଅଗଣା ଉପରେ ଝୁଙ୍କି ପଡ଼ିଥିବା ବାଉଁଶ ବଣର ପତ୍ର ଝରିବାରେ, ଘ୍ ଘ୍ ଶବ୍ଦରେ ତାର ଅବସନ୍ନ ଅନ୍ୟମନସ୍କ ମନ ଯେଉଁ ଅବାସ୍ତବ ସ୍ୱଚ୍ଛଳତାର ଛବି ନିଜ ମନକୁ ମନ ଭାଙ୍ଗେ ଓ ଗଢ଼େ—ହାତରେ ପଇସା ନାହିଁ, ଭଙ୍ଗା ଘରେ ରାତିରେ ବର୍ଷାପାଣି ପଡ଼େ । ସାଇଭାଇରେ କେହି ସୁଖପାଏ ନାହିଁ । ସମସ୍ତେ ତୁଚ୍ଛ ତାଚ୍ଛଲ୍ୟ କରନ୍ତି । ମଣିଷବୋଲି ଗଣନ୍ତି ନାହିଁ—ସେ ସବୁ ଦିନର ସ୍ମୃତି ସାଙ୍ଗରେ ସେ ସବୁ ଦୂରକାଳର ଦୂରାଶାର ରଙ୍ଗରେ ରଙ୍ଗୀନ ଭବିଷ୍ୟତ ଜଡ଼ିତ ଥିଲା. ଏତେ ଦିନପରେ ସେମାନେ ପୃଥିବୀର ମାଟିକୁ ଓହ୍ଲାଇ ଆସିଛନ୍ତି ।'

ଅଥଚ ଅପୁ ସେହି କୁଲେଇ ଚଣ୍ଡୀ ପୂଜାର ଦିନ—ହେମଦଣ୍ଡୀଏ ଗୃଉଲ—ଗାଁ ସାରା ପୂଜା—ମା'ର ଆର୍ତ୍ତି ଅନୁରୋଧକୁ ଉପେକ୍ଷା କରି ସ୍କୁଲକୁ ଚାଲିଗଲା । ତା' ଆଖିରେ ସେତେବେଳେ ମନ୍‌ସାପୋତା ପାର ହୋଇ ସ୍ୱପ୍ନ ଓ ଜିଜ୍ଞାସା—'ଏଇ ଗ୍ରେଟ ଗାଁରେ ଚିରଦିନ ଏହିପରି ଷଷ୍ଠୀପୂଜା ଓ ମାକାଳପୂଜା କରି କଟାଇବାକୁ ହେବ ?'

'ଅପୁ ସ୍କୁଲରେ ପହଞ୍ଚିବାକ୍ଷଣି ହେଡ଼ମାଷ୍ଟର ଫଣୀବାବୁ ତାକୁ ଘରକୁ ଡକାଇ ନେଲେ । ଆସ ଅପୂର୍ବ ତୁମର ନମ୍ବର ଦେଖିବ । ବୋର୍ଡ଼ ପରୀକ୍ଷାରେ ତୁମେ ଜିଲ୍ଲାରେ ପ୍ରଥମ ହୋଇଛ । ତୁମେ ଯଦି ପଢ଼ିବ ତେବେ ପାଞ୍ଚ ଟଙ୍କାର ଗୋଟିଏ ବୃତ୍ତିପାଇବ,

ପଢ଼ିବ ତ ? ତୃତୀୟ ପଣ୍ଡିତ କହିଲେ—ପଢ଼ିବନି । ବାଃ ! ସ୍ୱର୍ଗଖଣ୍ଡେ ତ । ସ୍କୁଲର ନାଁ ରଖିଛୁ । ଇନ୍‌ସପେକ୍ଟର ଆସିଲେ ଲେଖି ଦିଅନ୍ତୁ ସେ ହାଇସ୍କୁଲରେ ପଢ଼ିବ । ପ୍ରଥମେ ଅପୁ ଭଲଭାବେ କଥାଟା ବୁଝିପାରିଲାନି । ଯେତେବେଳେ ବୁଝିଲା ସେତେବେଳେ ତା ମୁହଁରୁ କଥା ବାହାରିଲା ନାହିଁ, ହେଡ଼ମାଷ୍ଟର ଖଣ୍ଡିଏ କାଗଜ ତା ସାମ୍ନାରେ ଧରି କହିଲେ ଏଇଠାରେ ନାମ ଦସ୍ତଖତ କର । ଆଜି ଇନ୍‌ସପେକ୍ଟର ଅଫିସକୁ ପଠାଇ ଦେବ ।’

ଆଉ ଠିକ୍ ତାରି ତଳେ ମା’ ମନର ସେହି ଦିନକର ଦୁଃଖ, ମଣିଷର ମମତା ହୋଇ ବିଭୂତି ଭୂଷଣଙ୍କ ସାହିତ୍ୟରେ ମୁଦ୍ରିତ ହୋଇଗଲା । ଶୋକ ସ୍ୱପ୍ନ ସମସ୍ତ ପାର ହୋଇ ଗୋଟିଏ ସାନ୍ତ୍ୱନାଦାୟକ ମନୁଷ୍ୟତ୍ୱ ।

‘ସକାଳୁ ସକାଳୁ ଛୁଟିନେଇ ଘରକୁ ଫେରିବା ବାଟରେ ମାର କରୁଣ ମୁହଁଟି ବାରବାର ତା ମନରେ ପଡ଼ିଲା । ବାଟ ପାଖରେ ଖରବେଳର ରୌଦ୍ରଭରା ଶ୍ୟାମଳ ପଡ଼ିଆ । ପ୍ରାଚୀନ ଓଲ୍ଡ୍-ବରଗଛର ଛାୟା । ଘନ ଶାଖା ପତ୍ରର ଅନ୍ତରାଳରେ ଘୁ ଘୁର ଉଦାସ କଣ୍ଠ, ସବୁ ଯେମିତି କରୁଣ ହୋଇଉଠିଲା । ତା ମନର ଏହି ଅପୂର୍ବ କରୁଣ ଭାବଟି ବଡ଼ ଗଭୀର ଛାୟା ରଖିଦେଇ ଯାଇଥିଲା । ସେହି ଖରବେଳର କଥା । ପରବର୍ତ୍ତୀ ଜୀବନରେ ଖୁବ୍ ମନେପଡ଼େ ତାର । କେତେ କେତେ ଦିନ ପୁଣି ଏହି ଶ୍ୟାମଚ୍ଛାୟା ଭରା ବାଥ, ବାଲ୍ୟର ଅପରୂପ ଜୀବନାନନ୍ଦ ଘୁ ଘୁର ଡାକ, ମା ମନର ଗୋଟିଏ ଦିନର ଦୁଃଖ, ଅନ୍ତରର ମଣିହାରରେ ଗୁନ୍ଥା ଦାନାଗୁଡ଼ିକ ମଧ୍ୟରୁ ଗୋଟିଏ ବହୁ ବିସ୍ମୃତ ମୁକ୍ତାବଳୀର ମଧ୍ୟରେ କେମିତି ଅକ୍ଷୟ ହୋଇ ରହିଥିଲା ।’

ସମଗ୍ର ‘ଅପରାଜିତ’ରେ ଖାଲି ଜୀବନର ଅକ୍ଷୟ ସୁଖର ସଞ୍ଚୟ । ଅଥଚ ପ୍ରତି ପଦେ ପଦେ ତାର କ୍ଷୟ ଓ କ୍ଷତିରେ, ମୃତ୍ୟୁ ଓ ଯାତନାରେ କି ବିଡ଼ମ୍ବିତ ! କେତେବେଳେ ହୁଏତ କିଛି କଳ୍ପନା ହେଲେ ବି ମଣିଷ ଜୀବନର ସତ୍ୟପରି ସେ ଅତି ନିବିଡ଼ ବା ତା’ର ପାଖାପାଖି ସେହି ସର୍ବଜୟାର ମୃତ୍ୟୁର ଅବିସ୍ମରଣୀୟ ଅନୁଭବ । କେତେ କ୍ଲେଶ, କେତେ ପାପ ସେ କରିଛି । କଳା ମାଙ୍କଡ଼ସା’ ପରି ମୃତ୍ୟୁ ଅନ୍ଧକାରରେ ନିଃସଙ୍ଗ ସର୍ବଜୟାର ଗୋଡ଼ରୁ ଉଠିଆସୁଛି । ହଠାତ୍ ସେହି ମୁହୂର୍ତ୍ତରେ ଜହ୍ନ ଆଲୁଅରେ କୋଠିଘରେ ଶିଶୁ ଅପୁ ପରି ମୃତ୍ୟୁ ଆସିଛି ।

‘ଘର ଅନ୍ଧକାର, ଖଟତଳେ ଚୁଟିଆମୂଷା ଖୁଟ୍ ଖୁଟ୍ କରୁଛି । ସର୍ବଜୟା ଭାବିଲା ତାଙ୍କ ଘରୁ ମୂଷାମରା ଯନ୍ତ୍ର ନ ଆଣିଲେ ଚଳିବନି··· । ନ ହେଲେ ନୂଆ ମୁଗଗୁଡ଼ା ସବୁ ଖାଇ ଦେବ । କିନ୍ତୁ ଚୁଟିଆ ମୂଷାର ଶବ୍ଦ ତ ? ସର୍ବଜୟାର ପୁଣି ସେହି ଭୟଟା ଆସିଲା ।....ଦୁର୍ଦ୍ଦମନୀୟ ଭୟ···ସାରା ଶରୀର ଯେମିତି ଧୀରେ ଧୀରେ ଅସାଡ଼

ହୋଇ ଆସିଲା ଭୟରେ···ପାଦଆଡ଼ୁ ଭୟଟା ଉପରକୁ ଉଠିଲା···ଯେତେ ଉଠୁଛି ସେତେ ଅଚଳ କରିଦେଉଛି । ଗୋଡ ଆଡ଼ୁ ନୁହେଁ । ହାତର ଆଙ୍ଗୁଳି ଆଡ଼ୁ । କିନ୍ତୁ ତାର ସନ୍ଦେହ ହେଉଛି କାହିଁକି ? ମୃତ୍ୟୁର ଶବ୍ଦ ନୁହେଁ କାହିଁକି ? ପୁଣି କି ଶବ୍ଦ ? କାହାର ଶବ୍ଦ ?....କେତେବେଳେ ତ ଏମିତି ସନ୍ଦେହ ହୁଏନା ?·· ହଠାତ୍ ସର୍ବଜୟାର ମନେହେଲା—ଗୋଡ଼ଆଡ଼ୁ ଓ ହାତଆଡ଼ୁ ଭୟ କହି ଯାହା ଉପରଆଡ଼କୁ ଉଠୁଥିଲା ତାହା ଭୟ ନୁହେଁ, ମୃତ୍ୟୁ । ମୃତ୍ୟୁର ଭୀଷଣ ଭୟରେ ସର୍ବଜୟା ଧଡ଼୍ପଡ଼୍ କରି ପୁଣି ବିଛଣାରୁ ଉଠିପଡ଼ିଲା ।... ଚିତ୍କାର କଲା....ଖୁବ୍....ଖୁବ୍ ଚିତ୍କାର । ଆକାଶଫଟା ଚିତ୍କାର···ଅନେକ କ୍ଷଣ ଚିତ୍କାର କରିଛି । ଆଉ ସେ ପାଟିକରି ପାରୁନି.... ତାର ଗଳା ପଡ଼ିଯାଇଛି....। କେହି ଆସିଲେନି ତ ?—କିନ୍ତୁ ସେ ତା ବିଛଣାରୁ....ପୁଣି ବିଛଣାରୁ ଉଠିଲା କେତେବେଳେ ? ସେ ତ ଉଠି ନାହିଁ .. । ଭୟରେ ତାର ଦେହଟା ଥର ଥର ଥରୁଛି । ଯେମିତି ଖୁବ୍ ବଡ଼ ଗୋଟାଏ କଳା ମାଙ୍କଡ଼ ସା’... । ଶୁଣ୍ଢର ବିଷରେ ଦେହ ଅବଶ...ଅଚଳ .. ।

ସୁନ୍ଦର ଜହ୍ନ ଉଠିଛି ।....ଜଣକର କଥା ମନେପଡ଼େ .. ଅପୁ... ଅପୁ... । ଅପୁକୁ ଛାଡ଼ି ସେ ରହିବା ଅସମ୍ଭବ । ବିସ୍ମୟର ସହିତ ଦେଖିଲା ସେ ନିଜେ ଅନେକ କ୍ଷଣ ହେଲା କାନ୍ଦୁଛି । ଏତେ ସମୟ ହେଲା ସେ ତାର ଟେର ପାଉନି । ଆଶ୍ଚର୍ଯ୍ୟ, ଆଖିର ପାଣିରେ ତକିଆ ଭିଜିଛି ।....ଅପୂର୍ବ ଜ୍ୟୋତ୍ସ୍ନା, ଭୟ ହୁଏନା.... । କେମିତି ଗୋଟାଏ ଆନନ୍ଦ.... ପୁରାତନ ଆକାଶଟା ସ୍ନେହରେ, ପ୍ରେମରେ ଜ୍ୟୋତ୍ସ୍ନା ହୋଇ ଗଳି ଝରି ବିନ୍ଦୁରେ ବିନ୍ଦୁରେ ନିଜକୁ ନିଃଶେଷ କରି ଦେଉଛି । ଟୁପ୍, ଟୁପ୍ ଟୁପ୍ ଟାପ୍ ... ଜ୍ୟୋତ୍ସ୍ନାର ଆଲୁଅରେ ଝରକାର ରେଲିଂ ଧରି କିଏ ଠିଆ ହୋଇଛି ? ସର୍ବଜୟାର ଦୃଷ୍ଟି ପାଖ ଝରକାଆଡ଼କୁ ନିବଦ୍ଧ ହେଲା ବିସ୍ମୟରେ । ଆନନ୍ଦରେ ରୋଗଣୀର୍ଣ୍ଣ ମୁହଁ ଖଣ୍ଡିକ ମୁହୂର୍ତ୍ତିକେ ଉଜ୍ଜ୍ୱଳ ହୋଇ ଉଠିଲା । ....ଅପୁ .. ଠିଆ ହୋଇଛି । ସେହି ଶ୍ରେଷ୍ଠ ଦିନର ଶ୍ରେଷ୍ଠ ଅପୁ । ଏତେ ଶ୍ରେଷ୍ଠ ଅପୁ । ନିଶ୍ଚିନ୍ଦିପୁରର ବାଉଁଶବଣର ଭିଟାରେ ଏମିତି କେତେ ଚୈତ୍ର ଜ୍ୟୋତ୍ସ୍ନାରାତିରେ ଭଙ୍ଗା ଝରକା ଫାଙ୍କ ଦେଇ ଜହ୍ନ ଆଲୁଅ ଆସି ପଡ଼େ । ସେହି ଆଲୁଅରେ କଅଁଳିଆ ଫୁଲ କଢ଼ି ପରି ଅପୁର ମୁହଁ... ସେହି ଅପୁ ।

ମୃତ୍ୟୁ ବୋଧେ ଆସିଛି ।—ତାଙ୍କ ପୁଅ ବେଶରେ । ତାଙ୍କୁ ଆଦର କରି ବାଟକଢ଼େଇ ନେବା ପାଇଁ । ....ଏତେ ସୁନ୍ଦର ।’

ମାଆର ମୃତ୍ୟୁରେ ଅପୁର ବିଚିତ୍ର ଅନୁଭବ କି କମ୍ ? ଏକ ମିଶ୍ରିତ ସୁଖଦୁଃଖ, ଏତେ ଜୀବନାନୁରାଗ, ଏତେ ବିସ୍ମୟ, ଏତେ ମନୁଷ୍ୟ ସୁଖଦାୟକ ! ପ୍ରିୟଜନର ବନ୍ଧନଠାରୁ ବଡ ସ୍ୱର୍ଣ୍ଣଶୃଙ୍ଖଳ କ’ଣ ଅଛି ? ବିଶେଷ କରି ସେ ବନ୍ଧନ ଯଦି ଦାରିଦ୍ର୍ୟହିତ ସର୍ବୋପରି ମାତୃବନ୍ଧନ ହୁଏ । ଏକାକୀତ୍ୱରେ ଓ ଆଶାରେ କେତେ ସ୍ୱାଭାବିକ ଭାବରେ

ଅପୁ ପାଖରେ ଏହି ମାତୃବନ୍ଧନ ସ୍ୱର୍ଣ୍ଣଶୃଙ୍ଖଳପରି ମନେ ହୋଇଛି । ବେଦନାଦାୟକ, ଅଚ୍ଛେଦ୍ୟ ।

'ସର୍ବଜୟାର ମୃତ୍ୟୁ ପରେ ଅପୁ ଏକ ଅଦ୍ଭୁତ ମନୋଭାବ ସହିତ ପରିଚିତ ହେଲା । ପ୍ରଥମ ଅଂଶଟା ଆନନ୍ଦମିଶ୍ରିତ—ଏମିତିକି ମାଆର ମୃତ୍ୟୁ ସମ୍ବାଦ ପ୍ରଥମେ ଯେତେବେଳେ ସେ ବଲବାଡ଼ିରେ ତାରରେ ଜାଣିଲା ସେତେବେଳେ ପ୍ରଥମେ ତାହାର ମନରେ ଗୋଟିଏ ଆନନ୍ଦ, ଗୋଟିଏ ଯେମିତି ମୁକ୍ତିର ନିଃଶ୍ୱାସ—ଗୋଟିଏ ବନ୍ଧନ ଛଡ଼ାର ଉଲ୍ଲାସଭାବ ଅତି ଅଳକ୍ଷଣ ପାଇଁ ନିଜର ଅଜ୍ଞାତସାରରେ ଖେଳିଗଲା । ତାପରେ ନିଜ ମନୋଭାବ ପାଇଁ ତାର ଦୁଃଖ ଓ ଆତଙ୍କ ଉପସ୍ଥିତ ହେଲା । ଏକ'ଣ ! ସେ ଗୃହେଁ କଣ ? ମା' ଯେ ନିଜକୁ ଏକବାରେ ନିଃଶେଷ କରିପକାଇଛନ୍ତି ତାର ସୁଖ ସୁବିଧା ପାଇଁ ! ମା' କ'ଣ ତା ଜୀବନପଥର ବାଧା ? କେମିତି ସେ ଏତେ ନିଷ୍ଠୁର ଓ ଏପରି ହୃଦୟହୀନ ।....ତେବେ ବି ସତ୍ୟକୁ ସେ ଅସ୍ୱୀକାର କରି ପାରିଲାନି । ମା'କୁ ଏତେ ଭଲ ପାଏ ସେ, କିନ୍ତୁ ମା'ର ମୃତ୍ୟୁ ସମ୍ବାଦଟା ତା ମନକୁ ଉଲ୍ଲାସର ସ୍ପର୍ଶ ଆଣିଥିଲା ।—ଏହା ସତ୍ୟ—ସତ୍ୟ—ତାହାକୁ ଉଡ଼ାଇ ଦେବାର ଉପାୟ ନାହିଁ ।'

ଆଉ ଏହାରି ତଳେ ଆଉ ଗୋଟିଏ ସତ୍ୟତର ମନୁଷ୍ୟତ୍ୱ । କରୁଣ, ଅପରିସୀମ ।

'ଦଶପିଣ୍ଡର ଦିନ ସେ କି ତୀବ୍ର ବେଦନା ! ପୁରୋହିତ କହୁଛନ୍ତି ପ୍ରେତାଶ୍ରୀ ସର୍ବଜୟା ଦେବୀ—ଅପୁ ଭାବେ କାହାକୁ ପ୍ରେତ କହୁଛନ୍ତି ? ସର୍ବଜୟା ଦେବୀ ପ୍ରେତ ? ତାହାର ମା', ପ୍ରୀତି ଆନନ୍ଦ, ସୁଖ, ଦୁଃଖର ସଙ୍ଗିନୀ । ଏଇ କେତେଦିନ ଆଗରୁ ଯିଏ ଏତେ ଆଶାମୟୀ, ଏତେ ହାସ୍ୟମୟୀ ଓ ଏତେ ଜୀବନ୍ତ ଥିଲେ, ସେ କ'ଣ ପ୍ରେତ ? ତାପରେ ମଧୁର ଆଶାର ବାଣୀ—ଆକାଶ ମଧୁମୟ ହେଉ । ପବନ ମଧୁମୟ ହେଉ । ଅନ୍ତରୀକ୍ଷସ୍ଥ ସୂର୍ଯ୍ୟ, ଚନ୍ଦ୍ର ଆମର ପିତା ମଧୁମୟ ହୁଅନ୍ତୁ । ସାରାଦିନବ୍ୟାପୀ ଉପବାସ, ଅବସାଦ, ଓ ଶୋକ ପରେ ଏ ମନ୍ତ୍ର ଅପୁର ମନରେ ସତରେ ମଧୁ ବର୍ଷଣ କରିଥିଲା । ଆଖିର ଲୁହକୁ ସେ ସମ୍ଭାଳି ପାରିନି । ହେ ଆକାଶର ଦେବତା, ପବନର ଦେବତା ! ମୋର ମା' ଅନେକ କଷ୍ଟକରି ଯାଇଛନ୍ତି, ତାଙ୍କ ପ୍ରାଣରେ ତୁମେ ଉଦାର ଆଶୀର୍ବାଦ ଧାରା ବର୍ଷଣ କର ।'

ବିଭୂତି ଭୂଷଣ ତାଙ୍କର ସମଗ୍ର ସାହିତ୍ୟରେ ଏହି ବଞ୍ଚି ରହିବାର ଅମୃତକୁ ଦୁଃଖ ସୁଖରେ ଏତେ ବାଣ୍ଟିଛନ୍ତି ! ସାଧାରଣ ମାଟି ପାତ୍ରରେ ଏପରି ତାକୁ ତୋଳି ଧରିଛନ୍ତି ! ବାରମ୍ବାର ରବୀନ୍ଦ୍ରନାଥଙ୍କ କଥା ମନକୁ ଆସେ—ପିଲାଙ୍କର ମନ ଭୁଲାଇବା ପାଇଁ ନାଚଗୀତର ରଙ୍ଗ ବେଶଭୂଷା ପରି ସେ ସାହିତ୍ୟକୁ ସଜେଇପାରି ନାହାଁନ୍ତି ।

ତାଙ୍କ ଗଳ୍ପ ଓ ଉପନ୍ୟାସସମୂହ ଠିଆ ହୋଇଛନ୍ତି ନିଜ ସତ୍ୟର ଜୋରରେ, ବାସ୍ତବତାର ଭିତ୍ତିଭୂମି ଉପରେ ।

ଜୀବନ ହେଉଛି ସୁଖ ଦୁଃଖର ଏକ ବିମିଶ୍ର ବିସ୍ମୟ । ବିଯୁକ୍ତ ଅଭିଜ୍ଞତା, ସମଗ୍ର ଅପରାଜିତରେ ତାହା ଏତେ ଉନ୍ମେଷଶାଳୀ ଏତେ ଉତ୍ତରଣଶୀଳ ମାଆର ମୃତ୍ୟୁ ଯେପରି ମନୁଷ୍ୟତ୍ୱ—ସୁଖ ଭୂମିର ସିଂହଦ୍ୱାର, ଅପର୍ଣ୍ଣାର ବିବାହକୁ କେନ୍ଦ୍ରକରି—ଶୁକ୍ଳ ଦ୍ୱାଦଶୀର ଚନ୍ଦ୍ରାଲୋକରେ ମୃତା ମାଆର ହାତଛୁଆଁ ସେମିତି ଅପାର୍ଥିବ ମାୟା ରାଜ୍ୟର କର୍ଣ୍ଣୀପଥ ।

'ମାଆ ଏ ସମୟରେ କେଉଁଠି ? ମାଆର ଅସରନ୍ତି ଆଶା ଥିଲି.... ମନ୍‌ସାପୋତାର ଘରେ ଶୋଇରହି କେତେ କେତେ ଆଶାର ସଉଧ ସେ ଗଢ଼ୁଥିଲି । କେତେ ଆଶାର ଗଳ୍ପ....ମାଆର ସେ ସୁନା ଦେହ କୋଦଲାଘାଟର ଶ୍ମଶାନରେ ଜଳିଗିବା ରାତିଠାରୁ ସେ ଆକାଂକ୍ଷାର ସମାଧି ହୋଇଯାଇଥିଲି··· । ମାଆକୁ ବାଦ୍‌ଦେଇ ଜୀବନର କୌଣସି ଉତ୍ସବ....ତପ୍ତ ଆକୁଳ ଆଖିରେ, ଚତୁର୍ଦ୍ଦିଗ ଝାପ୍‌ସା ହୋଇଆସିଲି । ଶୁକ୍ଳ ଦ୍ୱାଦଶୀ ରାତିର ଜ୍ୟୋତ୍ସ୍ନା ସତେ ଯେମିତି ତାର ପରଲୋକଗତ ଦୁଃଖିନୀ ମାଆର ଆଶୀର୍ବାଦ ପରି ତାର ବିଭ୍ରାନ୍ତ ହୃଦୟକୁ ସ୍ପର୍ଶକରି ସରଳ ଶୁଭ୍ର ମହିମାରେ ସ୍ୱର୍ଗରୁ ଝରିପଡ଼ୁଛି ।'

ବଞ୍ଚିଥିବାଯାଏ ଜୀବନର କି ଗଭୀର ସ୍ପର୍ଶ ! ଶ୍ରୀ ଗୋପାଳ ମଲ୍ଲିକ ଲେନ୍‌ର ଅପୁ—ଅପର୍ଣ୍ଣାର ସେହି ଦାମ୍ପତ୍ୟ ଜୀବନ । ବିଭବ ଭୂଷଣ ତାର ପ୍ରତି କୋଷେ କୋଷେ ମମତାର ମଧୁ ଭରିଦେଇଛନ୍ତି । ତୁଚ୍ଛ କଥା, ଅର୍ଥହୀନ ସ୍ୱପ୍ନ, ସର୍ବୋପରି ଅପର୍ଣ୍ଣା ନାମ୍ନୀ ଏକ ମନୁଷ୍ୟତ୍ୱର ଉଷ୍ମତାରେ ଜୀବନ କି ମଧୁର ହୋଇ ଦେଖାଦେଇଛି !

'ଅପୁ ମୁହଁ ଧୋଇବାକୁ ଯାଇଁ କହିଲା—ରଜନୀଗନ୍ଧା ଗଛଟା କାହିଁକି ଝୁଲି ଯାଇଛି କହିଲ ? ଟିକିଏ ବାନ୍ଧିଦିଅ । ଚା' ଖାଇବାକୁ ବସିଥିବାବେଳେ କୌଣସି ପ୍ରୌଢ଼ା କଣ୍ଠର କର୍କଶ ସ୍ୱର ଶୁଣାଗଲା—ତାହେଲେ ବାବୁ ଶହେଟଙ୍କା ଘରଭଡ଼ା ଦେଇ ତୁ ଯାଇଁ ସାହେବ ପଡ଼ାରେ ରହି—ଅପୁ କହିଲା—ତାହେଲେ ପୁଣି ଗାଙ୍ଗୁଲୀ ଭଦ୍ର ମହିଳା ସଙ୍ଗେ ସାଙ୍ଗ ହୋଇଛ ? ଅପର୍ଣ୍ଣା କହିଲା—ନୂଆକରି ସାଙ୍ଗ ନୁହେଁ, ପୂର୍ବରୁ ତାଙ୍କର ମିତ୍ରତା ଅଛି ।....ଅଫିସରେ ଯେତେବେଳେ କାମ ନଥାଏ ସେତେବେଳେ ଗୋଟିଏ କାଗଜ ନେଇ କାଳ୍ପନିକ ବଗିଚା ଗୃହର ନକ୍‌ସା ସେ ଆଙ୍କେ । ଘରକୁ ଫେରି ଜଳଯୋଗ ପରେ ସ୍ତ୍ରୀ ସଙ୍ଗେ ଗପକରେ—ଚମ୍ପାଗଛଟା କେଉଁପଟେ ଲାଗିବ କୁହତ ? ଅପର୍ଣ୍ଣା ଏହି ଦେଢ଼ବର୍ଷ ଭିତରେ ସ୍ୱାମୀଙ୍କୁ ଖୁବ୍ ଭଲଭାବେ ଜାଣିଛି । ସ୍ୱାମୀଙ୍କ ଏହି ପିଲାଳିଆ କଥାବାର୍ତ୍ତାରେ ସେ ସ୍ୱ ଇଚ୍ଛାରେ ଯୋଗଦିଏ । କହେ ଖାଲି ଚମ୍ପା କାହିଁକି

ଆଉ କ'ଣ କ'ଣ ରହିବ ? ଝରକାର ଜାଫିରିରେ କି ଲତା ଉଠିବ କୁହତ ?.... ଏଇ ଅପର୍ଣ୍ଣାହିଁ ଧରାବନ୍ଧା ଜୀବନ ଭିତରେ ଆନନ୍ଦର ଏକମାତ୍ର ଉତ୍ସ । ଅଫିସରୁ ଫେରିଲେ ସେ ଯେତେବେଳେ ସହାସ୍ୟ ବଦନରେ ଟ୍ରେ' ନେଇ ପାଖରେ ଠିଆହୁଏ ସେତେବେଳେ ମନକୁ ଆସେ ଅପର୍ଣ୍ଣା ଯଦି ନଥାନ୍ତା ! ଏ ସ୍ଥାନକୁ ଘରବୋଲି ଭାବିପାରନ୍ତି ? ଏଇ ଶ୍ରେଷ୍ଠ ମାଗିଭାଡ଼ିକୁ ଘରବୋଲି ମନେକରି ହୁଏ କେବଳ ଅପର୍ଣ୍ଣା ଏଠି ଅଛି ବୋଲି ନତୁବା ଚୌକି ଟେବୁଲ ବାସନ କୁସନ ଏସବୁ ସଂସାର ନୁହେଁ । ଅପର୍ଣ୍ଣା ଯେତେବେଳେ ବିଶେଷ ଧରଣରେ ଶାଢ଼ୀ ପିନ୍ଧି ଘର ମଧ୍ୟରେ ଆତଯାତ ହୁଏ ଅପୁ ମନରେ ଭାବେ ଏଇ ସ୍ନେହନୀଡ଼ କେବଳ ତାରି ଚାରିପାଖ ଘେରି ରହିଛି । ତାର ଓଠର ହସ, ଗୁଢର ସ୍ନେହ ସତେ ଯେପରି ପରମ ଆଶ୍ରୟ । ନୀଡ଼ରଚନା ଯେପରି ତାର ଇନ୍ଦ୍ରଜାଲ ।'

ସାହିତ୍ୟିକମାନେ ଏହି ବଞ୍ଚିରହିବାର ଇନ୍ଦ୍ରଜାଲକୁ ଚିହ୍ନାଇ ଦିଅନ୍ତି, ବିସ୍ତୃତ କରନ୍ତି । ବିଭୂତି ଭୂଷଣଙ୍କ କ୍ଷେତ୍ରରେ ଏହାର ମାତ୍ରା ଟିକିଏ ଅଧିକ । ତାଙ୍କ ସାହିତ୍ୟରେ ଏହି ଇନ୍ଦ୍ରଜାଲ ଏତେ ଅସହାୟ ଦୀନତା, ଅକାଙ୍କ୍ଷିତ କର୍ତ୍ତାଠାରୁ ଉଠି ଆସେ ଯେ କେଉଁଠି ତାକୁ ଆମେ ରୋଧ କରିପାରୁନା । ସେଇ 'ପୁଁଇମାଚା', 'ମୌରୀଫୁଲ', 'କିନ୍ନରଦଳ'ରୁ ଆରମ୍ଭକରି 'ଅପରାଜିତ', 'ଅନୁବର୍ତ୍ତନ', 'ଅଶନି ସଂକେତ' କେଉଁଠି ନୁହେଁ ? ଡାଏରୀରେ ବି ଲେଖିଛନ୍ତି—'ତୁମେ ଜହ୍ନ ଆଲୁଅକୁ ଭଲପାଅକି ? ଫୁଲ ଫଳ ଗଛଲତା ଓ ବିହଙ୍ଗର କାକଳି ତୁମକୁ ଆକୃଷ୍ଟ କରେ କି ? ସଙ୍ଗୀତର ସ୍ୱନରେ ତୁମେ ଆତ୍ମହରା ହୁଅକି ? ପୃଥିବୀର ଭାଗ୍ୟହୀନ ପିଲାମାନଙ୍କର କରୁଣ ଦୁଃଖ କାହାଣୀ ଶୁଣିଲେ ତୁମ ଆଖିରେ ଲୋତକ ଆସେ କି ? ମନ ବ୍ୟାକୁଳ ହୋଇଉଠେକି ? ଆର୍ତ୍ତିର କ୍ରନ୍ଦନ ଧ୍ୱନିରେ ତୁମେ ଅନ୍ୟମନସ୍କ ହୁଅକି ? ତେବେ ତୁମେ ଅନନ୍ତ ଜୀବନର ଉତ୍ତରାଧିକାରୀ । ତୁମ ସୁଖର ସୀମାନାହିଁ । ସେ ସୁଖ ବା ସେ ଖୁସି ଆନନ୍ଦର ମଧ୍ୟରେ ନୁହେଁ; ଦୁଃଖର ମଧ୍ୟଦେଇ । ନକ୍ଷତ୍ରରୁ ନକ୍ଷତ୍ର ବୁଲି ଦେଖ କେତେ ଦୀନଦରିଦ୍ର ଆତୁର ଜୀବନ କଠୋର ସଂଗ୍ରାମକରି ନଷ୍ଟ ହୋଇ ଯାଉଛନ୍ତି । ନିର୍ଜନ ନଦୀ କୂଳରେ କେହି ହୁଏତ ବସି ବିଳାପ କରୁଛି । ତାର ଆଖିରୁ ଲୋତକ ପୋଛିବା ପାଇଁ ଚେଷ୍ଟାକର । ତା'ର ଦୁଃଖରେ ଦୁଃଖୀ ହୁଅ । ତା ସହିତ ବିଳାପକର । ସେହି ହେବ ତୁମର ସ୍ୱର୍ଗ । ଆଖିର ଲୁହରେ ଏ ବିଶ୍ୱ ସୃଷ୍ଟି ଧନ୍ୟ ହୋଇଛି । ଆଖିର ଲୁହ, କ୍ରନ୍ଦନ, ଅତ୍ୟାଚାର ନଥିଲେ ବିଶ୍ୱର ସୌନ୍ଦର୍ଯ୍ୟ ରହନ୍ତା ନାହିଁ । ସବୁ ସୁଖ, ସବୁ ପରିପୂର୍ଣ୍ଣତା, ସବୁ ଐଶ୍ୱର୍ଯ୍ୟ, ସବୁ ଶାନ୍ତି ସନ୍ତୋଷ ଯେମିତି ମରୁଭୂମିପରି ଭୟାନକ ଖାଁ ଖାଁ ଗୋଡ଼ାନ୍ତା । ମଝିରେ ମଝିରେ ଆର୍ତ୍ତିମାନଙ୍କର ଆଖିର ଲୁହ ଶ୍ୟାମଶାନ୍ତିଭରା 'ଓଏସିସ୍' ଅଛି ବୋଲି ତାହା କରୁଣ ମଧୁର ହୋଇଛି । ଆକାଶରେ ଉଇଁଥିବା ଜହ୍ନକୁ ଦେଖି ଅନେକଦିନତଳେ ମୃତ୍ୟୁବରଣ କରିଥିବା ପୁଅକଥା

ଭାବଲେ ଦେଖିବ ଜନ୍ମ ମଧ୍ୟ କରୁଣ ହୋଇଆସୁଛି । ଯେଉଁ ବୃଦ୍ଧାଟି ଗାଁର ପାଞ୍ଚ ଜଣଙ୍କଠାରୁ ଝାଡ଼ୁ ଗୋଇଠା ଖାଇ କଚ୍ଛାଦନ ପୂର୍ବରୁ ଛିଣ୍ଡା କନ୍ଥା ମଧ୍ୟରେ ପାଣି ଟୋପାଏ ନପାଇ ମୃତ୍ୟୁବରଣ କରିଥିଲା, ତାର କଥାଭାବ ଦେଖିବ ମନ ଉଦାର ଶୋକ ଓ ଶାନ୍ତିରେ ଭରିଯିବ । ଜଗତର ପବିତ୍ର କାରୁଣ୍ୟର ଆଶାହତ ବ୍ୟର୍ଥତାର ମଝିଦେଇ ଅନ୍ତରର ଅନାହତ ଧ୍ୱନି ଭ୍ରମ କାନରେ ବାଜିବ । ଯିଏ ପରର ଦୁଃଖରେ କାନ୍ଦିବା ଶିଖିନି ଜଗତରେ ସେ ଅତି ଦୁର୍ଭାଗା । ଗୋଟିଏ ଅଦ୍ଭୁତ ଜୀବନ ରସରୁ ସେ ବଞ୍ଚିତ ହୋଇଅଛି ।'

ବିଭୂତି ଭୂଷଣ ଜାଣିଶୁଣି ଯେମିତି ସବୁ କହିଯାଇଛନ୍ତି—'ବଙ୍ଗଳାଦେଶର ମର୍ମ କାହାଣୀ ଲୁକ୍‌କାୟିତ ଅଛି, ଆମ୍ବ, ବକୁଳ, ବାଉଁଶ ବଣର ଆଡୁଆଳର ନିଭୃତ ପଲ୍ଲୀପ୍ରାନ୍ତରରେ । ଯିଏ ଲେଖକ ହେବେ, ତାଙ୍କୁ ଆସିବାକୁ ହେବ ଏହି ସ୍ଥାନକୁ । ମିଶିବାକୁ ହେବ ଏମାନଙ୍କ ସଙ୍ଗେ, ଯୋଗଦେବାକୁ ହେବ ଏମାନଙ୍କର ଶାନ୍ତ ଉତ୍ତେଜନାହୀନ ତୁଚ୍ଛ ଅନାଡ଼ମ୍ବର ଅଖ୍ୟାତ ଗ୍ରାମ୍ୟ ଜୀବନର ଉତ୍ସବରେ । ଏମାନଙ୍କୁ ବୁଝିବାକୁ ହେବ, ଭଲପାଇବାକୁ ହେବ ।' ନିଜ କଥାରେ ସେ କହିଥିଲେ—'ମଣିଷକୁ ଭଲପାଇ ମୋର ଲାଭ ହୋଇଛି କିନ୍ତୁ କ୍ଷତି ହୋଇନି ।' ନଣ୍ଟୁ ବିହାରୀକୁ ଚିଠିରେ ଲେଖିଥିଲେ—'ଗାଁ ମାଟି ସଙ୍ଗେ ସମ୍ପର୍କ ରଖ' । ବ୍ୟକ୍ତିଗତ ଭାବରେ ଯେଉଁ ମଣିଷ କଲିକତାରେ ଏତେ ଖ୍ୟାତିନେଇ ବି ମେସ୍‌ରେ ରହୁଥିଲେ, ତଥାପି ସେ ବାରାକ୍‌ପୁରକୁ ଯିବା ଆସିବାକରି ସମ୍ପର୍କ ରଖିଥିଲେ । ଜଙ୍ଗଲ ମାହାଲର ଯେତେବେଳେ ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ ସେତେବେଳେ ଯେଉଁ ମଣିଷ ପ୍ରଜାମାନଙ୍କ ସଙ୍ଗରେ ଛଡ଼ାହୋଇ ବର୍ଷାରେ ଭିଜିଥିଲେ, ସେହି ମଣିଷ ବଞ୍ଚିରହିବାର ସୁଖକୁ ସାହିତ୍ୟରେ ଚହ୍ଲାଇ ଦେବା ତ ସ୍ୱାଭାବିକ । କେବଳ 'ପଥେର ପାଞ୍ଚାଲି' ବା 'ଅପରାଜିତ'ରେ ନୁହେଁ ବିଭୂତି ଭୂଷଣ ପ୍ରାୟ ତାଙ୍କର ସମସ୍ତ ଉପନ୍ୟାସରେ ସାର୍ଥକତା ଓ ବ୍ୟର୍ଥତା ମଧ୍ୟରେ ଜୀବନର ଏଇ ବଞ୍ଚିରହିବାର ବିସ୍ମୟକୁ ଧରି ଦେଇଛନ୍ତି—ଏପରିକି ତାଙ୍କର ପରବର୍ତ୍ତୀ ଲେଖା 'ଦୃଷ୍ଟି ପ୍ରଦୀପ' ଓ 'ଅନୁବର୍ତ୍ତିନ' ଠାରୁ ଆରମ୍ଭକରି ଶେଷର 'ଇଚ୍ଛାମତୀ' ପର୍ଯ୍ୟନ୍ତ । ସବୁ ଲେଖା ଯେ ସମାନ ଭାବେ ସାର୍ଥକ ହୋଇଛି ତାହା ନୁହେଁ, ହେଲେ କେହି ସ୍ୱଧର୍ମଚ୍ୟୁତ ନୁହେଁ ।

ବିଭୂତି ଭୂଷଣଙ୍କ 'ଦୃଷ୍ଟି ପ୍ରଦୀପ' ସତେ ଯେପରି ତାଙ୍କ 'ପଥେର ପାଞ୍ଚାଲି' ଓ 'ଅପରାଜିତ'ରେ ଥିବା ବ୍ୟର୍ଥତାର ସାରକଥା । 'ପଥେର ପାଞ୍ଚାଲିର' ସ୍ୱପ୍ନ ବା 'ଅପରାଜିତ'ର ସତ୍ୟାନୁଭୂତ ମଧ୍ୟରୁ କୌଣସି ଗୋଟିଏ ହେଲେ ଖୁବ୍ ଭଲଭାବେ ଜିତୁଠାରେ ନାହିଁ, ତେବେ ବି ଜିତୁ ଅପୁର ଭାଇ । ଜିତୁର ସ୍ନେହ ଦାରିଦ୍ର୍ୟରେ ଗଢ଼ା ସଂସାର ଅନେକ ପରିମାଣରେ ଅପୁ ସଂସାରର ଛାଞ୍ଚରେ ଢଳାଇ ଯଦିଓ ଛାଞ୍ଚରେ ଢାଳିବାକୁ ଯିବାବେଳେ ଜୀବନରସ ଅନେକଟା ବଦଳି ଯାଇଛି ।

'ଆଦର୍ଶ ହିନ୍ଦୁ ହୋଟେଲ' ବା 'କେଦାର ରାଜା'ରେ ବିଭୂତି ଭୂଷଣ ବର୍ଣ୍ଣିତର ଏଇ ଜୀବନରସ ପାଖରେ ଯଥେଷ୍ଟ ପ୍ରତିଶ୍ରୁତିବଦ୍ଧ ଓ ବ୍ୟାଖ୍ୟା ପରିପୂର୍ଣ । 'ପଥେର ପାଞ୍ଚାଲି' ଓ 'ଅପରାଜିତ'ରେ ସୁଖରେ ଦୁଃଖରେ ଭଲରେ ମନ୍ଦରେ ଜୀବନ ଯେଉଁଠି ଏକ ଉପଭୋଗ୍ୟ ଅଜ୍ଞେୟତା—ଏଇସବୁ ଗ୍ରନ୍ଥରେ ଜୀବନ ସେଠାରେ ଏକ ଉତ୍ଥାନ ପତନ ହୀନ ସରଳତା । ଅତ୍ୟନ୍ତ ଭଲ, ଅତ୍ୟନ୍ତ ଅତ୍ୟାଗ୍ରହିତ । ତେବେ ବି ତାଙ୍କର ଗୋଟାଏ ଟାଣ ବା ଯୋର ଅଛି । ସୁଖମୟତା ଅଛି । ତାର କାରଣ ସେମାନେ ମାଟିର ଖୁବ୍ ପାଖାପାଖି । ଜୀବନର ସତେଜତା ତାଙ୍କ ଦେହରୁ ଯାଇନି । ପଢ଼ୁ ପଢ଼ୁ ଅନେକ ସମୟରେ ମନେହୁଏ ଯେମିତି ବଙ୍ଗଳା ଦେଶର କୌଣସି ଗ୍ରାମରେ ଏମିତି ମଣିଷର ସାମ୍ନାରେ ଆମେ ଠିଆ ହୋଇଛୁ । ତାଙ୍କର ଅକାଳ୍ପନିକତା, ଗ୍ରାମ୍ୟତା ଅଥଚ ନିରାଭରଣ ମନୁଷ୍ୟତ୍ୱ ନେଇ ସେମାନେ ଏତେ ଜୀବନ୍ତ ଏତେ ପ୍ରାଣସ୍ପର୍ଶୀ !

'ହାଜାରିପରଟା' ନାମ ଶୁଣି କୌତୁକ ଓ କୌତୂହଳ ଦୁଇଟା ଜାଗେ । ତାର ନାମ କହିବାର କାଇଦାଟା ଯେମିତି ମଜ୍ଜା ସେମିତି ସରଳ ସ୍ୱଭାବର । ପ୍ରଥମ ଯେଉଁଦିନ ରାନାଘାଟ ଆସି ବେଚୁଚକ୍ରବର୍ତ୍ତୀର ହୋଟେଲରେ ପଶନ୍ତି ସେ କଥା ଆଜି ବି ମନେପଡ଼େ । ମାଲିକ ସାମ୍ନାରେ ବସିଥିଲେ—ତୁମର ନାମ କ'ଣ ?—ଆଜ୍ଞା ହଜାରି ଦେବଶର୍ମା, ଉପାଧି ଚକ୍ରବର୍ତ୍ତୀ । ଏହିପରି ନାମ କହିବାକୁ ହଜାରିର ପିତା ତାକୁ ଶିକ୍ଷା ଦେଇଥିଲେ ।'

ଅନ୍ୟ ମଣିଷଙ୍କ ପରି ତାର ଆଶା ବି କେତେ ସାମାନ୍ୟ ! 'ତା ମନରେ ବଡ଼ ଆଶା, ସେ ନିଜେ ଗୋଟିଏ ହୋଟେଲ ଖୋଲିବ । ସେ ହୋଟେଲର ବାହାରେ, ଲେଖାଥିବ — ହଜାରି ଚକ୍ରବର୍ତ୍ତୀର ହିନ୍ଦୁ ହୋଟେଲ, ରାନାଘାଟ, ଭଦ୍ର ଲୋକଙ୍କର ଶସ୍ତାରେ ଆହାର ଓ ବିଶ୍ରାମର ସ୍ଥାନ । ଆସନ୍ତୁ ! ଦେଖନ୍ତୁ ! ପରୀକ୍ଷା କରନ୍ତୁ ! ମାଲିକପରି ଆରାମରେ ଗଦିରେ ତକିଆ ଉପରେ ଢଳିବସି ସେ ଟିକେଟ ବନ୍ଦୋବସ୍ତ କରିବ । ରାନ୍ଧୁଣିଆ ବ୍ରାହ୍ମଣ ଓ ଚାକରାଣୀ ତାକୁ ବାବୁ ବୋଲି ଡାକିବେ । ଏଇ ହୋଟେଲ ପରି ଚାକର ଚାକରାଣୀ ଉପରେ ସେ ସବୁ ଭାର ଦେବନି । ଗ୍ରାହକଙ୍କୁ ଭଲ ଜିନିଷ ଖୁଆଇ ଖୁସିକରି ପଇସା ନେବ ।'

ବେଚୁ ଚକ୍ରବର୍ତ୍ତୀର ଏହି ହୋଟେଲରେ ଗ୍ରାହକମାନଙ୍କୁ ଠକେଇବାର ପଦ୍ଧତିଟି ମଧ୍ୟ ଖୁବ୍ ସରଳ ଓ ଉପଭୋଗ୍ୟ । 'ଶିକ୍ଷା ପାଇଥିବା ମତି ଚାକର ଆସି କହିଲା ହେ ବାବୁ ବନଗାଁର ଗାଡ଼ି ଆସିବାର ସମୟ ଆସି ହେଲା । ରନ୍ଧାବଢ଼ା କିଛି ହେଲାନି ଏଯାଏ । ଘଣ୍ଟା ପଡ଼ି ଯାଇଛି ଯେ ଗ୍ରାହକମାନେ ସମସ୍ତେ ବ୍ୟସ୍ତ ହୋଇ ଉଠିଲେ । ଏମାନେ ମଧ୍ୟ ସେହି ଗାଡ଼ିରେ କୃଷ୍ଣ ନଗର ଯିବେ । ଜଣେ ପଚାରିଲା— ଘଣ୍ଟା ପଡ଼ିଯାଇଛି ? ମତି ଚାକର କହିଲା ହଁ ବାବୁ ଅନେକ ବେଳୁ । ଗାଡ଼ି

ଗାଂନାପୁର ଗ୍ରୁଡ଼ିଛୁ— ମାଛଭଜା ଖାଇବା ପଛକୁ ଥାଉ—ସେମାନେ ଜଲଦ ଜଲଦ ଉଠିପାରିଲେ ବଞ୍ଚନ୍ତ । ଗାଡ଼ି ଗ୍ରୁଡ଼ିଦେଲେ ଆଉ ଗାଡ଼ି ନାହିଁ । ପଦ୍ମା ଝି କହିଲା ଆହା ଉଠିବେନ, ବାବୁମାନେ ? ଗ୍ରାହକମାନେ ଉଠି ପଡ଼ିଲେ—ଧୀର ଭାବେ ବସି ଖାଇବା ଆଉ ତାଙ୍କ ପକ୍ଷେ ସମ୍ଭବ ନୁହେଁ । ସେମାନେ ଚାଲିଯିବା ପରେ ପଦ୍ମା ଝି କହିଲା— ଯାଆନ୍ତୁ, ଛଖଣ୍ଡ ମାଛ ତ ବଞ୍ଚିଗଲା ।’

‘କେଦାର ରାଜା’ର ସେହି ରାଜାମହାଶୟଙ୍କର ଗାରିମା ଓ ଗୌରବବର୍ଜିତ ସରଳତା ଖୁବ ଉପଭୋଗ୍ୟ । ଉପଭୋଗ୍ୟ ସେହି ଜିଲ୍ଲାର ଶେଷ ଦେଖାର ବିସ୍ମୟ । ‘ବଡ଼ ଭଲ ଲାଗିଛି ରାଜା ମହାଶୟଙ୍କୁ । ନଦୀର ତୀର । ବରଗଛର ତଳ, ଘରର କ୍ଷେତ ଝିଅମାନଙ୍କର ଲୁଗା କାଚୁଥିବା ପଡ଼ିଥିବା ହୁଏତ କୌଣସି ପୋଖରୀର ଧାର, ଯାହାଦେଖି ଆବାକ୍ ହୋଇ ଠିଆ ହୁଏ । ବଡ଼ ଭଲ ଲାଗିଛି ମୋତେ । ଯେଉଁଠାରେ ନଦୀୟା ଜିଲ୍ଲା ଶେଷହେଲା, ସେଠାରେ ଗୋଟାଏ ବଡ଼ ଶିମୁଳିଗଛ ରାସ୍ତାର ଧାରରେ ଅଛି । ଜିଲ୍ଲାର ଶେଷ କେବେହେଲେ ଦେଖିନି—ହାଁକରି ଠିଆହୋଇ ସ୍ଥାନଟାକୁ କିଛି କ୍ଷଣ ଦେଖିଲି । ପଡ଼ିଆରେ ବେଶ୍ ଖରାପଡ଼ିଛି, ଆକାଶରେ ଚିଲ ଉଡୁଛି । କେହି କେଉଁଠାରେ ନାହାଁନ୍ତି । କେଦାର ବିସ୍ମୟ ଓ କୌତୁହଳରେ ବୁଢ଼ାର ଗପ ଶୁଣୁଥିଲା । ତାର ବଡ଼ ଇଚ୍ଛା ଥିଲା, ନଦୀୟା ଜିଲ୍ଲା ଯେଉଁଠି ଶେଷ ହୋଇଛି ସେହି ଶିମୁଳି ଗଛର ତଳେଯାଇଁ ଥରେ ଠିଆହେବ । ଯଦିଓ ସେ ଦେଖିନି ଜିଲ୍ଲା କପରି ଶେଷ ହୋଇଛି । ତେଣୁ ବୃଦ୍ଧର ବର୍ଣ୍ଣନା ଶୁଣି ଶୁଣି ମନେ ମନେ ଅନେକ ଦୂରର ସେହି ଅଦେଖା ଶିମୁଳି ଗଛର ତଳକୁ ଚାଲି ଯାଇଛି ତାର ମନ ।’

‘ଅନୁବର୍ତ୍ତିନ’ ଅବଶ୍ୟ ଅନେକ ବେଶୀ ଜୀବନ୍ତ ଓ ମର୍ମସ୍ପର୍ଶୀ । ବଡ଼ ବଜାରର ଗୋଟିଏ ସ୍କୁଲକୁ ନେଇ ଶିକ୍ଷକ ମହାଶୟଙ୍କ ଜୀବନର ତୁଚ୍ଛ ଈର୍ଷା-ଅନୁଗ୍ରହ, ଆଶା-ନିରାଶା, ବଞ୍ଚନା-ପ୍ରବଞ୍ଚନାକୁ ବିଭୂତି ଭୂଷଣ ଏତେ ସୁନ୍ଦର କରି ଆଙ୍କିଛନ୍ତି ଯେ, ପଢ଼ୁ ପଢ଼ୁ ମନେହୁଏ ସତେ ଯେପରି ସମଗ୍ର ବଙ୍ଗଳାଦେଶର ଶିକ୍ଷକ ଜୀବନର ଛବି । ଏତେ ନଗଣ୍ୟ, ଏତେ କରୁଣ, ଏତେ ସମାହିତ । ଅବଶ୍ୟ ନ ହେବ କେମିତି ? ବିଭୂତି ଭୂଷଣଙ୍କ ସମଗ୍ର ଜୀବନ କେବଳ ଶିକ୍ଷକତା କରି କଟିଥିଲା । ଏମାନଙ୍କର ବ୍ୟଥା ବେଦନା, ଉଚ୍ଚତା-ତୁଚ୍ଛତା ଦୁଇଟିକୁ ସେ ଅତି ନିକଟରୁ ଦେଖିଥିଲେ ।

ଗ୍ରୀଷ୍ମର ଖରା ମଧ୍ୟାହ୍ନରେ ଘରକୁ ଫେରି ଯେଉଁଠାରେ ଟୋପାଏ ହେଲେ ପାଣି ମିଳେନା, ସେଠାରେ ମର୍ଣ୍ଣିଂ ସ୍କୁଲ ଶେଷରେ On the betterment of the hand writing of the seventh class boys’ ସମ୍ପର୍କରେ ହେଡ଼ମାଷ୍ଟର Mr. Clerck Weller, ଏବଂ ଶିକ୍ଷକ ମହାଶୟ ମାନଙ୍କର ମିଟିଂ

ଯେମିତି ବନ୍ଧୁ ଆଡ଼ମ୍ବରପୂର୍ଣ୍ଣ ଓ କରୁଣ—ସେମିତି ସେହି ସାହେବ ପ୍ରଧାନ ଶିକ୍ଷକଙ୍କୁ ବୋକା ବନେଇ ଘଣ୍ଟାକର୍ଣ୍ଣ ପୂଜା ଉପଲକ୍ଷେ ଶିକ୍ଷକମାନଙ୍କ ଛୁଟି କରେଇନେବା—
'The school will remain closed tomorrow the 9th inst, for the great Hindu festival Ghanta Karna Puja.'

ଅଥବା ଅସହାୟ ଶିକ୍ଷକ ଜୀବନର ସେହି ଛବି । ଛ' ମାସ ବିନା ବେତନ ପରେ—'ହତଭାଗ୍ୟ ଶିକ୍ଷକଦଳ ଖାଲି ପେଟରେ, ଶ୍ରାନ୍ତ ଦେହରେ ପାଞ୍ଚଟା ପର୍ଯ୍ୟନ୍ତ ନାନାଭାବରେ କୌଶଳ ଉଦ୍ଭାବନ କରିବାରେ ବ୍ୟସ୍ତ ରହିଲେ—ତୃତୀୟ ଶ୍ରେଣୀରେ ଆଲଜେବ୍ରା କପରି ଭଲଭାବେ ଶିଖେଇବାକୁ ହେବ । ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ କୌଣସି ବୈଦେଶିକ ଶକ୍ତି ଯୁଦ୍ଧ ଘୋଷଣାକଲେ, ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଏତଦ୍‌ପେକ୍ଷା ଅଧିକ ଆଗ୍ରହ ଓ ଉଦ୍ୟୋଗ ଦେଖାଇପାରନ୍ତ ନାହିଁ ତାଙ୍କ କ୍ୟାବିନେଟ ମିଟିଂରେ ।'

ଦେଶର ଏଇ ବଞ୍ଚିତ ଦଳ କି ଅପରିସୀମ ଅବହେଳିତ । ସାରାଦେଶ ଭ୍ରୂକ୍ଷେପହୀନ ! ଅର୍ଥହୀନ ବୋଲି ଏମାନଙ୍କ ପରିବାରରେ ଚିକିତ୍ସା ନିରର୍ଥକ, ମୁମୂର୍ଷୁ ସ୍ତ୍ରୀକୁ ପ୍ରତିଦିନ ଡାକ୍ତରଖାନାରେ ଦେଖାଇବା ଅସମ୍ଭବ କାରଣ ଟିଉସନ ଥାଏ । ମୃତ୍ୟୁ କେତେ ମୂଲ୍ୟହୀନଭାବେ ଏମାନଙ୍କ ଜୀବନରେ ଯାତାୟତ କରେ ।

'କ୍ଷେତ୍ରବାବୁ ପ୍ରତିଦିନ ଆସି ପାରନ୍ତି ନାହିଁ । ଟିଉସନ, ଘରେ ଛୁଆପିଲାଙ୍କର ଦେଖାଶୁଣା—ଏସବୁ ସାରି ଖ୍ରେନ୍ ହସ୍‌ପିଟାଲ ଆସିପାରନ୍ତି ନାହିଁ । ନାରଣବାବୁ ଆସନ୍ତି ବୋଲି ହୁଏତ ସେମିତି ଯିବା ଦରକାର ପଡ଼େନା । ସେଦିନ ନାରଣବାବୁ ଟିଉସନସାରି ବଡ଼ ବଜାରର ମୋଡ଼ ଉପରୁ ଗୋଟିଏ ବେଦନା ଓ ଦୁଇଟି କମଳାଲେମ୍ବୁ କିଣିଲେ ଡାକ୍ତରଖାନାର ହଲ୍‌ରେ ଦେଖିଲେ, ହଲର କୋଣରେ ନଅନମ୍ବରର ସେ ବିଛଣାଟି ଖାଲି । ଲୁହାଖଟଟି ଲୁହା ପଞ୍ଜରା ବାହାରକରି ପଡ଼ିଛି । ନାରଣବାବୁ ଭାବିଲେ ତାଙ୍କର ଭୁଲ୍ ହୋଇଛି । ବାର୍ଦ୍ଧକ୍ୟହେତୁ ଯେଉଁ ଘରକୁ ଯିବାକଥା ସେ ଘରକୁ ବୋଧେ ସେ ଯାଇନାହାଁନ୍ତି । ବାହାରକୁ ଆସି ବାରଣ୍ଡାରେ ଥିବା ପାଣି ଡ୍ରମଟି ଦେଖିଲେ । ନାଁ ଏଇ ଡ୍ରମତ ଅଛି—ଏଇ ଘରତ । ଆଉଥରେ ସେ ଘରକୁ ପଶିଲେ । ପାଖ ବିଛଣାର ଗୋଟିଏ ରୋଗୀ କହିଲା—ଆପଣ କାହାକୁ ଖୋଜୁଚନ୍ତି କୁହନ୍ତୁତ ? ଆହା ! ଆପଣ ଜାଣନ୍ତି ନାହିଁ ସେତ ଆଜି ଦ୍ୱିପହରରେ ଚାଲିଗଲେ । ହାର୍ଟରେ କିଛି ନଥିଲା । ନାରଣବାବୁ କିଛି ନ କହି ଫଳଗୁଡ଼ିକୁ ହାତରେ ଧରି ବାହାରକୁ ଆସିଲେ । ଗ୍ରେଟ ଘରଟିରେ ନିଜ ଶଯ୍ୟାରେ ପଡ଼ିରହିଲେ । କେତେ ରାତି ପର୍ଯ୍ୟନ୍ତ ସେ ଶୋଇପାରିଲେ ନାହିଁ ।'

ଏଇ ବଞ୍ଚିତ ମଣିଷଗଡ଼ା କାରିଗରର ଇତରତା ପ୍ରବଞ୍ଚନା ଏତେ ଅକଳ୍ପିତକର ଓ ଏକସାଙ୍ଗରେ କରୁଣ ! ବୁଲିବା ଉଦ୍ଦେଶ୍ୟରେ ପିଲାମାନଙ୍କର ଅଢ଼େଇରୁ ପାଞ୍ଚ ଟଙ୍କା

ପର୍ଯ୍ୟନ୍ତ ନଷ୍ଟ । 'ପିଲାମାନେ କାଲେ ଟ୍ରାମ୍‌ଭଡ଼ା ମାଗିବେ ଏହାଥିଲା ଯଦୁବାବୁଙ୍କର ଭୟ । କିନ୍ତୁ ପିଲାମାନେ ଅପରାହ୍ଣରେ ମୁକ୍ତିର ଆନନ୍ଦରେ କିଏ କୁଆଡ଼େ ଚାଲିଗଲେ । ପିଲାମାନେ ମଧ୍ୟ ଏତେ ହିସାବ ବୁଝନ୍ତିନି । ହେଡ଼ମାଷ୍ଟର ଟ୍ରାମଭଡ଼ା ଦେଇଥିଲେ କି ନାହିଁ ଏ କୈଫିୟତ କେହି ନେଲେନି । ଯଦୁବାବୁ ଏକାଏକା ବସା ଆଡ଼କୁ ଚାଲୁ ଚାଲୁ ସତୃଷ୍ଣ ନୟନରେ ରଥତଳାର ମୋଡ଼ରେ ଗ୍ଲୋବ ରେଷ୍ଟୁରାଣ୍ଟ ଆଡ଼କୁ ଚାହିଁଲେ । ଚପ୍ କ୍ୟାଟଲେଟ ଭଜାର ସୁରୁଚି ଘ୍ରାଣ ଫୁଟ୍‌ପାଥର ଦକ୍ଷିଣା ପବନକୁ ମତାଉଛି । ପକେଟରେ ନଗଦ ଅଢ଼େଇ ଟଙ୍କା ଉପୁରି ମିଳିଛି—ଘରେ ସେହି ଖଡ଼ା ତରକାରି ଓ କଖାରୁ ଭଜା ଖାଇ ଖାଇ ଯୌବନ ଚାଲିଗଲା । ଯଦି ଭଲରେ ପେଟକୁ ନ ଖାଇଲି, ତେବେ ଚାକିରି କରିଛି କାହିଁକି ? ଆଖି ବୁଜିଲେ ସବୁ ଅନ୍ଧାର । ପୁଅ ନାହିଁ । ଝିଅ ନାହିଁ । କାହାପାଇଁ ଖଟି ମରିବି ।'

ତାହାର ତଳେ ମୁମୂର୍ଷୁ ଯଦୁବାବୁଙ୍କର ଅବିସ୍ମରଣୀୟ ସେହି ଉକ୍ତିରଣ । କରୁଣ ପ୍ରଶାନ୍ତ ।

'ଦିନ ସରି ଆସିଛି । ଅପରାହ୍ଣର ନୀଳ ଆକାଶ କି ସୁନ୍ଦର ! କେତେ ସୁନ୍ଦର ସତେ ସୁନାରଙ୍ଗର ସୂର୍ଯ୍ୟକିରଣ ! ଗ୍ରେଟ ଗୋୟାଲ ଲତାର ବୁଦାରେ ଯୋଡ଼ାଏ ବଣଶୁଆ ଆସି ବସିଲେ । ପିଲାଦିନେ ଯଦୁବାବୁ ପକ୍ଷୀକୁ ବଡ଼ ଭଲ ପାଉଥିଲେ । ଜଣେ ପୈତୃକ ପ୍ରଜା ସହିତ ମିଶି ଫାଶ ବସେଇ ଜଳଚରପକ୍ଷୀ ଧରୁଥିଲେ—ମରାଳ, ଡାହୁକ, ବଗ, କାଣ୍ଡିବଗ—କେତେକାଳ ହେଲା ଏସବୁ ଦେଖିନାହାଁନ୍ତି । ସଙ୍ଗୀତର ତାଳ କେବେ କଟିଯାଇଛି ସ୍ମରଣ ନାହିଁ । ଯେମିତିକି ତାର ନବଦୃଷ୍ଟି ଜାଗ୍ରତ ହୋଇଛି ଏଇ ରୋଗଶଯ୍ୟାରେ । ଟିଉସନରେ ଫୁରୁସତ ନାହିଁ ।ଦିନସାରା ଠେସ ଦେଇବସି ବାହାରକୁ ଚାହିଁରହିଥାନ୍ତି । କେତେକାଳ ହେଲା ଏତେ ବଡ଼ ଛୁଟି ସେ ଭୋଗକରି ନାହାଁନ୍ତି । ଭଗବାନଙ୍କ କଥା ମଧ୍ୟ ଭାବିବାକୁ ସମୟ ପାଇନାହାଁନ୍ତି । ଆଜି ମନେହେଲା ସେ ଅଛନ୍ତି । ଭଗବାନ ନଥିଲେ ଏହି ସୁନ୍ଦର ଖଗ ବଣଶୁଆ, ତା ମନର ଏହି ଅକାରଣ ଆନନ୍ଦ, ଶତ ଅଭାବ ମଧ୍ୟରେ ମାଆର ସ୍ନେହମୟୀ ସ୍ମୃତିର ବାସ୍ତବତା କେଉଁଠୁ ଆସିଲା ? ଭଗବାନ ନ ଥିଲେ ଏହି ଅନାଥା ନିଃସମ୍ବଳ ବିଧବାକୁ କିଏ ଦେଖିବ ? ତାହାର ଦିନ ସରି ଯାଇଛି, ସେ ଜାଣିଛନ୍ତି ।

ଜୀବନକୁ ସେ କ'ଣ ଫାଙ୍କି ଦେଇ କଟେଇଲେ । ସୁଦୀର୍ଘ ଜୀବନର ବହୁକଥା ଆଜି ମନେପଡ଼ିଲା । ଗତ ତିରିଶି, ପଇଁ ତିରିଶି ବର୍ଷ କର୍ମମୟ ଜୀବନର ଇତିହାସ ନା, ଫାଙ୍କି ଦେବେ କାହିଁକି ! ଫାଙ୍କି ଦେଇ ନାହାଁନ୍ତି । ନାରଣଦା ସାଧୁ ପୁରୁଷ ଥିଲେ -- ସ୍ୱର୍ଗକୁ ଯାଇଛନ୍ତି—ନାରଣଦା କହୁଥିଲେ, ଜୀବନକୁ ସାର୍ଥକ କରିବାକୁ ହେଲେ ତାହାକୁ ମଣିଷର କୌଣସି ନା କୌଣସି କାର୍ଯ୍ୟ, ସମାଜର କୌଣସି ନା କୌଣସି ଉପକାରରେ

ଲଗାଇବାକୁ ପଡ଼ିବ । ସେ ଜୀବନକୁ ବୃଥାରେ ଯିବାକୁ ଦେଇନାହାଁନ୍ତି । ଏଇ ଦୀର୍ଘ ସମୟ ମଧ୍ୟରେ କେତେ ଛାତ୍ର ଲେଖାପଢ଼ା ଶିଖି ତାଙ୍କ ହାତରେ ମଣିଷ ହୋଇଛନ୍ତି । ହୋଇ ନାହାଁନ୍ତି କି ? ନିଶ୍ଚୟ ହୋଇଛନ୍ତି । ସେହି ସବୁ ପିଲା ସାକ୍ଷୀ ଅଛନ୍ତି ଆଜି, ପର କାଳରେ, ମୃତ୍ୟୁ ପାରିର ଦେଶରେ ଦରକାରବେଳେ ଏକ ଦିନ ତାହାର ସାକ୍ଷୀ ଦେବେ, ଯଦୁବାବୁ ଆଶା କଲେ । ଗୋଟାଏ ଦୁଇଟା ଅନ୍ୟାୟ କାର୍ଯ୍ୟ, ଗୋଟାଏ ଦୁଇଟା ତ୍ରୁଟି ଠିକ୍ ବୁଝାଯାଇ ପାରେନା—ତ୍ରୁଟି ନୁହେଁ, ତେବେ ଗୋଟାଏ ଅଧେ ଖରାପ କାର୍ଯ୍ୟ ଯେ କରିନାହାଁନ୍ତି, ଏମିତି ନୁହେଁ । ସେ ତାହା ସ୍ୱୀକାର କରିଛନ୍ତି । ଭଗବାନ କ'ଣ ଗରିବ ମଣିଷର ଅପରାଧ କ୍ଷମା କରିବେନି ।

ଯଦୁବାବୁର ସ୍ତ୍ରୀ ଗିନାଏ ବାର୍ଲିଧରି ଘରଭିତରକୁ ଆସି କହିଲେ ବାର୍ଲିରେ ଲେମ୍ବୁ ନା ମିଶ୍ରି ଦେବି । ଟିକିଏ ରହିଯାଇ କହିଲେ ଆଜି ଗଣି ଦେଖିଲି ଏଗାର ଖଣ୍ଡ ଆମ୍ବସଢ଼ା ହୋଇଛି । ବୁଝିଲ ? ଏ ଝାମେଲା ସରିଗଲେ କଲିକତା ବସାକୁ ନେଇଯିବି । ତୁମେ ଦୁଧଦେଇ ଖାଇବାକୁ ଭଲ ପାଅ ବୋଲି ଆମ୍ବସଢ଼ା ଦେଲି । ଖାଇଲେ ପାଟିରୁ ଅରୁଚି ଛାଡ଼ିଯିବ । ଶିଘ୍ର ଭଲ ହୋଇଯିବ ।

ସ୍ତ୍ରୀକୁ ହଠାତ୍ ବିସ୍ମିତ କରିଦେଇ ସେ ତାଙ୍କ ପୁରୁଣା ଅମଳର ଆଦର ସ୍ୱରରେ କହିଲେ, ବଛୁଣୀକୁ ଆସି ପାଖରେ ଟିକିଏ ବସ ।

× × ×

କ୍ଲାର୍କ ଓ୍ୱେଲର ସାହେବର ସ୍କୁଲ ପାଞ୍ଚ ଛଅ ଦିନ ହେଲା ଖୋଲିଛି । ଦୁଇ ତିନିଜଣ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷକ ଆସିଛନ୍ତି । ଜୋତିର୍ବିନୋଦ ଓ ଶ୍ରୀଶବାବୁ ଆସି ନାହାଁନ୍ତି । ସେମାନଙ୍କ ଦେଶର ସ୍କୁଲରେ ସେମାନେ ଚାକିରି ପାଇଯାଇଛନ୍ତି । ଆଉ ଆସି ନାହାଁନ୍ତି ଯଦୁବାବୁ । ସାହେବଙ୍କ ସର୍କୁଲାର ବହିନେଇ କେବଳ ରାମ ଶ୍ରେଣୀ ଶ୍ରେଣୀ ବୁଲି ଫେରିଛି । ସ୍କୁଲର ସୁଯୋଗ୍ୟ ପ୍ରବୀଣ ଶିକ୍ଷକ ଯଦୁ ଗୋପାଳ ମୁଖାର୍ଜିଙ୍କ ପରଲୋକ ଗମନ ଯୋଗୁଁ ସ୍କୁଲ ଦୁଇଦିନ ବନ୍ଦ ରହିଲା । ମୁଖୋପାଧ୍ୟାୟ ମହାଶୟ ଏକାଦିକ୍ରମେ ୧୯ ବର୍ଷ ଏହି ସ୍କୁଲରେ ଶିକ୍ଷକତା କରି ଛାତ୍ର ଓ ଶିକ୍ଷକ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । ତାଙ୍କ ମୃତ୍ୟୁରେ ସ୍କୁଲର ଯେଉଁ ଅପୂରଣୀୟ କ୍ଷତିହେଲା....ଇତ୍ୟାଦି ....ଇତ୍ୟାଦି ।'

ଜୀବନର ଶେଷ ଉପନ୍ୟାସ 'ଇଚ୍ଛାମତୀ' ଜୀବନର କି ସାର୍ଥକତାରେ ଭର୍ତ୍ତି ! ମନେହୁଏ 'ପଥେର ପାଞ୍ଚାଳି'—'ଅପରାଜିତ' ଯେପରି ପରିଣତ ବୟସରେ ଆଉଥରେ ପୁଣି ଆସିଛି, କେତେଦିନ ଧରି ମଣିଷର ଏଇ ହସକାନ୍ଦ ଜହ୍ନିଫୁଲ ଆଉ ବଣି-ଚଢ଼େଇର ଆଶା ଯାହାକୁ ସେ ମୁଗ୍‌ଧ ସୁଖରେ ଦେଖିଛନ୍ତି ! ଦିନେ ନୁହେଁ, ଯେପରି

ଶତାବ୍ଦୀ ଶତାବ୍ଦୀଧରି । 'ପଥେର ପାଞ୍ଚାଲି' ଯେତେବେଳେ ଅପ୍ରକାଶିତ ସେତେବେଳେ ମନୁଷ୍ୟର ଏଇ ଲୀଳା ନିକେତନର ସାକ୍ଷୀ ସେ । The play is the thing. ଡାଏରୀରେ ଲେଖିଛନ୍ତି—'ଉରଚ୍ଚରରେ ସ୍ନାନ କରୁଛି । ଥଣ୍ଡା ଜଳରେ ଗାଧୋଉ ଗାଧୋଉ ଭାବୁଛି—ଇଏ ଆମ ଗାଁର ଇଚ୍ଛାମତୀ । ମୁଁ ଗୋଟିଏ ଛବି ବେଶ୍ ମନେପକେଇ ପାରୁଛି—ଏହିପରି ଧୂ ଧୂ ବାଲିପ୍ରାନ୍ତରର ପାହାଡ଼ ନୁହେଁ; ଶାନ୍ତ, ସ୍ନେହ ସ୍ନିଗ୍ଧ ଇଚ୍ଛାମତୀର ଦୁଇପାଖଭରି କେତେ ବଣଫୁଲର ବୁଦା, କେତେ ଫୁଲଭର୍ତ୍ତି ବଣ ଗଛପନ୍ତି । ବଣି ଚଢ଼େଇର ବସା, ସବୁଜ ତୃଣାଚ୍ଛାଦିତ ପ୍ରାନ୍ତର, ଗାଁଏ ଗାଁଏ ଗ୍ରାମର ଘାଟ, ଅରଖ ଫୁଲ । ଗତ ପାଞ୍ଚଶହ ବର୍ଷଧରି କେତେ ଫୁଲ ଝରିପଡ଼ୁଛି—କେତେ ପକ୍ଷୀ, କେତେ ବଣ ବୁଦା ଆସିଛି ଯାଇଛି । ସ୍ନିଗ୍ଧ ପାଟଶେଓଲିର ଗନ୍ଧ ବାହାରୁଏ । କେଉଟ ଜାଲ ପକାଏ, ନଈର ଧାରେ ଧାରେ କେତେ ଗୃହସ୍ଥର ଘର । କେତେ ହସକାନ୍ଦର ମେଳା । ଆଜିକୁ ପାଞ୍ଚଶହ ବର୍ଷ ଧରି କେତେ ଗୃହସ୍ଥ ଆସିଛନ୍ତି, କେତେ ଶିଶୁ ମାଆ ସଙ୍ଗେ ପ୍ରଥମେ ନଈକୁ ଆସି ହାସ୍ୟମୁଖର ହୋଇଛନ୍ତି । କେତେବର୍ଷ ପରେ ବୃଦ୍ଧା-ବସ୍ଥାରେ ଏଇ ନଈକୂଳ ବାଉଁଶବଣ ତଳେ ସେମାନଙ୍କ ଚିତାଗ୍ନି ଜଳିଉଠିଛି । ଘାଟତଳ ଶ୍ମଶାନ ଶଯ୍ୟା ହୋଇଛି । କେତେ ମା, କେତେ ପିଲା, କେତେ ତରୁଣ, ସମସ୍ତର ପଥର ପରି ରାସ୍ତା ଅତିକ୍ରମ କରି ଆସିଛନ୍ତି ଯାଇଛନ୍ତି ମହାକାଳର ଜଙ୍ଗଲ ପଥରେ । ଏହି ଶାନ୍ତ ନଦୀ ଧାରରେ ଏ ଅରଖଫୁଲ, ଏ ପାଟଶେଓଲି, ବଣବୁଦା ଗୁଡୁମ୍‌ବଣ—ଏହାର ଗଳ୍ପ ଲେଖିବି, ନାମ ହେବ ଇଚ୍ଛାମତୀ' ।

ଇଚ୍ଛାମତୀର ଆରମ୍ଭରେ ଲେଖିଛନ୍ତି—'ନଦୀ ପଥରେ ଯେତେ ଉଚ୍ଚ ଯାଗା ତୁମ ଆଖିରେ ପଡ଼େ ତାହା ହେଉଛି ମଣିଷର ଅସଲ ଭିଟାମାଟି । କେତେ ମା-ବାପ-ଭାଇ-ଭଉଣୀର ଇତିହାସ ତା ସହିତ ଜଡ଼ିତ । ରାଜା ରାଜୁଡ଼ାର ଇତିହାସ ନୁହେଁ, ମଣିଷର ଇତିହାସ ହିଁ ଅସଲ ଜାତୀୟ ଇତିହାସ । ଯେତେବେଳେ ଚରଭୂମିର ସବୁଜ ତୃଣ କ୍ଷେତ୍ରରେ ଜ୍ୟୋତ୍ସ୍ନା ପଡ଼ିବ, ଗ୍ରୀଷ୍ମଦିନେ ସାଦା ନେନ୍ଥା ନେନ୍ଥା ଅରଖଫୁଲ ଫୁଟିବ, ନଦୀର ମୃଦୁ ପବନରେ ନିକଟବର୍ତ୍ତୀ ବଣବୁଦା ଦେହରେ ସୋଁଦାଲି ଫୁଲର ପେନ୍ଥା ଦୋଳି ଖେଳିବ, ସେତେବେଳେ ନଦୀପଥ ଯାତ୍ରୀମାନେ ନଦୀର ଧାରେ ଧାରେ ପୁରୁଣା ଭିଟାମାଟିର ଅଧାପୋତା ଅଂଶ ଦେଖି ପାରିବେ । ବର୍ତ୍ତମାନ ହୁଏତ ଅରଖଫୁଲ ବଣରେ ତାର ବେଶୀ ଅଂଶ ଘୋଡେଇ ହୋଇ ପଡ଼ିଛି । ହୁଏତ କେଉଁଠି କେଉଁଠି ଗୋଟାଏ ଦୁଇଟା ଊଇହୁଙ୍କା ବାହାରିଛି । ଏହିସବୁ ଭଙ୍ଗା ଅଂଶକୁ ଦେଖି ତୁମେ ସ୍ୱପ୍ନ ଦେଖିବ ଅତୀତ ଦିନଗୁଡ଼ିକର, ସ୍ୱପ୍ନ ଦେଖିବ ସେହିସବୁ ମା ଓ ପିଲାମାନଙ୍କୁ, ଭାଇ-ଭଉଣୀଙ୍କୁ ଦିନେ ଯେଉଁମାନଙ୍କର ଜୀବନ ଏହି ଭଙ୍ଗା ମୂଳଦୁଆ ସହିତ ଜଡ଼ିତଥିଲା । କେତେ ସୁଖ ଦୁଃଖର ଅଲିଖିତ ଇତିହାସ ବର୍ଷାକାଳରେ ଜଳଧାରାଙ୍କିତ କ୍ଷୀଣ

ରେଖାପର ଶତାବ୍ଦୀ ଶତାବ୍ଦୀଧରି ଏହାର ବୁକୁରେ ଲକ୍ଷିତ ହୋଇଛି । ସୂର୍ଯ୍ୟ ଆଲୋକ ଢାଏ, ହେମନ୍ତର ଆକାଶ ଶିଶିର ବର୍ଷଣ କରେ, ଜ୍ୟୋତ୍ସ୍ନା ପକ୍ଷର ଚନ୍ଦ୍ର ଜ୍ୟୋତ୍ସ୍ନା ଢାଳେ ଏହାର ବୁକୁରେ । ସେହି ସବୁ ବାଣୀ ସେହିସବୁ ଇତିହାସ ହେଉଛି ଆମର ଜାତିସ୍ଥ ଇତିହାସ । ମୂକ ଜନଗଣର ଇତିହାସ, ରାଜା-ରାଜୁଡ଼ାର ବିଜୟ କାହାଣୀ ନୁହେଁ ।'

ନିଜେ ଯେଉଁକଥା କହିଥିଲେ, ବଙ୍ଗଳାଦେଶ ସାହିତ୍ୟର ଉପାଦାନ ହେଉଛି ବଙ୍ଗଳାଦେଶର ନରନାରୀ, ତାଙ୍କର ହସକାନ୍ଦ, ପୁଲକ, ବଙ୍ଗଳାର ଋତୁଚକ୍ର, ସକାଳ ସନ୍ଧ୍ୟା ଆଢୁଆଳରେ ଆତ୍ମଗୋପନ କରିଥିବା ତାର ଜୀବନ—ଇଚ୍ଛାମତୀର ତା'ର ଛବି । ପାଦରେ ଚାଲି ଚାଲି ସେ ଶହେବର୍ଷ ପଛକୁ ଫେରି ଯାଇଛନ୍ତି—ସେହି ନୀଳଚାଷର ସମୟକୁ । ସମୟର ପଛକୁ ଫେରିବା ତାଙ୍କର ସ୍ୱଭାବ, ତାପରେ ସ୍ୱଗ୍ରାମ ବାରାକ୍‌ପୁର— ଏକସମୟରେ ଯେଉଁସ୍ଥାନ ନୀଳଚାଷର କେନ୍ଦ୍ରଥିଲା ।

ଆହୁରି ମଧ୍ୟ ପଛକୁ ଫେରି ଚାଲିଲେ କିଛି କ୍ଷତି ନାହିଁ । ସ୍ମୃତିର ରେଖାରେ ତ ଫେରିଯିବାକୁ ହୁଏ । ନିଜେ ମଧ୍ୟ କହିଛନ୍ତି । 'ଗ୍ରୀଷ୍ମର ରୌଦ୍ରରେ ଯଅ ଓ ଗହମ କ୍ଷେତର ଧାରରେ ଅଲିଭ ବନ୍ୟଦ୍ରାକ୍ଷାର ବଣର ଛାଇରେ ଛାଇରେ ଯେଉଁ ଦୈନନ୍ଦିନ ଜୀବନ, ହଜାର ହଜାର ବର୍ଷ ଧରି ଯେଉଁ ସକାଳ ସନ୍ଧ୍ୟା ଯାପିତ ହୋଇଛି—ତାହାର ସୁଖ-ଦୁଃଖ, ଆଶା ନିରାଶାର ଗଳ୍ପ ତା ବୁକୁରେ ସ୍ପନ୍ଦନର ଇତିହାସ ମୁଁ ଜାଣିବାକୁ ଚାହେଁ ।'

ଏକ ସମୟରେ ସତରେ ଗ୍ରାମର ଇତିହାସ, ପୁରୁଣା ଇଟା, ନୀଳକୋଠିର ପଡ଼ିଆ, ଭବାନୀ ବାଁଡ଼ୁଜ୍ଜେର ପରିଚୟ ଖୋଜି ଖୋଜି ସେ ବୁଲୁଥିଲେ । ଡାଏରୀରେ ଲେଖିଛନ୍ତି—'ବାରାକ୍‌ପୁର ! ବହୁ ପୁରାତନ ଗ୍ରାମ ଅଟେ । ରାୟେମାନେ ଏହି ଗ୍ରାମର ଆଦିବାସିନ୍ଦା । ଏହି ଘରର ଦୋହିନ୍ଦ ଆନନ୍ଦ ରାୟ ଓ ଦୁଃଖୀରାମ ରାୟମାନେ । ରାୟେମାନଙ୍କ ଘରର ଦୋହିନ୍ଦ ବାଁଡ଼ୁଜ୍ଜେମାନେ ସୁବର୍ଣ୍ଣପୁରର ଭବାନୀ ବାଁଡ଼ୁଜ୍ଜେ ଆନନ୍ଦରାୟର ପିଉସୀକୁ ବିବାହ କରିଥିଲେ । '

ଅସଲକଥା ହେଲା ବିଭୂତି ଭୂଷଣ ସମୟର ମାଟିକୁ ଖୋଜିନାହାଁନ୍ତି, ଖୋଜିଛନ୍ତି ମଣିଷକୁ । ସବୁଦେଶରେ ସବୁକାଳରେ ମଣିଷ ହିଁ ମଣିଷ । ତାର ଧାନ ଆଶା ଆନନ୍ଦ, ଦୁଃଖ-ବେଦନା ନେଇ ସେ ଏତେ ବଡ଼ ମଣିଷ, ଏତେ ହୃଦୟସ୍ପର୍ଶୀ ଯେ, କେହି ମଧ୍ୟ ତାଙ୍କୁ ପରବୋଲି ମନେ ହୁଅନ୍ତି ନାହିଁ । ଆଶା ବା ଆନନ୍ଦର ସ୍ୱପ୍ନ କିଏ ବା ନ ଦେଖେ ? ସେ ସ୍ୱପ୍ନ ଯେତେ ମୂଲ୍ୟହୀନ ବା ଅକିଞ୍ଚିତ୍କର ହେଉ, ତେବେ ମଧ୍ୟ ସେ ପ୍ରାଣର ସ୍ୱପ୍ନ, ବଞ୍ଚିରହିବାର ସୁଖ । ସେହି ପାନ ବ୍ୟବସାୟୀ ନାଲୁପାଲ୍ । ସାରା ରାତି ଯାହାର ଆଖିକୁ ନିଦ ଆସିନି—ତିରିଶି ଟଙ୍କା ହାତରେ ହେଲେ ସେ କିଛି

କପଡ଼ା ବ୍ୟବସାୟ କରିବ । 'ହାତର ପୁଞ୍ଜି ବଢ଼େଇବାକୁ ହେବ । ପାନଗୁଆ ବିକ୍ରୀ କରି ଉନ୍ନତି ହେବନି । ଉନ୍ନତି ଅଛି କଟା କପଡ଼ା ବ୍ୟବସାୟରେ । ତିରିଶିଟା ଟଙ୍କା ହାତରେ ଜମିଲେ ସେ କପଡ଼ା ବ୍ୟବସାୟ ଆରମ୍ଭ କରିଦେବ । ନାଲୁ ପାଲ୍‌ର ନିଦ ଚାଲିଗଲା । ମାମୁଁ ଘରେ ଗଲଗ୍ରହ ହୋଇ ତାଙ୍କ ଦୟାରେ ସେ ବଞ୍ଚିଛି । ନିଜ ମଧ୍ୟରେ ସେ ଅଦମ୍ୟଉତ୍ସାହ ଅନୁଭବ କଲା । ଏହି ଘୁମନ୍ତ ରାତିରେ ଝିଁ ଝିଁ ପୋକର ଡାକରେ ମୁଖର ଜ୍ୟୋତ୍ସ୍ନାଲୋକ ମଧ୍ୟରେ ଅନେକଦୂର ପର୍ଯ୍ୟନ୍ତ ସେ ଦେଖି ପାରିଲା । ଜୀବନର କେତେ ଦୂରର ପଥ ।'

ତାରି ପାଖରେ ଏକ ଅବିବାହିତା କୁଳୀନ—କୁମାରୀ ନୂଆ ଘର କରିବାର ସ୍ୱପ୍ନରେ ବିନିଦ୍ର । 'ତିଲୁ କେତେ ରାତିପର୍ଯ୍ୟନ୍ତ ଛାତରେ ବସି ଭାବିଲା । ତାର ବୟସ ଆସି ତିରିଶି ହେଲା । ସ୍ୱାମୀର ମୁହଁ ଦିଶୁଥିଲା ତାକୁ ଅସ୍ୱପ୍ନର ସ୍ୱପ୍ନରେ । ବର୍ତ୍ତମାନ ବି ବିଶ୍ୱାସ ହୁଏନା, ସତରେ କ'ଣ ତାର ବିବାହ ହେବ ? ସ୍ୱାମୀର ଘରକୁ ସେ ଯିବ ? ଭଉଣୀମାନଙ୍କ ସଙ୍ଗେ ରହିଯିବନି ତ ? ଘରେ ଘରେ ତ ଏମିତି ହେଉଛି ।....କୁଳୀନ ଘରେ ଏମିତି ହୋଇଥାଏ । ଭାଇ ବିଭାଘରର ଦିନ କେବେ ଠିକ୍ କରୁଛି କିଏ ଜାଣେ । ବରର ବୟସ ପଚିଶ ବୋଧହୁଏ । ସେଥିରେ କ'ଣ ଅଛି । ସେ ନିଜେ କ'ଣ ଆଉ ଛୋଟ ହୋଇ ଅଛି ଏଯାଏ ? ଉତ୍ସାହରେ ତିଲୁର ଆଖିକି ନିଦ ଆସିଲାନି ରାତିରେ ।'

କୌତୁକ ଓ ସମର୍ପଣରେ କି ଅଚଞ୍ଚଳ ଏଇ ଦୁଇଟି ମନୁଷ୍ୟ ହୃଦୟର ଦାମ୍ପତ୍ୟ ଜୀବନ । 'ତିଲୁର କଥାର ଆରମ୍ଭରେ, ଯଶୋର ଜିଲ୍ଲାର ଗ୍ରାମ୍ୟ ଭାଷାର ଠାଣି ଭବାନୀ ବାଁଡ଼ୁଜ୍ୟେଙ୍କୁ ବହୁତ ମିଠା ଲାଗିଲା । ସେ ନିଜେ ନଦୀୟା ଜିଲ୍ଲାର ଲୋକ । ସେ ସ୍ଥାନର ବଙ୍ଗଳା ଉଚ୍ଚାରଣ ଓ ବଚନ ଭଙ୍ଗୀ ସୁମାର୍ଜିତ । ଏ ଦେଶରେ ପ୍ରଥମେ ଏପରି ଧରଣର କଥା ସେ ଶୁଣିଲେ । ହସି କହିଲେ—ଶୁଣ ତୁମ ଦେଶରେ କ'ଣ କୁହନ୍ତି ଜାଣ ? 'ଶିବର ମାଟି' 'ପୁବର ଘର'—'ମୁଗିର ଡାଲି' ଘି ଦେଲି କ୍ଷୀରର ତାର ହୁଏ'....... ଭବାନୀ ତିଲୁକୁ ଟାଣି ନେଲେ ଆହୁରି ପାଖକୁ । ଜହ୍ନ ଆଲୁଅ ସୁନ୍ଦରୀ ତିଲୁର ସମଗ୍ର ଶରୀରରେ ପଡ଼ିଛି । ବୟସ ତିରିଶି ହେଲେ ବି ସ୍ୱାମୀକୁ ପାଇବା ଦିନଠାରୁ ତାରମନେ ହୋଇଛି ସତେ ଯେମିତି ସେ ଉଦ୍‌ଭିନ୍ନ ଯୌବନା କିଶୋରୀ ପାଲଟି ଯାଇଛି । ବାଳିକା ଜୀବନର କେତେଦିନର ଅତୃପ୍ତ ଇଚ୍ଛା, କୁଳୀନ କୁମାରୀର ଅତି ଦୁର୍ଲଭ ବସ୍ତୁ ସ୍ୱାମୀରତ୍ନ ଏତେକାଳ ପରେ ସେ ପାଇଛି ହାତ ମୁଠାରେ । ସେ ବି ଏହିପରି ସ୍ୱାମୀ । ଏତେବେଳେ ଯେମିତି ତିଲୁର ବିଶ୍ୱାସ ହେଲାନି । ଯଦିଓ ଆଜିକୁ ଦୁଇବର୍ଷ ହୋଇଗଲା ।'

ତାରିତଳେ କୌଳିନ୍ୟର କି କରୁଣ ଆର୍ତ୍ତନାଦ । ତିଲୁର କୁଳୀନ ପିଉସୀ ଚାଳିଶି ବର୍ଷ ବୟସରେ ଯେଉଁ ସ୍ୱାମୀଙ୍କୁ ବିବାହ କରିଥିଲେ ସେ ବର୍ତ୍ତମାନ ମୃତ୍ୟୁ ବରଣ

କଲେଣି । ସଉତୁଣୀର ଛୁଆ ପିଲାଙ୍କର ମାରଧର ଓ ଘରୁ ତଡ଼ିଦେବା ଧମକରେ ମଧ୍ୟ ସେ ସେଠି ପଡ଼ିଛି । କେବଳ ତାର ଭିଟାରେ ଟିକିଏ ଯାଗାଅଛି । ସେତିକରେ ସେ ଖୁସି । 'ଢଲୁ ଚୁପ୍ ହୋଇଗଲା । ଭବାନୀ ବାଁଡ଼ୁଜ୍ଜେ ମଧ୍ୟ କିଛିକ୍ଷଣ ଚୁପ୍ ରହିଗଲେ ।··· କେତେଦିନ ପୂର୍ବର ସେହି ଅଭାଗିନୀ କୁଳୀନ କୁମାରୀର ସ୍ମୃତି ବହନ କରି ଇଚ୍ଛାମତୀ ତାଙ୍କ ସାମ୍ନା ଦେଇ ବହି ଚାଲିଲା । ତାଙ୍କରି ସେହି ଝିଅ, ସ୍ୱାମୀକୁ ପାଇବା ଇଚ୍ଛାରେ ଯାହାର ପୁଣ୍ୟ ଆଖିର ଜଳ ମିଶି ଯାଇଛି ଏହି ଇଚ୍ଛାମତୀର ଜଳରେ କେତେ ଦିନ ପୂର୍ବରୁ ।ଆଜି ଏହି ପାଣି କଲସ ଫୁଲର ଗନ୍ଧ, ମତାଣିଆ ଚନ୍ଦ୍ର ଆଲୁଅରେ ସେ ଯେମିତି ସ୍ୱର୍ଗରୁ ଓହ୍ଲାଇ କହିଲା—ବାପା, ମୋର ଯେଉଁ ଇଚ୍ଛା ପୂର୍ଣ୍ଣ ହୋଇନି, ତୁମରି ସାମ୍ନାରେ ଯେଉଁ ବାଳକାଟି ବସିଛି, ତୁମେ ତାର ଇଚ୍ଛା ପୂର୍ଣ୍ଣକର । ବଙ୍ଗଳାଦେଶ ନାରୀର ଭଲ ସ୍ୱାମୀ ହୁଅ । ମୋର ଯେଉଁ ଇଚ୍ଛା ଅପୂର୍ଣ୍ଣ ରହିଲା ତାହା ତାର ପୂର୍ଣ୍ଣହେଉ—ଏଇମୋର ଆଶୀର୍ବାଦ !

ଭବାନୀ ବାଁଡ଼ୁଜ୍ଜେ ଢଲୁକୁ ନିବିଡ଼ ଆଲିଙ୍ଗନରେ ଆବଦ୍ଧ କଲେ ।'

ଖାଲି ମଣିଷ ନୁହେଁ, ମଣିଷ ଓ ପ୍ରକୃତି ସବୁ ଏଇ ସୃଷ୍ଟିର ମଝିରେ କି ସୁଖରେ ନିମଗ୍ନ ! ସାହିତ୍ୟସଭାରେ ବିଭୂତି ଭୂଷଣ ଠିକ୍ ଏଇକଥା କହିଥିଲେ—'ବଙ୍ଗଳା ସାହିତ୍ୟର ଉପାଦାନ ବଙ୍ଗଳାର ନରନାରୀ, ତାର ଦୁଃଖ ଦାରିଦ୍ର୍ୟମୟ ଜୀବନ, ତାର ଆଶା-ନିରାଶା, ହସକାନ୍ଦ, ପୁଲକ—ବହିର୍ଜଗତ ନିକଟରେ ରଚିତ ତାର କ୍ଷୁଦ୍ର ଜଗତଗୁଡ଼ିକର ଘାତ-ପ୍ରତିଘାତ, ବଙ୍ଗଳାର ଋତୁଚକ୍ର, ବଙ୍ଗଳାର ସନ୍ଧ୍ୟା, ସକାଳ, ଆକାଶ-ବତାସ, ଫୁଲ୍ଫଳ, ବାଉଁଶବଣ ଓ ଆମ୍ରକାନନର ନିଭୃତ ଛାୟାରେ ଝିରିଫୁଲର ବିଛଣା । ପଥର ଧାରରେ ଯେଉଁସବୁ ଜୀବନ ଅଖ୍ୟାତିର ଆଢ଼ୁଆଳରେ ଆତ୍ମଗୋପନ କରିଅଛି—ତାହାର କଥାହିଁ କହିବାକୁ ହେବ । ତାହାର ସୁଖଦୁଃଖର ଗୋପନରୂପ ଦେବାକୁ ହେବ ।'

ପ୍ରକୃତି କଥା କହିବାକୁ ଯାଇ ଡାଏରୀର ଗୋଟିଏ ସ୍ଥାନରେ ଲେଖିଛନ୍ତି—'କିଏ ତୁମକୁ ପଚାରେ ? କେହି ନୁହେଁ । ସମସ୍ତେ ଧନ, ଜନ, ମାନ, ଯଶକୁ ନେଇ ବ୍ୟସ୍ତ । କିଏ ଦେଖୁଛି ଏହି ଜ୍ୟୋତ୍ସ୍ନାମୟୀ ରାତ୍ରୀର ଅପୂର୍ବ ମନମତାଣିଆ ଶୋଭା ? ମୋତେ ଦେଖିବାର ଚକ୍ଷୁ ଦିଅ ଜନ୍ମେ ଜନ୍ମେ । ବାରମ୍ବାର ଯିବା ଆସିବାରେ ମୋର କୌଣସି ଆପତ୍ତି ନାହିଁ । ତୁମେ ମହାଶିଳ୍ପୀ, ତୁମରି ପ୍ରସାଦ ଲାଭକରି ମୁଁ ଯେପରି ଏହି ଚକ୍ଷୁ ବାରମ୍ବାର ପାଏ ।'

ପ୍ରକୃତି ବିଭୂତି ଭୂଷଣଙ୍କ ଜୀବନରେ କେଉଁ ସ୍ଥାନ ଗ୍ରହଣ କରିଥିଲା ତାହା ତାଙ୍କ ଚିଠିରୁ ବୁଝାପଡ଼େ । ବନ୍ଧୁଙ୍କୁ ଲେଖିଥିଲେ—'ଆଦିମ ଅରଣ୍ୟର ମଝିଖଣ୍ଡରେ

ମୁଁ ସବୁଠାରୁ ସୁଖପାଏ । I am most happy when I am in a lonely Primeval forest.'

'ଆରଣ୍ୟକ'ରେ ଲେଖିଛନ୍ତି, ଏହି ବିଶ୍ୱପ୍ରକୃତି କେଉଁଦିନ ହେଲେ ହୃଦୟହୀନ ନୁହେଁ । ସେ ମଣିଷକୁ ଭଲପାଏ, ଦୟାକରେ, ସାନ୍ତ୍ୱନା ଦିଏ । 'ଅନେକଦିନ ଧରି ପ୍ରକୃତିର ସେବା ନ କଲେ ସେ ଦାନ ମିଳେନା । ·· ଅନନ୍ୟମନା ହୋଇ ପ୍ରକୃତିର ସେବା ନ କଲେ ସେ ଦାନ ମିଳେନା । ପ୍ରକୃତିକୁ ନେଇ ବୁଡ଼ିରୁହି—ତାର ସବଂବଧ ଆନନ୍ଦର ବର, ସୌନ୍ଦର୍ଯ୍ୟର ବର, ଅପୂର୍ବ ଶାନ୍ତିର ବର ତୁମ ଉପରେ ଏତେ ଅଜସ୍ର ଧାରାରେ ବର୍ଷିବ ଯେ, ତୁମେ ଦେଖି ପାଗଳ ହୋଇଉଠିବ । ଦିନରାତି ମୋହିନୀ ପ୍ରକୃତିରାଣୀ ତୁମକୁ ଶତରୂପରେ ମୁଗ୍‌ଧ କରିବ । ମନର ଆୟୁଷ ବଢ଼ାଇ ଦେବ । ଅମରଲୋକର ଆଭାସରେ, ଅମରତ୍ୱର ପ୍ରାପ୍ତିରେ ଉପନୀତ କରାଇବ ।'

ବିଭୂତି ଭୂଷଣଙ୍କ ସାହିତ୍ୟରେ ମନୁଷ୍ୟପରି ପ୍ରକୃତି ମଧ୍ୟ ଅକଥିତ ସୁଖକୁ ଧାରଣ କରିଛି । ଅବନୀନ୍ଦ୍ରନାଥଙ୍କ ସେହି ଛବିପରି, ସତ୍ୟର ଅନୁଭବପରି—ଦିଗ୍‌ବିର ସେ ଆମର ସାମ୍ନାରେ ଥିଲି । ତେବେ ଏତେଦିନ ମୁଁ ତାକୁ ନଜର କରିନି । ନିଶ୍ଚିନ୍ଦି-ପୁରର ପଲ୍ଲୀପ୍ରକୃତି ହେଉ ଅବା ଅମରକଣ୍ଟକ ଫୁଲକିୟା ବହିହାରର ଅରଣ୍ୟ ପ୍ରକୃତି ବି ହେଉ—ତାର ସ୍ୱଭାବରେ ସମସ୍ତେ ଧନୀ ଆଉ ସୁଖୀ ।

'ପଥେର ପାଞ୍ଚାଲି'ରେ ସେହି ନୀଳକଣ୍ଠପକ୍ଷୀର ଖୋଜା । କୋଠିର ପଡ଼ିଆରୁ ଆରମ୍ଭ କରି ନିଶ୍ଚିନ୍ଦିପୁର ତ୍ୟାଗପର୍ଯ୍ୟନ୍ତ ସେହି ସୁଖାହିତ ସୁପ୍ତ ପ୍ରକୃତି ।

'ପଡ଼ିଆର ବୁଦାଗୁଡ଼ିକ ଉଲୁଖଡ଼, ସୋନାଲି ଓ କୋଲଗଛରେ ଭର୍ତ୍ତି । କଲମୀଲତା ଭର୍ତ୍ତି ବୁଦାଗୁଡ଼ିକ ଉପରେ ବଡ଼ ବଡ଼ ସବୁଜପତ୍ର ବିଛେଇହୋଇ ରହିଛି । ଭିତରେ ସ୍ନିଗ୍‌ଧ ଛାୟା । ଅପରାଜିତା ଫୁଲ ସୂର୍ଯ୍ୟାଲୋକକୁ ମୁଖ କରି ଫୁଟିଛି । ଅପରାହ୍ନର ସ୍ନିଗ୍‌ଧ ଛାୟାରେ ବନଭୂମିର ଶ୍ୟାମଳତା, ପକ୍ଷୀରଡାକ, ଗୃହପାଖରେ ପ୍ରକୃତିର ବିସ୍ତାରିତ ଐଶ୍ୱର୍ଯ୍ୟ, ରାଜାପରି ଭଣ୍ଡାର ଖୋଲି ମୁକ୍ତଦାନ, କେଉଁଠାରେ ଏତେ ଟିକିଏ ହେଲେ ଦାରିଦ୍ର୍ୟର ଚିହ୍ନ ନାହିଁ, ମଧ୍ୟବିତ୍ତର କାରୁଣ୍ୟ ନାହିଁ । ଦିନ ଶେଷର ଇନ୍ଦ୍ରଜାଲରେ ନଦୀ, ବନ ପ୍ରାନ୍ତର ମାୟାମୟ ।'

'ସୋନାଡାଙ୍ଗର ପଡ଼ିଆ ଏ ଅଞ୍ଚଳର ସବୁଠାରୁ ବଡ଼ ପଡ଼ିଆ । ଏଠାରେ ସେଠାରେ ବଣବୁଦା, ଶିମୁଳି ଓ ବାବୁଲଗଛ । ଖଜୁରୀଗଛରେ କାନ୍ଦି ଝୁଲୁଛି । ସୋନାଲି ଫୁଲର ଝାଡ଼ ଦୋଳି ଖେଳୁଛି । ଚତୁର୍ଦ୍ଦିଗରେ 'ବୋଉ କଥାକହି' ପକ୍ଷୀର ଡାକ । ସୁଦୂରପ୍ରସାରି ପଡ଼ିଆ ଉପରେ ଡସିର ଫୁଲର ରଙ୍ଗପରି ଗାଢ଼ ନୀଳଆକାଶ

ବିସ୍ତୃତ ପଡ଼ିଛି । ଦୃଷ୍ଟି କେଉଁଠାରେ ବାଧା ମାନେନା । ପଡ଼ିଆରେ ଘନ ସବୁଜ ଘାସର ଗାଲିଚା । ଖାଲି ଗଛଲତା—ଗହଳିଆ ବୁଦାର ପ୍ରାଚୁର୍ଯ୍ୟ ଆଉ ବିରାଟ ପଡ଼ିଆରେ ସବୁଜ ପ୍ରସାରଣ । ସମ୍ମୁଖରେ କଚା ଚଉଡ଼ା ପଥଟି ଗୃହତ୍ୟାଗୀ ଉଦାସୀ ଯୋଗୀପରି ଦୂରରୁ ଦୂରକୁ ଆପଣାଛାଏଁ ବାଙ୍କି ଯାଇଛି ।'

'ଅପରାଜିତ'ରେ ପ୍ରକୃତି ବର୍ଣ୍ଣନାର ଅବକାଶ ଅବଶ୍ୟ କମ୍ । କାରଣ ତାର ଅନେକ ଭାଗହିଁ କଲିକତା ସହରକୁ ନେଇ ଲିଖିତ । ଦ୍ୱିତୀୟତଃ 'ଅପରାଜିତ'ର ପ୍ରକୃତି ଏକ ସ୍ୱତନ୍ତ୍ରରୂପ ଧାରଣକରିଛି ।

ମନ୍‌ସାପୋତା ନିଶ୍ଚିନ୍ଦିପୁର ନୁହେଁ । ତାର ପ୍ରକୃତି, ପ୍ରଥମଦେଖା ନିଶ୍ଚିନ୍ଦିପୁରର ପ୍ରକୃତିପରି କେତେବେଳେ ହେଲେ ଏତେ ଧନୀ ହୋଇପାରିନି । ତେବେ ବି ଯେତିକି ଅଛି ତାହାତ କମ୍‌ନୁହେଁ । 'ଦୁଇକୋଶ ବାଟ । ସ୍କୁଲରେ ବସି ଅପୁର ମନେହୋଇଥିଲା ସେ ଯେପରି ଏକା କେତେଦୂରରେ ଥିବା ବିଦେଶକୁ ଆସିଛି । ମନ ଚଞ୍ଚଳ ହୋଇଉଠିଥିଲା । ଛୁଟିପରେ ନିର୍ଜନ ପଥରେ ସେ ବାହାରିପଡ଼ିଲା । ଅପରାହ୍ନର ଛାଇ ଯେପରି ତେଙ୍ଗା ତାଲ ଓ ଖଜୁରୀ ଗଛପରି ଦିଗନ୍ତର ଆକାଶ ଛୁଇଁବାକୁ ଚାହିଁଛି—'ପିଡ଼ିଂ ପିଡ଼ିଂ' ପକ୍ଷୀର ଡାକ, ପଡ଼ିଆର ଘୃ ଘୃ ପବନରେ ପାଚିଲା ଫସଲର ବାସ୍ନା —ସର୍ବତ୍ର ଗୋଟିଏ ମୁକ୍ତି, ଗୋଟିଏ ଆନନ୍ଦର ବାର୍ତ୍ତା ।

ବିଭୂତି ଭୂଷଣଙ୍କ ସାହିତ୍ୟରେ ମଣିଷ ମୁଖର ଦୁଃଖ ସୁଖର କୌଣସି ରେଖା ଯେପରି ଅଗୋଚର ନାହିଁ । ପ୍ରକୃତିର ସକାଳ-ସନ୍ଧ୍ୟା, ଋତୁ ବଦଳ ସବୁକିଛି ଯେପରି ତାଙ୍କ ଦୃଷ୍ଟିରୁ ବାଦ୍‌ଯାଇନି । ବିଭୂତି ଭୂଷଣ ପ୍ରକୃତିକୁ କହିଛନ୍ତି ଦେବତାର କବିତା ମୋର ବିଶଲ୍ୟକରଣୀ । ପଶ୍ୟ ଦେବସ୍ୟ କାବ୍ୟମ୍, ନମମାର ନଜୀର୍ଯ୍ୟତି ।

ସମଗ୍ର ଆରଣ୍ୟକରେତ ସେହି କବିତା । ପ୍ରଥମ ପରିଚୟରେ ସେହି ଅନଭ୍ୟସ୍ତ ବିରକ୍ତି, ଅପରିସୀମ ମୋହ । ''ଦରଜା ଖୋଲି ବାହାରେ ଆସି ଛିଡ଼ାହେଲି । ନିଃଶବ୍ଦ ଅରଣ୍ୟଭୂମି । ନିସ୍ତବ୍ଧ ଜନହୀନ ନିଶୀଥରାତ୍ରୀ । ଏପରି ଛାୟାବିହୀନ ଜ୍ୟୋତ୍ସ୍ନା ଜୀବନରେ କେବେହେଲେ ଦେଖିନାହିଁ । ଚକ୍‌ଚକ୍ ସାଦା ବାଲିମିଶା ଜମି ଓ ଶୀତର ରୌଦ୍ରରେ ଅର୍ଦ୍ଧଶୁଷ୍କ କାଶବଣରେ ଜ୍ୟୋତ୍ସ୍ନାପଡ଼ି ଏପରି ଏକ ଅପାର୍ଥିକ ସୌନ୍ଦର୍ଯ୍ୟ ସୃଷ୍ଟିକରିଛି ଯାହାକୁ ଦେଖିଲେ ମନରେ କେମିତି ଭୟଆସେ । ସତେଯେମିତି ଗୋଟାଏ ଉଦାସ ବନ୍ଧନହୀନ ମୁକ୍ତଭାବ-ମନ ହୁହୁ କରିଉଠେ । ଏହି ନୀରବ ନିଶୀଥ ରାତ୍ରିରେ ଜ୍ୟୋତ୍ସ୍ନାଭରା ଆକାଶ ତଳେ ଠିଆହୋଇ ମନେହେଲା ଏକ ଅଜଣା ପରୀରାଜ୍ୟରେ ଆସି ପହଞ୍ଚିଛି ।'

ଅଥବା ଖର ମଧ୍ୟାହ୍ନର ସେହି ଅରଣ୍ୟମୂର୍ତ୍ତି, 'ହଠାତ୍ ଚତୁର୍ଦ୍ଦିଗକୁ ଚାହିଁ ମନେହେଲା ଦ୍ୱିପହରର ଏପରି ରୂପ କେବେବେଳେ ହେଲେ ତ ଦେଖିନି । ଆଜନ୍ମ ବାଙ୍ଗ୍ଲାଦେଶର ଦ୍ୱିପହର ଦେଖିଆସିଛି; କିନ୍ତୁ ଏ ରୁଦ୍ର ମୂର୍ତ୍ତି ତାହାର ନୁହେଁ । ଏ ଗ୍ରୀଷ୍ମ ଭୈରବ ରୂପ ମୋତେ ମୁଗ୍ଧକଲା । ସୂର୍ଯ୍ୟ ଆଡ଼କୁ ଚାହିଁ ଦେଖିଲି—ଗୋଟାଏ ବିରାଟ ଅଗ୍ନିକାଣ୍ଡ । କ୍ୟାଲସିୟମ୍, ହାଇଡ୍ରୋଜେନ, ଲୁହା ପୋଡ଼ି ଯାଉଛି । କୋବାଲ୍ଟ, ନିକେଲ ପୋଡ଼ିଯାଉଛି । ତାହାର ଏହି ଧୂ ଧୂ ନିଆଁର ଢେଉ ଅସୀମ ଶୂନ୍ୟରେ ଈଥରର ସ୍ତର ଭେଦ କରି ଫୁଲକିସ୍ମା ବନ୍ଧହାର ଓ ଲୋଧାଇ ଶୋଲାର ତୃଣଭୂମିର ବିସ୍ତୀର୍ଣ୍ଣ ଅରଣ୍ୟରେ ପଡ଼ି ତୃଣପତ୍ରର ଶିରା ଉପଶିରାର ସବୁ ରସ ଟିକକୁ ଶୁଖାଇ ମଉଳେଇ ଦେଇଛି । ଦିଗଦିଗନ୍ତକୁ ଝଲସାଇ ପୋଡ଼ି ଆରମ୍ଭ କରିଛି ଧ୍ୱଂସର ଏକ ତାଣ୍ଡବଲୀଳା । ଚାହିଁ ଦେଖିଲି ଦୂର ପ୍ରାନ୍ତରରେ ସଂଚିତ କମ୍ପମାନ ତାପ ତରଙ୍ଗ ଓ ତାହା ଉପରେ ତାପଜନିତ ଗୋଟିଏ ଅସ୍ପଷ୍ଟ କୁହୁଡ଼ି । ଗ୍ରୀଷ୍ମ ଦ୍ୱିପ୍ରହରରେ କେଉଁଠାରେ ହେଲେ ଆକାଶ ନୀଳ ଦେଖିଲିନି—ତାମ୍ରଭ । କେତେ ଶୂନ୍ୟ ସତେ ! ଗୋଟିଏ ଚିଲ ଶାଗୁଣା ମଧ୍ୟ ନାହିଁ—ପକ୍ଷୀର ଦଳ ଦେଶଛାଡ଼ି ପଳେଇଛନ୍ତି । ସାହାରା ବା ସେଭେନ୍ ହୋଡ଼ନେର ବିଖ୍ୟାତ ଟାକଲମାକା ମରୁଭୂମି ଦେଖିନାହିଁ । ଗୋବି ମରୁଭୂମି ଦେଖିନାହିଁ । କିନ୍ତୁ ଏଠାରେ ମଧ୍ୟାହ୍ନର ଏଇ ରୁଦ୍ରଭୈରବ ରୂପ ମଧ୍ୟରେ ସେ ସବୁ ସ୍ଥାନର ଅସ୍ପଷ୍ଟ ଛବି ଫୁଟି ଉଠିଲା ।

ତାହାର ତଳେ ବର୍ଷା କି ମୋହନ ବେଶରେ ଉପସ୍ଥିତ ହେଲା ! ବର୍ଷାର କି ଅପୂର୍ବ ଦୃଶ୍ୟ ମୁଁ ସେହି ଅରଣ୍ୟ ପ୍ରାନ୍ତରେ ଦେଖିଲି ! ଦିଗନ୍ତର ଶୈଳମାଳା ମେଘେ ମେଘେ ନୀଳ । କେଉଁଠି କେଉଁଠି ପଥ ପାର୍ଶ୍ୱର କେନ୍ଦୁଗଛଟାର ଶାଖାରେ ମୟୂର ପୁଚ୍ଛ ମେଲେଇ ନୃତ୍ୟ କରୁଛି । ପାହାଡ଼ ଝରଣାର ଜଳରେ ଗ୍ରାମ୍ୟ ବାଳକ ବାଳିକା ମହା ଉତ୍ସାହରେ ଶାଳ ଓ ବଣ ବାଉଁଶରେ ଢିଆରି ମୁଗୁରାରେ ଗ୍ଲେଟ ଗ୍ଲେଟ ମାଛ ଧରୁଛନ୍ତି । ଧୂସର ଶିଳାଖଣ୍ଡ ଭିଜି କଳା ଦିଶୁଛି । ରାଖାଲ କଞ୍ଚା ଶାଳ ପତ୍ରରେ ଲମ୍ବା ବଡ଼ି ଟାଣୁଛି । ଶାନ୍ତ ସ୍ତବ୍ଧ ଦେଶ । ଅରଣ୍ୟ ପରେ ଅରଣ୍ୟ । ପ୍ରାନ୍ତର ପରେ ପ୍ରାନ୍ତର । ଖାଲ ଝରଣା, ପାହାଡ଼ ଗ୍ରାମ, ମୋରମ ବିସ୍ତୁ ରଙ୍ଗମାଟିର ପଡ଼ିଆ । କେଉଁଠାରେ କେମିତି ପୁଷ୍ପିତ କଦମ୍ବ ବୃକ୍ଷ ।

ଅଥବା ସେହି ଆତ୍ମନଗ୍ରୀଷ୍ମାପର ଅରଣ୍ୟରାତ୍ରି ।

'ଗଭୀର ରାତ୍ରି । ଜହ୍ନ ଅସ୍ତଯାଇଛି । କେଉଁ ଦିଗରେ ଆଲୁଅ ନାହିଁ । ଏକ ଅଦ୍ଭୁତ ନିସ୍ତବ୍ଧତା—ସତେଯେପରି ପୃଥିବୀ ଜନହୀନ—କେଉଁ ଅଜଣା ଗ୍ରହ ଲୋକରେ ନିର୍ବାସିତ ହୋଇଛି । ଦିଗନ୍ତରେଖାରେ ଜଳଜଳ ବୃଶ୍ଚିକ ରାଶି ଉଦିତ ହୋଇଛି,

'ମୁଣ୍ଡ ଉପରେ ଅନ୍ଧକାର, ଆକାଶରେ ଅଗଣିତ ଜ୍ୟୋତିଷ୍କ, ନିମ୍ନରେ ଲବଟୁଲିୟା ବଇହାରର ନିସ୍ତବ୍ଧ ଅରଣ୍ୟ । କ୍ଷୀଣ ନକ୍ଷତ୍ରାଲୋକରେ ପାତଳ ଅନ୍ଧକାରରେ ବଣ ଝାଉଁର ଶୀର୍ଷ ଦେଖାଯାଉଅଛି ।'

ଏହିପରି ବିଭୂତି ଭୂଷଣଙ୍କ ସାହିତ୍ୟରେ ପ୍ରକୃତି ଓ ମଣିଷ ଭିତରେ ଗୋଟାଏ ସହଜ ନିର୍ନିମେଷ ସୁଖ ଅଛି, ସାର୍ଥକତା ଅଛି । ମମତା ଅପେକ୍ଷା ସଂସାରରେ ଆଉ ଶାନ୍ତି କଣ ? ନିସର୍ଗଠାରୁ ବହିଃ ସଂସାରରେ ଆଉ ମୋହ ବା କଣ ? ବିଭୂତି ଭୂଷଣ ଏହି ଅଫୁରନ୍ତ ଗୁପ୍ତଧନ ପାଠକକୁ ଏତେ ପରିମାଣରେ ଦେଇଛନ୍ତି ଯେ ବଙ୍ଗଳା ସାହିତ୍ୟରେ ତାଙ୍କର ସମୟ ବିତିଯାଇଥିଲେ ମଧ୍ୟ ସମୟଯାପନର ଉଦ୍ଦେଶ୍ୟ ଟିକିକ ଯାଇନି । ସତ୍ୟ ହିଁ ତ ନିଶ୍ଚିନ୍ଦିପୁର ଆଉ ଅପୁ । ଫୁଲକିଆ ବଇହାର ଏବଂ ସତ୍ୟଚରଣ, ପାଞ୍ଚପୋତା ଓ ଭବାନୀ ଚରଣ—ଏମାନେ ଜଗତଠାରୁ ଦୂରରେ କାରଣ ମଣିଷ ଏଠାରେ ଉଦ୍‌ବାସ୍ତୁ ! ତେବେ ତାର ସ୍ୱର ଯାଇନି କିନ୍ତୁ କମିନି । ବିଦେଶରେ ହର୍ଡ଼ିର ପାଖେ ହାଡ଼ସନ୍ । ଏ ସମୟରେ ସାର୍ତ୍ତ୍ରଙ୍କର ସେହି ମ୍ୟାଥୁ-ଉ-ମିସ୍‌ଷ୍ଟ୍ରେସ୍‌ର ମଣିଷ ପାଇଁ ଆର୍ତ୍ତନାଦ : Mathieu doesn't need me. If I were tɔ die he wouldn't feel it in his bones. Nor would you Daniel; 'A baby' Marcelle went on. 'A baby certainly would need me.' ଅଥବା କାମ୍ୟୁଙ୍କର ସେହି ଅନୁତପ୍ତ ବିଗ୍ରହକର କାନ୍ଦଣା : O young woman, throw yourself into the water again so that I may a several time have the chance of saving both of us !

ବିଭୂତି ଭୂଷଣଙ୍କ ସାହିତ୍ୟ ଆମମାନଙ୍କର ସେହି ବଞ୍ଚିରହିବାର ବିଶଲ୍ୟ-କରଣୀ । ପ୍ରକୃତି ସମ୍ବନ୍ଧରେ ଯେଉଁ କଥା ସେ କହିଛନ୍ତି---ସେ ଆମର ବିଶଲ୍ୟକରଣୀ, ମୃତ ମୂର୍ଚ୍ଛିତ ଚେତନାକୁ ଜାଗ୍ରତ କରିବା ପାଇଁ ତାଠାରୁ ବଡ଼ ଔଷଧ ଆଉ ନାହିଁ । ବିଭୂତି ଭୂଷଣଙ୍କ ସାହିତ୍ୟ ସମ୍ବନ୍ଧରେ ସେହି ଗୋଟିଏ କଥା । ଏହି ମଣିଷ, ପ୍ରକୃତି ଯାହାକୁ ଆମେ ଅନବରତ ଦେଖୁଛେ ଅଥଚ ଅସ୍ଥିର ହେଉଛେ, ତାଙ୍କ ସାହିତ୍ୟରେ ସେହି ଦେଖିବା ଭିତରେ ଅମୃତ କଣିକାକୁ ଯେ କିପରି ସେ ନଜର କରିଛନ୍ତି, ସମସ୍ତ ଅସ୍ଥିରତାକୁ କେତେବେଳେ ଯେ ଶାନ୍ତ କରି ତୋଳିଛନ୍ତି । ତାଙ୍କର 'ପୁଇଁମାଚା, ଜଳସତ୍ର, ସର୍ବଜୟା -ହରିହର- ଅପୁ କି ଆମକୁ ଅଚିହ୍ନା ? ଅନନୁଭୂତ ? ସବୁଗୁଡ଼ିକ ଆମର ଦେଖା, ଅନୁଭବର କଥା । କିନ୍ତୁ ଏତେଦିନ ଯେପରି ଆମେ ଅନର୍ଦ୍ଧାଶିତ, ବିସ୍ମୃତ ଥିଲେ । ସାଧାରଣ ମନୁଷ୍ୟ ଯେ ଜୀବନର ମୂଲ୍ୟ ବୁଝେନା ତା ନୁହେଁ, ମୂଲ୍ୟସ୍ଥିର ରଖିପାରେନା । କ୍ରମାଗତ ଅସ୍ଥିରତାରେ ଆମର ଅଧିକାଂଶ ସମୟ ଅଚେତନ ଥାଏ ।

ଯୁଦ୍ଧୋତ୍ତର ବାଙ୍ଗ୍ଲାଦେଶରେ ବିଜ୍ଞାନ ଓ ବାସ୍ତବତାର ଭୁଲ ହିସାବ ହୋଇଥିଲା । ମାର୍କସ, ଫ୍ରଏଡ଼ ଭୁଲ ନୁହେଁ, ଆମର ମୂଲ୍ୟନିର୍ଦ୍ଧାରଣଟାହିଁ ଭୁଲ ହୋଇଛି । ଆମେ ମଣିଷକୁ ଗୋଟିଏ ନିୟମର ମୂଲ୍ୟରେ ଦେଖିବାକୁ ଚାହିଁଥିଲୁ, ମଣିଷ ମୂଲ୍ୟରେ ନିୟମକୁ ନୁହେଁ । ଆମେ ଅନୁଭବ କରିବା ବୁଝିନୁ, ମଣିଷ ଗୋଟିଏ ଦେହରେ ରାବଣ ଆଉ ବିଭୀଷଣ । ବିଭୂତି ଭୂଷଣ ଆମର ଏହି ବିଜ୍ଞାନ ଓ ବାସ୍ତବାହତ ମୂର୍ଚ୍ଛିତ ଚେତନାର ବିଶଲ୍ୟକରଣୀ ଯିଏ ମନୁଷ୍ୟ ଓ ପ୍ରକୃତିକୁ ଆମ ନିଜ ପାଖରେ ଫେରେଇ ଦେଇଛନ୍ତି' ମଣିଷ କରିଛନ୍ତି । ବିଭୂତି ଭୂଷଣଙ୍କ ସାହିତ୍ୟରେ ଆମେ ଗୋଟିଏ ସହଜାତ ମନୁଷ୍ୟର ଓ ପ୍ରକୃତିର ଶକ୍ତି ଅନୁଭବ କରୁ । ଖୁବ୍ ସହଜ ହୋଇଉଠୁ । ଅନ୍ତରରେ ସାର୍ଥକତା ବୋଧକରୁ । ତାଙ୍କ ଲେଖା ମଝିରେ ଏମିତି ଗୋଟାଏ ଅନ୍ତରର ବଙ୍ଗାଳିପଣ ଅଛି, ମନୁଷ୍ୟ ପ୍ରକୃତିକୁ ନେଇ ବିଶ୍ୱାସ କରିବାପରି ପ୍ରସନ୍ନତା ଅଛି ଯାହା ଅନେକ ସମୟରେ ପ୍ରଭାତ କୁମାରଙ୍କୁ ମନେ କରେଇ ଦିଏ । 'ଦେବୀ'ରେ ଫୁଲର ମୂଲ୍ୟ ଏ ଦେଶରେ ଓ ବିଦେଶରେ ଏଇ ବଙ୍ଗଳା ଦେଶର ହିଁ ପ୍ରସାର । ଅବଶ୍ୟ ବିଭୂତି ଭୂଷଣଙ୍କ ମର୍ମରେ ବଙ୍ଗାଳି ପଣିଆର ଆଉରି ଗାଢ଼ ମମତା ଓ ଶ୍ୱାସରୁଦ୍ଧ ଭାବ (Suffocating) ।

ପ୍ରକୃତରେ ବିଭୂତି ଭୂଷଣଙ୍କ ସାହିତ୍ୟର ଗୋଟିଏ ଅଂଶ ମନୁଷ୍ୟକୁ ନେଇ ଓ ଆଉ ଗୋଟିଏ ଅଂଶ ମହାକାଳକୁ ନେଇ ରଚିତ । କିନ୍ତୁ ସେ ମହାକାଳ କୌଣସି ଅଳ୍ପବୁଦ୍ଧି ସମ୍ପନ୍ନ ସାଧୁଲୋକର ସଙ୍କୀର୍ଣ୍ଣ ସଂସ୍କାରରେ ନୁହେଁ, ମନୁଷ୍ୟର ମୁକ୍ତ ମନର ସୀମାହୀନତାରେ ପର୍ଯ୍ୟବେସିତ । ତାଙ୍କର କଥାରେ, ଆରଣ୍ୟକରେ ଲେଖିଛନ୍ତି—"ମୋ ମନରେ ଯେଉଁ ଦେବତାର ସ୍ୱପ୍ନ ଜାଗିଥିଲା, ସେ ଯେ କେବଳ ପ୍ରବୀଣ ବିଚାରକ, ନ୍ୟାୟ ଓ ଦଣ୍ଡମୁଣ୍ଡର କର୍ତ୍ତା, ବିଜ୍ଞ ଓ ବହୁଦର୍ଶୀ କିମ୍ବା ଅବ୍ୟୟ ଅକ୍ଷୟ ପ୍ରଭୃତି ଦୁରୂହ ଦାର୍ଶନିକତାର ଆବରଣରେ ଆବୃତ ବ୍ୟାପାର; ତାହା ନୁହେଁ—ନାଢ଼ା ବଇହାରରେ ଓ ଆଜ୍ମାବାଦର ମୁକ୍ତ ପ୍ରାନ୍ତରରେ କେତେ ଗୋଧୂଳି ବେଳାରେ ରକ୍ତ ମେଘ ସ୍ତୂପର କେତେ ଦିଗନ୍ତହରା ଜନହୀନ ଜ୍ୟୋତ୍ସ୍ନାଲୋକିତ ପ୍ରାନ୍ତର ଆଡ଼କୁ ଚାହିଁ ମନେହୁଏ ସେ ପ୍ରେମ ଓ ରୋମାନ୍ସ କବିତା ଓ ସୌନ୍ଦର୍ଯ୍ୟ, ଶିଳ୍ପ ଓ ଭାବୁକତାକୁ ପ୍ରାଣ ଦେଇ ଭଲପାଆନ୍ତି । ସୁକୁମାର କଳାବୃତ୍ତି ଦେଇ ସୃଷ୍ଟି କରନ୍ତି । ନିଜକୁ ସଂପୂର୍ଣ୍ଣରୂପେ ନିୟୋଗ କରନ୍ତି । ଶେଷରେ ପ୍ରିୟଜନର ପ୍ରୀତି ପାଇଁ—ବିରାଟ ବୈଜ୍ଞାନିକର ଶକ୍ତି ଓ ଦୃଷ୍ଟି ଦେଇ ଗ୍ରହ ନକ୍ଷତ୍ର ନୀହାରିକା ସୃଷ୍ଟି କରନ୍ତି ।'

ତାଏପରେ ବି ଲେଖିଛନ୍ତି—'ମୁଁ କୌତୁହଳାକ୍ରାନ୍ତ ଏଇ ମହାକାଳରେ ମିଶିଲି । ଏଇ ସମ୍ରାଟ ସାମ୍ରାଜ୍ଞୀ, ଭୃତ୍ୟ, ସୈନ୍ୟ ସେନାପତି—ତୃଣପରି ସ୍ରୋତ ମୁହଁରେ ଭାସି ଯିବାର ଘଟଣା ମୋତେ ମୁଗ୍ଧ କରେ । ଦିହଜାର ବର୍ଷ ପୂର୍ବର ମଣିଷପରି ତାଙ୍କର ଇତିହାସ ଲେଖକ ମୃତ୍ୟୁବରଣ କରିସାରିଛନ୍ତି । ଇଂଲଣ୍ଡର କେଉଁ

ଏକ ପ୍ରାଚୀନ ସମାଧି କ୍ଷେତ୍ରରେ ତାର ଜୀର୍ଣ୍ଣ ସମାଧି ଘାସ ତୃଣରେ ଆଚ୍ଛନ୍ନ ହୋଇଛି ଜାଣେନା । ଆଉ ଶହେ ବର୍ଷପରେ ମୁଁ ବି ସ୍ୱପ୍ନ ହୋଇଯିବି । ସନ୍ଧ୍ୟାର ଶାନ୍ତ ବାଉଁଶ ବଣରେ ଦେବଦାରୁ ପତ୍ର ଉପରେ ପଡ଼ୁଥିବା ଲାଲ୍ ଖରାରେ, ଅପରାହ୍ଣର ମ୍ଳାନ ଆଲୋକରେ, ପଡ଼ିଆ ଧାରରେ, କାଶବଣରେ, ନଦୀର ତୀରରେ—ଅନେକ ଦିନ ହେଲା ମୁଁ ଏହି ଗତିଚ୍ଛନ୍ଦର ସତ୍ୟକୁ ମନେ ମନେ ଚିହ୍ନିଛି । ଏହାର ସ୍ୱପ୍ନ ବଡ଼ ମୁଗ୍ଧକର । ହଜାର ଯୁଗ ଆଗର ଏଇ ଐତିହାସିକ ଗୁମ୍ଫା ମୂର୍ତ୍ତିମାନଙ୍କପରି ସବୁ ମିଳାଇ ସ୍ୱପ୍ନ ହୋଇଯିବ । ଯାହାକିଛି ବର୍ତ୍ତମାନ ସବୁ । ଏଇ ଅପୂର୍ବ ଗତିଭଙ୍ଗୀ ମହାକାଳର ଏଇ ତାଣ୍ଡବ ନୃତ୍ୟର ଛନ୍ଦ ଯୁଗ ଯୁଗ ଧରି ରାଜା ମହାରାଜା ଓ ସାମ୍ରାଜ୍ୟର କାହାଣୀକୁ ଧୂଳାପରି ଉଡ଼େଇ ନିଏ । ଯୁଗେ ଯୁଗେ ଇଉକ୍ରେଟିସ୍ଥାସ, ଗିଲ୍ଡୋ, ରୁଫାଇଲ୍ସେର ଦଳ ଓ ତାଙ୍କର କଉଡ଼ିର ପୁଟୁଳି, କେଶର ଫୁଲପରି ମିଳେଇ ଯାଉଛି । ଜାତି ମହାଦେଶ ମଥିତ ହୋଇଯାଉଛି ତାର ବିରାଟ ଚରଣର ପେଷଣରେ । ମହାଶୂନ୍ୟରେ ତାର ମହାବିଷାଣ କେବଳ ଅନନ୍ତ କାଳଧରି ଏହି ଚାଲିଯିବାର ଉଦାସଭେରୀ ବଜାଉଛି ।’

ଚିଠିରେ ଲେଖିଥିଲେ, ମୋର ଉପନ୍ୟାସର ମୂଳ ବା ଆରମ୍ଭ **Vastness of space and passing time.**

କେବଳ ଉପନ୍ୟାସରେ ନୁହେଁ, ବିଭୂତି ଭୂଷଣଙ୍କ ସାହିତ୍ୟରେ ଗୋଟାଏ ବଡ଼ ଉପଲବ୍ଧି ହେଉଛି ଏହି ଚଳମାନ ମହାକାଳର ସ୍ୱରୂପ ଉପଲବ୍ଧି । ତାଙ୍କର ‘ଏକଟି କୋଠାବାଡ଼ିର ଇତିହାସ’, ‘ଦିବାବସାନ’ଠାରୁ ଆରମ୍ଭକରି ‘କୁଶଳପାହାଡ଼ୀ · ଶେଷଲେଖା’ ପର୍ଯ୍ୟନ୍ତ ଅପରାଜିତ’ରୁ ଆରମ୍ଭ କରି ‘ଇଚ୍ଛାମତୀ’ ପର୍ଯ୍ୟନ୍ତ ସମସ୍ତର ଏଇ ଅସୀମାନୁଭୂତି । ବିଭୂତି ଭୂଷଣଙ୍କ ସାହିତ୍ୟରେ କେବଳ good artର ସ୍ନିଗ୍ଧତା ନୁହେଁ ଗୋଟାଏ great artର ଗମ୍ଭୀର ପ୍ରଶାନ୍ତ ଅଛି ଯାହା ପାଠକକୁ ଶେଷପର୍ଯ୍ୟନ୍ତ ବୃହତ୍ତର ବିଶ୍ୱାସରେ ଉତ୍ତୀର୍ଣ୍ଣ ଓ ଆଶ୍ୱାସ କରି ତୋଳେ ।

‘ଏକଟି କୋଠାବାଡ଼ିର ଇତିହାସ’ ସେହି ସୀମାହୀନକାଳର ବୁକୁରେ ଦୁଇଟି ବିନ୍ଦୁ—ବାରଣ ଗାଙ୍ଗୁଲି ଏବଂ ତେରଣ ପରୁଣ, ଜମିଦାରୀ ସେରସ୍ତାର କରଣୀ କାଳିପଦ ଚୌଧୁରୀ ଓ ତାର ପୌତ୍ର ଫାଇନାନ୍ସ ଅଫିସର ଏ. ବି. ଚୌଧୁରୀ । ଖ୍ୟାତିହୀନ ଗ୍ରାମର ଏକତାଲା କୋଠାବାଡ଼ି ଏବଂ ଲେକ୍‌ରୋଡ଼ର ତିନତାଲା ପ୍ରାସାଦ । ବିଭୂତି ଭୂଷଣ କହିବାକୁ ଚାହିଁଛନ୍ତି ଇଏତ କେବଳ ଗୋଟିଏ କୋଠାଘରର ଇତିହାସ ନୁହେଁ ଯେମିତି ମହାକାଳର ପାଦର ଛାପ । ଏକବାରେ ତାଙ୍କ ଡାଏରୀର କଥା । ଜାତି ମହାଦେଶ ମଥିତ ହୋଇଯାଉଛି ତାର ଚରଣର ପେଷଣରେ । ମହାଶୂନ୍ୟରେ ତାର ମହାବିଷଣ ଅନନ୍ତକାଳଧରି ଏହି ଚାଲିଯିବାର ଉଦାସଭେରୀ ବଜାଉଛି । କାଳିପଦ

ଚୌଧୁରୀର ସଉକର ସେହି ଏକତାଲା କୋଠାଘର । 'ବଂଶର ପ୍ରଥମ କୋଠାଘର । କାଳିପଦ ଚୌଧୁରୀର ମା ପ୍ରଥମକରି ଏ ଘରେ ଶୋଇଲେ । ଜ୍ୟୋତ୍ସ୍ନା ବିଧୌତ ରଜନୀ । ବର୍ଷାଋତୁ । ମନେପଡ଼ିଲା ଏଇ ବର୍ଷାଦିନେ ନିଜଘରେ ପାଣିପଡ଼େ । ଆଜି ଉପଯୁକ୍ତ ପୁଅ ସେ ଛଣଘୁଡଣୀ ଯାଗାରେ ପକ୍‌କାଘର ତୋଳିଲା । ଆଜି ଯଦି ସେ ବଞ୍ଚିଥାଆନ୍ତେ–ଜଗଦମ୍ବାଦେବୀ ସେ ଗ୍ଲାନିରେ ଆଦୌ ଶୋଇପାରିଲେ ନାହିଁ । କବାଟ ଝରକାରେ ନୂଆ ରଙ୍ଗ ଦିଆଯାଇଛି, ତାର ଗନ୍ଧଟା ବଡ଼ ଉତ୍କଟ । ଥରେ ଥରେ ସେ ଗନ୍ଧଟା ମନରେ ପରମ ଆନନ୍ଦ ବହନ କରି ଆଣେ । ଆଖିବୁଜି ରହି ମଝିରେ ମଝିରେ ଆଖି ଖୋଲି ଘରର ଚାରିଆଡ଼କୁ ଚାହିଁ ଦେଖନ୍ତି । ନା ପକ୍‌କା ଘର ତ । ସ୍ୱପ୍ନ ନୁହେଁ, ସତରେ କୋଠାଘରେ ସେ ଶୋଇଛନ୍ତି ।"

ତାପରେ କାଳିପଦ ଚୌଧୁରୀଙ୍କ ପୁଅ ଡାକ୍ତର ସୁକୁମାର ଚୌଧୁରୀ ଏକତାଲା କୋଠାଘର ପାଖରେ ଦିତାଲା ଘର ତୋଳିଛନ୍ତି । 'ସୁକୁମାର ପୈତୃକ ସ୍ଥାନରେ ଦିତାଲା ଘର ତୋଳିଥିଲେ । ତାଙ୍କର ପିତା ପ୍ରଥମ ଯୌବନରେ ସର୍ବ ପ୍ରଥମ ଯେ ଏକତାଲା କ୍ଷୁଦ୍ରଘରଟା ତିଆରି କରିଥିଲେ ସେହି ଘର ସେ ସମୟରେ ଗ୍ରାମ ତାରଣ ବାଁଡୁଜ୍ଜେର ମନରେ କେତେ ଈର୍ଷାର ସଞ୍ଚାର କରିଥିଲା । ସେ ଘରର ଆଦର କମିଗଲା । ଦିତାଲା ଘର ପଛରେ ସେ ଘର ଏବେ ଅନାଦୃତ ଅବସ୍ଥାରେ ଜିନିଷ ପତ୍ର ରଖିବାର ଭଣ୍ଡାର ଘର ଏବଂ ଜଣେ ଦୁଇଜଣ ଆଶ୍ରିତା ଦୂର ସମ୍ପର୍କୀୟା ଆତ୍ମୀୟାଙ୍କର ଶୋଇବା-ଘର ହିସାବରେ ବ୍ୟବହୃତ ହେଲା ।'

ଏହାପରେ କାଳିପଦ ଚୌଧୁରୀର ପୌତ୍ର ଏ. ବି. ଚୌଧୁରୀର ଲେକ୍‌ରୋଡ଼ର ପ୍ରାସାଦ, 'ସ୍ୱର୍ଗତଃ ସକୁମାର ଚୌଧୁରୀର ଗାଁ ମୂଳୁଦୁଆ ବଣଜଙ୍ଗଲରେ ଘୋଡ଼େଇ ହୋଇଯାଇଛି । କେଉଁ କୋଠାର କାନ୍ଥରେ ବଡ଼ ବଡ଼ ଡମିରି ଓ ଅଶ୍ୱତ୍ଥ ଗଛ । ଝରକା କବାଟରୁ କେତେଗୁଡ଼ାଏ ଲୋକ ଖୋଲି ନେଇଯାଇଛନ୍ତି । ସ୍ୱର୍ଗତଃ କାଳିପଦ ଚୌଧୁରୀର ତିଆରି ପ୍ରଥମ ଅମଳର ସେହି ଏକତାଲା ଘରର ଛାତ କେତେ ବର୍ଷର ବର୍ଷାପାଣି ଖାଇ ଧସି ପଡ଼ିଛି । ଜୀର୍ଣ୍ଣକାନ୍ଥ କେବଳ ଠିଆ ହୋଇଛି । ସାପ ଭୟରେ ଆଜିକାଲି ଡାକ୍ତରଙ୍କ ଭିଟାମାଟିର ତିନିସୀମା କେହି ମାଡ଼ନ୍ତି ନାହିଁ ।'

'ବଡ଼ଦିଦିମା' ଗଳ୍ପ ପଢ଼ୁ ପଢ଼ୁ ମନେହୁଏ—ଜଙ୍ଗଲର ଭିତରେ ଭଙ୍ଗାଘରର ମଝିରେ ଏକ ମହାକାଳର ମିଉଜିୟମ୍ । ଯେମିତି ବିଷଣ୍ଣ ସେମିତି ବିସ୍ମୟକର । ବଡ଼ ଦିଦିମା ଯେମିତି ଏଇ ମିଉଜିୟମର ଅଭିଗିନୀ କଇଁରେଟର । ଏତେଦିନ ସେ ମହାରାଣୀର ରାଜତ୍ୱରେ ହିଁ ଥିଲେ । ଆଜି ତାଙ୍କର ରାଜତ୍ୱ ଯାଇଛି ଶୂନ୍ୟରେ ବିସ୍ମୃତ ।

‘ବଡ଼ଦିଦିମା ଘର ଭିତରେ ପଶି ହାଣ୍ଡିକଳସୀ ଖଡ଼ ଖଡ଼ କରିବାକୁ ଲାଗିଲେ । ସେ କାଳର କଞ୍ଚା ଇଟାରେ ତିଆରି ପ୍ରକାଣ୍ଡ ଘରର ଶ୍ରେଷ୍ଠ ଶ୍ରେଷ୍ଠ କବାଟ ଦରଜା ଶୂନ୍ୟ କୋଠରି, ଦିନରେ ବି ଅନ୍ଧକାର । ଦି ତିନୋଟି ଘର ସେ ବ୍ୟବହାର କରନ୍ତି । ବାକିଗୁଡ଼ା ପଡ଼ିଥାଏ ଚେମେଣିଆ ଓ ବାଦୁଡ଼ିର ବସା ହୋଇ । ତେଲ ଅଭାବରୁ ଏତେବଡ଼ ଘର ଅନ୍ଧକାର । କିଛି ସମୟ ପରେ ବେତ ଡାଲାରେ କିଛି ମୁଢ଼ି ଆଣି ମୋତେ ଦେଲେ । ତା ସଙ୍ଗରେ କେତେ ଗୋଟି ନଡ଼ିଆ ଲଡ଼ୁ ଥୋଇ କହିଲେ ଖା’—ଆରେ ରଜାର ରଜାର ଯେଉଁ ମକଦ୍ଦମା ଚାଲିଥିଲା ତାହା ମେଣ୍ଟି ଯାଇଛି ? ବଡ଼ଦିଦିମା ବିଗତ ଦ୍ୱିତୀୟ ବିଶ୍ୱଯୁଦ୍ଧର କଥା କହୁଛନ୍ତି ବୁଝିଲି । କହିଲି-ହଁ ମେଣ୍ଟି ଯାଇଛି ।—ଆଚ୍ଛା ଦିଦିମା ଆମର ଦେଶ ସ୍ୱାଧୀନ ହୋଇଛି ଜାଣିଛନ୍ତି ? ମାନେ ଏବେ ଆମେ କାହାର ଅଧୀନରେ ନାହୁଁ । ଇଂରେଜ ଚାଲି ଯାଇଛି ଦେଶରୁ । ମହାରାଣୀର ରାଜତ୍ୱ ଏବେ ଆଉ ନାହିଁ ? ମହାରାଣୀ—ନା ଦିଦିମାକୁ କୌଣସି ରାଜନୈତିକ ଜଟିଳତା ଭିତରେ ନପୁରାଇବା ହିଁ ଭଲ । ଦିଦିମାକୁ ପ୍ରଣାମ କରି ବିଦାୟ ନେଲି । କେଉଁଠି ପେଚା ରାବୁଛି; ସତେ ଯେମିତି ଦୁର୍ଗା ମଣ୍ଡପର ଜଙ୍ଗଲରେ । ଜହ୍ନ ଆଲୋକରେ ଏହି ପ୍ରାଚୀନ ଭଗ୍ନ ଅଟ୍ଟାଳିକା ଆଉ କଳାମେଘରେ ଗୁଳୁଚି ଲତାର ଜଙ୍ଗଲ ରହସ୍ୟମୟ ଦେଖାଯାଉଛି । କେତେକାଳର କେତେ ଇତିହାସ ଏମାନଙ୍କ ଦେହରେ ଲେଖା’ ।

‘ଦେବାବସାନ’ରେ ତ ଏହି ପଥର ଦେବତାର ଖୋଜା । ‘ପୁରୁଣା ଘରଟାର ଗୋଟାଏ ଦିଆଲ ସେଠାରେ ଠିଆ ହୋଇଛି । ସ୍ତୂପପର ସମାନ ଉପରେ ଗୋଟାଏ ଠଣା । କିଏ ଜାଣେ ଶହେବର୍ଷ ପୂର୍ବରୁ ହୁଏତ ଜୀର୍ଣ୍ଣ ପରିତ୍ୟକ୍ତ ଆବାସରେ କେଉଁ ନବ-ବଧୂ ତାର ମେଥିଭିଜା ସୁଗନ୍ଧ ନଡ଼ିଆ ତେଲର ପଥର ଗିନାଟି ଏହି ଠଣାରେ ରଖି ଦେଇଥିଲା । ଏହି ଘର ଭିତରେ କେତେ ବର୍ଷ ଆଗରୁ ଫୁଲ ଶଯ୍ୟାରେ ପ୍ରଥମ ପ୍ରଣୟର ମଧୁରାତ୍ରି ବିତିଯାଇଥିଲା । କେଉଁଠାରେ ଆଜି ଅଶୀ ବର୍ଷ ପୂର୍ବର ସେହିସବୁ ପ୍ରଥମ ପ୍ରଣୟର ହର୍ଷୋତ୍‌ଫୁଲ୍ଲ ତରଣୀ ନବବଧୂ ? କେଉଁଠାରେ ତାର ପ୍ରିୟଜନ ? କେଉଁ ଦୂର ଅତୀତରେ କେତେଦିନ ହେଲା ଛାୟାପରି ମିଶି ଯାଇଛନ୍ତି । କିଏ ଆଜି ସେମାନଙ୍କର ସନ୍ଧାନ ଦେଇପାରିବ ?’

‘କୁଶଳପାହାଡ଼ୀ’ରେ ସେହି ପ୍ରେମ ଓ ରୋମାନ୍‌ସ, କବିତା ଓ ସୌନ୍ଦର୍ଯ୍ୟ । ‘ସେ ପ୍ରକୃତରେ କବି, ଏଠି ବସି ବସି ଦେଖେ, ଏଇ ଶାଳଗଛଟାରେ ଫୁଲ ଫୁଟେ । ବର୍ଷାକାଳରେ ପାହାଡ଼ରେ ମୟୂର ଡାକେ, ଝରଣାର ଜଳ କଳକଳ ନାଦ କରି ବହିଯାଏ । ସେତେବେଳେ ଭାବେ ସେ ପ୍ରକୃତରେ କବି ଅଟନ୍ତି ।’

କେବଳ ଶ୍ରେଷ୍ଠ ଗଳ୍ପ ନୁହେଁ, ବରଂ ଶ୍ରେଷ୍ଠ ଗଳ୍ପରେ ତାଙ୍କର ମହାକାଳଠାରୁ ମନୁଷ୍ୟର ଗତାଗତ ବେଶୀ—ବିଭୂତି ଭୂଷଣଙ୍କ ବିଶିଷ୍ଟ ଉପନ୍ୟାସସମୂହରେ ଏହି ମହାଜୀବନର ଉପଲବ୍ଧି ।

'ପଥେର ପାଞ୍ଚାଲି'ରେ ଏହି ଉପଲବ୍ଧି ଖୁବ୍ ବେଶୀ ହେବା କଥା ନୁହେଁ, କାରଣ ଜୀବନର ଯେଉଁ ଦୁଃଖ ସୁଖର ଅଭିଜ୍ଞତାରେ କାଳର ଏହି ଧର୍ମାଧିକରଣକୁ ଚିହ୍ନାଯାଏ ଅପୁର ସେ ବୟସ ସେତେବେଳେ ହୋଇନି । 'ପଥେର ପାଞ୍ଚାଲି' ଅପୁର କୈଶୋରକୁ ନେଇ ରଚିତ । କିନ୍ତୁ ସେତେବେଳକୁ ବିଭୂତି ଭୂଷଣଙ୍କର ଏହି ଉପଲବ୍ଧି ହୋଇସାରିଛି । 'ପଥେର ପାଞ୍ଚାଲି'ରେ ବିଭୂତି ଭୂଷଣ ଯେଉଁଠାରେ ପାଠକ ସଙ୍ଗେ ନିମ୍ନସ୍ୱରରେ କଥା କହନ୍ତି ତାହା ଯେ ଅଦୃଶ୍ୟ ବିଚାରକଙ୍କର କଥା ତାହା ବୁଝିବାକୁ ଅସୁବିଧା ହୁଏନା । ସେହି ବ୍ରାହ୍ମଣ ବାଳକ ଓ ତାର ପିତାକୁ ଗୋପନରେ ହତ୍ୟା କରିଥିବା ବୀରୁରାୟର ବିଚାର ନିର୍ଜନଭାବେ ନିଷ୍ପନ୍ନ ହୁଏ । 'ଜହ୍ନ ଉଠିଥିଲା, ଲୁଣିଆ ଗଙ୍ଗାପାଣି ଚକ୍‌ଚକ୍ କରୁଥିଲା । ଧୂ ଧୂ ପବନରେ—କୂଳର କାଶତଣ୍ଡୀ ଫୁଲରାଶି, ଆକାଶର ଜ୍ୟୋସ୍ନା ଆଉ ମୁହାଁଣର ପାଣି ଏକାକାର ହେଉଥିଲା । ହଠାତ୍ କିଛି ଶବ୍ଦ ଶୁଣି ଜଣେ ଦୁଇଜଣ ମାଝି ଶେଷେଇ ଛାଡ଼ି ଉଠି ଚାରିଆଡ଼କୁ ଚାହିଁଲେ । ଠିଆ ହୋଇଥିବା ମାଝିମାନଙ୍କ ମୁହଁ ଶୁଖିଗଲା । ଏ ଦେଶର ଲୁଣା ଗଙ୍ଗାପାଣି ଓ ସବୁର ଅଭିଜ୍ଞତାରେ ସେମାନେ ଜାଣିପାରିଲେ କାଶଫୁଲ ବଣର ଆଢ଼ୁଆଳରେ ବାଲିଚରରେ ଗୋଟାଏ ବିରାଟକାୟ କୁମ୍ଭୀର ଶୋଇ ଓଲଟପାଲଟ ହେଉଥିଲା । ତଙ୍ଗାରୁ ବୀରୁ ରାୟର ପୁଅକୁ ନେଇଯାଇଛି । ତାପରେ କନ୍ଦାକଟା, ହାତଗୋଡ଼ ପିଟାପିଟି । ଗତବର୍ଷ ଗାଁର ଠାକୁର ଝି ପୋଖରୀର ପଡ଼ିଆରେ ଏହି ସମୟରେ ଯେଉଁ ଘଟଣା ଘଟିଥିଲା, ଯେପରି ଏକ ଅଦୃଶ୍ୟ ବିଚାରକ ଏବର୍ଷ ଇଚ୍ଛାମତୀର ନିର୍ଜନପଠାରେ ତାର ବିଚାର ନିଷ୍ପନ୍ନ କଲା ।'

ଅଥବା ଅବିସ୍ମରଣୀୟ ସେହି ଅଂଶଟି । ପରିଚିତ ପଥରେ ପ୍ରତ୍ୟାବର୍ତ୍ତନର ବାସନାରେ ଅପୁର ଆକୁଳ କ୍ରନ୍ଦନ, ପ୍ରସନ୍ନ ସେହି ମହାକାଳର ଆଶ୍ୱାସ । 'ପଥର ଦେବତା ପ୍ରସନ୍ନ ହସି କହିଲେ ମୂର୍ଖ ବାଳକ । ପଥ ତ ମୋର ଶେଷ ହୋଇନି । ତୁମ ଗାଁର ବାଉଁଶବଣର ଠେଙ୍ଗା ବୀରୁ ରାୟର ବରଗଛ ତଳେ କି ଧଳଚିତରର ଖେୟାଘାଟର ସୀମାରେ । ପଥ ମୋର ଚାଲିଗଲା ସାମ୍ନାରେ ସାମ୍ନାରେ, ଦେଶଛାଡ଼ି ଦେଶାନ୍ତର ଦିଗରେ, ସୂର୍ଯ୍ୟୋଦୟ ଛାଡ଼ି ସୂର୍ଯ୍ୟାସ୍ତର ଦିଗକୁ । ଜାଣିବାର ଗଣ୍ଡି ଏଡ଼େଇ ଅଜଣା ଅପରିଚିତର ଉଦ୍ଦେଶ୍ୟରେ ଅନିର୍ବାଣ ତାର ବୀଣାସ୍ୱର, କେବଳ ଅନନ୍ତକାଳ ଆଉ ତାର ଅନନ୍ତ ଆକାଶ ।'

ବିଭୂତି ଭୂଷଣଙ୍କ ସମସ୍ତ ଉପନ୍ୟାସ ମଧ୍ୟରୁ କେବଳ 'ଅପରାଜିତ'ରେ ସର୍ବାଧିକ ସଂଗ୍ରାମ । ଶାନ୍ତି, ସଂଶୟ ଓ ବିଶ୍ୱାସ ଭିତରେ ହିଁ ଏହି ମହାଜୀବନର ଉପଲବ୍ଧି । ଏହି ଉପନ୍ୟାସକୁ ସେ ଅତ୍ୟନ୍ତ ଭଲ ପାଉଥିଲେ । ଏଡ଼େ ଦୀର୍ ଅବିରାମତାର ଏହି ଉପନ୍ୟାସ ତାଙ୍କୁ ତୃପ୍ତି ଦେଇଥିଲା । ନିଜେ ଉପନ୍ୟାସ ସହିତ ଏପରି ଜଡ଼ିତ ଥିଲେ ଯେ 'ଅପରାଜିତ'ର ଶେଷ ଫର୍ମା ଯେତେବେଳେ ଦେଖାହେଲ

ସେତେବେଳେ ସେ ଡାଏରୀରେ ଲେଖିଛନ୍ତି—'ଆଜି ସତରେ ଘୋର କଷ୍ଟ ହେଉଛି । ଆଜି ରାତିରେ ଯେ ମୁଁ କେତେ ନିଃସଙ୍ଗ ଓ ଏକୁଟିଆ ବୋଧକରୁଛି ତାହା ମୁଁ ଏକା ଜାଣେ । ଦୀର୍ଘ ପାଞ୍ଚ ବର୍ଷଧରି ଏହି ପୁସ୍ତକର ଚରିତ୍ରମାନଙ୍କ ସହିତ ଆତଯାତ ହୋଇଛି । ତାଙ୍କର ସୁଖଦୁଃଖ, ଆଶା-ନିରାଶା ଓ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ବାରମ୍ବାର କେତେ ଚିନ୍ତା କରିଛି । ଅପୁର ଜନ୍ମଠାରୁ ୩୪ ବର୍ଷ ବୟସ ପର୍ଯ୍ୟନ୍ତ ତାର ଜୀବନକୁ ମୁଁ କଳମ ମୁନରେ ସୃଷ୍ଟି କରିଛି । ଆଜି ତାକୁ ଛାଡ଼ି ସତରେ ମୁଁ ବେଦନା ଅନୁଭବ କରୁଛି ।'

ବିଶେଷ କରି ଅପର୍ଣ୍ଣାର ମୃତ୍ୟୁ ପରଠାରୁ ଅପୁର ଯେଉଁ ପତନର ଆରମ୍ଭ ହୋଇଛି ତାହା ଏତେ ଅସ୍ତିମୂଳକ ଏବଂ ଏତେ ନିର୍ଭରଶୀଳ ! ଅପୁର ସଂସାର ଜୀବନ ପର୍ଯ୍ୟନ୍ତ ତାର ଚୌଦ୍ଦିଗସ୍ମୃତିର ଶେଷ ସ୍ପର୍ଶ ଅଛି—'ଘର ମଧ୍ୟରେ ଦିଆସିଲି ଜଳାଇବାର ଶବ୍ଦରେ ସେ ଚମକି ଉଠିଲା । ଛାତି ଭିତରଟା କେମିତି ହୋଇଗଲା । ମୁହୂର୍ତ୍ତିକ ମଧ୍ୟରେ ମନେହେଲା ସତେ ଯେମିତି ଅପର୍ଣ୍ଣା ଅଛି । ଏଠି ଥିଲେ ଏହି ସମୟରେ ସେ ଷ୍ଟୋଭ ଜଳାଇ ସନ୍ଧ୍ୟାଦିଏ । ଉଠି ଦେଖିଲା ପିଣ୍ଟୁର ମା ଘର ମଝିରେ ଷ୍ଟୋଭ ପୋଛୁଛି ।'

କିନ୍ତୁ ଏହାପରେ ସବୁଗୁଡ଼ିକ ହିଁ ଗ୍ରୀଷ୍ମାବସାନ ଖରା, ମରୁଭୂମି, ଅନାଦର୍ଶ । 'ମୃତ୍ୟୁପରେ କିଛି ନାହିଁ ସବୁ ଶେଷ ! ମା ଯାଇଛି—ଅପର୍ଣ୍ଣା ଯାଇଛି, ଅମଲ ଯାଇଛି—ସବୁ ସରିଯାଇଛି—ପୂର୍ଣ୍ଣଚ୍ଛେଦ ।' ଅନାହାର, ଅପମାନର ଶତଦୁଃଖରେ ଯିଏ କଲିକତା ତ୍ୟାଗ କରିପାରି ନଥିଲା, ଅପର୍ଣ୍ଣାର ମୃତ୍ୟୁପରେ ତାର ମନେହୋଇଛି କଲିକତା ନ ଛାଡ଼ିଲେ ନ ଚଳେ । କଲିକତା ଛାଡ଼ିଲେ ଯାଇ ସବୁ ଦୁଃଖର ଅବସାନ । ଏହାପରେ ଅପୁର ଗାଁପଦାଆର ଜୀବନ । ତାସ, ପଶା, ପୋଷ୍ଟ ଅଫିସର ଡାକଖୋଲା, ଅର୍ଥହୀନତାରେ ବି ଜୀବନ ସୁଲଭ ! ମଣିଷ ମରିଗଲେ କେଉଁଠାକୁ ଯାଏ ? ଭିଜା ଯୋତାକୁ ଖରାଦେଲେ ତାହା ଉପରେ ଥିବା ଫିମ୍ପି ବା ମଇଳା କୁଆଡ଼େ ଯାଏ ?

ତେବେ ଜୀବନ ଏକ ଅଶେଷ ସଞ୍ଜୀବନୀ । ସମ୍ବାଦର ଗୋଟିଏ ଛୋଟିଆ ସ୍ଫୁଲିଙ୍ଗ ସାରାଜୀବନକୁ ବେଳେବେଳେ ଉଦ୍ଦୀପ୍ତ କରେ । ସତୀର୍ଥ ବନ୍ଧୁ ଜାନକୀ ସମ୍ବନ୍ଧରେ ସେହି ସମ୍ବାଦ 'On deputation to England' । ଗାଁପଦାଆରେ ସେଦିନ ମନେହୋଇଛି, ଏ ଅଞ୍ଚଳର ରାସ୍ତାରେ ଧୂଳି ବହୁତ ବେଶୀ । ବିଶୁ ବଣିଆର ତାସ୍‌ର ଆଡ୍‌ଡାକୁ ସେଦିନ, ସେ ଯାଇନି । —'କାହାପାଇଁ କ୍ଷୁଧା ? କାହାପାଇଁ ଯେପରି ଗୋଟିଏ ଅତୃପ୍ତ କ୍ଷୁଧା ।'

ଅଥବା ଗାଁପଦାଆ ସ୍କୁଲର ଚାକିରି ଯିବାର ସେହି ଅର୍ଥହୀନ, ଭବିଷ୍ୟତହୀନ ଦିନଗୁଡ଼ିକରେ ଜୀବନରସର ଉଷ୍ଣ ସ୍ପର୍ଶ । 'ଲୀଳା ଲେଖିଛି—ବର୍ତ୍ତମାନ ସେ ବଡ଼

ଅଶାନ୍ତିରେ ଅଛୁ । କେଉଁଠାରେ ଯଦି ଦେଖାହୁଏ ତେବେ ସେ ସବୁ କହିବ । ଏହିସବୁ ଅଶାନ୍ତି ଭିତରେ ମୋର ଯେମିତି ମନେହେଲା ତୁମେ ହୁଏତ ମଳିନ ମୁହଁରେ କେଉଁ ବାଟେ ବାଟେ ଘୂରିବୁଲୁଛୁ—ସେତେବେଳେ ମନର ଯନ୍ତ୍ରଣା ଆହୁରି ବଢ଼ିଗଲା ।'

କେତେ ରାତି ପର୍ଯ୍ୟନ୍ତ ଅପୁ ଆଖିପତା ବୁଜି ପାରିଲାନି । ସାରାପତ୍ର ମଧ୍ୟରେ ଗୋଟିଏ ଶାନ୍ତ ସହାନୁଭୂତି, ସ୍ନେହ, ପ୍ରୀତି ଓ କରୁଣାର ଭାବ । ଗୋଟିଏ ମୁହୂର୍ତ୍ତରେ ଆଜି ଦୁଇବର୍ଷ ବ୍ୟାପୀ ଏଇ ନିର୍ଜନତା ଅପୁର ଯେପରି କଟିଗଲା—ଏଇମାତ୍ର ସେ ଭାବିଥିଲା ସଂସାରରେ ସେ ଏକା—ତାହାର କେହି କେଉଁଠି ନାହିଁ । ଲୀଳାର ପତ୍ରରେ ଜଗତର ଚେହେରା ଯେପରି ଗୋଟିଏ ମୁହୂର୍ତ୍ତରେ ବଦଳିଗଲା । କେଉଁଠାରେ ସେ, କେଉଁଠି ଲୀଳା ! ବହୁ ବର୍ଷର ବ୍ୟବଧାନକୁ ଭେଦକରି ତା ପ୍ରାଣର ଉଷ୍ଣ ପ୍ରେମମୟ ସ୍ପର୍ଶ ଅପୁର ପ୍ରାଣରେ ଲାଗିଅଛି—କିନ୍ତୁ ଅପୂର୍ବ ରସାୟନ ଏଇ ସ୍ପର୍ଶଟା କୁଆଡ଼େ ଗଲା ଅପୁର ଗୃହକୀର ଯିବାର ଦୁଃଖ—କୁଆଡ଼େ ଗଲା ଦୁଇବର୍ଷର ପଥର ଭାର ପରି ନିର୍ଜନତା – ନାରୀ ହୃଦୟର ଅପୂର୍ବ ରସାୟନର ପ୍ରଲେପ ତାର ସକଳ ଅଙ୍ଗରେ କି ଯେ ଆନନ୍ଦ ବୋଳି ଦେଇଗଲା !'

ନବାନନ୍ଦ ମଧ୍ୟରେ ଅପୁ ଦିନେ କଲିକତା ଛାଡ଼ିଦେଲା । ମୁକ୍ତି ଓ ଆନନ୍ଦ ଖୋଜିବା ହିଁ ତାର ଉଦ୍ଦେଶ୍ୟ । 'ଗୋଟିଏ ଖୁବ୍ ଲମ୍ବା ଭ୍ରମଣ ସେ ଆରମ୍ଭ କରିବ ଯେଉଁଠି ସେଠି—ଯେଉଁ ଦିଗକୁ ଦୁଇ ଆଖି ଯିବ । ଇମ୍ପିରିୟାଲ ଲାଇବ୍ରେରୀକୁ ଯାଇଁ ସାରା ଭାରତବର୍ଷର ମ୍ୟାପ ଓ ଆଟଲାସ୍ ଦେଖି ନାନାସ୍ଥାନ ନୋଟ୍ କରିନେଲା—ବେଙ୍ଗଲ, ନାଗପୁର ଓ ଇଷ୍ଟ ଇଣ୍ଡିୟାନ ରେଲର ନାନାସ୍ଥାନର ଭଡ଼ା ଓ ଅନ୍ୟାନ୍ୟ ତଥ୍ୟ ପଚାରି ବୁଝିଲା ।'

ତାପରେ ପାଦେ ପାଦେ ମହାକାଳର ଶୋଭାଯାତ୍ରାର ସନ୍ଧାନରେ ଅପୁ । 'ସେ ଦେଖି ବିସ୍ମିତ ହେଲା ଏହି ଦୀର୍ଘ ପଥର ଦୁଇଧାରରେ ମରୁଭୂମିପରି ଅନାଦୃତ କଣ୍ଟାଗଛ ଓ ସପ୍ତଫେଣି ବୁଦାରେ ଭରା ରୌଦ୍ରଦଗ୍ଧ ପ୍ରାନ୍ତର । ଏଠାରେ ସେଠାରେ ସର୍ବତ୍ର ଭଙ୍ଗାଘର, ମିନାର, ମସ୍‌ଜିଦ୍, କବର, କବାଟ, ଝରକା ଓ ଦାଆଲ । ସାତଟା ପ୍ରାଚୀନ ମୃତ ରାଜଧାନୀର ମୂକ କଙ୍କାଳ । ବାଟର ଦୁଇପାଖରେ ଉଚ୍ଚନୀଚ ଜମିରେ ଦେବଦାରୁ ଓ କ୍ୟାକଟସ୍ ଗଛର ବୁଦା ବାଡ଼ର ଆଢ଼ୁଆଳରେ ହୃତଗୌରବ ନିସ୍ତବ୍ଧତା ମଧ୍ୟରେ ଆତ୍ମଗୋପନ କରିଛି—ପୃଥ୍ୱୀରାଜ ପିଥୋରାର ଦିଲ୍ଲୀ, ଲାଲ୍‌କୋଟ, ଦାସବଂଶର ଦିଲ୍ଲୀ, ତୋଗଲକମାନଙ୍କର ଦିଲ୍ଲୀ, ଆଲ୍ଲାଉଦ୍ଦୀନ ଖିଲିଜିର ଦିଲ୍ଲୀ, ଶେର୍ ଓ ଜାହାଁପନାର, ମୋଗଲମାନଙ୍କର ଦିଲ୍ଲୀ । ସେ ଅବାକ୍ ହେଲା, ଅଭିଭୂତ ହେଲା, ନୀରବ ହେଲା, ଗାଇଡ୍‌ବୁକ୍ ଓଲଟାଇବା ଭୁଲିଗଲା । ମ୍ୟାପର ନମ୍ବର ମିଳେଇବା ଭୁଲିଗଲା—

ମହାକାଳର ଏକ ବିରାଟ ଶୋଭାଯାତ୍ରା । ଗୋଟିଏ ପରେ ଗୋଟିଏ ବାଇସ୍କୋପର ଛବି ପରି ଚାଲିଯିବାର ଦୃଶ୍ୟ । ସେ ଯେପରି ସମ୍ମୋହିତ ହୋଇପଡ଼ିଲା ।'

ଅଥବା ସେହି ଆକାଶ ରାସ୍ତାରେ ମହାକାଳର ସ୍ପନ୍ଦନର ବାଟଚଲା । ସ୍ତବ୍ଧରାତି । ଆକାଶ ଅନ୍ଧକାର । ପୃଥିବୀ ଅନ୍ଧକାର । ଆକାଶ ଓ ବତାସର ଅଦ୍ଭୁତ ନିସ୍ତବ୍ଧତା ଅବଲୁଣ ଗଛର ଡାଳପତ୍ରର ଫାଙ୍କରେ ଗୋଟାଏ ଦୁଇଟା ତାରା ଅସୀମ ରହସ୍ୟଭରା ମହାବ୍ୟୋମର ବୁକୁରେ ସ୍ପନ୍ଦନପରି ଦପ୍‌ଦପ୍ କରୁଛି । ବୃହସ୍ପତି ସ୍ପଷ୍ଟତର ହୋଇଛି । ଉତ୍ତର-ପୂର୍ବ କୋଣରେ ପର୍ବତପାଖର ବଣ ଉପରେ କାଳପୁରୁଷ ଉଠିଛି । ଏଠାରେ ସେଠାରେ ଅନ୍ଧକାର ଦେହରେ ନିଆଁର ଖଣ୍ଡଖଣ୍ଡ ଉଲ୍‌କାପିଣ୍ଡ ଖସି ପଡ଼ୁଛି । ରାତି ଗଭୀର ହେବା ସଙ୍ଗେ ସଙ୍ଗେ ନକ୍ଷତ୍ରଗୁଡ଼ିକ ଅଦ୍ଭୁତଭାବେ ସ୍ଥାନ ପରିବର୍ତ୍ତନ କରୁଛନ୍ତି । ଅବଲୁଣ ଡାଳର ଫାଙ୍କରେ ତାରାଗୁଡ଼ିକ କ୍ରମଶଃ ତଳକୁ ତଳକୁ ଯାଉଛନ୍ତି । କାଳପୁରୁଷ କ୍ରମେ ପର୍ବତ ପାଖରେ ଉଦିତ ହୋଇ ମଥା ଉପର ଆକାଶରେ ସରିଅଛି । ବିଶାଳକାୟ ଛାୟାପଥଟା ଡେଙ୍କି ହୋଇ ଘୂରିଯାଇଛି, ବୃହସ୍ପତି ପଶ୍ଚିମ ଆକାଶରେ ଢଳିପଡ଼ିଛି । ରାତିପରେ ରାତି ଏହି ଗତିର ଅପୂର୍ବ ଲୀଳା ଦେଖି ଦେଖି ଏଇ ଶାନ୍ତ ସନାତନ ଜଗତଟା ଯେ କି ଭୟାନକ ରୁଦ୍ର ଗତିବେଗ ପ୍ରଚ୍ଛନ୍ନ କରି ରଖିଛି ତାହାର ସ୍ନିଗ୍ଧତା ଓ ସନାତନତ୍ୱର ଆଢ଼ୁଆଳରେ, ସେ ସମ୍ବନ୍ଧରେ ଅପୁର ମନ ସଚେତନ ହୋଇଉଠିଲା—ଅଦ୍ଭୁତଭାବେ ସଚେତନ ହୋଇଉଠିଲା ।'

ଏହି ଅରଣ୍ୟ ପଥରେ ଅପୁର ଅମରକଣ୍ଟକ ଯାତ୍ରା । ମହାଜୀବନର ପ୍ରସାଦ ପାଇବା । ଯେଉଁ ଜୀବନ ନିତିଦିନିଆ ଶୋକ ଦୁଃଖରେ—ଏକବାଗିଆ ଏକ ଅର୍ଥହୀନ ଅସ୍ତିତ୍ୱ ମାତ୍ର; ସେହି ଜୀବନ ଏହି ନୀରବ ଅରଣ୍ୟ ଭୂମିରେ, ଅଶ୍ରୁ-ଅମୃତ-ରହସ୍ୟ ମଧ୍ୟରେ ଅନନ୍ତର ଅଣଓସାରିଆ ଗଳିପଥ । 'ତାହାର ମନେହେଲା ସତ୍ୟ-ସତ୍ୟ-ସତ୍ୟ-ଏହି ଶାନ୍ତ ନିର୍ଜନ ଅରଣ୍ୟଭୂମିରେ ବଣର ଡାଳପତ୍ର ଆଲୋକ ଛାୟାର ମଧ୍ୟରେ ପୁଷ୍ପିତ କୋବିଦାରର ସୁଗନ୍ଧରେ ଦିନପରେ ଦିନ ଧରି ଗୋଟିଏ ଗୋଟିଏ ନୂଆ ଜଗତର ଜନ୍ମ । ଏହି ଦୂର ଛାୟାପଥ ପରି ତାହା ଦୂରବିସର୍ପିତ । ଏହିଠାରୁ ଶେଷ ନୁହେଁ କି ଏହିଠାରୁ ଆରମ୍ଭ ନୁହେଁ—ତାକୁ ଧରି ହୁଏନା, ଅଥଚ ଏହିସବୁ ଜୀବନ ମୁହୂର୍ତ୍ତ ଅନନ୍ତ ଦିଗକୁ ବିସ୍ତୃତ ତାହାର ରହସ୍ୟମୟ ପ୍ରସାର ମନେ ମନେ ବେଶ୍ ଅନୁଭବ କରିହୁଏ । ଏହି ଏକବର୍ଷ ମଧ୍ୟରେ ମଝିରେ ମଝିରେ ସେ ତାହା ଅନୁଭବ କରିଛନ୍ତି । ଏହି ଅଦୃଶ୍ୟ ଜଗତଟାର ମୋହସ୍ପର୍ଶ ମଝିରେ ମଝିରେ ବୈଶାଖୀ ଶାଳ ମଞ୍ଜରୀର ଉନ୍ମାଦ ସୁବାସରେ ସନ୍ଧ୍ୟାର ଧୂସର ଅନତିସ୍ପଷ୍ଟ ଗିରିମାଳାର ସୀମାରେଖାରେ, ହେଟା ବାଘର ଡାକରେ, ଭରା ଜ୍ୟୋତ୍ସ୍ନା ସ୍ନାତ ଶୁଭ୍ର ଜନହୀନ ଅରଣ୍ୟଭୂମିର ଗାମ୍ଭୀର୍ଯ୍ୟରେ, ଅଗଣିତ ତାରାଖଚିତ ନିଃସଙ୍ଗ ଶୂନ୍ୟର ଛବିରେ ଅନୁଭବ କରିହୁଏ । ଅପରାହ୍ଣରେ

ଘୋଡ଼ାଟି ବାନ୍ଧି ଯେତେବେଳେ ବଙ୍ଗଡୋପ୍ସାର ଧାରରେ ବସିଛୁ, ଯେତେବେଳେ ଅପର୍ଣ୍ଣାର ମୁଖ ମନେ ପଡ଼ିଯାଇଛୁ ଅବା କେତେକାଳ ଭୁଲିଯାଇଥିବା ଦିଦିର ମୁହଁଟି ମନେପଡ଼ୁଛୁ ଅବା ଶୈଶବର ମଧ୍ୟାହ୍ନରେ ଦିନେ ମାଆର ମୁଖରୁ ଶୁଣିଥିବା ମହାଭାରତର କଥା ମନେପଡ଼ୁଛୁ ସେତେବେଳେ ସଙ୍ଗେ ସଙ୍ଗେ ହୁଏତ ମନେ ହୋଇଛୁ ଯେଉଁ ଜଗତରେ ମୁଁ ପ୍ରତିଦିନ କାର୍ଯ୍ୟ କର୍ମରେ ଲିପ୍ତ ରହୁଛୁ, ଯେଉଁ ଜୀବନକୁ ମୁଁ ହାତ ପାଆନ୍ତାରେ ପାଇଛୁ ସେ ଜୀବନ ତାହା ନୁହେଁ । ଏଇ କର୍ମବ୍ୟସ୍ତ ଅଗଭୀର ଏକବାଗିଆ ଜୀବନର ପଶ୍ଚାତ୍‌ରେ ଗୋଟିଏ ସୁନ୍ଦର ପରିପୂର୍ଣ୍ଣ ଆନନ୍ଦଭରା ସୌମ୍ୟ ଜୀବନ ଲୁକ୍‌କାୟିତ ଅଛି—ସେ ଏକ ଶାଶ୍ୱତ ରହସ୍ୟଭରା ଗହନ ଗଭୀର ଜୀବନ ମନ୍ଦାକିନୀ, ଯାହାର ଗତି କଳ୍ପରୁ କଳ୍ପାନ୍ତରକୁ, ଯିଏ ଦୁଃଖକୁ କରିଛି ଅମୃତତ୍ୱର ପାଥେୟ, ଅଶ୍ରୁକୁ କରିଛି ଅନନ୍ତ ଜୀବନର ଉତ୍ସଧାରା ।’

ଅଥବା ସେହି ଚବିଶ ବର୍ଷପରେ ଅପୁର ନିଶ୍ଚିନ୍ଦିପୁର ଫେରା । ‘ପଥେର ପାଞ୍ଚାଲିରେ ଯେଉଁଦିନ ସେ ନିଶ୍ଚିନ୍ଦିପୁର ଗ୍ରାମ ପଥରେ ବୁଲୁଥିଲା—ସେଦିନ ଥିଲା ଚଡ଼କପୂଜାର ପର ଦିନ । ଚବିଶ ବର୍ଷପରେ କାଜଲକୁ ନେଇ ଆଉଥରେ ଯେତେ-ବେଳେ ସେ ନିଶ୍ଚିନ୍ଦିପୁର ଫେରିଛି ସେଦିନ ମଧ୍ୟ ସେଇ ଚଡ଼କପୂଜାର ଦିନ ।

ଚଡ଼କପୂଜା । ମହାକାଳର ଘୂରୁଥିବା ଚକ । ଚବିଶି ବର୍ଷପରେ ଗୋଟିଏ ଦୁଇଟି ଦିନର ବିନ୍ଦୁରେ ମିଳନ ଅନନ୍ତର ଯେପରି ଗୋଟିଏ ଅନାଦି ବୃତ୍ତ । ଅଶେଷ, ଅପରାଜିତ । ଇଚ୍ଛାମତୀର ଧାରରେ ଆସନ୍ନ ସନ୍ଧ୍ୟାର ସେହି ସୀମାହୀନ ମହାଜୀବନକୁ ଅପୁ ଦେଖିପାରିଲା । ‘ମନେହେଲା ଯୁଗେ ଯୁଗେ ଏ ଜନ୍ମମୃତ୍ୟୁ ଚକ୍ର କେଉଁ ବିଶାଳ ଆତ୍ମା ଦେବ ଶିଳ୍ପୀର ହାତରେ ଆବର୍ତ୍ତିତ ହେଉଅଛି । ସେ ଜାଣନ୍ତି କେଉଁ ଜୀବନ ପରେ କେଉଁ ଅବାସ୍ତବ ଜୀବନ ଆସେ, କାହା ସହିତ ତାର ସାମ୍ୟ, କାହା ସହିତ ବୈଷମ୍ୟ—ସବୁ ମିଶିଯାଇ ଏକ ଅପୂର୍ବରସ ସୃଷ୍ଟି କରନ୍ତି—ବୃହତ୍ତର ଜୀବନ ସୃଷ୍ଟିର ଆର୍ଟ— ।

ଦୁଇ ହଜାର ବର୍ଷ ପୂର୍ବରୁ ହୁଏତ ସେ ଜନ୍ମ ନେଇଥିଲା ପ୍ରାଚୀନ ଇଜିପ୍‌ଟରେ—ସେଠାର ନଳଖାଗଡ଼ା ପ୍ୟାପିରାସେର ବଣରେ, ନୀଳ ନଦୀର ରୌଦ୍ରତପ୍ତ ତଟରେ କେଉଁ ଗରିବ ଘରର ମା ଭଉଣୀ, ବାପଭାଇ, ବନ୍ଧୁ-ବାନ୍ଧବମାନଙ୍କ ଦଳରେ କେବେ ସେ ଏକ ମଧୁର ଶୈଶବ କଟାଇଥିଲା—ଆହୁରି ହୁଏତ ଜନ୍ମ ନେଇଥିଲା ରାଇନ୍ ନଦୀର ଧାରରେ, କର୍କ, ଓକ୍, ବାର୍ଚ ଓ ବୀଚ୍ ବଣର ଶ୍ୟାମଳ ଛାୟାରେ ନିର୍ମିତ ପ୍ରାସାଦରେ ମଧ୍ୟଯୁଗର ଆଡ଼ମ୍ବରପୂର୍ଣ୍ଣ ଆବହାଓ୍ୱାରେ, ସୁନ୍ଦରୀ ସଖୀମାନଙ୍କ ଗହଣରେ । ହଜାର ବର୍ଷପରେ ଆହୁରି ହୁଏତ ସେ ପୃଥିବୀକୁ ଫେରିଆସିବ—ସେତେବେଳେ କି ମନେପଡ଼ିବ ଏବେର ଏଇ ଜୀବନ ? କିମ୍ବା କିଏ ଜାଣେ ଆଉ ହୁଏତ ଏ ପୃଥିବୀକୁ

